ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୫/୨୦୨୩ (୧୪ ପୃଷ୍ଠା) | Bhubaneswar, Tuesday, April 25/2023 | Page 14 | ₹ 7.00

୪୯ଶ ଭାଗ ୧୫୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 150 ମୂଲ୍ୟ ₹୭/-



**ଦିନକରେ ୭,୧୭୮ ସଂକ୍ରମିତ**

ଦେଶରେ ଗତ ୨୪ ଘଣ୍ଟା ମଧ୍ୟରେ ୭,୧୭୮ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁସାରେ ଗୋଟିଏ ଦିନରେ ମୋଟ ୧୬ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟାବଧି ଦେଶରେ କରୋନା ସକ୍ରିୟ ମାମଲା ୬୫,୬୮୩ରେ ପହଞ୍ଚିଛି।

## ସଂକ୍ଷେପରେ

### ଚାରିଧାମ ଯାତ୍ରାରେ ୨ ଶ୍ରଦ୍ଧାଳୁଙ୍କ ମୃତ୍ୟୁ

**ଡେରାଡୁନ,୨୪।୪:** ଉତ୍ତରାଖଣ୍ଡର ଯ୍ୟାମନୋତ୍ରୀରେ ସୋମବାର ୨ ଜଣ ଶ୍ରଦ୍ଧାଳୁଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଚାରିଧାମ ଯାତ୍ରା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ଗାଇଡ୍ ଲାଇନ୍‌କୁ ଅଣଦେଖା କରିବା ଯୋଗୁ ଅଘଟଣ ଘଟିଥିବା କୁହାଯାଉଛି। ବିଶେଷକରି ୫୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ଲୋକଙ୍କ ହେଲ୍‌ଥ ଚେକ୍‌ଅପ୍ କରିବା ସହ ହେଲ୍‌ଥ ସ୍କ୍ରିନିଂ ଫର୍ମ ଭରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଶନିବାର ଅକ୍ଷୟତୃତୀୟା ଅବସରରେ ଚାରିଧାମ ଯାତ୍ରା ଆରମ୍ଭ କରାଯାଇଛି।

### ହିଜ୍‌ବୁଲ ମୁଖ୍ୟଙ୍କ ପୁଅ ସମ୍ପତ୍ତିକୁ ବାଜ୍ୟାପ୍ତ କଲା ଏନ୍‌ଆଇଏ

**ଶ୍ରୀନଗର,୨୪।୪:** ଆତଙ୍କବାଦ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ସୋମବାର ହିଜ୍‌ବୁଲ୍ ମୁଜାହିଦ୍ଦିନ ଆତଙ୍କବାଦୀ ସଂଗଠନ ମୁଖ୍ୟ ସୟେଦ ସଲାହୁଦ୍ଦିନଙ୍କ ୨ ପୁଅଙ୍କ ସମ୍ପତ୍ତିକୁ ବାଜ୍ୟାପ୍ତ କରିଛି। ୟୁଏ(ପି) ଆଇନର ଧାରା ୩୩(୧) ଅନୁଯାୟୀ ଶହିଦ ୟୁସୁଫ ଏବଂ ସୟେଦ ଅହମଦ ଶକିଲଙ୍କର ବଡ୍‌ଗାମ ଜିଲାର ବଡ୍‌ଗାମ ସୋଇବୁଗ୍ ତହସିଲ ଅଧୀନରେ ଥିବା ସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତ କରାଯାଇଥିବା ଏନ୍‌ଆଇଏ କହିଛି। ସଲାହୁଦ୍ଦିନଙ୍କ ଦୁଇପୁଅ ଯଥାକ୍ରମେ ୨୦୧୭ ଅକ୍ଟୋବର ଏବଂ ୨୦୧୮ ଅଗଷ୍ଟରେ ଗିରଫ ହୋଇ ଦିଲ୍ଲୀର ତିହାର ଜେଲରେ ରହିଛନ୍ତି। ୧୯୯୩ରୁ ସଲାହୁଦ୍ଦିନ ପାକିସ୍ତାନ ପଳାଇଯାଇଥିବାବେଳେ ୨୦୨୦ ଅକ୍ଟୋବରରେ କେନ୍ଦ୍ର ସରକାର ତାଙ୍କୁ ଆତଙ୍କବାଦୀ ଘୋଷଣା କରିଥିଲେ।

### ବାଂଲାଦେଶ ରାଷ୍ଟ୍ରପତି ଭାବେ ଶପଥ ନେଲେ ମହମ୍ମଦ ଶାହାବୁଦ୍ଦିନ



**ଢାକା,୨୪।୪:** ବାଂଲାଦେଶର ୨୨ତମ ରାଷ୍ଟ୍ରପତି ଭାବେ ବରିଷ୍ଠ ନେତା ମହମ୍ମଦ ଶାହାବୁଦ୍ଦିନ ସୋମବାର ଶପଥ ଗ୍ରହଣ କରିଛନ୍ତି। ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଓ ତାଙ୍କ କ୍ୟାବିନେଟ ସହକର୍ମୀମାନେ ଉପସ୍ଥିତ ଥିଲେ। ଐତିହାସିକ ବଙ୍ଗଭବନ ଦରବାର ହଲ୍‌ରେ ୭୩ ବର୍ଷୀୟ ଶାହାବୁଦ୍ଦିନଙ୍କୁ ବାଚସ୍ପତି ଶିରିନ୍ ଶର୍ମିନ ଚୌଧୁରୀ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟ ବିଚାରପତି, ବରିଷ୍ଠ ସାମରିକ ଓ ବେସାମରିକ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଗତ ଫେବୃୟାରୀରେ ଶାସକ ଦଳ ଆୱାମୀ ଲିଗ୍ ପ୍ରାର୍ଥୀ ଶାହାବୁଦ୍ଦିନ ନିର୍ଦ୍ୱନ୍ଦ୍ୱରେ ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ।

### ଲଳିତ ମୋଦିଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ବନ୍ଦ

**ନୂଆଦିଲ୍ଲୀ,୨୪।୪:** ଆଇପିଏଲ୍‌ର ପୂର୍ବତନ କମିଶନର ଲଳିତ ମୋଦି ନ୍ୟାୟପାଳିକା ବିରୋଧରେ ସୋସିଆଲ ମିଡିଆରେ ପୋଷ୍ଟ କରିଥିବା ମନ୍ତବ୍ୟ ପାଇଁ ନିଃସର୍ତ୍ତ କ୍ଷମା ମାଗିବା ପରେ ସୁପ୍ରିମକୋର୍ଟ ତାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲାକୁ ବନ୍ଦ କରିଦେଇଛନ୍ତି। ଅଦାଲତ କିମ୍ବା ଭାରତୀୟ ନ୍ୟାୟପାଳିକା ବିରୋଧରେ ଭବିଷ୍ୟତରେ ଏଭଳି ମନ୍ତବ୍ୟ ଦେବେନାହିଁ ବୋଲି ଲଳିତ ସତ୍ୟପାଠ ଜରିଆରେ ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠଙ୍କୁ ଜଣାଇଥିଲେ। ତାଙ୍କ ନିଃସର୍ତ୍ତ କ୍ଷମାପ୍ରାର୍ଥନାକୁ ଖଣ୍ଡପୀଠ ଗ୍ରହଣ କରିବା ସହ ଭବିଷ୍ୟତରେ ଏଭଳି ଉଦ୍ୟମକୁ ଅତ୍ୟନ୍ତ ଗମ୍ଭୀରତାର ସହ ନିଆଯିବ ବୋଲି ତାଗିଦ କରିଥିଲେ।



ପଶ୍ଚିମ ମେଦିନାପୁର ଜିଲାର କଲାଇକୁନ୍ଦା ଫୋର୍ସ ଷ୍ଟେଶନ ଭାରତ-ଆମେରିକା ବାୟୁସେନାର ମିଳିତ ସମରାଭ୍ୟାସରେ ସାମିଲ ଦୁଇ ଦେଶର ଯବାନ।

# ଆରମ୍ଭ ହେଲା 'ଅପରେଶନ କାବେରୀ'

- ସୁଦାନରୁ ଭାରତୀୟଙ୍କୁ ଉଦ୍ଧାର ଲାଗି ତତ୍ପରତା
- ବନ୍ଦରରେ ପହଞ୍ଚିଲେ ୫୦୦ ଭାରତୀୟ
- ପ୍ରଥମେ ସହଯୋଗର ହାତ ବଢ଼ାଇଲେ ସାଉଦି ଆରବ, ଫ୍ରାନ୍ସ



ସ୍ୱଦେଶ ଫେରିବା ପାଇଁ ସୁଦାନ ବନ୍ଦରରେ ଅପେକ୍ଷାରତ ଭାରତୀୟ।

**ନୂଆଦିଲ୍ଲୀ,୨୪।୪**

ସୁଦାନରେ ସେନା ଏବଂ ଅର୍ଦ୍ଧସାମରିକ ରାପିଡ୍ ସପୋର୍ଟ ଫୋର୍ସ (ଆର୍‌ଏସ୍‌ଏଫ୍) ମଧ୍ୟରେ ୯ ଦିନ ହେଲା ହିଂସାତ୍ମକ ସଂଘର୍ଷ ଲାଗିରହିଛି। ସେଠାରେ ଫସିରହିଥିବା ୩,୦୦୦ରୁ ଊର୍ଦ୍ଧ୍ୱ ଭାରତୀୟଙ୍କୁ ଉଦ୍ଧାର କରିବା ଲାଗି କେନ୍ଦ୍ର ସରକାର ସୋମବାର 'ଅପରେଶନ କାବେରୀ' ଆରମ୍ଭ କରିଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଘୋଷଣା କରିଛନ୍ତି। ଭାରତୀୟମାନେ ସେଠାରେ ଆତଙ୍କିତ ଅବସ୍ଥାରେ ରହିଥିବାବେଳେ କେନ୍ଦ୍ର ସରକାର ଏପର୍ଯ୍ୟନ୍ତ କାହାକୁ ଉଦ୍ଧାର କରିବାରେ ସମର୍ଥ ହୋଇନାହାନ୍ତି। ସେମାନଙ୍କୁ ଫେରାଇ ଆଣିବା ଲାଗି ବାୟୁସେନାର ଦୁଇଟି ସି-୧୩୦ଜେ ବିମାନ ଜେଦ୍ଦାହରେ ପହଞ୍ଚିଥିବାବେଳେ ପୋର୍ଟ ସୁଦାନରେ ଆଇଏନ୍‌ଏସ୍ ସୁମେଧ ଲାଗିଛି। ଭାରତୀୟମାନଙ୍କୁ ନିରାପଦର ସହ ଫେରାଇ ଆଣିବା ଉପରେ ସରକାର ସର୍ବାଧିକ ଧ୍ୟାନ ଦେଉଛନ୍ତି ବୋଲି ଶୁକ୍ରବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା।

ସୁଦାନ ରାଜଧାନୀ ଖର୍ତୁମ ଏବଂ ଅନ୍ୟ ଅଞ୍ଚଳରେ ଏପ୍ରିଲ ୧୫ରୁ ସଂଘର୍ଷ ଲାଗି ରହିଛି। ସେନାମୁଖ୍ୟ ଆବଡେଲ୍ ଫତାହ ଅଲ୍-ବୁର୍‌ହାନ ଏବଂ ତାଙ୍କ ଡେପୁଟି ତଥା ବିଦ୍ରୋହୀ ମହମ୍ମଦ ହମଦାନ୍ ଡାଗ୍‌ଲୋଙ୍କ ସମର୍ଥକଙ୍କ ମଧ୍ୟରେ ଜୋର୍‌ଦାର ସଂଘର୍ଷରେ ୪୦୦ରୁ ଊର୍ଦ୍ଧ୍ୱ ନିହତ ହେଲେଣି। ଅଟକି ରହିଥିବା ଭାରତୀୟଙ୍କୁ ଫେରାଇ ଆଣିବା ଲାଗି ଅନ୍ୟ ସହଯୋଗୀ ଦେଶଗୁଡ଼ିକ ସହ ସରକାର ସମନ୍ୱୟ ରଖି କାର୍ଯ୍ୟ କରୁଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଜାତିସଂଘ ସମେତ ସାଉଦି ଆରବ, ୟୁଏଇ, ଇଜିପ୍ଟ ଏବଂ ଆମେରିକା ସହ ଭାରତ ସରକାର ଯୋଗାଯୋଗ କରିଛନ୍ତି। ସୁଦାନରୁ ୩ ଭାରତୀୟଙ୍କୁ ସାଉଦି ଆରବ ଉଦ୍ଧାର କରିଥିବାବେଳେ ସୋମବାର ଫ୍ରାନ୍ସ ବାୟୁସେନା ବିମାନରେ ୫ ଜଣଙ୍କୁ ଫେରାଇ ଅଣାଯାଇଛି। ସେମାନଙ୍କ ସହ ଅନ୍ୟ ୨୭ ଦେଶର ମୋଟ ୩୮୮ ଜଣଙ୍କୁ ଫ୍ରାନ୍ସ ଉଦ୍ଧାର କରିଛି। ସେମାନେ ଏହାର ଜିବୁଟିସ୍ଥିତ ସାମରିକ ଘାଟିରେ ପହଞ୍ଚିଛନ୍ତି।

ହିଂସା ପ୍ରଭାବିତ ସୁଦାନରୁ ବିଭିନ୍ନ ଦେଶ ସେମାନଙ୍କ କୂଟନୀତିଜ୍ଞ ଓ ଅନ୍ୟମାନଙ୍କୁ ଫେରାଇ ନେଲେଣି। ଉଦ୍ଧାର କାର୍ଯ୍ୟ ଶେଷ ହେବା ପରେ ସୁଦାନର ଦୁଇ ବିଦ୍ରୋହୀ ଜେନେରାଲଙ୍କ ସୈନ୍ୟଙ୍କ ମଧ୍ୟରେ ଲଢ଼େଇ ଜୋର୍‌ଦାର ହେବା ଆଶଙ୍କା କରାଯାଉଛି। ଲଢ଼େଇ ଜାରି ରହିଥିବା ଖର୍ତୁମ୍‌ରୁ ବିଦେଶୀମାନେ ଶତାଧିକ ମାଇଲ୍ ଅତିକ୍ରମ କରି ପୂର୍ବ ଉପକୂଳକୁ ଚାଲିଯାଉଛନ୍ତି। ସେମାନଙ୍କୁ ଫେରାଇ ନେବା ପାଇଁ ୟୁରୋପ ଏବଂ ମଧ୍ୟପ୍ରାଚ୍ୟର ସାମରିକ ବିମାନଗୁଡ଼ିକ ରବିବାର ଏବଂ ସୋମବାର ଏକାଧିକ ଉଡ଼ାଣ କରିଥିଲେ। ସୁରକ୍ଷା ସ୍ଥିତି ଅନୁମତି ଦେଲେ ଅଧିକ ବିମାନ ପଠାଯିବ ବୋଲି ଫ୍ରାନ୍ସ ଓ ଜର୍ମାନୀ କହିଛନ୍ତି।

# ମିଡିଆକୁ ସାକ୍ଷାତ୍‌କାର ଦେଇପାରିବେନି ବିଚାରପତି

**ନୂଆଦିଲ୍ଲୀ,୨୪।୪(ପି.ଟି.)**

ବିଚାରାଧୀନ ମାମଲା ଉପରେ ବିଚାରପତିମାନେ ସାକ୍ଷାତ୍‌କାର ଦେଇପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ସୋମବାର ଟିପ୍ପଣୀ ଦେଇଛନ୍ତି। ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି ଲାଞ୍ଚ କାରବାର ମାମଲା ବିଚାରାଧୀନ ଥିବାବେଳେ କୋଲକାତା ହାଇକୋର୍ଟର ବିଚାରପତି ଜଷ୍ଟିସ ଅଭିଜିତ୍ ଗଙ୍ଗୋପାଧ୍ୟାୟ ଏକ ନ୍ୟୁଜ୍ ଚ୍ୟାନେଲ୍‌କୁ ସାକ୍ଷାତ୍‌କାର ଦେଇଥିଲେ। ଏନେଇ କୋଲକାତା ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲ ୪ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଶୁଣାଣି ବେଳେ କହିଛନ୍ତି, ବିଚାରାଧୀନ ମାମଲା ଉପରେ ସାକ୍ଷାତ୍‌କାର ଦେବା ବିଚାରପତିଙ୍କ କାର୍ଯ୍ୟ ନୁହେଁ। ସିଜେଆଇଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ପି.ଏସ୍. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଜଷ୍ଟିସ୍ ଗଙ୍ଗୋପାଧ୍ୟାୟଙ୍କ ସାକ୍ଷାତ୍‌କାରକୁ ଅତ୍ୟନ୍ତ ଗୁରୁତର ସହ ନେଇଛନ୍ତି। ଟିଭି ଚ୍ୟାନେଲ ଏବିପି ଆନନ୍ଦକୁ ଜଷ୍ଟିସ୍ ଗଙ୍ଗୋପାଧ୍ୟାୟ ଦେଇଥିବା ସାକ୍ଷାତ୍‌କାରର

**ବିଚାରାଧୀନ ମାମଲା**

ଏକ ଅନୂଦିତ ପ୍ରତିଲିପି ଆବେଦନକାରୀ ଟିଏମ୍‌ସି ନେତା ଅଭିଷେକ ବାନାର୍ଜୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି ସର୍ବୋଚ୍ଚ ଅଦାଲତରେ ଉପସ୍ଥାପନ କରିଥିଲେ। ଗୁରୁବାର ପୂର୍ବରୁ ସତ୍ୟପାଠ ଦାଖଲ କରିବାକୁ ରେଜିଷ୍ଟ୍ରାର ଜେନେରାଲଙ୍କୁ କୁହାଯିବା ସହ ପରବର୍ତ୍ତୀ ଶୁଣାଣି ଶୁକ୍ରବାରକୁ ଧାର୍ଯ୍ୟ କରାଯାଇଛି।

ତେବେ ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦୁର୍ନୀତି ଅଭିଯୋଗ ଉପରେ ତଦନ୍ତ ଚଳାଇଥିଲେ, ଏହା ଉପରେ କୋର୍ଟ ନିର୍ଦ୍ଦେଶ ପ୍ରତିବନ୍ଧକ ହେବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। କୋର୍ଟଙ୍କ ରାୟ ଯୋଗୁ ତଦନ୍ତ ବାଧାପ୍ରାପ୍ତ ହୋଇପାରେ କି ବୋଲି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ ପ୍ରଶ୍ନ କରିବାରୁ ଖଣ୍ଡପୀଠ ଉପରୋକ୍ତ ମତ ଦେଇଥିଲେ। ଉକ୍ତ ସାକ୍ଷାତ୍‌କାରରେ ବିଚାରପତି ଟିଏମ୍‌ସି ଏମ୍‌ପି ତଥା ଦଳର ସାଧାରଣ ସମ୍ପାଦକଙ୍କ ବିରୋଧରେ କହିଥିବା ଅଭିଯୋଗ ହୋଇଛି।

# ୱାଇ.ଏସ୍. ଶର୍ମିଳା ଗିରଫ

**ହାଇଦ୍ରାବାଦ,୨୪।୪**



ପୋଲିସ ଅଫିସରଙ୍କ ସହ ବଚସା ପରେ ୱାଇଏସ୍‌ଆର୍ ତେଲଙ୍ଗାନା ପାର୍ଟି ଅଧ୍ୟକ୍ଷା ୱାଇ.ଏସ୍. ଶର୍ମିଳାଙ୍କୁ ସୋମବାର ଗିରଫ କରାଯାଇଛି। ଶର୍ମିଳା କାର୍ ଯୋଗେ ତାଙ୍କ ହାଇଦ୍ରାବାଦ ବାସଭବନରୁ ବାହାରିଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ତାଙ୍କୁ ଅଟକାଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଶର୍ମିଳା ପୋଲିସ ଅଫିସରଙ୍କୁ ଗାଳିଗୁଲଜ କରିଥିଲେ। ପୋଲିସ ବିରୋଧର ପ୍ରତିବାଦରେ ସେ କିଛି ସମୟ ପାଇଁ ରାସ୍ତା ମଝିରେ ବସି ରହିଥିଲେ। ପରେ ଶର୍ମିଳା ପୋଲିସ ଅଫିସରଙ୍କୁ ଠେଲିଦେଇ ସ୍ଥାନ ଛାଡ଼ି ପଳାଇବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ତାଙ୍କୁ ଗିରଫ କରି ଜୁବିଲ୍ ହିଲ୍ସ ଥାନାକୁ ନେଇଯାଇଥିଲା। ଉତ୍ତେଜନା ଲାଗି ରହିଥିବାରୁ ଶର୍ମିଳାଙ୍କ ଘର ପାଖରେ ଅଧିକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଟିଏସ୍‌ପିଏସ୍‌ସି ପ୍ରଶ୍ନପତ୍ର ଲିକ୍ ମମାଲାରେ ନିଜ ପକ୍ଷ ରଖିବା ପାଇଁ ଶର୍ମିଳା ଏସ୍‌ଆଇଟି କାର୍ଯ୍ୟାଳୟକୁ ଯିବାକୁ ଚାହୁଁଥିବାବେଳେ ପୋଲିସ ତାଙ୍କୁ ଗୃହବନ୍ଦୀ ରଖିଥିଲା ବୋଲି ସେ କହିଛନ୍ତି।

# ୬୭ ଅଭିଯୁକ୍ତ ଦୋଷମୁକ୍ତ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିବ ଏସ୍‌ଆଇଟି

**ନରୋଦା ଗାମ୍ ଦଙ୍ଗା ମାମଲା**

**କୋଲକାତା,୨୪।୪**

୨୦୦୨ ନରୋଦା ଗାମ୍ ଦଙ୍ଗା ମାମଲାର ସମସ୍ତ ୬୭ ଅଭିଯୁକ୍ତଙ୍କୁ ଏକ ସ୍ୱତନ୍ତ୍ର ଅଦାଲତ ଦୋଷମୁକ୍ତ କରିଥିବାବେଳେ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଏହାକୁ ଗୁଜରାଟ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବ। ଗୁଜରାଟର ଗୋଧ୍ରା ଦଙ୍ଗା ପରେ ଅହମ୍ମଦାବାଦର ନରୋଦା ଗାମ୍ ଅଞ୍ଚଳରେ ୧୧ ଜଣ ମୁସଲମାନଙ୍କୁ ହତ୍ୟା କରାଯାଇଥିଲା। ଏହାର ଦୁଇ ଦଶନ୍ଧି ପରେ ଗତ ୨୦ ତାରିଖରେ ଅହମ୍ମଦାବାଦର ସ୍ୱତନ୍ତ୍ର ବିଚାରପତି ଏସ୍.କେ. ବକ୍ସି ମାମଲାର ବିଚାର କରି ପୂର୍ବତନ ଗୁଜରାଟ ମନ୍ତ୍ରୀ ମାୟା କୋଦନାନି ଏବଂ ବଜରଙ୍ଗ ଦଳର ପୂର୍ବତନ ନେତା ବାବୁ ବଜରଙ୍ଗୀଙ୍କ ସମେତ ସମସ୍ତ ୬୭ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଦେଇଥିଲେ। ତଳ କୋର୍ଟଙ୍କ ଏହି ରାୟ ବିରୋଧରେ ଏସ୍‌ଆଇଟି ଗୁଜରାଟ ହାଇକୋର୍ଟରେ ଅପିଲ୍ କରିବ। ଏସ୍‌ଆଇଟି କୋର୍ଟ ରାୟର ନକଲକୁ ଅପେକ୍ଷା କରାଯାଉଛି। ଉକ୍ତ ରାୟକୁ ଅନୁଧ୍ୟାନ କରିବା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଏସ୍‌ଆଇଟି ସୂତ୍ରରୁ କୁହାଯାଇଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଏସ୍‌ଆଇଟି ଗୁଜରାଟ ପୋଲିସଠାରୁ ୨୦୦୮ରେ ତଦନ୍ତ ଦାୟିତ୍ୱ ଗ୍ରହଣ କରିବା ସହ ୩୦ରୁ ଊର୍ଦ୍ଧ୍ୱଙ୍କୁ ଗିରଫ କରିଥିଲା। ଏହି ମାମଲାରେ ମୋଟ ୮୬ ଜଣ ଅଭିଯୁକ୍ତ ଥିବାବେଳେ ସେମାନଙ୍କ ମଧ୍ୟରୁ ଇତିମଧ୍ୟରେ ୧୮ ଜଣଙ୍କ ମୃତ୍ୟୁ ଘଟିଲାଣି। ଉପଯୁକ୍ତ ତଥ୍ୟ ପ୍ରମାଣ ଅଭାବରୁ ପୂର୍ବରୁ ଜଣେ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରାଯାଇଥିଲା।

# ସହଯାତ୍ରୀଙ୍କ ଉପରେ ପରିସ୍ରା କଲେ ଭାରତୀୟ ଯୁବକ

**ନୂଆଦିଲ୍ଲୀ,୨୪।୪:** ନ୍ୟୁୟର୍କରୁ ଦିଲ୍ଲୀ ଆସୁଥିବା ଆମେରିକାନ୍ ଏୟାରଲାଇନ୍ସ ଏଏ ୨୯୨ ବିମାନରେ ରବିବାର ଜଣେ ବ୍ୟକ୍ତି ସହଯାତ୍ରୀଙ୍କ ଉପରେ ପରିସ୍ରା କରିବା ଅଭିଯୋଗ ହୋଇଛି। ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି। କୌଣସି କାରଣରୁ ଯୁବକଙ୍କର ଝଗଡ଼ା ସହଯାତ୍ରୀଙ୍କ ସହ ହୋଇଥିବାବେଳେ ମଦ ନିଶାରେ ଥିବା ଯୁବକ ତାଙ୍କ ଉପରେ ପରିସ୍ରା କରିଦେଇଥିଲେ। ରବିବାର ରାତି ୯ଟାରେ ବିମାନଟି ଇନ୍ଦିରା ଗାନ୍ଧୀ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରେ ପହଞ୍ଚିବା ପରେ ସିଆଇଏସ୍‌ଏଫ୍ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖିଥିଲା। ପରବର୍ତ୍ତୀ ସମୟରେ ଦୁଇଜଣଯାକ ଯାତ୍ରୀଙ୍କୁ ଦିଲ୍ଲୀ ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ପୂର୍ବରୁ ଏଭଳି ୨ଟି ସମାନ ଘଟଣା ଘଟିଯାଇଛି। ଗତବର୍ଷ ନଭେମ୍ବର ୨୬ରେ ନ୍ୟୁୟର୍କ-ଦିଲ୍ଲୀ ବିମାନ ଯାତ୍ରୀ ଜଣେ ମହିଳା ସହଯାତ୍ରୀଙ୍କ ଉପରେ ପରିସ୍ରା କରି ଗିରଫ ହୋଇଥିଲେ। ସେହିପରି ଡିସେମ୍ବର ୬ରେ ପ୍ୟାରିସ୍-ଦିଲ୍ଲୀ ବିମାନରେ ଯୁବକ ମହିଳାଙ୍କ ବ୍ଲାଙ୍କେଟ୍ ଉପରେ ପରିସ୍ରା କରିଥିଲେ।

# ୨୦୦୦ ଗଣ୍ଡା ନିଲାମ ହେବ

**ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି ଫାର୍ମ ମାଲିକ**

**ଜୋହାନ୍ସବର୍ଗ,୨୪।୪**



ଦକ୍ଷିଣ ଆଫ୍ରିକାରେ ଥିବା ବିଶ୍ୱର ସବୁଠୁ ବଡ଼ ଗଣ୍ଡା ଫାର୍ମ ନିଲାମ ହେବାକୁ ଯାଉଛି। ପାଖାପାଖି ୨୦୦୦ ଗଣ୍ଡା ଏଠାରେ ବାସ କରୁଛନ୍ତି। ଫାର୍ମର ମାଲିକ ପ୍ରାଣୀ ସଂରକ୍ଷକ ଜନ୍ ହୁମେ ପ୍ରାଣୀଙ୍କ ଜୀବନ ରକ୍ଷା ଉଦ୍ଦେଶ୍ୟରେ ନିଜର ସଞ୍ଚିତ ଅର୍ଥ ଖର୍ଚ୍ଚ କରିବା ପରେ ସେ ଏବେ ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି। ବର୍ତ୍ତମାନ ତାଙ୍କ ପାଖରେ ୨୦୦୦ ଗଣ୍ଡା ଓ ୮,୦୦୦ ହେକ୍ଟର (ପାଖାପାଖି ୨୦,୦୦୦ ଏକର) ଜମିଛଡ଼ା ଆଉ କିଛି ନ ଥିବା ହୁମେ କହିଛନ୍ତି। ବିଶ୍ୱରେ ବାସ କରୁଥିବା ମୋଟ ଗଣ୍ଡାର ୮୦% କେବଳ ଦକ୍ଷିଣ ଆଫ୍ରିକାରେ ଦେଖାଯାଆନ୍ତି। ଏଠାରୁ ଅନେକ ଏସୀୟ ଦେଶ ଗଣ୍ଡା କିଣିଥାଆନ୍ତି।

ଦକ୍ଷିଣ ଆଫ୍ରିକାରେ ଗତବର୍ଷ ପାଖାପାଖି ୪୪୮ ପ୍ରକାର ବିରଳ ପଶୁଙ୍କ ପ୍ରାଣହାନି ଘଟିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ବଜାରରେ ଗଣ୍ଡା ଶିଂଘର ଖୁବ୍ ଚାହିଦା, ଯେଉଁଥିପାଇଁ ଶିକାରୀମାନେ ଗଣ୍ଡା ଫାର୍ମ ଗୁଡ଼ିକୁ ଟାର୍ଗେଟ୍ କରିବାରେ ଲାଗିଛନ୍ତି। ଶିକାର ରୋକିବା ଲାଗି ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିଲେ ମଧ୍ୟ ଏହା ସେତେ ପ୍ରଭାବୀ ନୁହେଁ। ୩୦ ବର୍ଷ ଧରି ହୁମେ ଗଣ୍ଡା ଫାର୍ମର ଦେଖାଶୁଣା କରି ଆସୁଛନ୍ତି। କିନ୍ତୁ ଅର୍ଥ ଅଭାବ ଯୋଗୁ ସେ ଏବେ ଫାର୍ମକୁ ନିଲାମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ବୁଧବାର ଅନ୍‌ଲାଇନ୍‌ରେ ଫାର୍ମ ନିଲାମ ଡକାଯିବ। ଅନ୍ୟପକ୍ଷେ ଇଣ୍ଟରନ୍ୟାଶନାଲ ୟୁନିୟନ୍ ଫର୍ କନ୍‌ଜରଭେଶନ୍ ଅଫ୍ ନେଚର (ଆଇୟୁସିଏନ୍) ଧଳା ଗଣ୍ଡାଙ୍କୁ ରେଡ୍ ଲିଷ୍ଟେଡ୍ କରିଛି। ଏହି ବିଲୁପ୍ତ ପ୍ରାୟ ଜୀବଙ୍କ ସଂଖ୍ୟା ଗତ ୧୦ ବର୍ଷ ମଧ୍ୟରେ ୧୮,୦୦୦ରେ ପହଞ୍ଚିଛି।



DHARITRI
ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୫/୨୦୨୩ (୧୪ ପୃଷ୍ଠା) Bhubaneswar, Tuesday, April 25/2023 Page 14 | ପୃଷ୍ଠା-୧



## ଭୁବନେଶ୍ୱର କୁମାରଙ୍କ ପ୍ରଭାବୀ ବୋଲିଂ

ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ପ୍ରଭାବୀ ବୋଲିଂ କରିଛନ୍ତି ସନରାଇଜର୍ସ ହାଇଦ୍ରାବାଦ ବୋଲର ଭୁବନେଶ୍ୱର କୁମାର।

୧୨

୦୮

## ୧୦୦ କୋଟିମୁହାଁ ସଲମାନଙ୍କ ଫିଲ୍ମ

ସଲ୍‌ମାନ ଖାନ୍‌ଙ୍କ ଫିଲ୍ମ 'କିସି କା ଭାଇ କିସି କି ଜାନ୍' ୩ ଦିନରେ ବକ୍ସ ଅଫିସରେ ୧୦୦ କୋଟି ପାଖାପାଖି ପହଞ୍ଚିଛି।





ମହିଳା ଆଥ୍‌ଲେଟ୍‌ଙ୍କୁ ଯୌନ ନିର୍ଯାତନାର କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ପ୍ରତିବାଦରେ ନୂଆଦିଲ୍ଲୀସ୍ଥିତ ଯନ୍ତର ମନ୍ତରଠାରେ ସୋମବାର ଦ୍ୱିତୀୟ ଦିନରେ ଧାରଣାରେ ବସିଛନ୍ତି ରେସ୍‌ଲର ଭିନେଶ ଫୋଗତ, ସଙ୍ଗୀତା ଫୋଗତ, ସାକ୍ଷୀ ମଲିକ ଓ ଅନ୍ୟମାନେ। **(ଫଟୋ: ଚମନ ଗୌତମ)।**

# ଇ-ଯାନ ଉପରେ ମିଳିବ ଅଧିକ ରିହାତି

ଭୁବନେଶ୍ୱର,୨୪।୪(ବ୍ୟୁରୋ)

- ଖୁବ୍‌ଶୀଘ୍ର ଅର୍ଥବିଭାଗ ବିଜ୍ଞପ୍ତି ପ୍ରକାଶ କରିବ
- ଏବେ ମିଳୁଛି ଗାଡ଼ି ମୂଲ୍ୟ ଉପରେ ୧୫%
- ସରକାରୀ କର୍ମଚାରୀଙ୍କୁ ୭୫% ଆଡ୍‌ଭାନ୍ସ



**କ୍ୟାବିନେଟ୍ ନିଷ୍ପତ୍ତି**

ଇଲେକ୍ଟ୍ରିକ୍ ଯାନ କିଣୁଥିବା ଗ୍ରାହକମାନଙ୍କ ପାଇଁ ଖୁସି ଖବର। ଏହି ଯାନ କ୍ରେତାଙ୍କ ପାଇଁ ରିହାତି ହାରକୁ ବୃଦ୍ଧି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହାକୁ ଅନୁମୋଦନ କରାଯାଇଛି। ଇ-ଭେହିକିଲ୍ ପଲିସି-୨୦୨୧କୁ ଅଧିକ ଫଳପ୍ରଦ ତଥା ଇ-ଯାନ ପ୍ରତି ଲୋକମାନଙ୍କର ଆଗ୍ରହକୁ ବଢ଼ାଇବା ପାଇଁ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ରିହାତି କେତେ ବୃଦ୍ଧି କରାଯିବ ସେ ନେଇ ଖୁବ୍‌ଶୀଘ୍ର ଅର୍ଥ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯିବ। ଯାନବାହନ ପ୍ରଦୂଷଣ ହ୍ରାସ କରିବାକୁ ରାଜ୍ୟ ସରକାର ଓଡ଼ିଶା ଇ-ଭେହିକିଲ ପଲିସି କାର୍ଯ୍ୟକାରୀ କରିଛନ୍ତି। ୨୦୨୧ ସେପ୍ଟେମ୍ବରରୁ ଏହି ନୀତି ଲାଗୁ କରାଯାଇଛି। ☞ପୃଷ୍ଠା-୨

## ୮୬୬ ନୂଆ ସେତୁ ନିର୍ମାଣ ହେବ

ଭୁବନେଶ୍ୱର,୨୪।୪(ବ୍ୟୁରୋ)

ରାଜ୍ୟ ସରକାର ବିଜୁ ସେତୁ ଯୋଜନାକୁ ୨୦୨୫-୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ସୋମବାର ଅନୁମୋଦନ କରିଛି। ଉକ୍ତ ଯୋଜନାରେ ଅତିରିକ୍ତ ୩୫୯୭.୨୨କୋଟି ଟଙ୍କା ବିନିଯୋଗରେ ୮୬୬ ନୂତନ ସେତୁ ନିର୍ମାଣ ହେବା ସହିତ ଚାଲୁ ରହିଥିବା ସେତୁଗୁଡ଼ିକୁ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଗ୍ରାମାଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କ ଯାତାୟାତ ସୁବିଧା ତଥା ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ଉନ୍ନତି ନିମନ୍ତେ ରାଜ୍ୟ ସରକାର ବିଜୁ ସେତୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷରେ ୩ ବର୍ଷ ☞ପୃଷ୍ଠା-୨

## ଆଉ ୧୦ ବର୍ଷ ଭାରତୀୟ ହକି ଟିମ୍ ପ୍ରାୟୋଜକ ହେବ ଓଡ଼ିଶା

ଭୁବନେଶ୍ୱର,୨୪।୪(ବ୍ୟୁରୋ)

ରାଜ୍ୟ ସରକାର ମହିଳା ଓ ପୁରୁଷ ଭାରତୀୟ ହକି ଟିମ୍‌ର ପ୍ରାୟୋଜକ ଚୁକ୍ତିକୁ ଆଉ ୧୦ ବର୍ଷ ବୃଦ୍ଧି କରିଛନ୍ତି। ୨୦୨୩ରୁ ୨୦୩୩ ପର୍ଯ୍ୟନ୍ତ ଓଡ଼ିଶା ସରକାର ଏହି ଜାତୀୟ ଦଳର ପ୍ରାୟୋଜକ ରହିବେ। କ୍ରୀଡ଼ା ଓ ଯୁବସେବା ବ୍ୟାପାର ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ସୋମବାର ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ କରାଯାଇଛି। ରାଜ୍ୟ ସରକାର ୨୦୧୮ରୁ ଉଭୟ ମହିଳା ଓ ପୁରୁଷ ହକି ଟିମ୍‌ର ସରକାରୀ ପ୍ରାୟୋଜକ ରହିଛନ୍ତି। ଭାରତୀୟ ହକିର ଅଭିବୃଦ୍ଧି ଓ ବିକାଶ ଦିଗରେ ଏହି ସହାୟତା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ☞ପୃଷ୍ଠା-୨

# ୩୫ ଲକ୍ଷ ଚାଷୀଙ୍କୁ ୪୪୧.୭୬ କୋଟିର ସୁଧ ରିହାତି

ଭୁବନେଶ୍ୱର, ୨୪।୪(ବ୍ୟୁରୋ)

୨୦୨୨-୨୩ ବର୍ଷ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟର ୩୫ ଲକ୍ଷ ଚାଷୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୪୪୧.୭୬ କୋଟି ଟଙ୍କାର ସୁଧ ରିହାତି ପ୍ରଦାନ କରିଛନ୍ତି। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ସମବାୟ ବ୍ୟାଙ୍କ ଓ ୨୪୦୯ଟି ପ୍ରାଥମିକ କୃଷି ସମବାୟ ସମିତିକୁ ଏହି ରିହାତି ପରିମାଣ ପ୍ରଦାନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୪୧୫.୧୭ କୋଟି ଟଙ୍କାର ସୁଧ ରିହାତି ପ୍ରଦାନ କରାଯାଇଥିଲା। ୨୦୨୨-୨୩ ବର୍ଷରେ ଚାଷୀମାନେ ସମୁଦାୟ ୮୫୬.୯୯ କୋଟି ଟଙ୍କା ସୁଧ ରିହାତି ପାଇଛନ୍ତି। ସୂଚନାଯୋଗ୍ୟ ଯେ ଲକ୍ଷେ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ପାଇଁ ଚାଷୀଙ୍କୁ କୌଣସି ସୁଧ



ଦେବାକୁ ପଡୁନାହିଁ। ୩୫ ଲକ୍ଷ ଚାଷୀଙ୍କ ମଧ୍ୟରୁ ୩୦ ଲକ୍ଷ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର ଚାଷୀ।

ଏହି ଅବସରରେ ଉପସ୍ଥିତ ଚାଷୀ ଏବଂ ଆଭାସୀ ଜରିଆରେ ଯୋଡ଼ି ହୋଇଥିବା

### ଚାଷ ଆମ ଅର୍ଥନୀତିର ଆତ୍ମା ଏବଂ ବିକାଶର ଆଧାର: ମୁଖ୍ୟମନ୍ତ୍ରୀ

ଚାଷୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଚାଷ ଆମ ଅର୍ଥନୀତିର ଆତ୍ମା ଏବଂ ବିକାଶର ଆଧାର। ଆମ ନୂଆ ଓ ସଶକ୍ତ ଓଡ଼ିଶାର ସାରଥି ହେଉଛନ୍ତି ରାଜ୍ୟର ଚାଷୀ ଓ ଯୁବତୀ,ଯୁବକ। ତେଣୁ ସେମାନଙ୍କ ସଶକ୍ତୀକରଣ ଉପରେ ସବୁବେଳେ ପ୍ରାଧାନ୍ୟ ଦିଆଯାଉଛି। ଚାଷୀକୁ ସଶକ୍ତ କରିବା ପାଇଁ ସ୍ୱତନ୍ତ୍ର ବଜେଟ କରାଯାଇଛି। ବିନା ସୁଧରେ ଲକ୍ଷେ ଟଙ୍କା ପର୍ଯ୍ୟନ୍ତ କୃଷି ☞ପୃଷ୍ଠା-୨

## ଆମ୍ବତୋଟାରେ ୨ ମହିଳାଙ୍କୁ ଦଳିଦେଲା ହାତୀ

**ଅନୁଗୋଳ ଅଫିସ, ୨୪।୪:** ଭୋର୍ ସମୟରେ ଆମ୍ବ ତୋଟାକୁ ଯାଇଥିବା ୨ ମହିଳାଙ୍କ ଜୀବନ ନେଇଛି ହାତୀ। ଅନୁଗୋଳ ବନଖଣ୍ଡ ବନ୍ତଲା ରେଞ୍ଜ ବଡ଼କନ୍ତକୁଳ ଗ୍ରାମ ଆମ୍ବତୋଟାରେ ସୋମବାର ଘଟିଛି ଏହି ଅଘଟଣ। ମୃତକ ହେଲେ ଉକ୍ତ ଗ୍ରାମର ମୁନି ପ୍ରଧାନ ଓ ଗୌରୀ ରାଉଳ। ଏହି ଘଟଣା ଜଣାପଡ଼ିବା ପରେ ସକାଳୁ ଗାଁରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବରପାଇ ବନ୍ତଲା ପୋଲିସ ଓ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା। ତେବେ ଅନୁଗୋଳ ବନଖଣ୍ଡରେ ଗତ ୪ ମାସ ମଧ୍ୟରେ ହାତୀ ଆକ୍ରମଣରେ ୮ ଜଣଙ୍କ ମୃତ୍ୟୁ ଘଟିଥିବାରୁ ଏହାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ପ୍ରକାଶ ଯେ, ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ସୁଦାନ ସଙ୍କଟ**

# ପ୍ରତିବାଦ ପରେ ପରୀକ୍ଷା ବାତିଲ

## ଓଏସ୍‌ଏସ୍‌ସି ଓଡ଼ିଆ ପ୍ରଶ୍ନପତ୍ରରେ ତ୍ରୁଟି

ଭୁବନେଶ୍ୱର,୨୪।୪(ବ୍ୟୁରୋ)

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ସି) ପକ୍ଷରୁ ଆକାଉଣ୍ଟାଣ୍ଟ ପୋଷ୍ଟ ପାଇଁ ହୋଇଥିବା ପ୍ରିଲିମିନାରି ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷା ପାଇଁ ଆସିଥିବା ଓଡ଼ିଆ ପ୍ରଶ୍ନପତ୍ର ଏତେ ତ୍ରୁଟିପୂର୍ଣ୍ଣ ଥିଲା ଯେ, ପରୀକ୍ଷାର୍ଥୀମାନେ କିଛି ବୁଝି ପାରି ନ ଥିଲେ। ଏହାକୁ ନେଇ ପରୀକ୍ଷାର୍ଥୀଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ପରେ ସୋମବାର ଏହି ପରୀକ୍ଷାକୁ ବାତିଲ କରାଯାଇଛି। ତେବେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ଓଡ଼ିଆ ଭାଷାର ବିକୃତୀକରଣ କରାଯାଇଥିବା ଅଭିଯୋଗ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ରବିବାର ଅନୁଷ୍ଠିତ ହାଉସିଂ ଆଣ୍ଡ ଅର୍ବାନ ଡେଭଲପମେଣ୍ଟ ବିଭାଗର ଆକାଉଣ୍ଟାଣ୍ଟ ପରୀକ୍ଷା ପାଇଁ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ପ୍ରଶ୍ନପତ୍ର ଆସିଥିଲା। ତେବେ ଓଡ଼ିଆ ଭାଷାରେ ଆସିଥିବା ପ୍ରଶ୍ନପତ୍ର ଦେଖି ପରୀକ୍ଷାର୍ଥୀ ଚିନ୍ତାରେ ପଡ଼ିଯାଇଥିଲେ। ପ୍ରଶ୍ନପତ୍ରରେ ଥିବା ଲିପିଗୁଡ଼ିକ ଓଡ଼ିଆ ଥିଲେ ମଧ୍ୟ ଅଧିକାଂଶ ଶବ୍ଦ ବୁଝାପଡ଼ି ନ ଥିଲା। ଓଡ଼ିଆରେ ପ୍ରଶ୍ନପତ୍ର ପ୍ରସ୍ତୁତ କରିବା ପାଇଁ ଅନଭିଜ୍ଞଙ୍କୁ ନିୟୋଜିତ କରାଯାଇଥିବା ପରୀକ୍ଷାର୍ଥୀମାନେ ଅଭିଯୋଗ କରିଥିଲେ। ଭାଷାଜ୍ଞାନର ଅଭାବ କାରଣରୁ ପ୍ରଶ୍ନପତ୍ରରେ ତ୍ରୁଟି ରହିଥିବା କେହି ଜାଣିପାରିଲେ ନାହିଁ ବୋଲି କହି ଓଡ଼ିଆ ପରୀକ୍ଷାର୍ଥୀମାନେ କ୍ଷୋଭ ପ୍ରକାଶ କରିଥିଲେ। ପରୀକ୍ଷା ପାଇଁ ଦୀର୍ଘଦିନ ଧରି ପ୍ରସ୍ତୁତି କରି ଆସିଥିବା ଚାକିରି ଆଶାୟୀଙ୍କୁ ବିଭ୍ରାନ୍ତିକର ପ୍ରଶ୍ନପତ୍ର ଶକ୍ତ ଧକ୍କା ଦେଇଥିଲା। ଏପରିକି ସୋସିଆଲ ମିଡିଆରେ ଏହାକୁ ନେଇ ବହୁ ସମାଲୋଚନା ହୋଇଥିଲା। ବିରୋଧୀ ଦଳ ମଧ୍ୟ ଏପରି ☞ପୃଷ୍ଠା-୨

# ଉତ୍ତରାଧିକାରୀ ଚୟନ ପାଇଁ ହୁଏ ଅଡିଶନ୍

ପ୍ୟାରିସ,୨୪।୪

### ଚର୍ଚ୍ଚାରେ ବିଶ୍ୱର ସବୁଠୁ ଧନୀ ବର୍ନାର୍ଡ

ଫୋର୍ବସ୍ ମାଗାଜିନ୍ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତିଙ୍କ ତାଲିକାର ଶୀର୍ଷରେ ଥିବା ଲଗ୍‌ଜୁରୀ ବ୍ରାଣ୍ଡ ଲୁଇ ଭୁଇଟୋନ(ଏଲ୍‌ଭିଏମ୍‌ଏଚ୍) ଅଧ୍ୟକ୍ଷ ବର୍ନାର୍ଡ ଆର୍ନଲ୍ଟଙ୍କ ସମ୍ପର୍କରେ ଏବେ ଏକ ନୂଆ ତଥ୍ୟ ସାମ୍ନାକୁ ଆସିଛି। ବିଶ୍ୱର ସବୁଠୁ ଧନୀ ହେବାପରଠୁ ୭୪ବର୍ଷୀୟ ବର୍ନାର୍ଡଙ୍କ ବ୍ୟକ୍ତିଗତ ସମ୍ପତ୍ତିରେ ବୃଦ୍ଧି ଘଟିଥିବାବେଳେ ସେ ୨୪୦ ବିଲିୟନ୍ ଡଲାର ସମ୍ପତ୍ତିର ମାଲିକ। ତେବେ ଏହି ବିଲିଅନେୟାର ନିଜ ଉତ୍ତରାଧିକାରୀ ବାଛିବା ପାଇଁ ତାଙ୍କ ୫ ସନ୍ତାନଙ୍କ ଅଡିଶନ୍ ନେଇଥାନ୍ତି, ଯାହା ପ୍ରତି ମାସରେ ଥରେ ଲେଖାଏ କରାଯାଏ ବୋଲି ଏବେ ଜଣାପଡ଼ିଛି। ଏପରି କି ଏହି ଅଡିଶନ ଏଲ୍‌ଭିଏମ୍‌ଏଚ୍‌ର ହେଡ୍ କ୍ୱାର୍ଟର୍ସର ପ୍ରାଇଭେଟ ଡାଇନିଂ ରୁମ୍‌ରେ



ବର୍ନାର୍ଡ ଆର୍ନଲ୍ଟ

ମଧ୍ୟାହ୍ନ ଭୋଜନ ସମୟରେ କରାଯାଇଥାଏ ବୋଲି ୱାଲ୍ ଷ୍ଟ୍ରିଟ୍ ଜର୍ନାଲରେ ପ୍ରକାଶ ପାଇଥିବା ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଅଡିଶନ ପାଇଁ ସ୍ୱତନ୍ତ୍ର ପ୍ରକାର ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ପ୍ରାୟ ୯୦ ମିନିଟ୍ ଧରି ଚାଲେ। ଡାଇନିଂ ଟେବୁଲରେ ବର୍ନାର୍ଡ ବସି ନିଜ ଆଇପ୍ୟାଡ୍‌ରୁ ବିଭିନ୍ନ ବିଷୟରେ ପଢ଼ି ପିଲାଙ୍କୁ ପ୍ରଥମେ ଶୁଣାନ୍ତି। ଏହାପରେ ୫ସନ୍ତାନଙ୍କ ସହ ବିଜ୍‌ନେସ୍ ଷ୍ଟ୍ରାଟେଜି ସମ୍ପର୍କରେ ଆଲୋଚନା କରନ୍ତି। ପରେ ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ପିଲାମାନଙ୍କଠାରୁ ବର୍ନାର୍ଡ ପରାମର୍ଶ ଲୋଡ଼ିଥା'ନ୍ତି। ଜଣ ଜଣ କରି ପିଲାଙ୍କ ଅଡିଶନ୍ ନେବା ସହ ସେମାନଙ୍କ ମଧ୍ୟରୁ କିଏ ତାଙ୍କ ଉତ୍ତରାଧିକାରୀ ହେବାକୁ ଯୋଗ୍ୟ ତାହା ସ୍ଥିର କରିଥା'ନ୍ତି। ବ୍ୟବସାୟକୁ କିପରି ଭାବେ ଆଗକୁ ☞ପୃଷ୍ଠା-୨



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରଣୀର ସଜ ରାତିଖିଆ ପରେ**
**ଦାରୀଙ୍କର ସଜ ସଞ୍ଜକୁ**
**ଦୋକାନୀର ସଜ ସକାଳ ପହରୁ**
**ବୁଢ଼ାଙ୍କର ସଜ ପୂଜାକୁ ।**

ଘରଣୀଟି ରାତ୍ରିଭୋଜନ ପରେ ସ୍ୱାମୀର ଶଯ୍ୟାସଙ୍ଗିନୀ ହେବା ପାଇଁ ନିଜକୁ ପ୍ରସ୍ତୁତ କରୁଥିବା ଭଳି ବିଟପ ନାରୀ ସଞ୍ଜ ହେଲେ ବେଶ ପରିପାଟୀ ହୋଇ ପରପୁରୁଷର ଆଗମନକୁ ପ୍ରତୀକ୍ଷା କରିଥାଏ । ଠିକ୍ ସେହିପରି ଦୋକାନୀ ତା'ର ଗ୍ରାହକଙ୍କ ପାଇଁ ସକାଳୁ ପ୍ରସ୍ତୁତ ହୋଇ ରହୁଥିବା ବେଳେ ବୃଦ୍ଧାବୃଦ୍ଧ ସଞ୍ଜ ସକାଳେ ଠାକୁରଙ୍କ ପୂଜା ପାଠ କରିବା ଲାଗି ନିଜର ପ୍ରସ୍ତୁତି କର୍ମ ଶେଷ କରୁଥିବା ନେଇ ଏଠାରେ ବର୍ଣ୍ଣନା କରାଯାଇଛି ।

**ଘର ଭଣ ଭଣ ଦୁଆରେ ତାଟି**
**ସାଉ ପଡିଆରା ବୋହୂ ଦିଓଟି ।**

ଘରର ଅବସ୍ଥା ଦୟନୀୟ, ସେଥିରେ ଦୁଇଟି ଭୁଆଶୁଣୀ ବୋହୂ । କେତେବେଳେ କେଉଁକଥା । ଏପରିସ୍ଥଳେ ସାହୁକାର ଭୟରେ ବୋହୂ ଦୁଇଟିଙ୍କୁ ଘରେ ଛାଡ଼ି ବାହାରକୁ ଯାଉ ନ ଥିବା ଗରିବ ଖାତକ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




# ଶିକ୍ଷକ ବାପ, ପୁଅଙ୍କ ସମେତ ୪ ଗିରଫ


ଗିରଫ ଅଭିଯୁକ୍ତମାନେ।

- ଆନ୍ତଃରାଜ୍ୟ ଜାଲ୍ ସାର୍ଟିଫିକେଟ୍ କାରବାରର ପର୍ଦ୍ଦାଫାଶ
- ନକଲି ସାର୍ଟିଫିକେଟ୍, ବ୍ୟାଙ୍କ ଖାତା, ମୋବାଇଲ ଜବତ

ବ୍ରହ୍ମପୁର ଅଫିସ,୨୪।୪

ବ୍ରହ୍ମପୁର ପୋଲିସ ଏକ ଆନ୍ତଃରାଜ୍ୟ ଜାଲ୍ ସାର୍ଟିଫିକେଟ୍ କାରବାରର ପର୍ଦ୍ଦାଫାଶ କରିଛି । ନକଲି ସାର୍ଟିଫିକେଟ୍ ପ୍ରଦାନ କରୁଥିବା ଏକ ର୍‍ୟାକେଟକୁ ଧରିଛି । ଏହି ର୍‍ୟାକେଟର ମାଷ୍ଟରମାଇଣ୍ଡ ଶିକ୍ଷକ, ତାଙ୍କ ଡାକ୍ତରୀ ପଢୁଆ ପୁଅଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଖଲ୍ଲିକୋଟ ଥାନା ଲଙ୍ଗଳେଶ୍ୱର ଗ୍ରାମର ଦୈତାରି ବେହେରା(୫୨), ତାଙ୍କୁ ସହଯୋଗ କରୁଥିବା ତାଙ୍କ ଡାକ୍ତରୀ ପଢୁଥିବା ପୁଅ ଅମୃତ ପ୍ରସାଦ ବେହେରା (୨୫), ଢେଙ୍କାନାଳ ଜିଲା ଟାଉନ ଥାନା ଅଞ୍ଚଳର ପ୍ରଶାନ୍ତ କୁମାର ସାହୁ (୩୯) ଓ କଟକ ମଙ୍ଗଳାବାଗ ଥାନା ଅଞ୍ଚଳର କିଶୋର କୁମାର ବେହେରା(୫୨) । ମାମଲା ନମ୍ବର ୧୧୩/୨୩ରେ ଗିରଫ ପରେ ଏମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି । ଦୈତାରି ଖଲ୍ଲିକୋଟ ବ୍ଲକ ଦେବୀଝର ଉଚ୍ଚବିଦ୍ୟାଳୟରେ ଶିକ୍ଷକତା କରୁଥିଲେ, କିନ୍ତୁ କୌଣସି କାରଣ ପାଇଁ ନିଲମ୍ବିତ ହୋଇଛନ୍ତି ।

ପ୍ରକାଶ ଯେ, ପ୍ରଶାନ୍ତ କୁମାର ସାହୁ ଢେଙ୍କାନାଳରେ ଏକ ଜେରକ୍ସ ସେଣ୍ଟର୍ ଖୋଲିଥିଲେ । ସେ ସେହି ଦୋକାନରେ କମ୍ପ୍ୟୁଟର ଦ୍ୱାରା ନକଲି ସାର୍ଟିଫିକେଟ୍ ପ୍ରସ୍ତୁତ କରୁଥିଲେ । କିଶୋର କୁମାର ବେହେରା ସାର୍ଟିଫିକେଟ୍ ପ୍ରସ୍ତୁତ ପାଇଁ ଆବଶ୍ୟକ କାଗଜ କଟକରୁ ପଠାଉଥିଲେ ବୋଲି ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ଡ. ଶ୍ରବଣୀ ବିବେକ ଏମ୍. ସୂଚନା ଦେଇଛନ୍ତି । ପ୍ରଶାନ୍ତଙ୍କ ଘର ଓ ଦୋକାନରୁ ବିପୁଳ ପରିମାଣର ମାଟ୍ରିକ୍‌ଠାରୁ ଆରମ୍ଭ କରି +୨ ସାର୍ଟିଫିକେଟ୍, ଧନ୍ଦାମୂଳକ ଶିକ୍ଷା, ଇଞ୍ଜିନିୟରିଂ, ହୋମିଓପାଥି ଡାକ୍ତରୀ ସାର୍ଟିଫିକେଟ୍, ଏପରିକି ଆନ୍ଧ୍ରର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ କଲେଜର ବିଏଡ୍ ସାର୍ଟିଫିକେଟ୍, ଛତିଶଗଡ଼ର ମାଟ୍ରିକ୍ ସାର୍ଟିଫିକେଟ ଆଦି ଜବତ କରାଯାଇଛି । ଏଥିସହ ବିଭିନ୍ନ ଶିକ୍ଷାନୁଷ୍ଠାନର ଲୋଗୋ, ଅଧିକାରୀଙ୍କ ଷ୍ଟାମ୍ପ, କମ୍ପ୍ୟୁଟର, ହାର୍ଡଡିସ୍କ ଓ ପ୍ରିଣ୍ଟର୍ ଆଦି ପୋଲିସ ଜବତ କରିଛି । ସେହିପରି ଦୈତାରିଙ୍କ ଗୋଟିଏ ବ୍ୟାଙ୍କ ଆକାଉଣ୍ଟକୁ ମଧ୍ୟ ପୋଲିସ ଫ୍ରିଜ୍ କରିଥିବା ସୂଚନା ଦିଆଯାଇଛି ।

ସୂଚନାଯୋଗ୍ୟ, ଗୋଷାଣୀନୂଆଗାଁ ଥାନା ଅଞ୍ଚଳରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଶିକ୍ଷକତା କରୁଥିବା ମନୋରଞ୍ଜନ ଗୌଡ଼ ଅଭିଯୁକ୍ତ ଦୈତାରିଙ୍କ ସହଯୋଗରେ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରସ୍ଥିତ ଆଚାର୍ଯ୍ୟ ନାଗାର୍ଜୁନ ବିଶ୍ୱବିଦ୍ୟାଳୟରେ ବିଏଡ୍ ପାଇଁ ତାଙ୍କ ସ୍ତ୍ରୀଙ୍କ ନାମ ଲେଖାଇଥିଲେ । ୨୦୧୯ରେ ତାଙ୍କର ବିଏଡ୍ ପାଠ୍ୟକ୍ରମ ଶେଷ ହୋଇଥିଲା । କିନ୍ତୁ ସାର୍ଟିଫିକେଟ୍ ଦେବା ପରିବର୍ତ୍ତେ ସେ ନାନା ବାହାନା କରୁଥିଲେ । ମନୋରଞ୍ଜନ ନିଜେ ବିଶ୍ୱବିଦ୍ୟାଳୟ ଯାଇ ସାର୍ଟିଫିକେଟ୍ ଆଣିବାକୁ କହିବାରୁ, ଦୈତାରି ଏହାକୁ ବାରଣ କରିବା ସହ ୪ଟି ସେମିଷ୍ଟର ପରୀକ୍ଷାଫଳ ଓ ପ୍ରୋଭିଜନାଲ୍ ସାର୍ଟିଫିକେଟ୍ ଦେଇଥିଲେ । ଏସବୁ ବାବଦରେ ମନୋରଞ୍ଜନଙ୍କଠାରୁ ସେ ଲକ୍ଷାଧିକ ଟଙ୍କା ନେଇଥିଲେ । କିନ୍ତୁ ଏହି ସାର୍ଟିଫିକେଟକୁ ନେଇ ସନ୍ଦେହ ହେବାରୁ ମନୋରଞ୍ଜନ ଗୁଣ୍ଟୁରରେ ଥିବା ବିଶ୍ୱବିଦ୍ୟାଳୟକୁ ଯାଇ ଘଟଣା ସମ୍ପର୍କରେ ବୁଝିବାରୁ, ତାଙ୍କ ସ୍ତ୍ରୀଙ୍କ ପ୍ରଥମ ଓ ତୃତୀୟ ସେମିଷ୍ଟର ପରୀକ୍ଷାଫଳ ସ୍ଥଗିତ (ଉଇଥହେଲ୍ଡ) ହୋଇଛି । ତାଙ୍କୁ ଯେଉଁ ପ୍ରୋଭିଜନାଲ୍ ସାର୍ଟିଫିକେଟ୍ ଦିଆଯାଇଛି ତାହା ନକଲି । ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଏହି ଘଟଣାର ତଦନ୍ତ ଆରମ୍ଭ କରିବା ପରେ ଏହାର ପର୍ଦ୍ଦାଫାଶ ହୋଇଥିଲା ।

# ଦ୍ୱିତୀୟ ପର୍ଯ୍ୟାୟ ସାକ୍ଷ୍ୟ ଗ୍ରହଣ

**କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲା**



ଭଦ୍ରକ ଅଫିସ, ୨୪।୪

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ଭଦ୍ରକ ଜିଲା ଦୌରାଜଜ୍ କୋର୍ଟରେ ସୋମବାର ଦ୍ୱିତୀୟ ପର୍ଯ୍ୟାୟ ସାକ୍ଷ୍ୟ ଗ୍ରହଣ କରାଯାଇଛି । ପ୍ରଥମ ସାକ୍ଷୀ ବାଂଶଡ଼ା ଥାନା ଅଧୀନ ସଦାନନ୍ଦପୁର ଗ୍ରାମର ଦେବାଶିଷ ଜେନାଙ୍କଠାରୁ ଦ୍ୱିତୀୟ ପର୍ଯ୍ୟାୟ ସାକ୍ଷ୍ୟ ଗ୍ରହଣ ହୋଇଛି । ଅଭିଯୁକ୍ତ ଶର୍ମିଷ୍ଠା ରାଉତ, ସହଯୋଗୀ ଝୁନା ଭୋଇ, କୃଷ୍ଣଚନ୍ଦ୍ର ନାୟକ ଓ ଭାଗ୍ୟଧର ନାୟକ ଏବେ ଭଦ୍ରକ ଜେଲ୍‌ରେ ବିଚାରାଧୀନ ବନ୍ଦୀ ଭାବେ ଅଛନ୍ତି । ସେମାନଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ଜେଲରୁ ଆଣି କୋର୍ଟରେ ହାଜର କରାଯାଇଥିଲା । ସେହିପରି ବେଲ୍‌ରେ ଯାଇଥିବା ଅଭିଯୁକ୍ତ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ପୂର୍ବତନ ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ମଧ୍ୟ କୋର୍ଟରେ ହାଜର ହୋଇଥିଲେ । ଅଭିଯୁକ୍ତଙ୍କ ଓକିଲମାନେ ଦେବାଶିଷଙ୍କୁ ଅନେକ ପ୍ରଶ୍ନ ପଚାରି ଥିବାବେଳେ ସେ ଠିକ୍ ଭାବେ ଉତ୍ତର ଦେଇଥିବା ସରକାରୀ ଓକିଲ ପ୍ରଦୀପ୍ତ କୁମାର ସାମଲ କହିଛନ୍ତି ।

# ରାଜ୍ୟରେ ବିଦ୍ୟୁତ୍ କାଟ୍ ନୁହେଁ, ଓଭରଲୋଡିଂ ପାଇଁ ପାୱାର ଟ୍ରିପ୍ କରୁଛି: ଶକ୍ତିମନ୍ତ୍ରୀ

**ଭୁବନେଶ୍ୱର,୨୪।୪(ବ୍ୟୁରୋ):** ରାଜ୍ୟରେ ବିଦ୍ୟୁତ୍ କାଟ ହେଉନି । ଓଭର ଲୋଡିଂ ପାଇଁ ପାୱାର ଲାଇନ ଟ୍ରିପ୍ କରି ଯାଉଛି । ରାଜ୍ୟରେ ବିଦ୍ୟୁତ ଯୋଗାଣର ଅଭାବ ନାହିଁ ବୋଲି ଶକ୍ତି ମନ୍ତ୍ରୀ ପ୍ରତାପ ଦେବ ସୋମବାର କହିଛନ୍ତି । ପିକ୍ ପିରିୟଡରେ ରାଜ୍ୟରେ ୫, ୬୦୦ ମେଗାୱାଟ ବିଜୁଳିର ଆବଶ୍ୟକତା ରହୁଛି । ଗତ ବର୍ଷ ଏହା ୫,୫୦୦ ମେଗାୱାଟ ରହିଥିଲା । ଅନେକ ଜାଗାରେ ଓଭର ଲୋଡିଂ ଦ୍ୱାରା ପାୱାର ଲାଇନ ଟ୍ରିପ ହେଇ ଯାଉଛି । ବିଶେଷ କରି ଭୁବନେଶ୍ୱର ଅଞ୍ଚଳରେ ଗୋଟେ ଥର ଲାଇନ ଟ୍ରିପ୍ ସଜାଡିବା ପାଇଁ ୩ରୁ ୪ ଘଣ୍ଟା ଲାଗୁଛି । ଗାଁ ଗହଳିରେ ଏହି ସମୟ ଆଉ ଟିକିଏ ଅଧିକ ସମୟ ନେଉଛି । କେମିତି ନିରବଚ୍ଛିନ୍ନ ବିଜୁଳି ଯୋଗାଇ ଦିଆଯିବ ସେ ନେଇ ସରକାର ଅବିରତ ଉଦ୍ୟମ ଜାରି ରଖିଛନ୍ତି । ଯେଉଁଠି ଲାଇନ କଟି ଯାଇଛି, ତାର ଛିଣ୍ଡି ଯାଇଛି କି ଟ୍ରାନ୍ସଫର୍ମର ପୋଡି ଯାଇଛି ଯଦି ସେଠି ଲୋକେ କହିବା ପରେ ବି କେହି ଅଧିକାରୀ ଯାଉନାହାନ୍ତି ସେଥିପାଇଁ ୨ ଦିନ ତଳେ ସବୁ ଅଧିକାରୀଙ୍କୁ ଡାକି ତାଗିଦ କରିଛୁ ବୋଲି ମନ୍ତ୍ରୀ କହିଛନ୍ତି ।

## ପ୍ରଥମ ପୃଷ୍ଠାରୁ...

### ଇ-ଯାନ ଉପରେ...

୨୦୨୫ ସୁଦ୍ଧା ରାଜ୍ୟରେ ଶତକଡ଼ା ୨୦ ପ୍ରତିଶତ ଇଲେକ୍ଟ୍ରିକ୍ ଯାନ ପଞ୍ଜୀକରଣ ଲକ୍ଷ୍ୟ ନେଇ ଉକ୍ତ ପଲିସି କାର୍ଯ୍ୟକାରୀ କରାଯାଇଛି । ଏହି ନୀତିରେ ବିଭିନ୍ନ ବର୍ଗର ବୈଦ୍ୟୁତିକ ଯାନ ପାଇଁ ଉଭୟ ଉପଭୋକ୍ତା ଓ ଗାଡ଼ିନିର୍ମାତାଙ୍କ ପାଇଁ ରିହାତି ବ୍ୟବସ୍ଥା କରାଯାଇଛି । ଇ-ଯାନରେ ରାଜ୍ୟ ସରକାର ୧୫ ପ୍ରତିଶତ ରିହାତି ଦେଉଛନ୍ତି । ଦୁଇଚକିଆ ଯାନ ପାଇଁ ସର୍ବାଧିକ ୫ ହଜାର ଓ ୩ ଚକିଆ ପାଇଁ ୧୦ ହଜାର ଏବଂ ୪ ଚକିଆ ପାଇଁ ୫୦ ହଜାର ଟଙ୍କା ରିହାତି ଦେବା ବ୍ୟବସ୍ଥା ରହିଛି । ସେହିପରି ଇଲେକ୍ଟ୍ରିକ୍ ବସ୍ ପାଇଁ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ଦେବା ବ୍ୟବସ୍ଥା ରହିଛି । ସରକାରୀ କର୍ମଚାରୀଙ୍କ ପାଇଁ ମଧ୍ୟ ସରକାର ଅଗ୍ରିମ ଦେବାକୁ ଘୋଷଣା କରିଛନ୍ତି । ଯେଉଁ କର୍ମଚାରୀ ଇ-ଯାନ କିଣିବେ ସେମାନଙ୍କୁ ଗାଡ଼ି ମୂଲ୍ୟର ୭୫ ପ୍ରତିଶତ ଅର୍ଥ ଆଗୁଆ ବା ଆଡ୍‌ଭାନ୍ସ ଆକାରରେ ଦିଆଯିବ । ଇଲେକ୍ଟ୍ରିକ୍ କାର ପାଇଁ ଗ୍ରୁପ୍-ଏ ଏବଂ ଗ୍ରୁପ୍-ବି କର୍ମଚାରୀଙ୍କୁ ଗାଡ଼ି ମୂଲ୍ୟର ୭୫ ପ୍ରତିଶତ ଅର୍ଥାତ୍ ୧୫ ଲକ୍ଷ ଏବଂ ୨ ଚକିଆ ଯାନ ପାଇଁ ଗ୍ରୁପ୍-ସି ଓ ଡି କର୍ମଚାରୀଙ୍କୁ ଆଡ୍‌ଭାନ୍ସ ଆକାରରେ ଯାନମୂଲ୍ୟର ୭୫ ପ୍ରତିଶତ ଅର୍ଥାତ୍ ସର୍ବାଧିକ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯିବା ବ୍ୟବସ୍ଥା ରହିଛି । ଏହି ଆଡ୍‌ଭାନ୍ସ ଅର୍ଥ କର୍ମଚାରୀମାନଙ୍କ ଦରମାରୁ ୧୦୦ ମାସ ଇନ୍‌ଷ୍ଟଲମେଣ୍ଟ ଆକାରରେ କଟାଯିବ । ଉପରୋକ୍ତ ନିଷ୍ପତ୍ତି ସହିତ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋଟ ୧୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି ।

### ୮୬୬ ନୂଆ ସେତୁ...

ପାଇଁ (୨୦୨୩-୨୪) ୫,୮୧୨ କୋଟି ଟଙ୍କା ବିନିମୟରେ ୯୪୬ଟି ସେତୁ ପାଇଁ ଅନୁମୋଦନ କରାଯାଇଥିଲା । ସେଥିରୁ ଚାଲୁରହିଥିବା ୩୯୬ ଓ ୫୫୦ ନୂତନ ସେତୁ ରହିଛି । ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ ଉକ୍ତ ଅବଧିକୁ ବୃଦ୍ଧି କରାଯାଇଛି । ଉଲ୍ଲେଖଯୋଗ୍ୟ, ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଥିବା ସମସ୍ତ ଅସଂଯୋଜିତ ସ୍ଥାନଗୁଡ଼ିକୁ ସେତୁ ମାଧ୍ୟମରେ ଯୋଡ଼ିବା ଲକ୍ଷ୍ୟ ରଖି ରାଜ୍ୟ ସରକାର ୨୦୧୧-୧୨ରୁ ବିଜୁ ସେତୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଉକ୍ତ ଯୋଜନାରେ କେତେକ ଗୁରୁତ୍ୱପୂର୍ଣ୍ଣ ପଞ୍ଚାୟତ ରାସ୍ତାରେ ସେତୁ ନିର୍ମାଣ ପାଇଁ ମଧ୍ୟ ବ୍ୟବସ୍ଥା ରହିଛି । ରାଜ୍ୟର କୋଣ ଅନୁକୋଣରେ ସମସ୍ତଙ୍କ ନିକଟରେ ସବୁଦିନିଆ ଯାତାୟାତ ବ୍ୟବସ୍ଥା ପହଞ୍ଚାଇବା ଏହାର ଲକ୍ଷ୍ୟ ।

### ଆଉ ୧୦ ବର୍ଷ...

ହେବାକୁ ଯାଉଛି । ପୂର୍ବରୁ ଓଡ଼ିଶା ଖଣି ନିଗମ(ଓଏମ୍‌ସି) ସରକାରଙ୍କ ଅନୁମୋଦନ କ୍ରମେ ୨୦୧୮ରୁ ୨୦୨୩ ୫ ବର୍ଷ ପର୍ଯ୍ୟନ୍ତ ଭାରତୀୟ ହକି ଦଳର ପ୍ରାୟୋଜକତା ପାଇଁ ହକି ଇଣ୍ଡିଆ ସହ ଚୁକ୍ତି କରିଥିଲା । ଚୁକ୍ତିକୁ ବୃଦ୍ଧି କରିବା ପାଇଁ ହକି ଇଣ୍ଡିଆ ଅଧ୍ୟକ୍ଷଙ୍କ ଅନୁରୋଧ କ୍ରମେ ଓଏମ୍‌ସି ସରକାରଙ୍କ ଅନୁମୋଦନ ଲୋଡ଼ିଥିଲା । କ୍ୟାବିନେଟ ଅନୁମୋଦନ ପରେ ଓଏମ୍‌ସି ଆସନ୍ତା ୧୦ ବର୍ଷ ପର୍ଯ୍ୟନ୍ତ ଅର୍ଥାତ୍ ୨୦୨୩ ଫେବୃୟାରୀ ପହିଲାରୁ ୨୦୩୩ ଜାନୁୟାରୀ ୩୧ ପର୍ଯ୍ୟନ୍ତ ପ୍ରାୟୋଜକ ହେବ । ଏହି ସମୟ ମଧ୍ୟରେ ଓଏମ୍‌ସି ହକି ଇଣ୍ଡିଆକୁ ୪୩୪.୧୨ କୋଟି ଟଙ୍କା ପ୍ରଦାନ କରିବ । ହକି ଇଣ୍ଡିଆ ସହ ରାଜ୍ୟର ଭାଗୀଦାରି ଦେଶର କ୍ରୀଡ଼ା ପୁନରୁଦ୍ଧାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଟୋକିଓ ଅଲିମ୍ପିକ୍ସରେ ପୁରୁଷ ହକି ଦଳ ୪୧ ବର୍ଷ ପରେ ବ୍ରୋଞ୍ଜ ପଦକ ଜିତିଥିବାବେଳେ ମହିଳା ଦଳ ପ୍ରଥମ ଥର ପାଇଁ ସେମିଫାଇନାଲରେ ପ୍ରବେଶ କରିଥିଲା । ଓଡ଼ିଶାରେ ଯୁବବର୍ଗଙ୍କ ମଧ୍ୟରେ ହକି ଏକ ଲୋକପ୍ରିୟ କ୍ରୀଡ଼ା ହୋଇଥିବାରୁ ଏହି ନିଷ୍ପତ୍ତି ଦ୍ୱାରା କ୍ରୀଡ଼ାକୁ ଅଧିକ ପ୍ରୋତ୍ସାହନ ଦେବା ସହ ଅଧିକରୁ ଅଧିକ ଯୁବ ଖେଳାଳିଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଏଥିସହିତ ଏହା ଓଡ଼ିଶାକୁ ହକିର ବିଶ୍ୱସ୍ତରୀୟ କେନ୍ଦ୍ର ଭାବରେ ସୁଦୃଢ଼ କରିବାରେ ସହାୟକ ହେବ ।

### ପ୍ରତିବାଦ ପରେ...



ତ୍ରୁଟି ପାଇଁ ସରକାରଙ୍କୁ ସମାଲୋଚନା କରିଥିଲେ । ରାଜ୍ୟରେ ଓଡ଼ିଆ ଭାଷାର ପ୍ରଚଳନ ଉପରେ ଗୁରୁତ୍ୱାରୋପ କରୁଥିବା ରାଜ୍ୟ ସରକାର କହୁଥିବାବେଳେ ଏପରି ତ୍ରୁଟି କିପରି ହେଲା ବୋଲି ଭାଷାବିତ୍‌ମାନେ ସୋସିଆଲ୍ ମିଡିଆ ମାଧ୍ୟମରେ ପ୍ରଶ୍ନ କରିବା ଆରମ୍ଭ କରିଥିଲେ । ତେବେ ଏନେଇ ସୋମବାର ଓଏସ୍‌ଏସ୍‌ସି ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ପ୍ରଶ୍ନରେ ହୋଇଥିବା ତ୍ରୁଟିକୁ ଓଏସ୍‌ଏସ୍‌ସି ସ୍ୱୀକାର କରିବା ସହ ରବିବାର ହୋଇଥିବା ପରୀକ୍ଷାକୁ ବାତିଲ କରିଦେଇଛି । ଅନ୍ୟପକ୍ଷେ ଏଭଳି ତ୍ରୁଟି ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଓଏସ୍‌ଏସ୍‌ସି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି । ତେବେ ବାତିଲ୍ ପରୀକ୍ଷାକୁ ପୁନର୍ବାର କରାଯିବ ଏବଂ ଏନେଇ ଆଶାୟୀମାନଙ୍କୁ ଖୁବ ଶୀଘ୍ର ଜଣାଇ ଦିଆଯିବ ବୋଲି ଓଏସ୍‌ଏସ୍‌ସି ପକ୍ଷରୁ ବିଜ୍ଞପ୍ତିରେ ସୂଚିତ କରାଯାଇଛି ।

### ୩୫ ଲକ୍ଷ ଚାଷୀଙ୍କୁ...

ଋଣ ଦିଆଯାଉଛି । ଚାଷୀ ପରିବାରର କଲ୍ୟାଣ ପାଇଁ କାଳିଆ ଶିକ୍ଷା ବୃତ୍ତି ପ୍ରଦାନ କରାଯାଉଛି । ଗଞ୍ଜାମର ଚାଷୀ ପରିବାରର ଜଣେ ପିଲା କିରଣ ସାହୁ କାଳିଆ ଶିକ୍ଷା ବୃତ୍ତି ପାଇ ବ୍ରହ୍ମପୁର ମେଡିକାଲ କଲେଜରେ ପଢ଼ିବା କଥା ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଏନେଇ ଖୁସିବ୍ୟକ୍ତ କରିଛନ୍ତି । ଚାଷୀଙ୍କୁ ବିନା ସୁଧରେ ଋଣ ଦେବାରେ ଏବଂ କାଳିଆ ପରି କଲ୍ୟାଣ ଯୋଜନା କରିବାରେ ଓଡ଼ିଶା ପ୍ରଥମ ରାଜ୍ୟ । ଆଜିର ସୁଧ ରିହାତି ଯୋଗୁ ଚାଷୀଙ୍କୁ ଟଙ୍କାଏ ମଧ୍ୟ ସୁଧ ଦେବାକୁ ପଡ଼ିଲା ନାହିଁ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ସେ ଆହୁରି କହିଛନ୍ତି, ଆମର ସମବାୟ ଆନ୍ଦୋଳନ ଆଜି ଶକ୍ତିଶାଳୀ ହୋଇଛି । ଫସଲ ଋଣର ୬୦% କେବଳ ସମବାୟ କ୍ଷେତ୍ର ହିଁ ଯୋଗାଉଛି । ଚାଷୀମାନେ ଓଡ଼ିଶାର ଗର୍ବ । ସେମାନଙ୍କ ପରିଶ୍ରମ ଓ ନିଷ୍ଠା ଯୋଗୁ କୃଷି କ୍ଷେତ୍ରରେ ଓଡ଼ିଶା ଦେଶର ଏକ ଆଗୁଆ ରାଜ୍ୟ ହୋଇପାରିଛି । ଚାଷୀଙ୍କ କଲ୍ୟାଣ ପାଇଁ କାମ କରୁଛନ୍ତି ଏବଂ ଆଗକୁ ମଧ୍ୟ କରିଚାଲିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

କାର୍ଯ୍ୟକ୍ରମରେ ଯୋଗଦେଇ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, ରାଜ୍ୟର କୃଷକଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ପ୍ରତିବଦ୍ଧତାର ସହ କାମ କରୁଛନ୍ତି । ବାରମ୍ବାର କୃଷି କର୍ମଣ ପୁରସ୍କାର ପାଇଁ ମନୋନୀତ ହେବା ହେଉଛି ଆମ ପ୍ରତିବଦ୍ଧତାର ପ୍ରମାଣ । ସମବାୟ ବିଭାଗ, କୃଷି ବିଭାଗ ଓ ଖାଦ୍ୟ ଯୋଗାଣ ବିଭାଗର ମିଳିତ କାର୍ଯ୍ୟକ୍ରମ ଯୋଗୁ ରାଜ୍ୟ ବର୍ତ୍ତମାନ ଏକ ଅଭାବୀରୁ ବଳକା ରାଜ୍ୟରେ ପରିଣତ ହୋଇଛି । କାର୍ଯ୍ୟକ୍ରମରେ ୩ ଜଣ ହିତାଧିକାରୀ ଋଣ ଉପରେ ସୁଧ ରିହାତି ଯୋଗୁ କିପରି ଚାଷ ଓ ବ୍ୟବସାୟ କରି ପରିବାରକୁ ସୁରୁଖୁରୁରେ ଚଳାଇ ପାରୁଛନ୍ତି ସେନେଇ ବର୍ଣ୍ଣନା କରିଛନ୍ତି । ସୁଧ ରିହାତି ଯୋଜନା ପାଇଁ ଅନେକ ପରିବାର ବର୍ତ୍ତମାନ ସ୍ୱାବଲମ୍ବୀ ହୋଇପାରିଛନ୍ତି । ସମବାୟ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରା ସ୍ୱାଗତ ଭାଷଣ ଦେଇଥିବା ବେଳେ ସମବାୟ ନିବନ୍ଧକ ଉଦ୍ଧବ ଚରଣ ମାଝି ଧନ୍ୟବାଦ ଅର୍ପଣ କରିଛନ୍ତି ।

### ଉତ୍ତରାଧିକାରୀ ଚୟନ...

ନିଆଯିବ ସେ ନେଇ ବର୍ନାର୍ଡ ପିଲାମାନଙ୍କୁ ତାଲିମ ମଧ୍ୟ ଦିଅନ୍ତି । ବର୍ତ୍ତମାନ ସୁଦ୍ଧା ବର୍ନାର୍ଡ ନିଜ ଉତ୍ତରାଧିକାରୀଙ୍କ ନାମ ଘୋଷଣା କରିନାହାନ୍ତି । ତେବେ ପ୍ରତ୍ୟେକଙ୍କ ପରାମର୍ଶ ନେବା ପରେ ବର୍ନାର୍ଡ ଶେଷ ନିଷ୍ପତ୍ତିରେ ପହଞ୍ଚିବେ ବୋଲି କହିଛନ୍ତି । ଏଲ୍‌ଭିଏମ୍‌ଏଚ୍ ବ୍ୟତୀତ ବୁଲ୍‌ଗାରି, ଟିଫାନୀ, ସେଫୋରା, ଡୋମ୍ ଭଳି ଏକାଧିକ ଲଗ୍‌ଜୁରୀ ବ୍ରାଣ୍ଡର ବର୍ନାର୍ଡ ମାଲିକ ଅଟନ୍ତି । କମ୍ପାନୀର ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବର୍ନାର୍ଡ ତାଙ୍କ ସନ୍ତାନମାନଙ୍କୁ ଦେଇଛନ୍ତି । ତାଙ୍କ ବଡ଼ ପୁଅ ଡଲ୍‌ଫିନ୍ ଖ୍ରୀଷ୍ଟିଆନ୍ ଡିଓରର ମୁଖ୍ୟ ପଦରେ ରହିଛନ୍ତି । ତାଙ୍କ ଭାଇ ଆଣ୍ଟୋନି ପରିବାରର ସମ୍ପତ୍ତି ଏବଂ ଏଲ୍‌ଭିଏମ୍‌ଏଚ୍‌ର ଆର୍ଥିକ କାରବାର ବୁଝନ୍ତି । ତୃତୀୟ ସନ୍ତାନ ଫ୍ରେଡେରିକ୍ ଟ୍ୟାଗ୍ ହୁଇରର ସିଇଓ ଭାବେ କାର୍ଯ୍ୟ କରୁଥିବାବେଳେ ଆଲେକ୍ସଜାଣ୍ଡର ଟିଫାନୀର ଏକ୍ଜିକ୍ୟୁଟିଭ୍ ଏବଂ ଜିନ୍ ଲୁଇସ୍ ଭୁଇଟୋନର ବ୍ରାଣ୍ଡ ଘଡ଼ିର ମାର୍କେଟିଂ କଥା ବୁଝୁଛନ୍ତି ।

### ଆମ୍ବ ତୋଟାରେ...

ବନ୍ତଳା ରେଞ୍ଜ ବଡ଼କନ୍ତକୁଳ ଗ୍ରାମର ମୁନି ଓ ଗୌରୀଙ୍କ ସହ ଅନ୍ୟକେତେଜଣ ମହିଳା ଭୋର୍ ସମୟରେ ଆମ୍ବ ତୋଟାକୁ ଯାଇଥିଲେ । ଅନ୍ଧାରୁଆ ସ୍ଥାନ ହୋଇଥିବାରୁ ସେଠାରେ ହାତୀ ଥିବା ସେମାନେ ଦେଖିପାରି ନ ଥିଲେ । ଫଳରେ ମୁନି ଓ ଗୌରୀ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ । ହାତୀ ଉଭୟଙ୍କୁ ଆକ୍ରମଣ କରୁଥିବା ଦେଖି ଅନ୍ୟମାନେ ଆମ୍ବତୋଟାରୁ ଦୌଡ଼ି ଗାଁକୁ ପଳାଇ ଆସି ଘଟଣା ସମ୍ପର୍କରେ କହିଥିଲେ । ଗ୍ରାମବାସୀ ଆମ୍ବତୋଟାରେ ପହଞ୍ଚିବା ବେଳକୁ ମୁନିଙ୍କ ମୃତ୍ୟୁ ହୋଇଯାଇଥିଲା । ଗୁରୁତର ଅବସ୍ଥାରେ ଥିବା ଗୌରୀଙ୍କୁ ସେମାନେ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ମୃତ ଗୌରୀ ରାଉଳଙ୍କ ପୁଅ ମକରଧ୍ୱଜ କହିଛନ୍ତି, ମା' ଶୌଚ ହେବାକୁ ପୋଖରୀକୁ ଯାଇଥିଲେ । ସାଙ୍ଗରେ ଅନ୍ୟ ମହିଳାମାନେ ମଧ୍ୟ ଥିଲେ । ହଠାତ୍ ହାତୀ ବାହାରି ଆକ୍ରମଣ କରିଥିଲା । ମା'ଙ୍କ ଅଣ୍ଟା ଭାଙ୍ଗିଯିବା ସହ ହାତରେ ଆଘାତ ଲାଗିଥିଲା । ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ତୁରନ୍ତ ବନ ବିଭାଗ କ୍ଷତିପୂରଣ ପ୍ରଦାନ କରିବାକୁ ମକରଧ୍ୱଜ ଦାବି କରିଛନ୍ତି । ଏ ସମ୍ପର୍କରେ ଅନୁଗୋଳ ଡିଏଫ୍‌ଓ ବିବେକ କୁମାର କହିଛନ୍ତି, ହାତୀ ଆକ୍ରମଣରେ ୨ ମହିଳାଙ୍କ ମୃତ୍ୟୁ ହୋଇଛି । ଆମ୍ବତୋଟା ନିକଟସ୍ଥ ଜଙ୍ଗଲରେ ୪ଟି ହାତୀ ରହିଥିଲେ । ତେଣୁ ଗାଁ ଲୋକଙ୍କୁ ଯିବାକୁ ବାରଣ କରାଯାଇଥିଲା । ଅନ୍ଧାର ସମୟରେ ନ ଯାଇ ସକାଳ ୬ଟା ପରେ ଯିବାକୁ ବାରମ୍ବାର ସଚେତନ କରାଯାଇଥିଲା । ସେଠାରେ ମୁତୟନ ଥିବା ହାତୀ ସ୍କ୍ୱାଡ୍ କର୍ମଚାରୀମାନେ ମଧ୍ୟ ଅନ୍ଧାରୁଆ ସମୟରେ ଯାଉଥିବା ମହିଳାମାନଙ୍କୁ ବାରଣ କରିଥିଲେ । କିନ୍ତୁ ସେମାନେ ନ ମାନିବାରୁ ଏପରି ଅଘଟଣ ଘଟିଥିଲା । ଏଣିକି ଜଙ୍ଗଲ ନିକଟସ୍ଥ ପଞ୍ଚାୟତର ସରପଞ୍ଚଙ୍କ ଅଧ୍ୟକ୍ଷତାରେ ଲୋକଙ୍କୁ ସଚେତନ କରାଯିବାକୁ ଯୋଜନା ହେଉଥିବା ଡିଏଫ୍‌ଓ ପ୍ରକାଶ କରିଛନ୍ତି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଶ୍ୱିନୀ ନକ୍ଷତ୍ରର କର୍ମକ୍ଷେତ୍ରରେ କଥା କଟାକଟିଜନିତ ମତାନ୍ତର ଆଶଙ୍କା ରହିଛି । ଅବଶ୍ୟ ପରକ୍ଷଣରେ ଅନ୍ୟାନ୍ୟ ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ ସମାଧାନ ହୋଇପାରେ । ଯାତ୍ରା, କର୍ମାରମ୍ଭ ଓ ଆନୁଷ୍ଠାନିକ କ୍ଷେତ୍ର ପାଇଁ କୌଣସି ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ । ସାମାଜିକ ସ୍ତରରେ ପଡ଼ୋଶୀ ପରାମର୍ଶ ଲୋଡ଼ିପାରନ୍ତି ।

**ବୃଷ** ଆଜି ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିବେ ଏବଂ ଚେଷ୍ଟା କରୁଥିବା କାମରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ । କିନ୍ତୁ ସାଧାରଣ କଥାରେ କୌଣସି ବିଜାତୀୟ ବ୍ୟକ୍ତିଙ୍କ ସହ କଳହ ଘଟିପାରେ । ଶିଳ୍ପ,ବାଣିଜ୍ୟ ଓ ବ୍ୟବସାୟରେ ଆଂଶିକ ସଫଳତା ପାଇବେ । କୌଣସି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ମନ ବଳାଇପାରନ୍ତି ।

**ମିଥୁନ** ମାନସିକ ସ୍ତରରେ ବ୍ୟଗ୍ରତା ଓ ଅସ୍ଥିରତା ଆଜିର ମୁଖ୍ୟ ସମସ୍ୟା ହେବ । କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା, ରପ୍ତାନି କାରବାରରେ କଳହ କିମ୍ବା ବନ୍ଧୁଙ୍କ ସହ ମତାନ୍ତର ଏହାର କାରଣ ହୋଇପାରେ । ଗତକାଲିଠାରୁ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ । ସାହାଯ୍ୟକରି ସମାଲୋଚିତ ହେବାକୁ ପଡ଼ିପାରେ ।

**କର୍କଟ** କର୍ମକ୍ଷେତ୍ରରେ ପ୍ରତିବନ୍ଧକ ମଧ୍ୟରେ ଗତିକରି କାର୍ଯ୍ୟ ହାସଲରେ ବିଫଳ ହେବେ । ସମାଲୋଚନା, ବନ୍ଧୁଙ୍କ ନିନ୍ଦା ଗାନ ଶୁଣି ମଧ୍ୟ ନୀରବ ରହିବେ । ରକ୍ତଚାପ ବୃଦ୍ଧି ପାଇବା କାରଣରୁ ଚିଡ଼ି ଚିଡ଼ି ହୋଇପାରନ୍ତି । ବ୍ୟବସାୟ, ନିର୍ମାଣ ଓ ପ୍ରଶାସନିକ ସ୍ତରରେ ଚେଷ୍ଟା କରୁଥିବା କାମରେ ସଫଳତା ହାସଲକରି ପ୍ରଶଂସିତ ହେବେ ।

**ସିଂହ** ଆଜି ସକାଳୁ କାର୍ଯ୍ୟକ୍ଷେତ୍ରକୁ ଶୀଘ୍ର ଯିବାକୁ ଆହ୍ୱାନ ଆସିପାରେ । ଜଞ୍ଜାଳ ଏତେ ମାତ୍ରାରେ ବଢ଼ିଯିବ ଯେ ସାମାନ୍ୟ ଫୁର୍‌ସତ୍ ପାଇବେ ନାହିଁ । ବିଭିନ୍ନ ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିତି ଠିକ୍ ରହି ନ ପାରେ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ହୋଟେଲ, ଯାନ୍ତ୍ରିକ ଶିଳ୍ପ ଓ ପରିବହନରେ ସଫଳତା ମିଳିବ ।

**କନ୍ୟା** ପରିବାରର ଅଶାନ୍ତ ପରିସ୍ଥିତି, ବନ୍ଧୁଙ୍କ ଅନୁଚିତ କାର୍ଯ୍ୟକଳାପ ଦୁଶ୍ଚିନ୍ତାର କାରଣ ହେବ । ମନ ଭଲ ନ ଥିବାରୁ ସଂଯମ ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ । ବ୍ୟବସାୟିକ କ୍ଷେତ୍ର, ନିର୍ମାଣ କାର୍ଯ୍ୟ, କଚେରି ମାମଲା ଦିଗରୁ ଆଶ୍ୱସ୍ତି ଲାଭର ସୂଚନା ପାଇବେ । ଅନ୍ୟମନସ୍କତା କେତେକ ବ୍ୟତିକ୍ରମର କାରଣ ପାଲଟିଯାଇପାରେ ।

**ତୁଳା** ଆଜି ଯାହା ଚାହୁଁଛନ୍ତି ତାହା କରିପାରିବେ, ପ୍ରତିବନ୍ଧକ ବିନା ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପାଇବେ । ଜମିଜମା କିମ୍ବା ନିର୍ମାଣ ଓ ସାଙ୍ଗଠନିକ କ୍ଷେତ୍ରରେ ବିତର୍କର ସମ୍ଭାବନା ରହିଛି । ଯାନବାହନ ଚାଳନାରେ ସତର୍କ ନ ରହିଲେ ଅସୁବିଧାର ସମ୍ମୁଖୀନ ହେବେ । ଆନୁଷ୍ଠାନିକ କ୍ଷେତ୍ରରେ ବ୍ୟବହାରିକ ବ୍ୟତିକ୍ରମ ବାଧା ସୃଷ୍ଟି କରିପାରେ ।

**ବିଛା** ନିର୍ଦ୍ଦିଷ୍ଟ ସମୟରେ ଆପଣଙ୍କ ଅନୁପସ୍ଥିତି ପାଇଁ କୈଫିୟତ ଦେବାକୁ ପଡ଼ିପାରେ । ଆସିବା ବାଟକୁ ଚାହିଁ ବସିଥିବା ବନ୍ଧୁଟି ବିରକ୍ତି ପ୍ରକାଶ କରିବ । ପୂର୍ବର ଅସୁବିଧାଜନକ ସମୟ କ୍ରମଶଃ ବଦଳିଯିବ ଓ ବନ୍ଧୁମାନେ ସହଯୋଗର ହାତ ବଢ଼ାଇବେ । ତଥାପି ଜ୍ୟେଷ୍ଠା ନକ୍ଷତ୍ରର ଆକସ୍ମିକ ଭାବରେ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ ।

**ଧନୁ** ପାରିବାରିକ ସମସ୍ୟାରୁ ଅଧିକାଂଶ ସମୟ ଅନ୍ୟମନସ୍କ ରହିବେ । ମାନସିକ ଅସ୍ଥିରତା ମଧ୍ୟରେ ପଡ଼ୋଶୀମାନେ ସାଧାରଣ କଥାରେ ମଧ୍ୟ କଳହ କରିବେ । ଆର୍ଥିକ ସ୍ଥିତି ଭଲ ରହିବ ଏବଂ ମୂଲ୍ୟବାନ୍ ଜିନିଷ ଖରିଦ କରିପାରନ୍ତି । ଆତ୍ମୀୟମାନେ ଆପଣଙ୍କ କାର୍ଯ୍ୟକୁ ପସନ୍ଦ ନ କଲେ ମଧ୍ୟ ମୁହଁ ଆଗରେ କିଛି କହିବେ ନାହିଁ ।

**ମକର** କର୍ମକ୍ଷେତ୍ରରେ ଘଟିଯାଇଥିବା ଯେଉଁ ବ୍ୟତିକ୍ରମ ପାଇଁ ଝମେଲାର ଆଶଙ୍କା କରୁଛନ୍ତି ସେମିତି କିଛି ହେବ ନାହିଁ । ପାରିବାରିକ କ୍ଷେତ୍ରରେ ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ । ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ସଭାସମିତିରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧି ପାଇବ । ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ ।

**କୁମ୍ଭ** ବୁଝାମଣା ଠିକ୍ ରହିବା ହେତୁ ବିବାଦ ଅପସରିଯିବ ଓ କାମ ମଧ୍ୟ ସନ୍ତୋଷଜନକ ରହିବ । ତଥାପି ପିଲାମାନଙ୍କ ସକାଶେ କୌଣସି ବ୍ୟକ୍ତିଙ୍କ ସହ ତର୍କର ସମ୍ମୁଖୀନ ହୋଇପାରନ୍ତି । ବ୍ୟବସାୟ, ବାଣିଜ୍ୟ ଓ କଳା, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ । ପାରିବାରିକ କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ ।

**ମୀନ** ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସୁସ୍ଥତା କେତେକାଂଶରେ ବାଧାପ୍ରାପ୍ତ ହେବ । ପାରିବାରିକ ସଦ୍‌ଭାବ ମନକୁ ବୁଝାଇବାରେ ସାହାଯ୍ୟ କରିବ । ବନ୍ଧୁ ଗହଣରେ ନିଜର ପ୍ରତିକ୍ରିୟା ପ୍ରକାଶ କରନ୍ତୁ ନାହିଁ, ମନାନ୍ତର ସୃଷ୍ଟି ହୋଇପାରେ । କର୍ମକ୍ଷେତ୍ରରେ ମଧ୍ୟ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ହେବ ନାହିଁ ।

ଆଜି ବୈଶାଖ ଶୁକ୍ଳ ୫ମୀଯୁକ୍ତ ଷଷ୍ଠୀ ମଙ୍ଗଳବାର, ଏପ୍ରିଲ ୨୫ ତାରିଖ, ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ, ବିଶ୍ୱ ମ୍ୟାଲେରିଆ, ଦାର୍ଶନିକ ଦିବସ । ରାଶିନକ୍ଷତ୍ର- ଆରଦ୍ରା/ମିଥୁନ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ଦିବା ଘ.୦୮।୩୫ ଗତେ, ଘ.୧୦।୨୯ ମଧ୍ୟେ, ଘ.୦୧।୦୦ ଗତେ, ଘ. ୦୧।୧୯ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ଣ ଘ.୦୨।୫୪ ଗତେ, ଘ.୦୪।୨୯ ମଧ୍ୟେ ରାହୁକାଳ ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ୨ ଭାଇ ମୃତ

ବୁଗୁଡ଼ା,୨୪।୪(ଡି.ଏନ.ଏ.): ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଖୋଲଖାଲି ଗ୍ରାମର ଏକ ପୋଖରୀରେ ବୁଡ଼ି ସୋମବାର ଦୁଇ ଭାଇଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଖୋଲଖାଲି ଗ୍ରାମ ମାଳିସାହିର ରଙ୍କନିଧି ଗୌଡ଼ଙ୍କ ବଡ଼ ପୁଅ ପୃଥ୍ୱୀରାଜ ଗୌଡ଼(୧୨) ଓ ସାନ ପୁଅ ଅଜୟ ଗୌଡ଼ (୭)। ସନ୍ଧ୍ୟାରେ ପୃଥ୍ୱୀ ଓ ଅଜୟ ଗାଧୋଇବାକୁ ଗାଁର ସୋଲ ବନ୍ଧକୁ ଯାଇଥିଲେ। ସେଠାରେ ଗାଧୋଇବା ବେଳେ ଅସାବଧାନତାବଶତଃ ସେମାନେ ବୁଡ଼ି ଯାଉଥିଲେ। ସ୍ଥାନୀୟ ଲୋକେ ଦୁଇ ଭାଇଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ବୁଗୁଡ଼ା ମେଡିକାଲ ଆଣିଥିଲେ ମଧ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ତହସିଲଦାର ସଂଗ୍ରାମ କେଶରୀ ଜେନା ଓ ଆଇଆଇସି ଚିତ୍ତରଞ୍ଜନ ବେହେରା ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ଏ ନେଇ ବୁଗୁଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### କୂଅରେ ଖସିପଡ଼ି ନାବାଳକଙ୍କ ମୃତ୍ୟୁ

**ଯାତ୍ରା ଦେଖିବାକୁ ମାମୁଁ ଘରକୁ ଆସିଥିଲେ**

କାମାକ୍ଷାନଗର, ୨୪।୪(ଡି.ଏନ୍.ଏ.)-ଯାତ୍ରା ଦେଖିବାକୁ ମାମୁ ଘରକୁ ଆସିଥିବାବେଳେ ଏକ ଖୋଲାକୂଅରେ ଖସିପଡ଼ି ଚାଲିଯାଇଛି ଜଣେ ନାବାଳକଙ୍କ ଜୀବନ। ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ସରଦେଈପୁର ଗ୍ରାମରେ ସୋମବାର ଘଟିଛି ଏଭଳି ଏକ ଅଘଟଣ। ମୃତକ ହେଲେ ତୁମୁସିଙ୍ଗା ଥାନା ବୋଲୁଅ ଗ୍ରାମର ବିରଞ୍ଚି ନାୟକଙ୍କ ୧୨ ବର୍ଷୀୟ ପୁଅ ଶୁଭମ୍ ନାୟକ। ପରିବାର ଲୋକଙ୍କ କହିବା କଥା, ଶୁଭମ୍ ପରିବାର ସଦସ୍ୟଙ୍କ ସହ ଯାତ୍ରା ଦେଖିବାକୁ ମାମୁ ଘରକୁ ରବିବାର ଆସିଥିଲେ। ଯାତ୍ରା ଚାଲିଥିବାବେଳେ ପରିସ୍ରା କରିବାକୁ ଆସିଥିବାବେଳେ ସେ ଏକ ଖୋଲା କୂଅରେ ଖସିପଡ଼ିଥିଲେ। ବିଳମ୍ବିତ ରାତିରେ ଘର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ସୋମବାର ସକାଳେ ଶୁଭମ୍‌ଙ୍କୁ ମୃତଦେହ କୂଅରେ ଭାସୁଥିବା ଦେଖି ଗ୍ରାମବାସୀ ପରିବାରକୁ ଅବଗତ କରାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତଦେହ କୂଅରୁ ବାହାର କରାଯାଇଥିଲା। କାମାକ୍ଷାନଗର ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କାମାକ୍ଷାନଗର ମେଡିକାଲକୁ ପଠାଇଥିଲା। ଶୁଭମ୍‌ଙ୍କ ଏଭଳି ମୃତ୍ୟୁକୁ ନେଇ ମାମୁଘର ସରଦେଈପୁର ଏବଂ ନିଜ ଗାଁ ବୋଲୁଅରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ବିଦ୍ୟାଳୟ ଛୁଟି ତାଲିକା ପରିବର୍ତ୍ତନ ଦାବି

ଭୁବନେଶ୍ୱର,୨୪।୪(ବ୍ୟୁରୋ) - ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକଙ୍କ ଛୁଟିକୁ ବିଭିନ୍ନ ଆଳରେ କାଟ କରାଯାଉଥିବା ନୂତନ ପେନ୍‌ସନ ଯୋଜନାଭୁକ୍ତ ମାଧମିକ ଶିକ୍ଷକ ସଂଘ ଅଭିଯୋଗ କରିଛି। ଏଥିସହ ମାଧମିକ ଶିକ୍ଷା ନିର୍ଦ୍ଦେଶାଳୟ ଏହି ଛୁଟି ତାଲିକା ପରିବର୍ତ୍ତନ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ସରକାର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ୮୨ ଦିନ ଛୁଟି ପ୍ରଦାନ କରୁଛନ୍ତି ବୋଲି ବାର୍ଷିକ ଛୁଟି କ୍ୟାଲେଣ୍ଡରରେ ପ୍ରକାଶ କରୁଛନ୍ତି। ତାହା ମଧରେ ୮ଦିନ ବିଦ୍ୟାଳୟରେ ରହିବାକୁ ପଡିଥାଏ। ଗୁରୁଦିବସ, ଗଣେଶ ପୂଜା, ସରସ୍ୱତୀ ପୂଜା ଆଦିକୁ ସରକାର ଛୁଟି ତାଲିକାରେ ସ୍ଥାନିତ କରିଛନ୍ତି। କିନ୍ତୁ ବାସ୍ତବରେ ଶିକ୍ଷୟିତ୍ରୀଶିକ୍ଷକମାନେ ଉକ୍ତଦିନ ବିଦ୍ୟାଳୟ ଯାଇଥାନ୍ତି ଏବଂ ସମସ୍ତ କାର୍ଯ୍ୟ ସହ ମଧାହ୍ନ ଭୋଜନ ମଧ ଦିଆଯାଇଥାଏ। ସେହି ପାଳନ ଦିବସଗୁଡିକ କିପରି ଛୁଟି ଦିନ ହେଲା ବୋଲି ସଂଘ ପକ୍ଷରୁ ସରକାରଙ୍କୁ ପ୍ରଶ୍ନ କରିଛନ୍ତି ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ। ଏହାବ୍ୟତୀତ ସରକାର ବିଭିନ୍ନ ରବିବାରରେ ନାନାଦି ପ୍ରକାର ତାଲିମ୍, ପରୀକ୍ଷା କରି ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିୟୋଜିତ କରୁଛନ୍ତି। ବିଦ୍ୟାଳୟଗୁଡ଼ିକରେ ଅଧିକାଂଶ ସମୟରେ ଛୁଟି ଦିବସରେ ନାନାଦି କାର୍ଯ୍ୟକ୍ରମ ସହ ବିଦ୍ୟାଳୟର କାର୍ଯ୍ୟ କରିବାକୁ ପଡୁଥିବାରୁ ଶିକ୍ଷକମାନେ ଏକାଧିକ ଛୁଟି ହରାଉଛନ୍ତି। ଅନ୍ୟପଟେ ଖରା ଛୁଟିକୁ ଛୁଟିରେ ଗଣନା କରାଯାଉଥିଲେ ମଧ ନିକଟରେ ମୋ ସ୍କୁଲ ପକ୍ଷରୁ ସମସ୍ତ ଜିଲାର ଜିଲାପାଳଙ୍କୁ ଖରା ଛୁଟିରେ ଶିକ୍ଷୟିତ୍ରୀଶିକ୍ଷକମାନେ ରୋଷ୍ଟର ଡ୍ୟୁଟି କରିବେ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାକୁ ନେଇ ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ସରକାର ଛୁଟି ତାଲିକାକୁ ପରିବର୍ତ୍ତନ କରି ସ୍ପଷ୍ଟ ଛୁଟି ତାଲିକା ପ୍ରକାଶ କରନ୍ତୁ ବୋଲି ରାଜ୍ୟ ସଂଘ ସମ୍ପାଦକ ଅମରେନ୍ଦ୍ର ସ୍ୱାଇଁ, ମହାସଚିବ ବିଶ୍ୱଜିତ ବିଶ୍ୱାଳ, ମିଡ଼ିଆ ସମ୍ପାଦକ ଚନ୍ଦ୍ର କାନ୍ତ ପଣ୍ଡା, କୋଷାଧକ୍ଷ ପଞ୍ଚାନନ ଜେନା, ଆବାହକ ନିରୋଦ ରଥ ପ୍ରମୁଖ ଦାବି କରିଛନ୍ତି।

# 'ଭାରତ ବିଶ୍ୱର ଦ୍ରୁତ ବିକାଶଶୀଳ ରାଷ୍ଟ୍ରରେ ପରିଣତ ହୋଇଛି'

**ଜି-୨୦ 'ଭବିଷ୍ୟତର କାର୍ଯ୍ୟଶୈଳୀ ଓ ଦକ୍ଷତା ପ୍ରଦର୍ଶନୀ'ର ଦ୍ୱିତୀୟ ଦିବସ**

- ନିରନ୍ତର ଦକ୍ଷତା ବିକାଶ ଉପରେ କେନ୍ଦ୍ରମନ୍ତ୍ରୀଙ୍କ ଗୁରୁତ୍ୱାରୋପ
- ଲଜିଷ୍ଟିକ୍ସ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ପାଇଁ ଅପାର ସୁଯୋଗ ସୃଷ୍ଟି ହେବ
- ଚଳିତବର୍ଷ ୧୧ ବିଲିୟନ ଡଲାର ମୂଲ୍ୟର ଫୋନ୍ ବିଦେଶକୁ ରପ୍ତାନି ହୋଇଛି

ଭୁବନେଶ୍ୱର, ୨୪।୪ (ବ୍ୟୁରୋ)

ସୂଚନା ପ୍ରଯୁକ୍ତିକୁ ଆଧାର କରି ଭାରତ ବିଶ୍ୱର ଦ୍ରୁତ ବିକାଶଶୀଳ ରାଷ୍ଟ୍ରରେ ପରିଣତ ହୋଇଛି। ଭାରତକୁ ବିଶ୍ୱବ୍ୟାପୀ ଅଧିକ ସମ୍ମାନ ମିଳୁଛି ବୋଲି କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର କହିଛନ୍ତି। ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ପରିସରରେ ଜି-୨୦ ଶିକ୍ଷା ୱାର୍କିଂ ଗ୍ରୁପ୍‌ର ତୃତୀୟ ବୈଠକ ପରିପ୍ରେକ୍ଷୀରେ ଚାଲିଥିବା 'ଭବିଷ୍ୟତର କାର୍ଯ୍ୟଶୈଳୀ ଓ ଦକ୍ଷତା ପ୍ରଦର୍ଶନୀ'ର ସୋମବାର ଥିଲା ଦ୍ୱିତୀୟ ଦିବସ। କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ଏହି ସମ୍ମିଳନୀରେ ଲଜିଷ୍ଟିକ୍ସ କ୍ଷେତ୍ରରେ ସମନ୍ୱୟ, ଉପକୂଳ ଅର୍ଥ ବ୍ୟବସ୍ଥା ଏବଂ ଦୀର୍ଘ ସ୍ଥାୟିତ୍ୱ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଉଛି। ଉପକୂଳ ଅର୍ଥ ବ୍ୟବସ୍ଥାରେ ଦକ୍ଷତା ବିକାଶ ପରିଦୃଶ୍ୟ ପାଇଁ ଏସବୁ ଆଲୋଚନା ଜରୁରୀ। ଆଗାମୀ ଦିନରେ ଲଜିଷ୍ଟିକ୍ସ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ପାଇଁ ଅପାର ସୁଯୋଗ ସୃଷ୍ଟି ହେବ। ସେମି କଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ଦ୍ୱାରା ଏହାକୁ ସଶକ୍ତ କରାଗଲେ ନିବେଶ, ଉଦ୍ୟମିତା ଓ ନିଯୁକ୍ତି ପାଇଁ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇପାରିବ। ସୁଯୋଗର ପ୍ରତିନିଧିତ୍ୱ କରିବା ଏବଂ ଆହ୍ୱାନର ମୁକାବିଲା କରିବା ଲାଗି ସମଗ୍ର ବିଶ୍ୱ ପାଇଁ ଏହାଏକ ଗୁରୁତ୍ୱପୂର୍ଣ୍ଣ ସମୟ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ସେହିପରି ଦେଶରେ ମୋବାଇଲ ଫୋନ ଉତ୍ପାଦନ ସମ୍ପର୍କରେ ଉଦାହରଣ ଦେଇ କେନ୍ଦ୍ରମନ୍ତ୍ରୀ କହିଲେ, ୨୦୧୪ରେ ଭାରତରେ ବ୍ୟବହୃତ ୮୨% ମୋବାଇଲ ଫୋନ୍ ବାହାରୁ ଆମଦାନୀ କରାଯାଉଥିଲା। ମାତ୍ର ୨୦୨୨ରେ ଭାରତରେ ଉପଯୋଗ କରାଯାଉଥିବା ପ୍ରାୟ ୧୦୦% ମୋବାଇଲ ଫୋନ୍ ଆମ ଦେଶରେ ହିଁ ନିର୍ମାଣ କରାଯାଉଛି। ୨୦୧୪ରେ ଭାରତର ମୋବାଇଲ ଫୋନ ରପ୍ତାନି ସମ୍ପୂର୍ଣ୍ଣ ଶୂନ୍ୟ ସ୍ତରରେ ଥିବାବେଳେ ଚଳିତବର୍ଷ ୧୧ ବିଲିୟନ ଡଲାର ମୂଲ୍ୟର ଆପଲ୍ ଏବଂ ସାମ୍‌ସଙ୍ଗ ଫୋନ ବିଦେଶକୁ ରପ୍ତାନି କରିଛି। ଏବେ ବିଶ୍ୱର ବଡ଼ବଡ଼ ସେମି କଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ସ, ମୋବାଇଲ ଏବଂ ଅନ୍ୟାନ୍ୟ ଉତ୍ପାଦ ନିର୍ମାତା ଭାରତରେ ସେମାନଙ୍କ ସାମଗ୍ରୀ ତିଆରି ସହ ବିକ୍ରି ଓ ରପ୍ତାନି କରିବା ଲାଗି ଆଗ୍ରହୀ ହେଉଛନ୍ତି। ଦେଶରେ ଲଜିଷ୍ଟିକ୍ସ ଇକୋସିଷ୍ଟମ ଏବେ ଅଧିକ ଦକ୍ଷ ହୋଇପାରିଛି। ଭବିଷ୍ୟତରେ ସ୍କିଲିଂ, ଅପସ୍କିଲିଂ ଓ ରିସ୍କିଲିଂ ବା ନିରନ୍ତର ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରାଯିବ। ତେଣୁ ଦକ୍ଷତା ବିକାଶ ସବୁବେଳେ ଏକ ନିରନ୍ତର ପ୍ରକ୍ରିୟା ହୋଇ ରହିବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ସମାରୋହରେ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ସଚିବ ଅତୁଲ କୁମାର ତିୱାରୀ, ସିଆଇଆଇର ଭାରପ୍ରାପ୍ତ ଅଧକ୍ଷ ତଥା ଟିଭିଏସ ସପ୍ଲାଇ ଚେନ ସଲ୍ୟୁଶନ୍ସର ଉପସଭାପତି ଆର୍. ଦିନେଶ, ଡେଲଏଟ୍‌ର ଭାଗୀଦାର ଏନ୍.ଏସ୍.ଏନ୍. ମୂର୍ତ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ।



କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ର ଶେଖର ଓ ଅନ୍ୟ ଅତିଥିମାନେ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

### ଡିଜିଟାଲ କ୍ଷେତ୍ରରେ ଦକ୍ଷ ହେବେ ଛାତ୍ରୀଛାତ୍ର

- ଟିସିଆଇଟି ସହ 'ମୋ କଲେଜ'ର ଏମ୍‌ଓୟୁ

ଭୁବନେଶ୍ୱର,୨୪।୪(ବ୍ୟୁରୋ)

କଲେଜ ଛାତ୍ରୀଛାତ୍ରଙ୍କ ବୈଷୟିକ ଶିକ୍ଷାକୁ ସୁଦୃଢ଼ କରାଯିବା ସହ ସେମାନଙ୍କୁ ଡିଜିଟାଲ କ୍ଷେତ୍ରରେ ଦକ୍ଷ କରାଯିବ। ଏନେଇ ମୋ କଲେଜ ଅଭିଯାନ ପରିଚାଳନା ସଂଗଠନ ଓ ଟାଟା କମ୍ୟୁନିଟି ଇନିସିଏଟିଭ୍ ଟ୍ରଷ୍ଟ (ଟିସିଆଇଟି) ମଧରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। 'ମୋ କଲେଜ' ଅଧକ୍ଷ ଆକାଶ ଦାସ ନାୟକ ଓ ଟିସିଆଇଟି ସିଇଓ ଅନିତା ରାଜନ ଏହି ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଏମ୍‌ଓୟୁ ଅନୁସାରେ ରାଜ୍ୟର ବିଭିନ୍ନ ସରକାରୀ କଲେଜରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଡିଜିଟାଲ୍ ପାଠ୍ୟକ୍ରମ ଦିଆଯିବାର ବ୍ୟବସ୍ଥା କରାଯିବ। ଟିସିଆଇଟିର ଟାଟା ଷ୍ଟ୍ରାଇଭ୍ ଡିଜିଟାଲ୍ ସ୍କିଲ୍ ଟ୍ରେନିଂ ପ୍ରୋଗ୍ରାମରେ ବିଭିନ୍ନ କଲେଜ ପାଇଁ ଭିନ୍ନ ଭିନ୍ନ ଡିଜିଟାଲ କୋର୍ସ ରହିଛି। ଇଞ୍ଜିନିୟରିଂ ଓ ପ୍ରଫେସନାଲ୍ କଲେଜରେ ପିଲାଙ୍କୁ ଡିଜିଟାଲ୍ ଓ ଆଇଟି କ୍ଷେତ୍ରରେ ସୁଦୃଢ଼ କରିବାକୁ ସ୍ୱତନ୍ତ୍ର ପାଠ୍ୟକ୍ରମ ରହିଥିବାବେଳେ ବିଜ୍ଞାନ ଓ ଗଣିତରେ ସ୍ନାତକ ଥିବା କଲେଜର ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ସଚେତନତାମୂଳକ ପାଠ୍ୟକ୍ରମ ଦିଆଯିବ। ବିଶେଷ କରି ଯୁକ୍ତ୩ ଦ୍ୱିତୀୟ ଓ ତୃତୀୟ ବର୍ଷର ପିଲାଙ୍କ ପାଇଁ ଏହି ପାଠ୍ୟକ୍ରମ ରହିଛି। ଏହାଦ୍ୱାରା ରାଜ୍ୟର ବିଭିନ୍ନ କଲେଜରେ ପ୍ରାୟ ୫ ହଜାର ଛାତ୍ରୀଛାତ୍ର ଉପକୃତ ହେବେ। ଅନ୍ୟପକ୍ଷରେ, ନିର୍ଦ୍ଦିଷ୍ଟ ସମୟସୀମା ମଧରେ ଏହି ପାଠ୍ୟକ୍ରମ ସାରିଲେ ଛାତ୍ରଛାତ୍ରୀଙ୍କୁ ଟାଟା ଷ୍ଟ୍ରାଇଭ୍ ପକ୍ଷରୁ ନିଯୁକ୍ତି ଲାଗି ପ୍ରଶିକ୍ଷଣ ମିଳିବ।

## ଏଡିଆର୍ ରିପୋର୍ଟ

# ୨୬ ଆଞ୍ଚଳିକ ଦଳଙ୍କୁ ମିଳିଛି ୧୮୯ କୋଟି ଚାନ୍ଦା







**ଚାନ୍ଦା ସମ୍ପର୍କରେ ଘୋଷଣା କରି ନ ଥିବା ଦଳ**

**ବିଜେଡି, ଏଆଇଏଡିଏମ୍‌କେ, ଏନ୍‌ଡିପିପି, ଏସ୍‌ଡିଏଫ୍, ଏଆଇଏଫ୍‌ବି, ପିଏମ୍‌କେ ଏବଂ ଜେକେଏନ୍‌ସି**

ନୂଆଦିଲ୍ଲୀ,୨୪।୪(ପି.ଟି.)

୨୦୨୧-୨୨ ଆର୍ଥିକ ବର୍ଷରେ ଦେଶର ୨୬ଟି ଆଞ୍ଚଳିକ ଦଳଙ୍କୁ ମୋଟ ୧୮୯ କୋଟି ଟଙ୍କା ଚାନ୍ଦା ମିଳିଛି। ସେଥିରୁ ୮୫ ପ୍ରତିଶତ ଚାନ୍ଦା କେବଳ ୫ଟି ଦଳକୁ ଯାଇଛି। ତେବେ ବିଜେଡି, ଏଆଇଏଡିଏମ୍‌କେ, ଏନ୍‌ଡିପିପି, ଏସ୍‌ଡିଏଫ୍, ଏଆଇଏଫ୍‌ବି, ପିଏମ୍‌କେ ଏବଂ ଜେକେଏନ୍‌ସି ପାଇଥିବା ଚାନ୍ଦା ସମ୍ପର୍କରେ ଘୋଷଣା କରି ନ ଥିବା ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ରିପୋର୍ଟରେ କୁହାଯାଇଛି। ଏମାନଙ୍କୁ ବାଦ୍ ଦେଇ ଅନ୍ୟ ୨୬ ଆଞ୍ଚଳିକ ଦଳ ନିର୍ବାଚନ କମିଶନଙ୍କ ପାଖରେ ଦାଖଲ କରିଥିବା ଘୋଷଣାନାମା ଅନୁଯାୟୀ ସେମାନେ ୫,୧୦୦ଟି ଚାନ୍ଦାରୁ ମୋଟ ୧୮୯.୮୦୧ କୋଟି ଟଙ୍କା ପାଇଛନ୍ତି। ମୋଟ ଚାନ୍ଦାର ୮୫.୪୬ ପ୍ରତିଶତ ବା ୧୬୨.୨୧ କୋଟି ଟଙ୍କା ୫ଟି ଆଞ୍ଚଳିକ ଦଳକୁ ମିଳିଛି। ସେହି ଦଳଗୁଡ଼ିକ ହେଲେ ଟିଆର୍‌ଏସ୍, ଏଏପି, ଜେଡିୟୁ, ସମାଜବାଦୀ ପାର୍ଟି ଏବଂ ୱାଇଏସ୍‌ଆର୍ କଂଗ୍ରେସ। ଟିଆର୍‌ଏସ୍, ଏଏପି, ସମାଜବାଦୀ ପାର୍ଟି ଏବଂ ୱାଇଏସ୍‌ଆର୍ କଂଗ୍ରେସର ଚାନ୍ଦା ପରିମାଣ ପୂର୍ବ ବର୍ଷ ତୁଳନାରେ ବଢ଼ିଥିବାବେଳେ ଜେଡିୟୁ ଚାନ୍ଦା ହ୍ରାସ ପାଇଛି। ତେଲଙ୍ଗାନା ୧୪ ଚାନ୍ଦାରୁ ସର୍ବାଧିକ ୪୦.୯୦ କୋଟି ଟଙ୍କା ପାଇଥିବାବେଳେ ଏଏପି ୨,୬୧୯ଟି ଚାନ୍ଦାରୁ ମୋଟ ୩୮.୨୪ କୋଟି ପାଇଛି। ଜେଡିୟୁକୁ ୩୩.୨୬ କୋଟି ଟଙ୍କା ମିଳିଥିବାବେଳେ ଏସ୍‌ପି ଏବଂ ୱାଇଏସ୍‌ଆର୍-କଂଗ୍ରେସ ଯଥାକ୍ରମେ ୨୯.୮୦ କୋଟି ଏବଂ ୨୦ କୋଟି ଟଙ୍କା ପାଇଥିବା ଏଡିଆର୍ ରିପୋର୍ଟରେ ଦର୍ଶାଯାଇଛି। ୨୦୨୦-୨୧ ବର୍ଷରେ ଆର୍‌ଏଲ୍‌ଟିପି, ଜେଏମ୍‌ଏମ୍, ପିଡିଏଫ୍ ଏବଂ ଡିଏମ୍‌ଡିକେ ଦଳକୁ ଆଦୌ ଚାନ୍ଦା ମିଳି ନ ଥିବାବେଳେ ୨୦୨୧-୨୨ ବର୍ଷରେ ସେମାନେ ଚାନ୍ଦା ପାଇଥିବା ଘୋଷଣା କରିଛନ୍ତି। ଆର୍‌ଏଲ୍‌ଟିପିକୁ ୩ ଲକ୍ଷ ଟଙ୍କା, ଜେଏମ୍‌ଏମ୍‌କୁ ୧ ଲକ୍ଷ, ପିଡିଏଫ୍‌କୁ ୮୦,୦୦୦ ଏବଂ ଡିଏମ୍‌ଡିକେକୁ ୫୦, ୦୦୦ ଟଙ୍କା ଚାନ୍ଦା ମିଳିଛି। ଏଆଇଏଡିଏମ୍‌କେ, ଏସ୍‌ଡିଏଫ୍, ଏଆଇଏଫ୍‌ବି, ପିଏମ୍‌କେ ଏବଂ ଏଆଇୟୁଡିଏଫ୍ ଚାନ୍ଦାରେ ସର୍ବାଧିକ ହ୍ରାସ ଘଟିଛି। ଅନ୍ୟପକ୍ଷରେ ବିଜେଡି, ଏନ୍‌ଡିପିପି ଏବଂ ଜେକେଏନ୍‌ସି ୨୦୨୦-୨୧ ଏବଂ ୨୦୨୧-୨୨ରେ ୨୦,୦୦୦ ଟଙ୍କାରୁ ଊର୍ଦ୍ଧ୍ୱ କୌଣସି ଚାନ୍ଦା ପାଇ ନ ଥିବା ଏଡିଆର୍ ରିପୋର୍ଟରେ କୁହାଯାଇଛି।




# ଡିଲ୍‌ବେଳେ ବାଘ ଛାଲ ଜବତ, ୨ ଗିରଫ

**ଏସ୍‌ଟିଏଫ୍ ହାତରୁ ଖସିଗଲେ ଗ୍ରାହକ**

ଭୁବନେଶ୍ୱର,(ବ୍ୟୁରୋ)/ ଫୁଲବାଣୀ ଅଫିସ/ଖଜୁରିପଡ଼ା,୨୪।୪

ବାଘ ଛାଲ ବିକ୍ରି ପାଇଁ ଡିଲ ଚାଲିଥିବାବେଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସଟିଏଫ) କନ୍ଧମାଳ ଜିଲା ଖଜୁରିପଡ଼ା ଷ୍ଟେଟ୍ ବ୍ୟାଙ୍କ ଛକରେ ଚଢ଼ାଉକରି ଯୋଜନାକୁ ପଣ୍ଡ କରିବା ସହ ୨ ଅଭିଯୁକ୍ତ ଗିରଫ କରିଛି। ତେବେ ବାଘ ଛାଲ କିଣିବାକୁ ଆସିଥିବା ଜଣେ ଗ୍ରାହକ ଖସି ଯାଇଥିବା ଜଣାପଡିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଖଜୁରିପଡ଼ା ଥାନା ଆରାପାଜୁ ଅଞ୍ଚଳର ସୁଜିତ ରାଜସ୍ୱଦୀପ ଓ ଧନଞ୍ଜୟ ବେହେରା। ସେମାନଙ୍କଠାରୁ ଗୋଟିଏ କଲରାପତିଆ ବାଘ ଛାଲ ଜବତ ହୋଇଛି। ଏନେଇ ଏସ୍‌ଟିଏଫ୍ ଏକ ମାମଲା (ନଂ. ୮/୨୩) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଫୁଲବାଣୀ ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିଥିଲା। ଜାମିନ ନ ମିଳିବାରୁ ଅଭିଯୁକ୍ତଦ୍ୱୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଜବତ ବାଘ ଛାଲକୁ ଡେରାଡୁନ୍‌ସ୍ଥିତ ଡବ୍ଲ୍ୟୁଆଇଆଇ ନିର୍ଦ୍ଦେଶାଳୟକୁ ବାୟୋଲିଜିକାଲ ପରୀକ୍ଷା ନିମନ୍ତେ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତଦ୍ୱୟ ଜବତ ବାଘଛାଲକୁ ୮ ଲକ୍ଷ ଟଙ୍କାରେ ବିକ୍ରି କରିଥାନ୍ତେ ବୋଲି ତଦନ୍ତବେଳେ ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ତେବେ ଉକ୍ତ କଲରାପତରିଆ ବାଘକୁ କେଉଁଠି ଶିକାର କରାଯାଇଛି, ପୂର୍ବରୁ କେତେଥର ଅଭିଯୁକ୍ତଦ୍ୱୟ ଏପରି ବେଆଇନ କାରବାର କରିଛନ୍ତି, ତାହାର ଅଧିକ ତଥ୍ୟ ଜାଣିବାକୁ ଏସ୍‌ଟିଏଫ୍ ସେମାନଙ୍କୁ ରିମାଣ୍ଡରେ ଆଣିବାକୁ ଯୋଜନା ରଖିଛି। ସୂଚନା ମୁତାବକ, ଗିରଫ ଦୁଇ ଅଭିଯୁକ୍ତ ସୁଜିତ ଓ ଧନଞ୍ଜୟ ରବିବାର ସନ୍ଧ୍ୟାରେ ଖଜୁରିପଡା ନିକଟସ୍ଥ ଏକ ରାସ୍ତାରେ ବାଘ ଛାଲ ବିକ୍ରି ପାଇଁ ଗ୍ରାହକଙ୍କ ସହ ଡିଲ କରୁଥିଲେ। ଏହି ସମୟରେ ଏସିଟିଏଫ୍ ଟିମ ସାଦା ପୋଷାକରେ ସେଠାରେ ଅତର୍କିତ ଚଢାଉ କରିଥିଲା। ଫଳରେ ଅଭିଯୁକ୍ତମାନେ ଫେରାର ହେଉଥିବାବେଳେ କିଛି ବାଟ ଦୌଡିବା ପରେ ସେମାନଙ୍କୁ କାବୁ କରିଥିଲା ଟିମ୍। ହେଲେ ଗ୍ରାହକ ଜଣକ କୌଶଳକ୍ରମେ ଫେରାର ହୋଇଯାଇଥିବା ଜଣାପଡିଛି।


ଜବତ ବାଘଛାଲ ସହ ୨ଗିରଫ ଯୁବକ।

### ବଜ୍ରପାତରେ ୨ ଚାଷୀ ମୃତ

ଭବାନୀପାଟଣା,୨୪।୪(ସ୍ୱ.ପ୍ର.)

କଳାହାଣ୍ଡି ଜିଲା କଲମପୁର ବ୍ଲକ ମିନଗୁର ପଞ୍ଚାୟତ ଅନ୍ତର୍ଗତ ମାଟିଖାଲ ଗ୍ରାମରେ ସୋମବାର ସନ୍ଧ୍ୟାରେ ଝଡବର୍ଷା ସହ ବଜ୍ରପାତ ହୋଇଥିଲା। ଏଥିରେ ୨ଜଣ ଚାଷୀଙ୍କର ମୃତ୍ୟୁ ଘଟିଛି। ସେମାନେ ହେଲେ ଭଜମନ ଦଳପତି(୬୦) ଓ ତାଙ୍କ ସମ୍ପର୍କୀୟ ଭାଇ ପଙ୍କଜ ଦଳପତି(୫୦)। ଉଭୟେ ସନ୍ଧ୍ୟାରେ ନିଜ ତରଭୁଜ କିଆରିକୁ ଯାଇଥିବା ବେଳେ ବଜ୍ରପାତ ଘଟିଥିଲା। ଏଥିରେ ସେମାନେ ଖେତରେ ଟଳି ପଡିଥିଲେ। ଖବର ଲେଖା ହେବା(ରାତି ୯ଟା) ପର୍ଯ୍ୟନ୍ତ ମୃତଦେହ ତରଭୁଜ କିଆରିରେ ପଡି ରହିଛି। ଖବର ପାଇ ସ୍ଥାନୀୟ ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଥିବା କଲମପୁର ଥାନା ଅଧିକାରୀ ଯୁଗଳ ଶବର କହିଛନ୍ତି।



> ହେ ଅମୃତର ପୁତ୍ର ! ପ୍ରକୃତିକୁ ଅନୁସରଣ କରି ଜୀବନଯାପନ କରନାହିଁ। ଭଗବାନଙ୍କୁ ଅନୁସରଣ କରି ଜୀବନଯାପନ କର। ପ୍ରକୃତିକୁ ମଧ୍ୟ ବାଧ୍ୟ କର- ସେ ଯେପରି ତୁମର ଅନ୍ତର୍ଯ୍ୟାମୀ ଦେବତାଙ୍କୁ ମାନି ଜୀବନ ଯାପନ କରେ। **-ଶ୍ରୀଅରବିନ୍ଦ**

# ସୁଦାନ ସଙ୍କଟ

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣର ୧୪ ମାସ ପୂରୁଣୁ ଆଉ ଏକ ଭୟଙ୍କର ଯୁଦ୍ଧ ସ୍ଥିତି ଉପୁଜିଛି। ପ୍ରାୟ ସପ୍ତାହ ପୂର୍ବରୁ ଉତ୍ତର-ପୂର୍ବ ଆଫ୍ରିକୀୟ ଦେଶ ସୁଦାନରେ ସଂଘର୍ଷ ଦେଖାଦେଇଛି। ଏହି ଅଶାନ୍ତ ପରିସ୍ଥିତି ପାଇଁ ଦୁଇଟି ସଶସ୍ତ୍ର ଆଭ୍ୟନ୍ତରୀଣ ଗୋଷ୍ଠୀ ଦାୟୀ। ଗୋଟିଏ ପଟେ ସୁଦାନର ସେନା ଏବଂ ତାକୁ ବିରୋଧ କରୁଛି ସୁଦାନର ଅର୍ଦ୍ଧ ସାମରିକ ବାହିନୀ ବା ରାପିଡ୍ ସପୋର୍ଟ ଫୋର୍ସ ( ଆର୍‌ଏସ୍‌ଏଫ୍)। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବା ସଂଘର୍ଷରେ ୪୦୦ରୁ ଊର୍ଦ୍ଧ୍ୱ ଲୋକ ନିହତ ହେଲେଣି। ସେଠାରେ ଖାଦ୍ୟ, ପାନୀୟ ଜଳ ଓ ଔଷଧ ସଙ୍କଟ ଦେଖାଯାଇଛି। ବିଶ୍ୱର ଦରିଦ୍ର ଦେଶ ସୁଦାନର ଇତିହାସକୁ ଦେଖିଲେ ୧୯୫୬ରେ ସ୍ୱାଧୀନତା ପାଇବା ପରଠାରୁ ଏହାର ଶାସନରେ ଅସ୍ଥିରତା ଲାଗିରହିଛି ଓ ସେନା ସେଠାରେ ୬ ଥର କ୍ଷମତା ଦଖଲ କରିଛି। ୧୯୫୮ରେ ପ୍ରଥମ ଓ ଶେଷ ଥର ୨୦୨୧ରେ ରାଷ୍ଟ୍ରପତି ଓମାର ଅଲ ବସିରଙ୍କୁ ଗାଦିଚ୍ୟୁତ କରି ଜେନେରାଲ ଅବଦେଲ ଫାତହା ଅଲ ବୁର୍‌ହାନ୍ କ୍ଷମତା ହାତକୁ ନେଇଥିଲେ। ସେନା ହାତରେ କ୍ଷମତା ରଖିବା ଲାଗି ରାପିଡ୍ ସପୋର୍ଟ ଫୋର୍ସର ଜେନେରାଲ ଏମ୍.ଏଚ୍ ଡାଗଲୋ ସାହାଯ୍ୟ କରି ଆସୁଥିଲେ। ୨୦୨୩ ଶେଷ ସୁଦ୍ଧା ସେଠାରେ ନିର୍ବାଚନ କରି ଗଣସରକାର ପ୍ରତିଷ୍ଠା କରିବା ଲାଗି ବୁର୍‌ହାନ୍ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏବେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ସୂଚାଉଛି ଯେ, ସେମାନଙ୍କ ମଧ୍ୟରୁ କାହାର ବି କ୍ଷମତା ଛାଡ଼ିବାର ଇଚ୍ଛା ନାହିଁ। କେବଳ ସୁଦାନ ନୁହେଁ, ଏସୀୟ ରାଷ୍ଟ୍ର ମ୍ୟାନ୍‌ମାର(ପୂର୍ବନାମ ବର୍ମା)ର ଉଦାହରଣ ବିଶ୍ୱ ଦୃଶ୍ୟପଟରେ ଉଲ୍ଲେଖନୀୟ। ଦୀର୍ଘଦିନ ଧରି ସେନା ଶାସନରେ ରହି ମ୍ୟାନ୍‌ମାରରେ ଏକାଧିକ ନିର୍ବାଚନ କରାଯାଇଥିଲେ ବି ଗଣତନ୍ତ୍ରକୁ ସଫଳ କରାଇ ଦିଆଯାଇନାହିଁ। ୨୦୨୦ ସାଧାରଣ ନିର୍ବାଚନରେ ଗଣତନ୍ତ୍ର ସପକ୍ଷବାଦୀ ତଥା ନ୍ୟାଶ୍‌ନାଲ ଲିଗ୍ ଫର୍ ଡେମୋକ୍ରାସି (ଏନ୍‌ଏଲ୍‌ଡି) ନେତ୍ରୀ ଆଙ୍ଗ୍ ସାନ୍ ସୁଚି ବିପୁଳ ବିଜୟ ଲାଭ କରି କ୍ଷମତାକୁ ଆସିଥିଲେ ମଧ୍ୟ ସେନା ପୁନର୍ବାର ୨୦୨୧ରେ କ୍ଷମତା ଦଖଲ କରି ସୁଚିଙ୍କୁ ଗୃହବନ୍ଦୀ କରିଥିଲା। ବିଶ୍ୱରେ ଏଭଳି ଅନେକ ସେନା ଅଧିକାରୀ ଯେଉଁମାନଙ୍କୁ ଜୁଣ୍ଟା ବୋଲି କୁହାଯାଏ, ସେମାନେ କ୍ଷମତା ଦଖଲ କରି ହିଂସା ଓ ଏକଚ୍ଛତ୍ରବାଦକୁ ପ୍ରୋତ୍ସାହନ ଦିଅନ୍ତି। ୧୯୯୦ ଦଶକରୁ ବିଭିନ୍ନ ଦେଶରେ ମିଲିଟାରି ଶାସନ ଅନେକ ନିର୍ବାଚନ କରାଇଛି ଓ ପରେ ତାହାକୁ ନିଜ ସୁବିଧା ହେବା ଭଳି ରାଜନୈତିକ ଦଳ କିମ୍ବା ମୁଖ୍ୟମାନଙ୍କୁ ନିଯୁକ୍ତ କରିଛି। ୧୯୯୨ରେ ଆଲ୍‌ଜେରିଆ ଠାରୁ ଆରମ୍ଭ କରି ସୁଦାନ ଓ ମ୍ୟାନ୍‌ମାର ସମେତ ନାଇଜେରିଆ, କାମ୍ବୋଡିଆ, ଇଜିପ୍ଟ, ଥାଇଲାଣ୍ଡ, ମାଲି, ଚାଦ୍ ଏବଂ ଗତ ବର୍ଷ ବୁର୍‌କିନା ଫାସୋ ମିଲିଟାରି ଏକଚ୍ଛତ୍ରବାଦ ଶାସନକୁ ଚାଖିଛନ୍ତି। ବିଶେଷଜ୍ଞ କହନ୍ତି ଯେ, ଯେଉଁ ଦେଶରେ ରାଜନୈତିକ କାର୍ଯ୍ୟକ୍ରମ ଜୋର୍ ଧରେ, ସେଠାରେ ସେନା ଏବଂ କର୍ପୋରେଟ ବିରୋଧୀ ମନୋଭାବ ବୃଦ୍ଧି ପାଇଥାଏ।

> **ବିଶ୍ୱ ସମୁଦାୟ ସବୁବେଳେ ଗଣତନ୍ତ୍ରକୁ ପ୍ରାଧାନ୍ୟ ଦେଉଛି ଓ ସାମରିକ ଶାସନକୁ ନାପସନ୍ଦ କରିଆସିଛି। କିନ୍ତୁ ପୃଥିବୀର ଏହିଭଳି ମିଲିଟାରି ଶାସକଙ୍କୁ ଦମନ କରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ।**

ଉଲ୍ଲେଖନୀୟ ଯେ, ବିଶ୍ୱରେ ଯେତେସବୁ ଦେଶରେ ମିଲିଟାରି କ୍ଷମତା ଦଖଲ କରିଛି ଓ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ବାଟ ଛାଡ଼ିନି ସେଠାରେ ଆର୍ଥିକ ଏବଂ ସାମାଜିକ ଅସ୍ଥିରତା ଦେଖାଯାଇଛି। ବହୁ କ୍ଷେତ୍ରରେ ମାନବୀୟ ସଙ୍କଟ ସୀମା ଟପିଯାଉଛି। ନାଇଜେରିଆ, ସୁଦାନ, ମ୍ୟାନ୍‌ମାର ଓ ଚାଦକୁ ଦୃଷ୍ଟାନ୍ତ ରୂପେ ନିଆଯାଇପାରେ। ଏବେ ପାକିସ୍ତାନର ଅବସ୍ଥା ସେହି ସ୍ତରକୁ ଖସିଆସୁଛି। ବିଶ୍ୱ ସମୁଦାୟ ସବୁବେଳେ ଗଣତନ୍ତ୍ରକୁ ପ୍ରାଧାନ୍ୟ ଦେଉଛି ଓ ସାମରିକ ଶାସନକୁ ନାପସନ୍ଦ କରିଆସିଛି। କିନ୍ତୁ ପୃଥିବୀର ଏହିଭଳି ମିଲିଟାରି ଶାସକଙ୍କୁ ଦମନ କରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏଠାରେ ମନେରଖିବାକୁ ହେବ ଯେ, ଏକଚ୍ଛତ୍ରବାଦ କେବଳ ମିଲିଟାରି ଶାସକଙ୍କଠାରୁ ଆରମ୍ଭ ହୁଏନାହିଁ। ଚାଇନାର ଶି ଜିନ ପିଙ୍ଗ୍ ରୁଷିଆର ଭ୍ଲାଡିମିର ପୁଟିନ୍, ହଙ୍ଗେରୀର ଓର୍‌ବାନ୍‌ଙ୍କ ଭଳି ଅନେକ ରାଜନେତା ନିର୍ବାଚନ ମାଧ୍ୟମରେ କ୍ଷମତା ଦଖଲ କରିଥିବା ସତ୍ତ୍ୱେ ପରବର୍ତ୍ତୀ ସମୟରେ କ୍ଷମତା ଲୋଭ ସେମାନଙ୍କୁ ଏକଚ୍ଛତ୍ରବାଦୀ କରାଇଦେଇଛି। ଏହିସବୁ ଦେଶର ନେତାମାନେ ନିଜ ଦେଶର ଶକ୍ତିକୁ ଦେଖି ଅନେକ କାର୍ଯ୍ୟ କରୁଛନ୍ତି, ଯାହାଦ୍ୱାରା ତାଙ୍କର ନାଗରିକମାନେ ସତ୍ୟର ସନ୍ଧାନ କରିପାରୁନାହାନ୍ତି। ଅସତ୍ୟ କହି ଏବଂ ସେହି ଅସତ୍ୟକୁ ବାରମ୍ବାର ଲୋକଲୋଚନକୁ ଆଣି ତାହାକୁ ସତ୍ୟ ବୋଲି ପ୍ରମାଣ କରିଦେଇପାରୁଛନ୍ତି। ଓଡ଼ିଆରେ ଗୋଟିଏ ଢଗ ଅଛି 'ତିନି ତୁଣ୍ଡରେ ଛେଳି କୁକୁର'-ଉକ୍ତ ନୀତିରେ ବିଭିନ୍ନ ଅସତ୍ୟକୁ ବାରମ୍ବାର ଦୋହରାଇବା ପାଇଁ ମିଡିଆ ବା ଗଣମାଧ୍ୟମକୁ ପ୍ରଥମେ ଏହି ନେତାମାନେ ହାତେଇ ନେଉଛନ୍ତି। ସେଥିରେ ସଫଳତା ପ୍ରାପ୍ତି ହେଲା ପରେ ଗଣତାନ୍ତ୍ରିକ ପଦ୍ଧତିରେ ଜିଣିଥିବା ନେତା ସହଜରେ ଏକଚ୍ଛତ୍ରବାଦୀ ପାଲଟି ଯାଉଛନ୍ତି। କିଏ ବାହାରେ ଯୁଦ୍ଧ ଆରମ୍ଭ କରୁଛି ତ ଆଉ କିଏ ଦେଶ ଭିତରେ ଗୋଷ୍ଠୀ ସୃଷ୍ଟି କରି ହଣାକଟା ଆରମ୍ଭ କରିଦେଉଛି। ଏହା ହେଉଛି ଏକବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧିର ପୃଥିବୀ ପରିସ୍ଥିତି।



# ଦୁଇଚକିଆ ଯାନରେ ପିଲାଙ୍କ ସୁରକ୍ଷା

**ଈପ୍ସିତା ମହାନ୍ତି**

୨୦୨୨ ଡିସେମ୍ବର ୨୪ର କଥା। ପରିବାର ସହ ମିଗ୍‌ନଗରୀ ସୁନାବେଡା ଅଭିମୁଖେ ଯାତ୍ରା କରୁଥିବାବେଳେ ଆମ ଆଖି ସାମ୍ନାରେ ଘଟିଗଲା ଏକ ହୃଦୟବିଦାରକ ଘଟଣା। ୨୬ନଂ. ଜାତୀୟ ରାଜପଥ ଉପରେ ଆମ ଆଗେ ଆଗେ ନିଜ ସ୍ତ୍ରୀ ଓ ୩-୪ବର୍ଷର ପୁଅ ତୁଳାରାମକୁ ବସାଇ ଏକ ଦୁଇଚକିଆ ଯାନରେ ଜଣେ ଯୁବକ ଦ୍ରୁତଗତିରେ ଚାଲିଯାଉଥିଲେ। ଅକସ୍ମାତ ଗାଡିରୁ ଗଳିପଡି ନିରୀହ ବାଳକ ତୁଳାରାମ ଗୁରୁତର ହୋଇଥିଲା। ସଙ୍ଗେ ସଙ୍ଗେ ଜଣେ ବ୍ୟକ୍ତିଙ୍କ ସହଯୋଗରେ ସେ ପହଞ୍ଚି ଯାଇଥିଲା ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ। ତୁରନ୍ତ ଡାକ୍ତରୀସେବା ପାଇବାରୁ ତୁଳାରାମ ସେଦିନ ନିଶ୍ଚିତ ମରଣମୁହଁରୁ ଫେରି ଆସିଥିଲା ସତ କିନ୍ତୁ ବାସ୍ତବରେ ଆମ ଚାରିପାଖରେ ଏଭଳି ଘଟଣା ପ୍ରତ୍ୟହ ଘଟିଚାଲିଛି। ତଥାପି ଆମେ ଚେତୁନାହୁଁ।

ସଡ଼କ ଦୁର୍ଘଟଣାର ପରିସଂଖ୍ୟାନରେ ଭାରତର ସ୍ଥିତି ଆଜି ଚିନ୍ତାଜନକ। ବିଶ୍ୱରେ ସର୍ବାଧିକ ସଡ଼କ ଦୁର୍ଘଟଣା ଘଟୁଥିବା ୧୦ଟି ଦେଶ ମଧ୍ୟରେ ଭାରତ ଶୀର୍ଷରେ ଥିବା ମିଳିତ ଜାତିସଂଘର ରିପୋର୍ଟ କହୁଛି। ଆମ ଦେଶରେ ଦୁଇଚକିଆ ଯାନ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ଘଟିଛି। ଦେଶର କୋଣଅନୁକୋଣର ରାସ୍ତାଘାଟରେ ଆଜି ବିଭିନ୍ନ ନାମୀଦାମୀ କମ୍ପାନୀର ଦୁଇଚକିଆ ଯାନ ଆତଯାତ ହେଉଥିବା ଦୃଶ୍ୟମାନ ହେଉଛି। ଅଧିକାଂଶ ଚାଳକ ଦ୍ରୁତଗତି ସହ ଟ୍ରାଫିକ୍ ନିୟମର ଉଲ୍ଲଂଘନ ଏବଂ ସୁରକ୍ଷା ବ୍ୟବସ୍ଥାକୁ ଅବମାନନା କରି ଚାଲିଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି ବଡମାନଙ୍କର ଦାୟିତ୍ୱହୀନତା ପାଇଁ ଅନେକ ନିରୀହ ପିଲା ପ୍ରାଣ ହରାଉଛନ୍ତି। ଆକଳନ ଅନୁସାରେ ଭାରତରେ ଦୈନିକ ୩୧ ଜଣ ଶିଶୁ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ଏହା ସଡ଼କ ଦୁର୍ଘଟଣାଜନିତ ସମୁଦାୟ ମୃତ୍ୟୁ ସଂଖ୍ୟାର ପାଖାପାଖି ୮ ପ୍ରତିଶତ। ନିଜ ପିଲାଙ୍କ ନିରାପତ୍ତା ପ୍ରତି ଆମେ କେତେ ସଚେତନ ତାହା ଉପରେ ବିରାଟ ବଡ଼ ପ୍ରଶ୍ନଚିହ୍ନ ଲଗାଇଛି।

ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ୨୦୧୯ରେ ସଡ଼କ ଦୁର୍ଘଟଣାରେ ୧୧,୧୬୮ ପିଲାଙ୍କ ଜୀବନ ଯାଇଛି। ପୂର୍ବ ବର୍ଷ ତୁଳନାରେ ଏହା ୧୧.୯୪ ପ୍ରତିଶତ ଅଧିକ। ସେହିଭଳି ୨୦୨୦ରେ ୧୪ ବର୍ଷରୁ କମ୍ ବୟସର ୨୬ଶହ ଏବଂ ୧୮ ବର୍ଷରୁ କମ୍ ବୟସର ୧୪ହଜାର ପିଲା ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଏମାନଙ୍କ ମଧ୍ୟରୁ ବହୁ ସଂଖ୍ୟକ ପିଲା ନିଜ ଗୁରୁଜନଙ୍କ ସହ ଦୁଇଚକିଆ ଯାନରେ ବସି ଯାତ୍ରା କରୁଥିଲେ। ଆମ ଦେଶରେ ପ୍ରତ୍ୟହ ବହୁ ସଂଖ୍ୟକ ପିଲା ନିଜ ଅଭିଭାବକଙ୍କ ସହ ଦୁଇଚକିଆ ଯାନରେ ଯାତ୍ରା କରୁଛନ୍ତି, କିନ୍ତୁ ସେମାନଙ୍କ ସୁରକ୍ଷା ପାଇଁ ସେପରି କୌଣସି ବ୍ୟବସ୍ଥା ନାହିଁ। ତେଣୁ ଦୁର୍ଘଟଣା ଘଟିଲେ ପିଲାମାନେ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଅଧିକାଂଶ ଦୁର୍ଘଟଣା ଦ୍ରୁତଗତି ଏବଂ ଖାଲଖମା ରାସ୍ତା ଯୋଗୁ ଘଟୁଛି,



କିନ୍ତୁ ଅନେକ ସମୟରେ ସେଫ୍ଟି ହର୍ନସ ବେଲ୍ଟ ବିନା ପଛରେ ବସିଥିବା ପିଲାଙ୍କ ସୁରକ୍ଷା ବିଷୟରେ ଚିନ୍ତା କରୁଥିବାରୁ ଚାଳକଙ୍କ ଏକାଗ୍ରତା ଭଙ୍ଗ ହୋଇଥାଏ। ଏହା ମଧ୍ୟ ଦୁର୍ଘଟଣାର ଅନ୍ୟତମ ପ୍ରମୁଖ କାରଣ।

ଏଭଳି ଦୁର୍ଘଟଣାକୁ ଟାଳିବା ପାଇଁ ୨୦୨୨ ଫେବୃୟାରୀ ୧୫ରେ ନୂତନ ଟ୍ରାଫିକ୍ ନିୟମ ଜାରି କରାଗଲା। ତଦନୁଯାୟୀ ୨୦୨୩ ଫେବୃୟାରୀ ୧୫ଠାରୁ ୯ ମାସରୁ ୪ବର୍ଷ ବୟସର ପିଲାଙ୍କ ପାଇଁ ସେଫ୍ଟି ହର୍ନସ ବେଲ୍ଟ (ସୁରକ୍ଷା ସୂଚକ ପଟି) ପିନ୍ଧିବା ଅନିବାର୍ଯ୍ୟ। ଏଥିପାଇଁ କେନ୍ଦ୍ର ସରକାର ମୋଟର ଯାନ ଅଧିନିୟମ ୧୯୮୮ (୧୯୮୮ଏ ୫୯) ଧାରା ୧୩୭, ଖଣ୍ଡ (ଏଏ)ର କ୍ଷମତାକୁ ପ୍ରୟୋଗ କରିବା ସହ କେନ୍ଦ୍ରୀୟ ମୋଟର ଯାନ ନିୟମ ୧୯୮୯କୁ ସଂଶୋଧନ କରି କେନ୍ଦ୍ରୀୟ ମୋଟର ଯାନ (ଦ୍ୱିତୀୟ ସଂଶୋଧନ) ନିୟମ- ୨୦୨୨ ପ୍ରସ୍ତୁତ କରିଛନ୍ତି। କିନ୍ତୁ ଏଯାଏ ଠିକ୍ ଢଙ୍ଗରେ ଏହାର ଅନୁପାଳନ ହେଉନାହିଁ। କେବଳ ଛୋଟ ପିଲାଙ୍କ ପାଇଁ ସେଫ୍ଟି ହର୍ନସ ବେଲ୍ଟ ଏବଂ ହେଲ୍‌ମେଟ ପିନ୍ଧିବା ଅନିବାର୍ଯ୍ୟ ହୋଇନାହିଁ, ନିୟମ ଅନୁସାରେ କୌଣସି ପରିସ୍ଥିତିରେ ଜଣେ ଚାଳକ ଘଣ୍ଟା ପ୍ରତି ୪୦ କିଲୋମିଟରରୁ ଅଧିକ ବେଗରେ ଦୁଇଚକିଆ ଯାନ ଚଳାଇପାରିବେ ନାହିଁ। ନିୟମ ଅବମାନନାକାରୀଙ୍କ ପାଇଁ କଠୋର ଦଣ୍ଡ ଧାର୍ଯ୍ୟ ହୋଇଛି। କିନ୍ତୁ ଠିକ୍ ଯାଞ୍ଚ ବିନା ଏହାର ସଫଳତା ଆଶା କରାଯାଇ ନ ପାରେ।

ବାସ୍ତବରେ ପିଲାଙ୍କ ପାଇଁ ପ୍ରସ୍ତୁତ ସେଫ୍ଟି ହର୍ନସ ବେଲ୍ଟ ହେଉଛି ଏକ ନିୟନ୍ତ୍ରିତ ବେଲ୍ଟ, ଯାହାକୁ ଅଷ୍ଟ୍ରେଲିଆ, ଫ୍ରାନ୍ସ, ନେଦରଲାଣ୍ଡ୍ସ, ନ୍ୟୁଜିଲାଣ୍ଡ, ଜାପାନ ସମେତ ଦୁନିଆର ପ୍ରାୟ ୫୬ଟି ଦେଶର ପିଲା ବହୁ ପୂର୍ବରୁ ବ୍ୟବହାର କରିଆସୁଛନ୍ତି। କାଗଜ କଲମରେ ଆଇନ ତିଆରି ହୋଇଥିଲେ ମଧ୍ୟ ଭାରତରେ ଏ ପର୍ଯ୍ୟନ୍ତ ଛୋଟ ପିଲାଙ୍କ ପାଇଁ ଏଭଳି ସେଫ୍ଟି ହର୍ନ ବେଲ୍ଟ କିମ୍ବା ହେଲ୍‌ମେଟ ବାଧ୍ୟତାମୂଳକ ହୋଇନାହିଁ। ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ୯ ମାସରୁ ୪ବର୍ଷ ବୟସର ପିଲାଙ୍କ ପାଇଁ ସରକାର ୨୦୨୩ ଫେବୃୟାରୀ ୧୫ରୁ ସେଫ୍ଟି ହର୍ନସ ବେଲ୍ଟ ସହ ହେଲ୍‌ମେଟ ପରିଧାନକୁ ବାଧ୍ୟତାମୂଳକ କରିଛନ୍ତି। ନିୟମର ଉଲ୍ଲଂଘନ ପାଇଁ ପ୍ରଥମ ଥର ୧ହଜାର ଟଙ୍କା ଜରିମାନା ସହ ତିନିମାସ ପାଇଁ ଚାଳକଙ୍କ ଲାଇସେନ୍ସ ନିଲମ୍ବିତ କରାଯିବ। ଏଯାଏ କିନ୍ତୁ ଏହା ଠିକ୍ ଢଙ୍ଗରେ କାର୍ଯ୍ୟକାରୀ ହୋଇନି।

ପ୍ରଶ୍ନ ହେଉଛି, ଏହି ସେଫ୍ଟି ହର୍ନସ ବେଲ୍ଟ କ'ଣ ? ଏବଂ ଏହା କିପରି ଛୋଟପିଲାଙ୍କୁ ସୁରକ୍ଷା ଦେବ ? ସେଫ୍ଟି ହର୍ନସ ବେଲ୍ଟ ହେଉଛି ଦୁଇଚକିଆ ଯାନରେ ଯାତ୍ରା କରୁଥିବାବେଳେ ପିଲାମାନେ ପିନ୍ଧୁଥିବା ଏକ ନିୟନ୍ତ୍ରିତ ବେଲ୍ଟ। ଯଦିଓ ଏହି ବେଲ୍ଟଟିକୁ ପିଲାଟି ପିନ୍ଧି ଥାଏ, କିନ୍ତୁ ଏହାର ଏକ ଅଂଶ ଦୁଇଚକିଆ ଯାନର ଚାଳକଙ୍କ ସହିତ ସଂଲଗ୍ନ ହୋଇଥାଏ। ଏହି ବେଲ୍ଟକୁ ପିଲାଟି ସ୍କୁଲ ବେଲ୍ଟ ପରି ପିନ୍ଧିଥାଏ, ଯାହାର ଏକ ଅଂଶ ଦୁଇଚକିଆ ଯାନର ଚାଳକଙ୍କ ଅଣ୍ଟା କିମ୍ବା ପେଟ ସହ ନ ଖସିବା ଭଳି ବନ୍ଧା ଯାଇଥାଏ (ଲକ କରାଯାଇଥାଏ)। ଦୁଇଚକିଆ ଯାନର ଚାଳକଙ୍କ ସହିତ ପିଲାଟିକୁ ଏହା ଦୃଢ଼ ଭାବରେ ଧରି ରଖେ। ଯେଉଁଥିପାଇଁ ପିଲାଟି ଅସୁରକ୍ଷିତ ରହେ ନାହିଁ। ଭାରସାମ୍ୟ ହରାଇବା ସତ୍ତ୍ୱେ ପିଲାଟି ଗାଡିରୁ ଖସି ପଡିବାର ଭୟ ନ ଥାଏ।

ତଥ୍ୟ କହୁଛି ସେଫ୍ଟି ହର୍ନସ ବେଲ୍ଟ ବାନ୍ଧୁ ନ ଥିବା କାରଣରୁ ୪ପ୍ରତିଶତ ପିଲା ଗାଡିରୁ ଖସି ତଳେ ପଡନ୍ତି ଏବଂ ଅଧିକାଂଶ ସମୟରେ ସେମାନେ ଦୁର୍ଘଟଣାର ଶିକାର ହୁଅନ୍ତି। ଭାରତୀୟ ମାନକ ବ୍ୟୁରୋ ଅଧିନିୟମ ୨୦୧୬ରେ ଏଭଳି ବେଲ୍ଟ ତିଆରି ପାଇଁ ମାନଦଣ୍ଡ ପ୍ରସ୍ତୁତ ହୋଇଥିଲା। ତଦନୁସାରେ ଏହା ନାଇଲନ, ନରମ ଫୋମ ଭଳି ବହୁମୁଖୀ ପଦାର୍ଥରେ ତିଆରି ହେବା ଉଚିତ। ଏହି ବେଲ୍ଟ ୩୦ କିଲୋଗ୍ରାମ ପର୍ଯ୍ୟନ୍ତ ଭାର ଉଠାଇବାର କ୍ଷମତା ରଖେ। ପିଲାଙ୍କ ପାଇଁ ବ୍ୟବହୃତ ହେଉଥିବା ହେଲ୍‌ମେଟଟି ଆଇଏସ୍‌ଆଇ ଚିହ୍ନ ଯୁକ୍ତ ହେବା ଆବଶ୍ୟକ। ସେଫ୍ଟି ହର୍ନ ବେଲ୍ଟ ଏବଂ ହେଲ୍‌ମେଟ ପିନ୍ଧାଇବା ସହ ଦୁଇଚକିଆ ଯାନର ଗତିକୁ ସୀମିତ ରଖିବା ଦ୍ୱାରା ଗାଡିରେ ବସିଥିବା ପିଲାଟି ଅନେକାଂଶରେ ସୁରକ୍ଷିତ ହୋଇଯାଏ। ଏହି ନିୟମକୁ କଡାକଡି ଲାଗୁ କଲେ ପିଲାଙ୍କ ଜୀବନ ସୁରକ୍ଷିତ ରହିବ।

**ବୈପାରୀଗୁଡ଼ା, କୋରାପୁଟ**
**ମୋ: ୬୩୭୦୬୭୯୪୦୫**



# ପିଠି କୁଣ୍ଡେଇ ହେଉଛି କି

**ନିରଞ୍ଜନ ସାହୁ**

ପ୍ରଖ୍ୟାତ କଥାକାର ରାମଚନ୍ଦ୍ର ବେହେରାଙ୍କ ଗୋଟିଏ ଅଭୁଲା ପଂକ୍ତି ମନେପଡ଼ିଯାଉଛି। 'ମଣିଷ ଏଡ଼େ ଅସହାୟ ଯେ ନିଜ ପିଠିକୁ ମଧ୍ୟ ନିଜେ ଆଉଁସିପାରେନି ଅଥଚ ସେଇ ମଣିଷ ଏତେ ଆବେଗପ୍ରବଣ ଯେ ଭାବେ ଏକା ଏକା ଲୁହ ଢାଳି ସାରା ପୃଥିବୀକୁ ପ୍ଲାବନ କରିଦେବ'। ବାସ୍ତବ ଜୀବନରେ ଅସହାୟ ଦିଶୁଥିବା ମଣିଷଟି ଭାବନା ରାଜ୍ୟରେ କେତେ ଶକ୍ତିଶାଳୀ ହୋଇପାରେ ତାହା ସାବଲୀଳ ଭାବରେ ପ୍ରକାଶ କରିଛନ୍ତି ବେହେରା।

କିଛିଦିନ ତଳେ ଜଣେ ବନ୍ଧୁଙ୍କ ଘରକୁ ଯାଇଥିଲାବେଳେ ଗୋଟିଏ ସୁନ୍ଦର ଛୋଟିଆ ଅସ୍ୱାଭାବିକ ଉପକରଣ ମୋ ନଜରକୁ ଆସିଲା। ପ୍ଲାଷ୍ଟିକ୍ ତିଆରି ଚିଜଟି ଏପରି ଯେ ସେଥିରେ ଗୋଟିଏ ହ୍ୟାଣ୍ଡେଲ ଅଛି ପ୍ରାୟ ଦେଢ଼ଫୁଟ ଲମ୍ବହେବ ଏବଂ ତା'ର ଅଗ୍ରଭାଗଟି ମଣିଷର ପାପୁଲି ପରି ହୋଇ ପାଞ୍ଚଆଙ୍ଗୁଠି ପରି ବାହାରିଛି ପାଞ୍ଚଗୋଟି ବକ୍ର ଆଙ୍ଗୁଠି। ସେଇଟି ପଡ଼ିଥିଲା ମୋର ବନ୍ଧୁଙ୍କ ଡାଇନିଂ ଟେବୁଲ ଉପରେ ଆଉ ମୋ ସହିତ କଥାବାର୍ତ୍ତା କରୁକରୁ ସେ ଯେତେବେଳେ ତାହା ଉଠେଇ ନେଲେ ମୁଁ ଅପେକ୍ଷାକରି ରହିଲି ତା'ର ଉପଯୋଗ ଦେଖିବାକୁ। ସେ ତାକୁ ତାଙ୍କର ଶାର୍ଟର କଲର ପଛପଟକୁ ନେଇ ପିଠି ଆଡ଼କୁ ପୂରାଇଦେଲେ ଓ ମୋ ସହିତ କଥା ହେଉଥିଲା ବେଳେ ଅନାୟାସରେ ତାଙ୍କର ପିଠିକୁ କୁଣ୍ଡାଇ ଚାଲିଲେ। ସେତେବେଳେ ମୁଁ ଜାଣିଲି ଏଇ ଉଦ୍ଭାବନଟିର ବିଶେଷ ଦାୟିତ୍ୱ ସମ୍ପର୍କରେ।

ମଣିଷ ନିଜର ଜୀବନକୁ ସହଜ କରିବା ପାଇଁ ବହୁ ଯନ୍ତ୍ରପାତି ଉଦ୍ଭାବନ କରିଛି। ଆଉ ଏଇ ଛୋଟିଆ ଯନ୍ତ୍ରଟି ସାହାଯ୍ୟରେ ଅନାୟାସରେ ପିଠିକୁ କୁଣ୍ଡାଇ ହେବ ଏବଂ ରାମଚନ୍ଦ୍ର ସାର୍‌ଙ୍କୁ ମନେ ମନେ କହିହେବ, ସାର୍ ଆପଣଙ୍କ ବିଶେଷ ପଂକ୍ତିଟି ବୋଧହୁଏ ସୃଜନ ହୋଇଥିଲା ଏଇ ବିଶେଷ ଶବ୍ଦର ଉଦ୍ଭାବନ ପୂର୍ବରୁ। ଏବେ ଆଉ ନିଜ ହାତରେ ନିଜ ପିଠିକୁ କୁଣ୍ଡେଇବା ଏକ ଦୁଃସାଧ୍ୟ ପରିସ୍ଥିତି ହୋଇନାହିଁ!

ଆଗ ଯୁଗରେ ଯେତେବେଳେ ଆଧୁନିକ ବସ୍ତୁଟି ପରି ଯନ୍ତ୍ରଟିଏ ଉଦ୍ଭାବନ ହୋଇ ନ ଥିଲା ସେତେବେଳେ ପିଠି କୁଣ୍ଡା ଆରମ୍ଭ ହେଲା ମାନେ ନିକଟରେ ଥିବା ଆଉ କାହାକୁ ଡକାପଡୁଥିଲା। ସେ ଆସିବାରେ ବିଳମ୍ବ ହେଲେ କୁଣ୍ଡେଇବା ଭୋଗୁଥିବା ଲୋକର ରାଗ ସାଙ୍ଗେ ସାଙ୍ଗେ ପଞ୍ଚମକୁ ଉଠିଯାଏ। ଭୂମିକମ୍ପର ଏପିସୋଡ୍ ସିନା କେଉଁଠି ବୋଲି ଆଧୁନିକ କାଳରେ ଜାଣି ହେଉଛି ମାତ୍ର ତାହା କୁଣ୍ଡେଇ ହେବା କ୍ଷେତ୍ରରେ ବାହାର କରିବା ଏତେ ସହଜ ଓ ସୁଗମ ନ ଥିଲା ଏବଂ କୁଣ୍ଡେଇ ହେବା ଆରମ୍ଭ ହେବା ମାତ୍ରେ ସମଗ୍ର ପିଠିରେ ଏଇ ପ୍ରଭାବ ଅନୁଭୂତ ହୁଏ। ବିଶେଷକରି ଖରାଦିନେ ଏଇ ଉପସର୍ଗ ଅଧିକ ହୁଏ ଯେତେବେଳେ ଝାଳ ବାହାରି ଘିମିରି ଉଠେ। ଏଇ ଘିମିରି ବାହାରିଲେ କୁଣ୍ଡେଇ ହେବା ରୋଗ ଆପେ ଆପେ ବାହାରେ। ପିଠି କୁଣ୍ଡେଇହେବା ଏପରି ଏକ ଉପସର୍ଗ ଯାହାକୁ କେହି ନ୍ୟୂନ ଭାବରେ ଦେଖୁ ନ ଥିଲେ ; କିନ୍ତୁ ପିଠି କୁଣ୍ଡେଇହେବାକୁ ଅନେକ ସମୟରେ ଥଟ୍ଟାରେ କୌଣସି ଦଣ୍ଡବିଧାନ ପୂର୍ବର ଅବସ୍ଥା ଭାବରେ କହୁଥିଲେ, ଯେମିତି କେହି ପାଠ ପ୍ରସ୍ତୁତି ନ କରିଥିଲେ ତାଙ୍କୁ କୁହାଯାଉଥିଲା, ତୋ ପିଠି କୁଣ୍ଡେଇ ହେଉଛି କି ? ଅର୍ଥାତ୍ ତୋତେ ଆଜି ଅପେକ୍ଷା କରିଛି ଅବଧାନଙ୍କ ବେତ। ଯଦି କେହି ଗୁରୁଜନ କୌଣସି ଦାୟିତ୍ୱ ସାନମାନଙ୍କୁ ଦେଇଥାନ୍ତି ଓ ତାହା ଅନୁପାଳନ ହୋଇ ନ ଥିବାର ତାଙ୍କ ଦୃଷ୍ଟିକୁ ଆସେ ତା'ହେଲେ କାଳ ବିଳମ୍ବ ନ କରି କହୁଥିଲେ, ତୋ ପିଠି କୁଣ୍ଡେଇ ହେଲାଣି କିରେ। ଅର୍ଥାତ୍ ତୁ କ'ଣ ଭୁଲିଯାଇଛୁ



ତୋତେ ଅପେକ୍ଷା କରିଥିବା ଅବଶ୍ୟମ୍ଭାବୀ ଶାରୀରିକ ଦଣ୍ଡକୁ ? ଓଡ଼ିଆ ଭାଷାର ଏଇ ମହକ ଏଇ ମଧୁରତା କ୍ରମେ କମି କମି ଆସୁଛି। କାରଣ ଏହିପରି ଅନେକ କଥା ଅଛି ଯାହା ଆଉ ବ୍ୟବହାର ହେଉନାହିଁ।

ଗୋଟିଏ ଭାଷା ଓ ସାହିତ୍ୟ ଋଦ୍ଧିମନ୍ତ ହୁଏ ଯଦି ତାହା ଲେଖାହେବା, କହିବା, ପଢ଼ିବା ଆଦି ସବୁଥିରେ କ୍ରମାଗତ ଭାବରେ ବ୍ୟବହାର ହୁଏ। ଓଡ଼ିଶାର ଭାଷା ଓଡ଼ିଆ। ଏହା ପୁଣି ଏକ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି ; ମାତ୍ର ଓଡ଼ିଆ କହୁଥିବା ଲୋକଙ୍କ ସଂଖ୍ୟା ଦ୍ରୁତ ଗତିରେ କମିଯାଉଛି। କଥିତ ଓଡ଼ିଆ ଭାଷାର ବ୍ୟବହାର କ୍ରମଶଃ କମି କମି ଯିବା ଏଇ ଭାଷା ପାଇଁ ସୁଖବର ନୁହେଁ ନିଶ୍ଚିତ। କେତେକ ଜାଗାରେ ବିଦେଶୀ ଭାଷାକୁ ପ୍ରାଧାନ୍ୟ ଦିଆଯାଉଛି ଏଇଥିପାଇଁ ଯେ ତାହା କୁଆଡ଼େ ନିଯୋଜନର ଭାଷା ପାଲଟିଛି। ନିଜ ମାତୃଭାଷା ଏପରି ଗୋଟିଏ ଭାଷା ଯେଉଁଥିରେ ଜଣେ କେବଳ ସହଜରେ ନିଜକୁ ପ୍ରକାଶ କରିପାରେ ନାହିଁ ; ମାତ୍ର ନିଜର ଭାବନା ବେଳେ ଏଇ ଭାଷାଟି ଆପେ ଆପେ ତା' ମନକୁ ଚାଲିଆସେ। ଲୋକକଥାରେ ଥିବା ଭାଷା ଭିତରେ ଯେଉଁ ମହକ ଅଛି ଲିଖିତ ଭାଷାରେ ସେଇ ମହକ କ୍ୱଚିତ ଦେଖିବାକୁ ମିଳେ।

ପିଠି ମାନବ ଶରୀରର ଗୋଟାଏ ଉପାନ୍ତ ଇଲାକା। ସେଇଠି ବିଶେଷ ନଜର ପଡ଼େନି ଆଖିର। ତା' ଉପରେ ସବୁଦିନ ତେଲ ସାବୁନ ବାଜେନି ; ମାତ୍ର ଆପାତତଃ ସମତଳ ହୋଇଥିବାରୁ ଚିତ୍ ହୋଇ ଶୋଇଲେ ତାହା ଭୂମିର ଭୂମିକା ତୁଲାଏ ଆଉ କେହି ଆକ୍ରମଣକାରୀ ପଛରୁ ଆକ୍ରମଣ କଲେ ସବୁ ଜୁଲମ ତାରି ଉପରେ ଛିଡ଼େ। ଅନେକ ଦିନ ତଳେ ପଢ଼ିଥିଲି ଜଣେ କବିଙ୍କର କବିତାଟିଏ। କବିତାଟି ମନେ ନାହିଁ; ମାତ୍ର ପଂକ୍ତିଟି ମନେ ରହିଯାଇଛି। ଯେଉଁଠି ସେ ସହରର ପିଚୁ ରାସ୍ତାକୁ ଆଦିବାସୀ ଯୁବତୀର ପିଠି ପରି କଳା ବୋଲି କହିଥିଲେ। କେତେ ଆଦିବାସୀଙ୍କର ପିଠି ଓ କାନ୍ଧରେ ଢେରାମାରି କେତେ ରାସ୍ତା ଖଣି ଖାଦାନ ତିଆରି ହେଉଥିଲେ ଆଗ। ଏବେ ଅବଶ୍ୟ ଯନ୍ତ୍ରପାତି ବୁହାବୁହିରେ ମଣିଷର କାନ୍ଧ ଆଉ ପିଠିର ଦାୟିତ୍ୱ ନେଲେଣି।

କେହି ଜଣେ କବି ପୁଣି କେବେ କହିଥିଲେ, ଯାହାର ପିଠି ଫୁଙ୍ଗୁଳା ସେ କୁଆଡ଼େ ସବୁଠୁ ଖୁସିରେ ଥିବା ଲୋକ। ତା'ହେଲେ ଯେଉଁମାନେ ସବୁବେଳେ କୋର୍ଟ ବା ତତ୍ ଜାତୀୟ ଦୁର୍ମୂଲ୍ୟ ପୋଷାକରେ ନିଜର ପିଠିକୁ ଘୋଡ଼ାଇ ରଖୁଛନ୍ତି ସେମାନେ କ'ଣ ଦୁଃଖରେ ଶଢୁଥିବା ସଜ୍ଜନ। ଏହି ପ୍ରଶ୍ନର କ'ଣ ବା ଉତ୍ତର ଅଛି ?

ମୁଁ ଗାଁରୁ ଫେରିଲାବେଳେ ମୋ ମା କହନ୍ତି, ତୁ ଯେଉଁମାନଙ୍କ ସହିତ କାମ କରୁଛୁ ତାଙ୍କର ପେଟ ପିଠିକୁ ଦେଖୁଥିବୁ। ଅବଶ୍ୟ ଏଇ ଦେଖିବା ଖାଲି ଆଖିରେ ଦେଖିବା କଥା ନୁହେଁ। ସେମାନେ ଉତ୍ତମ ଖାଉଛନ୍ତି କି ନା ଉତ୍ତମ ପରିଧାନ କରୁଛନ୍ତି କି ନା, ସେସବୁ ଉପରେ ଦୃଷ୍ଟି ଦେବାକୁ କହୁଥିଲେ। ଏଇ ଦୁଇଟି ଉପରେ ଯିଏ ସଯତ୍ନ ଦୃଷ୍ଟିରଖେ ତାଙ୍କ ପାଖରେ କାମ କରୁଥିବା ଲୋକେ ଅଧିକାଂଶ ସମୟରେ କୃତଜ୍ଞ ରହନ୍ତି।

ପିଠି ଆମର ବାରିପଟ। ସଦର ମଫସଲ ପରି ସେ ଆମ ପରିଚୟର ଅନ୍ତଃପୁର। ତାକୁ ଛାଡ଼ି ହୁଏନା, ତା' ପ୍ରତି ଅଯତ୍ନ ନୁହେଁ ବରଂ ଦରକାର ଏକ ସସ୍ନେହ ଦୃଷ୍ଟିଭଙ୍ଗୀ। କାରଣ ବିପଦ ବେଳେ ସେ ହିଁ କଷଣ ସହେ, ଲାତ ଖାଏ। ଅନେକ ସମୟରେ ଉପାନ୍ତ ଅଞ୍ଚଳରେ ବିଦ୍ରୋହ ଜନ୍ମ ନିଏ। ତେଣୁ ଦୂରବର୍ତ୍ତୀ ଅଞ୍ଚଳ ପ୍ରତି ଅଧିକ ଯତ୍ନର ଆବଶ୍ୟକତା ରହିଛି। ତା' ପାଇଁ ଅନାଗ୍ରହ ଡାକି ଆଣିପାରେ ବିପଦର ଶଙ୍କୁନିକୁ।

**ମୋ : ୯୪୩୮୪୮୨୯୧୧**

## ଏଇ ଭାରତରେ

ବହୁ ସମୟରେ ପେସା ଅପେକ୍ଷା ଜଣେ ବ୍ୟକ୍ତିର କାର୍ଯ୍ୟ ପ୍ରତି ନିଶା ତାକୁ ଏକ ସ୍ୱତନ୍ତ୍ର ପରିଚିତି ଦେଇଥାଏ। ଏଭଳି ବ୍ୟକ୍ତି ହେଉଛନ୍ତି କେରଳର ଇଞ୍ଜିନିୟର ଏଜିକିଲ ପୌଲୋସେ। ସ୍ଥପତି ଭାବେ କାର୍ଯ୍ୟରତ ପୌଲୋସେ ସେଥିରୁ ସମୟ ବାହାର କରି ୫୦୦ ପ୍ରକାର ଔଷଧୀୟ ବୃକ୍ଷ ସଂଗ୍ରହ କରି ଘରେ ରଖିଛନ୍ତି। ଘର ଓ ତା'ଚାରିପାଖ ଔଷଧୀୟ ଗଛର ବଗିଚା ପାଲଟିଯାଇଛି। ଏହି ବଗିଚା ୪ ଏକର ଜମିରେ କରିଛନ୍ତି। ପୌଲୋସେଙ୍କୁ ବୟସ ଏବେ ୪୦। ୧୫ ବର୍ଷ ପୂର୍ବରୁ ସେ ଔଷଧୀୟ ଗଛ ସଂଗ୍ରହ କରିବା ଆରମ୍ଭ କରିଥିଲେ । ସେ ଯେଉଁଆଡେ କାମ କରିବାକୁ ଯାଆନ୍ତି ସେହିସବୁ ଅଞ୍ଚଳରୁ ଗଛ ସଂଗ୍ରହ କରିଥାନ୍ତି କିମ୍ବା କିଣିଆଣନ୍ତି। ବଗିଚା ଦେଖାରଖା କାର୍ଯ୍ୟରେ ତାଙ୍କ ପରିବାର ସଦସ୍ୟମାନେ ସାହାଯ୍ୟ କରୁଛନ୍ତି। ପୌଲୋସେ କହନ୍ତି, ପରିବାର ତିନି ପିଢ଼ି ହେଲା ଚାଷ କରୁଥିବାରୁ କୃଷି ପ୍ରତି ଆକର୍ଷଣ ରହିଥିଲା, ଯାହା ତାଙ୍କୁ ଏହି କାର୍ଯ୍ୟ କରିବାକୁ ପ୍ରେରିତ କରିଥିଲା ।

## ୨୫ ବର୍ଷ ତଳର ଧରିତ୍ରୀ

**୨୫ ଏପ୍ରିଲ ୧୯୯୮**

- ଗଣହତ୍ୟାକାଣ୍ଡ ପାଇଁ ଅଭିଯୁକ୍ତ ସମସ୍ତ ୨୨ ଜଣଙ୍କୁ ଋାଣ୍ଡାର ଫାୟାରିଂ ସ୍କ୍ୱାଡ୍ ଗୁଳିକରି ହତ୍ୟା କରିଛନ୍ତି।
- ବାଂଲାଦେଶରେ ଝଡ଼ବର୍ଷା ଓ ପ୍ରବଳ ବର୍ଷା ହେବା ଫଳରେ ୨୬ ଜଣଙ୍କ ମୃତ୍ୟୁ।
- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସାହିତ୍ୟିକ ବଳରାମ ମହାନ୍ତିଙ୍କ ୮୪ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ବହୁ ସାଧନାର ଫଳେ ସଞ୍ଚିଗଲ
ଯେ ସବୁ ବିଧାନ
ସମାଜର ସ୍ତରେ ସ୍ତରେ ଗୁନ୍ଥିଲ ଯେ
କ୍ରିୟା ଅନୁଷ୍ଠାନ।
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | | | | | |
| 5 | | | | | 4 | | 9 | 1 |
| | 6 | | 5 | 9 | | | | |
| | | | | | 1 | 6 | | |
| | 8 | | 4 | 2 | | | | |
| | | | | | | | 7 | |
| | | | | | | | 5 | 4 |
| | | | 9 | | 5 | 8 | | 7 |
| 7 | 1 | | | | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 2 | 5 | 3 | 9 | 6 | 8 | 4 | 1 |
| 3 | 9 | 1 | 4 | 7 | 8 | 5 | 2 | 6 |
| 8 | 6 | 4 | 1 | 2 | 5 | 3 | 9 | 7 |
| 5 | 8 | 2 | 9 | 6 | 4 | 1 | 7 | 3 |
| 4 | 3 | 9 | 7 | 8 | 1 | 2 | 6 | 5 |
| 1 | 7 | 6 | 5 | 3 | 2 | 4 | 8 | 9 |
| 6 | 1 | 8 | 2 | 5 | 9 | 7 | 3 | 4 |
| 9 | 5 | 7 | 8 | 4 | 3 | 6 | 1 | 2 |
| 2 | 4 | 3 | 6 | 1 | 7 | 9 | 5 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରାକୃତିକ ବିପର୍ଯ୍ୟୟ ପାଇଁ ପ୍ରଶିକ୍ଷଣ କୁଆଡ଼େ ଗଲା

ମହାଶୟ,

ପ୍ରତ୍ୟେକ ବର୍ଷ ଓଡ଼ିଶା ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ତେଣୁ ପ୍ରାକୃତିକ ବିପର୍ଯ୍ୟୟ ସହ ମହାମାରୀ ମୁକାବିଲା ନେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦିଆଯିବା ଲାଗି ସ୍କୁଲ, କଲେଜ ପାଠ୍ୟକ୍ରମରେ ଏହାକୁ ସାମିଲ କରାଯିବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ୨୦୨୧ ମେ' ୨୯ରେ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ ଓ ମହାମାରୀ ମୁକାବିଲା ନେଇ ଏକ ସଂକଳ୍ପ ପାରିତ କରାଯାଇଥିଲା। ଏହି ନିଷ୍ପତ୍ତିକୁ ଦେଢ଼ବର୍ଷ ବିତିବାକୁ ବସିଲାଣି। ମାତ୍ର ଏ ନେଇ ସେଭଳି କିଛି ପଦକ୍ଷେପ ନିଆଯାଇପାରିନାହିଁ। ପ୍ରଶିକ୍ଷଣ ପାଇ ପ୍ରାଥମିକ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନେ ପ୍ରାକୃତିକ ବିପର୍ଯ୍ୟୟ ବିଷୟରେ ଜ୍ଞାନ ଆହରଣ କରିବେ। ଏହି ମିଶନକୁ ଆଗେଇ ନେଇ ଓଡ଼ିଶାକୁ ପ୍ରାକୃତିକ ବିପର୍ଯ୍ୟୟ ଓ ମହାମାରୀ ନିରୋଧୀ ରାଜ୍ୟ ଭାବେ ଗଢ଼ି ତୋଳିବା ସକାଶେ ଏକ ଟାସ୍କଫୋର୍ସ ଗଠନ କରାଯିବ। ଭବିଷ୍ୟତରେ ସର୍ବବୃହତ୍ ପ୍ରସ୍ତୁତି ହେବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି। ତେବେ ବିଭାଗୀୟ ଉଦାସୀନତା ଯୋଗୁ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କେବଳ ଘୋଷଣାରେ ସୀମିତ ରହିଛି।

**-ବାଦଲ ଭୂୟାଁ, ୭ ଏକ୍ସଟେନ୍‌ସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଅଳିଆ ପକାଇବାକୁ କେନ୍ଦ୍ର କରି ମାରପିଟ୍, ୨ ଗିରଫ

ଧର୍ମଶାଳା,୨୪।୪(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଦଇପୁର ଗ୍ରାମରେ ଅଳିଆ ପକାଇବାକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ମାରପିଟ୍ ହୋଇଛି। ଏହି ଘଟଣାରେ ପୁଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଦଇପୁର ଗ୍ରାମର କାହ୍ନୁ ଓଝାଙ୍କ ସ୍ତ୍ରୀ ସେବା ଓଝା ଓ ସେହି ଗ୍ରାମର ଶରତ ଚନ୍ଦ୍ର ଓଝାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ଓଝାଙ୍କ ଅଭିଯୋଗ କ୍ରମେ ପୋଲିସ ୨ଟି ମାମଲା(ନଂ.୯୪/୨୩ ଓ ୯୫/୨୩) ରୁଜୁ ହୋଇଛି । ଉଭୟ ପରିବାରର ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଦଇପୁର ଗ୍ରାମର ଶରତ ଓଝା (୪୫) ଓ ସମୀର ଓଝା (୩୨) । ସୋମବାର ଉଭୟଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

### କେ.କେ. ମାର୍କେଟର ପ୍ରତିଷ୍ଠାତା କରୁଣାକର ପରିଡ଼ାଙ୍କ ପରଲୋକ

ଯାଜପୁରରୋଡ଼,୨୪।୪(ଡି.ଏନ୍.ଏ.): ପ୍ରଦେଶ କଂଗ୍ରେସର ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ଙ୍କ ମଝିଆ ଶଶୁର ତଥା ବ୍ୟାସନଗର ଡାକବଙ୍ଗଳା ଛକ କେ.ଜେ ମାର୍କେଟର ମାଲିକ କରୁଣାକର ପରିଡ଼ା(୯୬)ଙ୍କ ରବିବାର ରାତିରେ ତାଙ୍କ ନଟପଡାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ସେ ଗତ କିଛିଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ସେ କଂଗ୍ରେସର ଜଣେ ବରିଷ୍ଠ ନେତା, ଦୟାଳୁ ଓ ପରୋପକାରୀ ବ୍ୟକ୍ତିଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି । ମଝିଆପୁଅ ପ୍ରଦୀପ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ କଂଗ୍ରେସ ବ୍ୟାସନଗର ପୌରାଞ୍ଚଳର ଜଣେ ମୁରବୀଙ୍କୁ ହରାଇଲା ବୋଲି ପ୍ରାକ୍ତନ ରାଜ୍ୟସଭା ସଦସ୍ୟ ଡ.ରାମଚନ୍ଦ୍ର ଖୁଣ୍ଟିଆ ଶୋକବ୍ୟକ୍ତ କରି କହିଛନ୍ତି । କୋରାଇ ମଣ୍ଡଳ ସାହିତ୍ୟ ସମ୍ପଦର ସମ୍ପାଦକ ପଣ୍ଡିତ ଡ.ସୂର୍ଯ୍ୟମଣି ଝୁଟିଆ, ସହ ସମ୍ପାଦକ ଅଧାପକ ମଳୟ କୁମାର ମଲ୍ଲିକ, ପୂର୍ବତନ ପୌରାଧକ୍ଷ ରସାନନ୍ଦ ମହାନ୍ତି, ବ୍ୟାସନଗର କଂଗ୍ରେସ ସଭାପତି ଦିଲ୍ଲୀପ ମଲ୍ଲିକ, ପୂର୍ବତନ ଉପନଗରପାଳ ହୃଦାନନ୍ଦ ସାମଲ, ପୂର୍ବତନ କାଉନସିଲର ଅକ୍ଷୟକୁମାର ନାୟକ, ଅନୁପ ନାୟକ, ଦୁଃଶାସନ ଦାସ, ରାଜକିଶୋର ପ୍ରଧାନ, ସୌମ୍ୟେନ୍ଦ୍ର ରାଉତ, ବିରେନ୍ଦ୍ର ରାଉତ, ବିଜେଡି ନେତା ଅମୁଲ୍ୟ କୁମାର ନାୟକ ପ୍ରମୁଖ ଶେଷ ଦର୍ଶନ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

# କୃଷକ ଦିବସ ସମାରୋହ ଗୋଟିଏ ପଞ୍ଚାୟତରେ ସୀମିତ

- ସୂଚନା ଅଭାବରୁ ସାମିଲ ହେଲେନି ଜନପ୍ରତିନିଧି, ଚାଷୀ
- ଚାଷୀଙ୍କୁ ପୁରସ୍କୃତ କରିବା ବଦଳରେ ଏସ୍ଏଚ୍ଜି ମହିଳାଙ୍କୁ ସମ୍ବର୍ଦ୍ଧନା

ରସୁଲପୁର,୨୪।୪(ଡି.ଏନ.ଏ.)

ଅକ୍ଷୟ ତୃତୀୟା ଅବସରରେ ରସୁଲପୁର ବ୍ଲକ କୃଷି ବିଭାଗ ପକ୍ଷରୁ କୃଷକ ଦିବସ ସମାରୋହ ଉକ୍ତ ବ୍ଲକ ଅଧୀନ ବାରବାଟୀ ପଞ୍ଚାୟତର ଚିତ୍ରକୂଳ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ସମାରୋହକୁ ଗୋଟିଏ ପଞ୍ଚାୟତରେ ସୀମିତ ରଖାଯାଇଛି । ସୂଚନା ଅଭାବରୁ ବ୍ଲକ ଅଧୀନ ଅଧିକାଂଶ ପଞ୍ଚାୟତର ଜନପ୍ରତିନିଧି ଓ ଚାଷୀମାନେ ଉକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ ହୋଇପାରି ନ ଥିଲେ । ଚାଷୀ ଓ ଜନ ପ୍ରତିନିଧିମାନଙ୍କ ଅନୁପସ୍ଥିତିରେ କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଞ୍ଚଳର କେତେଜଣ ମହିଳା ସ୍ୱୟଂସହାୟିକା ଗୋଷ୍ଠି ସଦସ୍ୟାମାନଙ୍କୁ ନେଇ ଉକ୍ତ କାର୍ଯ୍ୟକ୍ରମକୁ ସାରି ଦିଆଯାଇଥିଲା । ଏହି ଅବସରରେ ବ୍ଲକ ଅଞ୍ଚଳରୁ ୧ଶହ ଅଗ୍ରଣୀ ଚାଷୀଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଥିଲା । ମାତ୍ର ସେଭଳି କିଛି କରାଯାଇ ନ ଥିଲା । ଆୟୋଜକ ପଞ୍ଚାୟତର କେତେଜଣ ଅଣଚାଷୀଙ୍କୁ ନେଇ କାର୍ଯ୍ୟକ୍ରମକୁ ସୀମିତ ରଖାଯାଇଥିଲା ବୋଲି ବ୍ଲକର ଅଗ୍ରଣୀ ଚାଷୀ ରବିନ୍ଦ୍ର ସ୍ୱାଇଁ, ଦିବାକର ବିଶ୍ୱାଳ,ଗୋପାଳ ମଲ୍ଲିକ ପ୍ରମୁଖ ଅଭିଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଆଦୌ ସୂଚନା ପାଇ ନ ଥିବା ସରପଞ୍ଚ ଜିତେନ୍ଦ୍ର ନାୟକ, ସମିତି ସଭ୍ୟ ରଞ୍ଜିତ କୁମାର ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି । ଅନ୍ୟ ସରପଞ୍ଚ, ସମିତି ସଭ୍ୟା,ସଭ୍ୟମାନେ ଅବଗତ ନ ଥିବା କହିଛନ୍ତି । ଏ ନେଇ ବ୍ଲକ କୃଷି ବିଭାଗ ପକ୍ଷରୁ ଗଠନ କରାଯାଇଥିବା ହ୍ୱାଟସ୍ଆପ୍ ଗ୍ରୁପ୍‌ରେ କୌଣସି ଚିଠି ବିତରଣ କରାଯାଇ ନ ଥିଲା । ପଞ୍ଚାୟତସ୍ତରରେ କାର୍ଯ୍ୟରତ ଗ୍ରାମ୍ୟ କୃଷି କର୍ମଚାରୀ, କୃଷକ ସାଥୀମାନେ ସମାରୋହ ସମ୍ପର୍କରେ ଜନପ୍ରତିନିଧି ଓ କୃଷକମାନଙ୍କୁ କୌଣସି ସୂଚନା ପ୍ରଦାନ କରି ନ ଥିଲେ ବୋଲି ଅଭିଯୋଗ ହେଉଛି ।

ସୂଚନା ଅନୁଯାୟୀ, ବ୍ଲକସ୍ତରୀୟ କୃଷକ ଦିବସ ସମାରୋହ ବ୍ଲକ କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମ ଜରିଆରେ ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ଯେ କୌଣସି ଏକ ପଞ୍ଚାୟତରେ ଅଖିମୁଠି ଅନୁକୂଳ କରାଯିବ ବୋଲି ସ୍ଥିର ହୋଇଥିଲା । ସେହି ଆଧାରରେ ସମାରୋହ ପାଇଁ ବାରବାଟୀ ପଞ୍ଚାୟତର ଚିତ୍ରକୂଳ ଗ୍ରାମକୁ ଚୟନ କରାଯାଇଥିଲା । ଏଥିସହ ସମାରୋହ ଜରିଆରେ ଚଳିତ ବର୍ଷର ଖରିଫ ଋତୁରେ ଚାଷୀଙ୍କ ଉଦ୍ଦେଶ୍ୟରେ ନୂତନ ସନ୍ଦେଶ ଦେବା ସହ ଚାଷୀ ଓ ଚାଷ ପାଇଁ ଆବଶ୍ୟକ ସରକାରୀ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇ ଥାଆନ୍ତା । ଏହାଛଡା କୃଷି କାର୍ଯ୍ୟରେ ବିଭିନ୍ନ ପଞ୍ଚାୟତରେ ଉଲ୍ଲେଖନୀୟ ଅବଦାନ ଗ୍ରହଣ କରିଥିବା ଚାଷୀମାନଙ୍କ ମଧ୍ୟରୁ କେତେଜଣ ଅଗ୍ରଣୀ ଚାଷୀଙ୍କୁ ଚିହ୍ନଟ କରାଯାଇ ସମ୍ମାନିତ କରାଯାଇ ଥାଆନ୍ତା । ସମ୍ମାନିତ ଚାଷୀମାନେ ସେମାନଙ୍କ ଅନୁଭୂତିକୁ ଅନ୍ୟ ଚାଷୀମାନଙ୍କ ମଧ୍ୟରେ ବାଣ୍ଟି ଥାଆନ୍ତେ । ଏପରି ଭାବେ ଉକ୍ତ ଉତ୍ସବକୁ ସଫଳ କରିବାର ଲକ୍ଷ୍ୟ ଥିଲା । ମାତ୍ର ଏଠାରେ ସେଭଳି କିଛି ହେଲାନାହିଁ । ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ରାତି ଅଧିଆ କୃଷକ ଦିବସ ପାଳନ ପାଇଁ ବାରବାଟୀ ପଞ୍ଚାୟତକୁ ବଛା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାରବାଟୀ ସରପଞ୍ଚ ଆୟୁଷମତି ଦାସ, ସମିତିସଭ୍ୟା ସୌଦାମିନୀ ସ୍ୱାଇଁ, ଆତ୍ମାର ଅଧକ୍ଷ ରମେଶ ଚନ୍ଦ୍ର ନାୟକ, କୃଷି କାର୍ଯ୍ୟାଳୟ ପରିସରରେ ରସୁଲପୁର ସରପଞ୍ଚ ସୁରେନ୍ଦ୍ର କୁମାର ତିଆଡି ଯୋଗଦେଇଥିଲେ । ବ୍ଲକସ୍ତରରେ ୬୦ରୁ ଉର୍ଦ୍ଧ୍ୱ ପଞ୍ଚାୟତ ଓ ଜୋନସ୍ତରୀୟ ଜନପ୍ରତିନିଧି ଥିବା ବେଳେ ମାତ୍ର ୩ ଜଣ ପ୍ରତିନିଧିଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଏ ସମ୍ପର୍କରେ ଜଣେ ଅଧିକାରୀ ସଫେଇ ଦେଇ କହିଥିଲେ ପ୍ରାରମ୍ଭରେ ବର୍ଷା ହେବାରୁ ଚାଷୀମାନେ ସମାରୋହ ସ୍ଥଳକୁ ଆସି ନ ଥିଲେ । ଅଖିମୁଠି ଅନୁକୂଳରେ ବାଧା ସୃଷ୍ଟି ହୋଇଥିଲା । ଫଳରେ ଉପସ୍ଥିତ ଥିବା କେତେଜଣ ମହିଳାଙ୍କୁ ପୁରସ୍କାର ବଣ୍ଟନ କରି ଉକ୍ତ କାର୍ଯ୍ୟକ୍ରମକୁ ଶେଷ କରାଯାଇଥିଲା । ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ରଙ୍କ ମତାମତ ପାଇଁ ଫୋନ କରାଯାଇଥିଲା । ହେଲେ ସେ ଫୋନ୍ ଉଠାଇବାରୁ ତାଙ୍କର ପ୍ରତିକ୍ରିୟା ମିଳି ପାରିନାହିଁ । କୃଷି ଓଭରସିୟର ପଦ୍ମଲୋଚନ ପଣ୍ଡାଙ୍କୁ ପଚାରିବାରୁ ବର୍ଷା ହେବାରୁ କାର୍ଯ୍ୟକ୍ରମରେ ସାମାନ୍ୟ ବ୍ୟାଘାତ ସୃଷ୍ଟି ହୋଇଥିଲା । ଜନପ୍ରତିନିଧି, ଚାଷୀମାନଙ୍କୁ ସମାରୋହକୁ କାହିଁକି ଡକାଗଲା ନାହିଁ ସେ ସମ୍ପର୍କରେ ସେ କୌଣସି ଉତ୍ତର ରଖିପାରିବେ ନାହିଁ ବୋଲି କହିଥିଲେ । କେଉଁ ଗୋଷ୍ଠିକୁ ପୁରସ୍କାର ରାଶି କେତେ ମିଳିଲା ସେ ସବୁ ଦିଗରେ ବ୍ଲକ କୃଷି ଅଧିକାରୀଙ୍କୁ ପଚାରନ୍ତୁ ବୋଲି ସେ କହିଥିଲେ ।


ଜଣେ ଏସ୍ଏଚ୍ଜି ମହିଳାଙ୍କୁ ପୁରସ୍କୃତ କରାଯାଉଛି ।

# ତହସିଲଦାରଙ୍କ ବନ୍ଦ ନିର୍ଦ୍ଦେଶ ସତ୍ତ୍ୱେ ଗୃହ ନିର୍ମାଣ ଚାଲିଛି


ଗୃହ କାମ ଚାଲିଛି ।

ସିଂହପୁର,୨୪।୪(ଡି.ଏନ.ଏ.)

ବିଂଝାରପୁର ଥାନା, ବରୀ ବ୍ଲକ ଅଧୀନ ମଧୁସୁଦନପୁର ପଞ୍ଚାୟତ ସୁନ୍ଦରପୁର ଗ୍ରାମରେ ଅନାବାଦୀ ଜମିରେ ଜଣେ ବ୍ୟକ୍ତି ଗୃହ ନିର୍ମାଣ କରୁଥିଲେ। ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ ମଧ୍ୟ ସେ କାମ ବନ୍ଦ କରି ନ ଥିଲେ। ବାଧ ହୋଇ ଗ୍ରାମବାସୀ ଆଇନର ଆଶ୍ରୟ ନେଇଥିଲେ । ଜିଲା ପ୍ରଶାସନ ପକ୍ଷରୁ ସେହି ସ୍ଥାନରେ ୧୪୪ ଧାରା ଜାରି କରାଯାଇ ଥିଲା। ହେଲେ ତାକୁ ବି ସେ ଅବମାନନା କରି ଗୃହ ନିର୍ମାଣ କରିବାରୁ ଗ୍ରାମବାସୀ ବାଧ ହୋଇ ଯାଜପୁର ଜିଲାପାଳ, ବରୀ ତହସିଲଦାରଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗର ତଦନ୍ତ କରି ତହସିଲଦାର ସେହି କାମ ବନ୍ଦ କରିବା ସହିତ ଯେତିକି ନିର୍ମାଣ କରାଯାଇଛି ତାକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣା ପରେ ସମ୍ପୃକ୍ତ ବ୍ୟକ୍ତି କିଛିଦିନ କାମ ବନ୍ଦ କରିଥିଲେ । ହେଲେ ସୋମବାର ପୁଣି ଥରେ ସେ ଘର କାମ ଆରମ୍ଭ କରିଥିବାରୁ ଗ୍ରାମବାସୀ ମଧୁସୁଦନପୁର ଆରଆଇଙ୍କଠାରେ ଅଭିଯୋଗ କରିଛନ୍ତି । ଆରଆଇ ଘଟଣାସ୍ଥଳରେ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସମ୍ପୃକ୍ତ ବ୍ୟକ୍ତି କାମ ବନ୍ଦ ନ କରି ଆରଆଇ ସୁମନ୍ତ କୁମାର ମଲ୍ଲିକଙ୍କୁ ଘର କାମ କରିବି ବୋଲି ପାଲଟା ଜବାବ ଦେଇଥିବା ଅଭିଯୋଗ ହୋଇଛି।

# ବିଶ୍ୱ ହିନ୍ଦୁପରିଷଦ, ବଜରଙ୍ଗ ଦଳର ବିକ୍ଷୋଭ

ଚଣ୍ଡିଖୋଲ,୨୪।୪(ଡି.ଏନ.ଏ.):

ବଡ଼ଚଣା ବଜରଙ୍ଗ ଦଳ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ସୋମବାର ଦର୍ପଣ ତହସିଲ ସମ୍ମୁଖରେ ଗଣବିକ୍ଷୋଭ କରାଯିବା ସହ ଏକ ପ୍ରତିବାଦ ସଭାର ଆୟୋଜନ କରାଯାଇଥିଲା। ସମ୍ବଲପୁରଠାରେ ହୋଇଥିବା ହିନ୍ଦୁମାନଙ୍କ ପ୍ରତି ଯୋଜନାବଦ୍ଧ ଆକ୍ରମଣର ପ୍ରତିବାଦରେ ବଡ଼ଚଣା ପ୍ରଖଣ୍ଡ ସମ୍ପାଦକ ହେମେଶ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆବାହକ ବଟକୃଷ୍ଣ ଜେନା ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଗତ ୧୨ତାରିଖରେ ସମ୍ବଲପୁରଠାରେ ହୋଇଥିବା ହିଂସାକୁ ନିନ୍ଦା କରିଥିଲେ। ଏଥିରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଜୟ ଜେନା, ଅଶୋକ ସାମଲ, ପ୍ରଭାତ ବଳ, ହିମାଂଶୁ ଶେଖର ବଳ, ଶରତ ସାହୁ, ବସନ୍ତ ସାହୁ, ପ୍ରମୁଖ ବହୁ ବ୍ୟକ୍ତି ଯୋଗଦେଇ ଏହାର ନିନ୍ଦା କରିବା ସହିତ ଶେଷରେ ଏକ ସ୍ମାରକପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା।


ବଡ଼ଚଣା ବଜରଙ୍ଗ ଦଳ ବିଶ୍ୱହିନ୍ଦୁ ପରିଷଦର ବିକ୍ଷୋଭ।

# ଏସ୍ୟୁସିଆଇର ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଏସ୍ୟୁସିଆଇର କର୍ମକର୍ତ୍ତା ।

ଯାଜପୁର ରୋଡ୍,୨୪।୪(ଡି.ଏନ୍.ଏ.)

ଏସ୍ୟୁସିଆଇ (କମ୍ୟୁନିଷ୍ଟ)ର ୭୬ ତମ ପ୍ରତିଷ୍ଠା ଦିବସ ବ୍ୟାସନଗରସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଦାନଗଦି, କୋରେଇ ଓ ବ୍ୟାସନଗର ଆଞ୍ଚଳିକ କମିଟି ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା କମିଟି ସଭ୍ୟ ସୁଧାଂଶୁ ଦାସ ଦଳର ରକ୍ତ ପତାକା ଉତ୍ତୋଳନ କରିଥିଲେ। ଏହା ପରେ ସର୍ବହରାର ଶିବଦାସ ଘୋଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ରାଜ୍ୟ କମିଟି ସଭ୍ୟ ବିଜୟାନନ୍ଦ ମଲ୍ଲିକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ରାଜ୍ୟ କମିଟି ସଭ୍ୟ କେଦାରନାଥ ସାହୁ, ଜିଲା କମିଟି ସଭ୍ୟ ନିରୁପମା ବେହେରା, କୋରେଇ ଆଞ୍ଚଳିକ କମିଟି ସମ୍ପାଦକ ମେଘନାଦ ମଲ୍ଲିକ, ଦାନଗଦି ଆଞ୍ଚଳିକ କମିଟି ସମ୍ପାଦକ ବିଜୟ ଜେନା, ସଂଗଠକ ରାଜକିଶୋର ମହାନ୍ତ, ହୃଷୀକେଶ ସିଂହ, ଶରତ ଜେନା, ସନ୍ତୋଷ ସାହୁ, ଲକ୍ଷ୍ମୀଧର କବି, ବ୍ରଜବନ୍ଧୁ ମଲ୍ଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶିବ ଦାସ ଘୋଷଙ୍କ ଉପରେ ରଚିତ ସଙ୍ଗୀତ ଓ ଆନ୍ତର୍ଜାତିକ ସଙ୍ଗୀତ ଗାନ ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

PARADIP PORT AUTHORITY
E & M DEPARTMENT
PLANNING & DESIGN CELL
No. EM/PD-11/2022/605 Date:20/04/2023
CORRIGENDUM - II
2nd CORRIGENDUM to e-Tender Call Notice (TCN) No.EM/PD-06/2023 issued vide No. EM/PD-11/2022/258, dt.14/02/2023 for the work "Implementation and Operation & Maintenance (O&M) of Port Access Control System".
The date and time of submission of tender are hereby extended as per the following schedule: (i) Document download end date : 21/05/2023; 18:00 Hrs. (ii) Bid submission end date : 21/05/2023, 18:00 Hrs. (iii) Last date of submission of cost of Tender document / Tender fee through NEFT/RTGS (as per Clause No.17 of ITB): 21/05/2023; 18:00 Hrs. (iv) Bid opening date: 22.05/2023; 16:00 Hrs.
The clarification to the pre-bid queries received from the prospective bidders will be uploaded shortly. Detailed Tender Document is available at the Website: https://eprocure.gov.in/eprocure/app for online bidding.
Sd/- Executive Engineer, Planning & Design Cell,
Electrical & Mechanical Department
PPA/PR/07/2022-23 Dt. 24/04/2023

OFFICE OF THE PROJECT ADMINISTRATOR, I.T.D.A., RAIRANGPUR
At: Rairangpur, W. No. 3, Mandirsahi, P.O.: Rairangpur,
Dist.: Mayurbhanj - 757043, Office No. 06794-222024
Email: paitdarrp@yahoo.in, itdargp@nic.in
Letter No. 405//2023-ITDARRP Dated, the 24.04.2023
1st CORRIGENDUM NOTICE OF BID IDENTIFICATION
No. 01/2023-24 OF ITDA, RAIRANGPUR
No. CAD-300: The following changes have been made to the Bid Identification No. 01/2023-24 date 19.04.2023 which was published in daily Oriya Newspaper "DHARITRI" & "SAKALA" and in English Newspaper "THE TIMES OF INDIA" on date 21.04.2023. As per Office Memorandum, Amendment Rule-3 of Appendix - VIII of OPWD Code Vol-II of Letter No. Works-FA-MISCSB-0018-2022-12586/W, Bhubaneswar dated 9th Sept., 2022 the Class of Contractor as mentioned earlier in the Bid Identification No. 01/2023-24 dated 19.04.2023 of ITDA, Rairangpur has been modified against the Bid Identification Work Sl. No. 1, 2, 3, 4, 5, 10, 12, 13, 14, 15 & 16. The class of contractor read as 'C' & 'B' instead of 'D' & 'C'. Similarly the work Sl. No. 31 the Class of Contractor read as 'B' Class instead of 'C' & 'B' and Work Sl. No. 34 the Class of Contractor read as 'B' Class instead of 'D' & 'C' Class.
The above Bid Identification Clause No. 1 Work Sl. No. 61 cost of Bid document is read as Rs.2000/- instead of Rs.4000/-. The other terms & conditions are available in tender schedule remain unchanged.
All concerned be presume as modified to abvoe extent.
Sd./- Project Administrator
I.T.D.A., Rairangpur
OIPR-26041/11/0002/2324

झारखण्ड सरकार निदेशक का कार्यालय
राँची तंत्रिका मनोचिकित्सा एवं संबद्ध विज्ञान संस्थान (रिनपास)
काँके, राँची 834006 (झारखण्ड) फैक्स 0651&2450813 फोन 2450303
www.rinpas.nic.in, Directorrinpas@gmail.com & Director-rinpas@jharkhandmail.gov.in
आवश्यक सूचना
- दिनांक 19/04/2023 एवं दिनांक 20/04/2023 को आयोजित Walk-in Interview Advertisement No. DIR/26/01/2022-2023/Junior Engineer (Civil) को अपरिहार्य कारणो से स्थगित की जाती है।
- अगली तिथि की सूचना रिनपास वेबसाईट www.rinpas.nic.in पर दे दी जायेगी।

रिनपास पत्रांक 1023 दि0 18/04/2023
PR NO. 295149
ह/–
प्रभारी निदेशक
रिनपास, कॉके, रॉची।
PR 295763 RINPAS(23-24)D

# ବଡରମ୍ଭେଇ ଗ୍ରାମରେ ନାମଯଜ୍ଞ ମହୋତ୍ସବ

ରସୁଲପୁର,୨୪।୪(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତର ବଡ ରମ୍ଭେଇ ଗ୍ରାମରେ ନାମଯଜ୍ଞ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ୩ଦିନ ବ୍ୟାପି ଅନୁଷ୍ଠିତ ଏହି ଉତ୍ସବରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଛନ୍ତି । ଏହି ଅବସରରେ ଅନୁଷ୍ଠିତ କଳସ ଶୋଭାଯାତ୍ରାରେ ଗ୍ରାମବାସୀ ସାମିଲ ହୋଇଥିଲେ। ଖରସ୍ରୋତା ନଦୀରୁ ଜଳପୂର୍ଣ୍ଣ କଳସ ଆଣି କଳସଧାରୀମାନେ ନାମଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । ରବିବାର ଶୁଭାଧିବାସ ଅନୁଷ୍ଠିତ ହୋଇଥିଲା । ସୋମବାର ନାମଯଜ୍ଞ ଆୟୋଜନ କରାଯିବା ସହ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ମଙ୍ଗଳବାର ନଗର କୀର୍ତ୍ତନ ଅନୁଷ୍ଠିତ ହେବ । ଏହି ଉତ୍ସବ ପାଇଁ ଯାଜପୁରର ବିଭିନ୍ନ ଅଞ୍ଚଳରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମ ସଂକୀର୍ତ୍ତନ ପରିବେଷଣ କରାଯାଉଛି । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

# ୫ ସନ୍ଦିଗ୍ଧ ଯୁବକ କୋର୍ଟଚାଲାଣ

- ଡକାୟତି ଯୋଜନା କରିଥିଲେ
- ୨ ଭୁଜାଲି, ୨ ବାଇକ୍ ସହ ୪ ମୋବାଇଲ ଜବତ

ଧାମନଗର,୨୪।୪ (ଡି.ଏନ.ଏ./ସ୍ୱ.ପ୍ର.)

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ରାଣୀପୋଖରୀ ନିକଟରୁ ପୋଲିସ ରବିବାର ଅପରାହ୍ନରେ ଧରିଥିବା ୫ ସନ୍ଦିଗ୍ଧ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ଯାଜପୁର ଜିଲା ପାଳଦା ଅଞ୍ଚଳର ମୁକେଶ ସାମଲ, ବାଲେଶ୍ୱର ଜିଲା ସୁନହାଟ ଅଞ୍ଚଳର ରାକେଶ ସେନାପତି, ଇଞ୍ଚୁଡ଼ି ଅଞ୍ଚଳର ବିକ୍ରମ ଦଳେଇ, ସାଇପୁର ଅଞ୍ଚଳର କାହ୍ନୁ ମାଝୀ ଓ କୃପାସିନ୍ଧୁ ଦଳେଇ। ସେମାନେ ବଡ଼ ଧରଣର ଡକାୟତି କରିବା ପାଇଁ ଯୋଜନା କରିଥିଲେ। ପୋଲିସ ସେମାନଙ୍କଠାରୁ ୨ ବାଇକ୍, ୨ ଭୁଜାଲି ସହ ୪ ମୋବାଇଲ ଫୋନ ଜବତ କରିଛି। ଏନେଇ ଥାନାରେ ମାମଲା (ନଂ.୧୮୭/୨୩) ରୁଜୁ କରାଯାଇଛି।

ପ୍ରକାଶ ଯେ, ଦୁଇଟି ବାଇକ୍‌ରେ ୫ଜଣ ଯୁବକ ଯାଜପୁରରୁ ଧାମନଗର ଅଞ୍ଚଳକୁ ଆସୁଥିଲେ। ରାଣୀପୋଖରୀ ନିକଟରେ ଗୋଟିଏ ବାଇକ୍ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିବା ବେଳେ ଯୁବକଙ୍କ ପଛପାଖରେ ଥିବା ଦୁଇଟି ଭୁଜାଲି ତଳେ ପଡ଼ିଯାଇଥିଲା। ସ୍ଥାନୀୟ ଲୋକେ ଭୁଜାଲି ଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ସେମାନଙ୍କୁ ଥାନାକୁ ନେଇ ଅଟକ ରଖିଥିଲା। ଧାମନଗର ଥାନା ଅଞ୍ଚଳରେ ଲୁଟ୍ ଓ ଚୋରି ବୃଦ୍ଧି ପାଇବାରେ ଲାଗିଛି। ଲୁଟେରାମାନେ ସୁନା ବ୍ୟବସାୟୀ ଓ ରାସ୍ତାରେ ଯାଉଥିବା ଲୋକଙ୍କୁ ପିଛା କରି ଲୁଟ୍ କରିବାରେ ସକ୍ଷମ ହେଉଛନ୍ତି। ସପ୍ତାହ ପୂର୍ବେ ଦୋବଲ ବଜାରରୁ ସନ୍ଧ୍ୟା ସମୟରେ ସୁନା ବ୍ୟବସାୟୀ ନୃସିଂହ ମହାରଣାଙ୍କ ସ୍କୁଟି ଡିକି ଖୋଲି ଲକ୍ଷାଧିକ ଟଙ୍କାର ସୁନା ରୁପା ଅଳଙ୍କାର ଲୁଟ୍ ହୋଇଥିଲା। ସେହିପରି ୩ ମାସ ପୂର୍ବେ ଦୋବଲ ବଜାରରୁ ଅନ୍ୟ ଜଣେ ସୁନା ବ୍ୟବସାୟୀ ନିରାକାର ସାହୁଙ୍କ ବାଇକ୍ ଡିକି ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ରୁପା ଅଳଙ୍କାର ଲୁଟ୍ ହୋଇଥିଲା। ଦୁଇ ଘଟଣାରେ ସିସିଟିଭି ଫୁଟେଜ ଥିବାବେଳେ ପୋଲିସ ଲୁଟେରାମାନଙ୍କୁ ଧରିବାରେ ସକ୍ଷମ ହୋଇ ନ ଥିବା ଅଭିଯୋଗ ହେଉଛି।

GOVERNMENT OF ODISHA No. O-81
OFFICE OF THE CHIEF CONSTRUCTION ENGINEER
CENTRAL RURAL WORKS CIRCLE, BHUBANESWAR
No.1934 / Date: 19.04.2023
"e" PROCUREMENT NOTICE FOR ROAD WORKS

| | | | |
|---|---|---|---|
| 1. | Name of the Work | : | Road Works |
| 2. | Total No. of Works | : | 03 Nos. of Road Work under CMRL, 02 Nos. of Road work under Improvement to Existing RD Road and 01 No. of road under RIDF for the year 2022-23 |
| 3. | Estimated Cost of the Work | : | Varies from Rs.73.69 lakhs to Rs.1326.75 lakhs |
| 4. | Class of Contractors | : | |
| | a) Estimated cost more than Rs.20.00 lakhs upto Rs.3.00 Crore | : | B Class (of Odisha PWD) or relevant Class of other licensing authorities |
| | b) Estimated cost more than Rs.1.00 Crore upto Rs.20.00 Crores | : | A Class (of Odisha PWD) or relevant Class of other licensing authorities |
| | c) Estimated cost more than Rs.6.00 Crores upto Rs.50.00 Crores | : | Special Class (of Odisha PWD) or relevant class of other licensing authorities |
| 5. | Period of Completion | : | As mentioned in Column - 7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST |
| 7. | Other details | : | |

| Procurement Officer | Bid Identification No. | Availability of Tender Online for Bidding | | Date & time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender Online - C.C.14 of 2023 | 27.04.2023 at 11.00 A.M. | 15.05.2023 upto 5.00 P.M. | 16.05.2023 at 11.00 A.M. | To be intimated later on |

Further details can be seen from the website: www.tendersodisha.gov.in.
Sd./- Chief Construction Engineer, Central Rural Works Circle, Bhubaneswar
OIPR-25082/11/0002/2324

କୃଷକ ଭାଇ ଓ ଭଉଣୀମାନଙ୍କ ପାଇଁ ସୂଚନା
No. L-18: ୨୦୨୩-୨୪ ବର୍ଷ ପାଇଁ କୃଷି ଯନ୍ତ୍ରପାତି ୨୪ ଏପ୍ରିଲ ଦିବା ୧୦.୩୦ ଘଣ୍ଟାରୁ ପର୍ଯ୍ୟାୟକ୍ରମେ ଆରକ୍ଷଣ ପାଇଁ ଉପଲବ୍ଧ ହେବ। ସବିଶେଷ ସମୟ ନିର୍ଘଣ୍ଟ ପାଇଁ https://odishafarmmachinery.nic.in କିମ୍ବା https://agrisnetodisha.ori.nic.in ରେ ସୂଚିତ ସଂଦେଶାବଳୀର ଅନୁସରଣ କରନ୍ତୁ।
ଇଚ୍ଛୁକ ଆବେଦନକାରୀ ଗୋ ସୁଗମ ପୋର୍ଟାଲ https://sugam.odisha.gov.in ମାଧ୍ୟମରେ ବୈଧ କୃଷକ ପରିଚୟ ପତ୍ର ଦ୍ୱାରା ଦରଖାସ୍ତ କରିବାର ସୁଯୋଗ ନେଇପାରିବେ।
କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା
OIPR-01102/11/0007/2324

STATE FOREST DEVELOPMENT AGENCY (SFDA), ODISHA
STATE FOREST HEADQUARTERS, ODISHA
OFFICE OF THE PRINCIPAL CHIEF CONSERVATOR OF FORESTS
ARANYA BHAWAN, BHUBANESWAR - 23
Email: affn.pccfodisha@gmail.com/ppa.pccfhoff@odisha.gov.in
RFP No. 404 Date: 21.04.2023
REQUEST FOR PROPOSAL (RFP) NOTICE
No. MM-13: Sealed proposals are invited from eligible organizations (Government/Non-Government) to carry out **"3rd Party Monitoring and Evaluation of activities under Programme Expenditure Scheme (1) Increasing Green Cover in the State for the year 2017-18 to 2022-23 (6 years) & (2) Green Mahanadi Mission for the year 2018-19 to 2022-23 (5 years) implemented in the State of Odisha**. Bidders fulfilling the eligibility criteria of the bidding process can access and download the complete RFP Document, ToR and other details from **http://odishaforest.in, www.ofsds.in & www.odisha.gov.in** (All Tender Section).
1. The proposal complete in all respect must reach the undersigned by Speed Post/Registered Post/Courier only latest by 10.05.2023 upto 4 P.M. in a sealed envelope clearly mentioning the title of the project on the top of it. The proposals received beyond the last date and time will be rejected.
2. The authority reserves the right to reject or accept any/all proposals without assigning any reason thereof and to cancel or amend the tender and/or scope & other terms and condition of this tender document. Please visit the website mentioned in the RFP document regularly from time to time for the same.

Sd./- Chief Conservator of Forests (PP&A)
and Member Secretary, SFDA, Odisha
OIPR-08002/11/0003/2324

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଗୁରୁତର ତହସିଲ ମୁଖ୍ୟ କିରାଣିଙ୍କ ପରଲୋକ

କୁଜଙ୍ଗ,୨୪।୪ (ଡି.ଏନ୍.ଏ): ସଡ଼କ ଦୁଘର୍ଟଣାରେ ଗୁରୁତର ହୋଇଥିବା ତହସିଲ କାର୍ଯ୍ୟାଳୟର ମୁଖ୍ୟ କିରାଣି ଲାଲାଅମରେନ୍ଦ୍ର ରାୟଙ୍କ ସୋମବାର ପରଲୋକ ଘଟିଛି। କୁଜଙ୍ଗ ଅତିରିକ୍ତ ତହସିଲଦାର ବାଇଧର ପ୍ରଧାନ ଓ ମୁଖ୍ୟ କିରାଣି



ରାୟ ଏପ୍ରିଲ ୨୦ରେ ଜିଲା ପ୍ରଶାସନିକ କାର୍ଯ୍ୟାଳୟରୁ ତହସିଲ କାର୍ଯ୍ୟାଳୟକୁ ସରକାରୀ ଭାବେ ଭଡ଼ାରେ ଲାଗିଥିବା ବୋଲେରୋ ଗାଡ଼ିରେ ଫେରୁଥିବାବେଳେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଗାଡ଼ିଟି କଟକ-ପାରାଦୀପ ରାସ୍ତାର ଷଣ୍ଢପୁର ନିକଟରେ ଏକ ଗଛରେ ପିଟି ହୋଇଯାଇଥିଲା। ଫଳରେ ପ୍ରଧାନ ଓ ରାୟ ଗୁରୁତର ହୋଇଥିଲେ। ସେମାନଙ୍କୁ ପ୍ରଥମେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାୟଙ୍କ ପରଲୋକ ଘଟିଛି। ଏହି ଖବର ପ୍ରଚାରିତ ହେବାମାତ୍ରେ କୁଜଙ୍ଗରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମୃତ୍ୟୁରେ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ରଙ୍କ ସମେତ ସମସ୍ତ କର୍ମଚାରୀ ଶୋକବ୍ୟକ୍ତ କରିଛନ୍ତି।

### ମହିଳା ମହାସଂଘ ପକ୍ଷରୁ ଜଳଛତ୍ରରେ ପଣାଦାନ

ରଘୁନାଥପୁର,୨୪।୪(ଡି.ଏନ୍.ଏ.): ରଘୁନାଥପୁର ବ୍ଲକ ରାଢ଼ଙ୍ଗ ପଞ୍ଚାୟତରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘ ତରଫରୁ ସ୍ଥାନୀୟ ତ୍ରିନାଥ ଛକଠାରେ ଜଳଛତ୍ର ଖୋଲାଯାଇ ପଣାଦାନ କରାଯାଉଛି। ମହିଳାମାନେ ନିଜର ସଞ୍ଚିତ ଅର୍ଥରୁ ସ୍ୱେଚ୍ଛାକୃତ ଭାବେ ବେଲ, କଦଳୀ ଓ ଦହି କଣି ପ୍ରବଳ ଗ୍ରୀଷ୍ମ ପ୍ରବାହରେ ତୃଷାର୍ତ୍ତମାନଙ୍କୁ ବେଲପଣା ପିଆଉଛନ୍ତି। ଗତ ସାତ ଦିନ ଧରି ସେମାନେ ନିଜସ୍ୱ ଖର୍ଚ୍ଚରେ ଜଳଛତ୍ର ଖୋଲି ଜଳଦାନ କରିଆସୁଛନ୍ତି। ରଘୁନାଥପୁର ଓଏଲଏମ୍‌ର ବିଏଲସି ବିଶ୍ୱଜିତା ଦାସ, ରାଢ଼ଙ୍ଗ ଏସ୍‌ଏଚ୍‌ଜି ମହାସଂଘର ସଭାନେତ୍ରୀ ନର୍ମଦା ନାୟକ, ନଥି ପତ୍ର ଲେଖିକା ଆରତୀ ନାୟକ, ରୁନୁବାଳା ଖଟୁଆ, ମାନସୀ ଜେନା, ମମତା ସ୍ୱାଇଁ, ମଞ୍ଚ ସଭା ନେତ୍ରୀ ନିଲୁଲତା ରାଉତ, ଗୋଷ୍ଠୀ ସହାୟିକା ପୁଷ୍ପଲତା ଜେନା ପ୍ରମୁଖ ଏହି ଜଳଛତ୍ରର ଆୟୋଜନ କରିଛନ୍ତି। ଶୁଭଶ୍ରୀ ବିଶ୍ୱାଳ, ପିନାକୀ ପ୍ରିୟଦର୍ଶୀନି ଜେନା ଏଥିରେ ସହଯୋଗ କରୁଛନ୍ତି।

# ବିନା ଛୁଟିରେ ମୁଖ୍ୟାଳୟ ଛାଡ଼ି ପାରିବେନି ଅଧିକାରୀ

**ମୁଖ୍ୟାଳୟରେ ସରକାରୀ କର୍ମଚାରୀ ରହୁନଥିବା ପ୍ରସଙ୍ଗ**

■ବାହାରେ ରହିଲେ ବି ମୋବାଇଲ ଖୋଲା ରଖିବାକୁ ବାଧ

**ଧରିତ୍ରୀ ପ୍ରଭାବ**

ଜଗତ୍‌ସିଂହପୁର ଅଫିସ, ୨୪।୪

ଜଗତ୍‌ସିଂହପୁର ଜିଲାରେ କାର୍ଯ୍ୟରତ ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରୁ ଅନେକ ଜିଲା ତଥା ବ୍ଲକ ମୁଖ୍ୟାଳୟରେ ରହୁନାହାନ୍ତି। କେବଳ ଏତିକି ନୁହେଁ, କେତେଜଣ ସରକାରୀ ଗାଡ଼ିର ଦୁରୁପଯୋଗ ସାଙ୍ଗକୁ ହାତପୂରା ଛୁଟି ନେବା ଅଭିଯୋଗ ହୋଇଛି। ଏହାସତ୍ତ୍ୱେ ସେମାନଙ୍କ ଉପରେ କୌଣସି ଅଙ୍କୁଶ ରହୁନି। ଗତ ୬ ତାରିଖରେ ଧରିତ୍ରୀରେ ଏ ସମ୍ପର୍କିତ ଖବର ପ୍ରକାଶ ପାଇଲା ପରେ ଜିଲା ପ୍ରଶାସନ ଚେଇଁ ଉଠିଛି। ଜିଲାପାଳ ପାରୁଲ ପଟୱାରୀ ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇ ଜିଲାର ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ (ବିଡିଓ), ତହସିଲଦାର, ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ, ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଓ ଜିଲାସ୍ତରୀୟ ଅଧିକାରୀଙ୍କୁ ଚିଠି ନଂ. ୨୨୦ରେ ମୁଖ୍ୟାଳୟରେ ରହିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଯେଉଁମାନେ ଛୁଟିରେ ରହିବେ, ସେମାନେ ମଧ୍ୟ ମୋବାଇଲ ବନ୍ଦ କରିପାରିବେ ନାହିଁ। ଏହି ନିର୍ଦ୍ଦେଶନାମା ଉଲ୍ଲଂଘନ କଲେ ଗୁରୁତର ସହ ନିଆଯିବ ବୋଲି ଜିଲାପାଳ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

ଜିଲାପାଳ ଚିଠିରେ ଦର୍ଶାଇଛନ୍ତି ଯେ, କେତେଜଣ ଅଧିକାରୀ ସେମାନଙ୍କ ମୁଖ୍ୟାଳୟରେ ରହୁନାହାନ୍ତି। ବିନାନୁମତିରେ ସେମାନଙ୍କ ଇଚ୍ଛାରେ ମୁଖ୍ୟାଳୟ ଛାଡୁଛନ୍ତି। ଯେତେବେଳେ କୌଣସି ଗୁରୁତ୍ୱପୂର୍ଣ୍ଣ ତଥା ଜରୁରୀ ଆଲୋଚନା କିମ୍ବା ପରାମର୍ଶ ପାଇଁ ଡକାଯାଉଛି, ସେତେବେଳେ କେତେକ ଅଧିକାରୀ ମୁଖ୍ୟାଳୟରେ ମିଳୁନାହାନ୍ତି। ସରକାରୀ କାମରେ ବାଧା ସୃଷ୍ଟି ହେଉଥିବାରୁ ଜିଲା ପ୍ରଶାସନ ଅଡୁଆରେ ପଡୁଛି। ତେଣୁ ସମସ୍ତ ବରିଷ୍ଠ ଅଧିକାରୀ, ଜିଲାସ୍ତରୀୟ ଅଧିକାରୀ, ଲାଇନ ଡିପାର୍ଟମେଣ୍ଟ ଅଧିକାରୀ, ଡେପୁଟି କଲେକ୍ଟର ଏବଂ ସହକାରୀ କଲେକ୍ଟରମାନେ ମୁଖ୍ୟାଳୟ ଛାଡିବା ପୂର୍ବରୁ ଜିଲାପାଳଙ୍କ ଅନୁମତି ନେବା ବାଧ୍ୟତାମୂଳକ। କେବଳ ସାଧାରଣ ଭାବେ ଇ-ମେଲ/ଏଚ୍‌ଆର୍‌ଏମ୍‌ଏସ୍/ପୋଷ୍ଟ କିମ୍ବା ହାତରେ ଛୁଟି ଦରଖାସ୍ତ କରିଦେଲେ ହେବ ନାହିଁ । ଜିଲାପାଳଙ୍କ ଏହି ଚିଠି ପରେ ମୁଖ୍ୟାଳୟ ବାହାରେ ରହୁଥିବା ଅଧିକାରୀ ଓ କର୍ମଚାରୀମାନଙ୍କ ମହଲରେ ଛାନିଆ ପଶିଛି। କାଳେ କିଏ ସେମାନଙ୍କ ବିଷୟରେ ଜିଲାପାଳଙ୍କୁ ଅବଗତ କରିଦେବ, ସେନେଇ କ'ଣ କରିବେ ଜାଣିପାରୁନାହାନ୍ତି।

ସୂଚନାଯୋଗ୍ୟ, ସରକାରୀ ଅଧିକାରୀ ଓ କର୍ମଚାରୀମାନେ ମୁଖ୍ୟାଳୟରେ ରହୁ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଦୀର୍ଘ ବର୍ଷ ଧରି ଅଭିଯୋଗ ପରେ ୨୦୧୯ ଜୁଲାଇରେ ତତ୍କାଳୀନ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇଥିଲେ। ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅଧିକାରୀ ଓ କର୍ମଚାରୀମାନେ ଯେପରି ସେମାନଙ୍କ ମୁଖ୍ୟାଳୟରେ ରହିବେ ସେନେଇ ନିର୍ଦ୍ଦେଶନାମା ଜାରି କରିଥିଲେ। ସେତେବେଳେ ସେ କହିଥିଲେ, କର୍ମଚାରୀମାନେ ମୁଖ୍ୟାଳୟରେ ରହିଲେ ଲୋକଙ୍କ ପ୍ରତି ସେମାନଙ୍କ ଆତ୍ମୀୟତା ଓ ଅଙ୍ଗୀକାରବଦ୍ଧତା ବଢ଼ିବ । କିନ୍ତୁ ପରବର୍ତ୍ତୀ ସମୟରେ ଯଥା ପୂର୍ବଂ ତଥା ପରଂ ଅନୁଭବ ହୋଇଥିଲା । ଜିଲାପାଳଙ୍କ ଏହି ନିର୍ଦ୍ଦେଶ ପାଣିର ଗାର ହୋଇଥିଲା । ତାଙ୍କ ପରେ ପାରୁଲ ପଟୱାରୀ ଜିଲାପାଳ ଭାବେ ଯୋଗ ଦେଇଥିଲେ ସୁଦ୍ଧା ପୂର୍ବପରି ସରକାରୀ ଅଧିକାରୀ ଓ କର୍ମଚାରୀମାନେ କଟକ, ଭୁବନେଶ୍ୱର ଆଦିକୁ ଯାତାୟାତ କରୁଛନ୍ତି। ନାନା ବାହାନ ନେଇ ଏହି ଅଧିକାରୀ ଓ କର୍ମଚାରୀମାନେ ମୁଖ୍ୟାଳୟରେ ରହୁନାହାନ୍ତି। ଅନେକ ସମୟରେ ଶୁକ୍ରବାର ଅପରାହ୍ନରୁ ସୋମବାର ଅପରାହ୍ନ ପର୍ଯ୍ୟନ୍ତ ଏବଂ ଛୁଟିଦିନ ଥିଲେ ତା'ପୂର୍ବ ଦିନରୁ ମଧ୍ୟ ଆଗୁଆ କଟକ, ଭୁବନେଶ୍ୱର ଆଦି ଘରକୁ ଚାଲି ଯାଉଛନ୍ତି । କେବଳ ଏତିକି ନୁହେଁ ଏହି ଅଧିକାରୀ, କର୍ମଚାରୀ ଓ ଯନ୍ତ୍ରୀମାନେ ସରକାରୀ କାରର ଦୁରୁପଯୋଗ କରିବାକୁ ପଛାଉ ନାହାନ୍ତି। ସରକାରୀ କର୍ମଚାରୀଙ୍କ ଏଭଳି ମାନସିକତା ସରକାରଙ୍କ ବାସ୍ତବ ଲକ୍ଷ୍ୟ ପୂରଣରେ ଅନ୍ତରାୟ ସୃଷ୍ଟି କରୁଥିବା ନେଇ ଧରିତ୍ରୀରେ ପ୍ରକାଶ ପାଇବା ପରେ ଏହି ନିର୍ଦ୍ଦେଶନାମା ଜାରି ହୋଇଛି।

# ସମ୍ବଲପୁର ହିଂସା ବିରୋଧରେ ହିନ୍ଦୁ ସଙ୍ଗଠନର ବିକ୍ଷୋଭ



ଜିଲାପାଳଙ୍କ କାର୍ଯ୍ୟ ପରିସରରେ ହିନ୍ଦୁ ସଙ୍ଗଠନ ପକ୍ଷରୁ ବିକ୍ଷୋଭ କରାଯାଉଛି।

**ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ**

ଜଗତ୍‌ସିଂହପୁର ଅଫିସ/ରଘୁନାଥପୁର(ଡି.ଏନ୍.ଏ.) ୨୪।୪

ସମ୍ବଲପୁରରେ ଗତ ୧୨ ତାରିଖରେ ହନୁମାନ ଜୟନ୍ତୀରେ ଆୟୋଜିତ ଶୋଭାଯାତ୍ରା ବେଳେ ହିଂସା ହୋଇଥିଲା । ୧୪ ତାରିଖରେ ଜଣେ ଯୁବକଙ୍କୁ ନିଷ୍ଠୁର ଭାବେ ହତ୍ୟା କରାଯାଇଥିଲା । ଏହି ପ୍ରାୟୋଜିତ ଆକ୍ରମଣ ଓ ହତ୍ୟା ସମଗ୍ର ହିନ୍ଦୁ ସମାଜକୁ ଗଭୀର ଆଘାତ ଦେଇଥିବା ଅଭିଯୋଗ କରି ଜଗତ୍‌ସିଂହପୁର ଜିଲାର ହିନ୍ଦୁ ସମାଜ ଯଥା ଆର୍‌ଏସ୍‌ଏସ୍, ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି), ଏବିଭିପି, ଭାଜପା, ଜିଲା ସ୍ୱଦେଶୀ ଅଭିଯାନ ଓ ବଜରଙ୍ଗ ଦଳ ପକ୍ଷରୁ ଜିଲା ମୁଖ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏନେଇ ସ୍ଥାନୀୟ ଏକ ମଣ୍ଡପ ନିକଟରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲା। ସେଠାରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଅନୁପସ୍ଥିତିରେ ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା । ଏଥିରେ ଭିଏଚ୍‌ପି ଜିଲା ସଭାପତି ପ୍ରଫୁଲ୍ଲ କୁମାର ସାହୁ, ଉପସଭାପତି ମାନସ ରଞ୍ଜନ ସ୍ୱାଇଁ, ଲିଙ୍ଗରାଜ ମହାନ୍ତି, ସୁବାସ ମହାନ୍ତି, ଆର୍‌ଏସ୍‌ଏସ୍‌ର ବିଜୟ କୁମାର ଦତ୍ତ, ଭାଜପା ସଭାପତି ସତ୍ୟବ୍ରତ ମହାପାତ୍ର, ଉପସଭାପତି ସୌଭାଗ୍ୟ ମହାନ୍ତି, ସାଧାରଣ ସମ୍ପାଦକ ଜଗନ୍ନାଥ ଦାଶ, ନଗର ସଭାପତି ଅକ୍ଷୟ କୁମାର ପାତ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ମଦନମୋହନ ଷଡ଼ଙ୍ଗୀ, ଜଗତ୍‌ସିଂହପୁର ପୌର ପରିଷଦ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ ପ୍ରମୁଖ ଯୋଗଦେଇଥିଲେ। ସେହିପରି ରଘୁନାଥପୁର ବ୍ଲକ ହିନ୍ଦୁ ସମାଜ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ରୂପାଲିକା ଦାଶଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ସୁବାସ ଜେନା ଓ ନିର୍ମଳ ମହାପାତ୍ରଙ୍କ ନେତୃତ୍ୱରେ ଏକ ରାଲି କରାଯାଇ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ନଳିନୀ ବାବା ଓ ରାଜେନ୍ଦ୍ର ବାବାଙ୍କ ସମେତ ବାପି ସିଂ, ଲିଙ୍ଗରାଜ ବାରିକ, ହୃଷିକେଶ ଦାସ, ସୁବା ମଲ୍ଲିକ, ଅମୁଲ୍ୟସାହୁ, ସୁବାସ ମହାରଣା, ବାବୁଲି ଭୋଳ ଓ ସୁକାନ୍ତ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣିରେ ୧୫୭ ଅଭିଯୋଗ



ଜନଶୁଣାଣି ଶିବିରରେ ପ୍ରଶାସନିକ ଅଧିକାରୀମାନେ ଅଭିଯୋଗଗୁଡ଼ିକୁ ଶୁଣୁଛନ୍ତି।

■ ବ୍ୟକ୍ତିଗତ ୧୪୩, ଗୋଷ୍ଠୀଗତ ୧୪ ଅଭିଯୋଗ ପଞ୍ଜୀକୃତ

■ ୪୦ ଅଭିଯୋଗର ତତ୍କାଳ ଫଏସଲା

କୁଜଙ୍ଗ,୨୪।୪(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ କୁଜଙ୍ଗ ସୂଚନା କେନ୍ଦ୍ର ପରିସରରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜଗତ୍‌ସିଂହପୁର ଜିଲାପାଳ ପାରୁଲ ପଟୱାରି ଏଥିରେ ଯୋଗଦେଇ ଅଭିଯୋଗଗୁଡ଼ିକୁ ଶୁଣିଥିଲେ। ଏହି ଅବସରରେ ମୋଟ ୧୫୭ ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୧୪୩ ଓ ଗୋଷ୍ଠୀଗତ ତଥା ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୧୪ଟି ଅଭିଯୋଗର ଶୁଣାଣି ହୋଇଥିଲା । ଏହି ଅବସରରେ ୪୦ ଅଭିଯୋଗର ତତ୍କାଳ ଫଏସଲା ହୋଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଗୋଷ୍ଠୀଗତ ସମସ୍ୟା ମଧ୍ୟରେ ବିଶେଷକରି କୁଜଙ୍ଗ ତହସିଲ ଅନ୍ତର୍ଗତ ସିଜୁ, ଝିମାଣି, କତକୁଲା, କାଠଗଡା, ପୀତାମ୍ବରପୁର, କୋଲଡିଆ, ନୂଆଗଡ, ବାଲିଡିଆ, ବିଜୟଚାନ୍ଦପୁର ପ୍ରଭୃତି ୯ଟି ମୌଜାର ଜମି ସେଟେଲମେଣ୍ଟ ହୋଇ ନ ଥିବାରୁ ଏହି ଗ୍ରାମର ଅଧିବାସୀମାନେ ଆୟ, ଜାତି ଏବଂ ବାସସ୍ଥାନ ଆଦିର ପ୍ରମାଣପତ୍ର ପାଇପାରୁନାହାନ୍ତି । ଫଳରେ ଛାତ୍ରୀଛାତ୍ରଙ୍କ ଠାରୁ ଆରମ୍ଭ କରି ଅନ୍ୟମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଜଗତ୍‌ସିଂହପୁର ଭାଜପା ସଭାପତି ଅରକ୍ଷିତ ଦାସ, ଜ୍ୟୋତି ପ୍ରକାଶ ପରିଡା ପ୍ରମୁଖ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କୁଜଙ୍ଗ ଅଞ୍ଚଳରେ ୧୯୦୧ରୁ ପ୍ରତିଷ୍ଠା ହୋଇଥିବା ଶତାୟୁ ବନ ବିହାରୀ ଉଚ୍ଚ ବିଦ୍ୟାଳୟରେ ୮୫୦ଜଣ ଛାତ୍ରୀଛାତ୍ର ଅଧ୍ୟୟନରତ ଥିବାବେଳେ ଏଠାରେ ଶିକ୍ଷକ ଅଭାବ ଥିବାରୁ ପାଠପଢ଼ାରେ ବାଧାପ୍ରାପ୍ତ ହେଉଛି ବୋଲି ବିଦ୍ୟାଳୟ ପରିଚାଳନା ସମିତି ସଭାପତି ନକ୍ଷେତ୍ର ପରିଜାଙ୍କ ସମେତ ଅନ୍ୟ ସଭ୍ୟାସଭ୍ୟମାନେ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବିରରେ ଏସ୍‌ପି ରାହୁଲ ପି.ଆର, ପାରାଦୀପ ଅତିରିକ୍ତ ଜିଲାପାଳ ଡ. କାହ୍ନୁ ଚରଣ ଧୀର, ଜିଲାପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଡା. ରୁଦ୍ରନାରାୟଣ ଦାସ, ତିର୍ତ୍ତୋଲ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ମାଝି, କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ତେଜସ୍ୱିନୀଙ୍କୁ ତରୁଣ ତନ୍ମୟ ସମ୍ମାନ

ରଘୁନାଥପୁର,୨୪।୪ (ଡି.ଏନ୍.ଏ.): ରଘୁନାଥପୁର ବ୍ଲକ ସାଦେଇପୁର ଗ୍ରାମର ସୁଲେଖିକା ତଥା କବୟିତ୍ରୀ ତେଜସ୍ୱିନୀ ପଣ୍ଡାଙ୍କୁ ରାଜ୍ୟସ୍ତରୀୟ ରାଜନଗର ସାହିତ୍ୟ ଉତ୍ସବ ପକ୍ଷରୁ ତରୁଣ ତନ୍ମୟ ସମ୍ମାନରେ ସମ୍ମାନିତ କରାଯାଇଛି। ସ୍ଥାନୀୟ ଜଗନ୍ନାଥ ମହାବିଦ୍ୟାଳୟ ସଭାଗୃହରେ ଆୟୋଜିତ ଉତ୍ସବରେ ତେଜସ୍ୱିନୀଙ୍କୁ ଉତ୍ତରୀୟ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ସାହିତ୍ୟ ଉତ୍ସବର ସମ୍ପାଦକ ପବିତ୍ର ବ୍ରହ୍ମପୁତ୍ର ନାୟକ, ମୁଖ୍ୟଅତିଥି ଭାବେ ଶ୍ରମିକ ନେତା ମାୟାଧର ନାୟକ, ମୁଖ୍ୟବକ୍ତା ବଟକୃଷ୍ଣ ମହାପାତ୍ର, ସମ୍ମାନିତ ଅତିଥିଭାବେ ବିଜୟଲକ୍ଷ୍ମୀ ଦାଶ, ଶରତଚନ୍ଦ୍ର ମହାପାତ୍ର, ଅତୁଲ ବଳ ଓ ପ୍ରଦୀପ ନାୟକ ଓ ଶରତ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।


PARADIP PORT AUTHORITY
E & M DEPARTMENT
PLANNING & DESIGN CELL
No. EM/PD-11/2022/605 Date:20/04/2023
CORRIGENDUM - II

2nd CORRIGENDUM to e-Tender Call Notice (TCN) No.EM/PD-06/2023 issued vide No. EM/PD-11/2022/258, dt.14/02/2023 for the work "Implementation and Operation & Maintenance (O&M) of Port Access Control System".
The date and time of submission of tender are hereby extended as per the following schedule: (i) Document download end date : 21/05/2023; 18:00 Hrs. (ii) Bid submission end date : 21/05/2023, 18:00 Hrs. (iii) Last date of submission of cost of Tender document / Tender fee through NEFT/RTGS (as per Clause No.17 of ITB): 21/05/2023; 18:00 Hrs. (iv) Bid opening date: 22.05/2023; 16:00 Hrs.
The clarification to the pre-bid queries received from the prospective bidders will be uploaded shortly. Detailed Tender Document is available at the Website: https://eprocure.gov.in/eprocure/app for online bidding.
Sd/- Executive Engineer, Planning & Design Cell,
Electrical & Mechanical Department
PPA/PR/07/2022-23 Dt. 24/04/2023


# ୨୭ରେ ତରିକୁନ୍ଦ ହାଇସ୍କୁଲର ହୀରକ ଜୟନ୍ତୀ ଉତ୍ସବ

ରଘୁନାଥପୁର,୨୪।୪(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ତରିକୁନ୍ଦ ହାଇସ୍କୁଲର ହୀରକ ଜୟନ୍ତୀ ସମାରୋହ ଏପ୍ରିଲ ୨୭ ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହାର ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୁରାତନ ଛାତ୍ର ସଂସଦ ସଭାପତି ବିଶିଷ୍ଟ ଶିକ୍ଷାବିତ୍ ରଘୁନାଥ ପତି ଓ ଉପସଭାପତି ପ୍ରମୋଦ କୁମାର ଜେନା, ସମ୍ପାଦକ ପ୍ରାଣକୃଷ୍ଣ ସାହୁ, କୋଷାଧ୍ୟକ୍ଷ ଶ୍ରୀବତ୍ସ ଆଚାର୍ଯ୍ୟ ଓ ହୀରକ ଜୟନ୍ତୀ କମିଟି ପରିଚାଳନା ସଭାପତି ବୀରକିଶୋର ରାଉତରାୟ ଏ ସମ୍ପର୍କରେ ଖବରଦାତା ସମ୍ମିଳନୀ ଜରିଆରେ ପ୍ରକାଶ କରିଛନ୍ତି। ଏହି ସମାରୋହରେ ପୁରାତନ ଛାତ୍ରୀଛାତ୍ର ଓ ଶୁଭେଚ୍ଛୁମାନେ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ଛାତ୍ର ସଂସଦ ପକ୍ଷରୁ ଆହ୍ୱାନ କରାଯାଇଛି। ୩ ଦିନ ବ୍ୟାପୀ ଆୟୋଜିତ ଏହି ସମାରୋହରେ ପ୍ରତ୍ୟେକ ଦିନ ବିଶିଷ୍ଟ ଶିକ୍ଷାବିତ୍, ସ୍ତମ୍ଭକାର, ଅନୁଷ୍ଠାନ ମୁଖ୍ୟଙ୍କ ସମେତ ମନ୍ତ୍ରୀ, ପ୍ରଶାସକ ଓ ସାମାଜିକକର୍ମୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ସମୟରେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କୁହାଯାଇଛି। ଖବରଦାତା ସମ୍ମିଳନୀରେ କମିଟି ସଦସ୍ୟ ଶେଖ ଆଲାଉଦ୍ଦିନ ଖାଁ, କରିମଉଦ୍ଦିନ ଖାଁ, ସ୍ଥାନୀୟ ସରପଞ୍ଚ ବନମାଳୀ ସାହୁ ଓ ସମିତି ସଭ୍ୟ ସ୍ୱଦେଶ ଦାସ, ମହମ୍ମଦ ଇଲିୟାସ, ଶାନ୍ତନୁ କୁମାର ବେହେରା, କେଳୁଚରଣ ଦାସ, ଶରତ ଚନ୍ଦ୍ର ମହାରଣା, ପ୍ରଭାତ କିଶୋର ମହାନ୍ତି, ଭରତ ଚନ୍ଦ୍ର ବାରିକ, ବିଭୂତି ଭୂଷଣ ମକଦ୍ଦମ,କିଶୋର ଚନ୍ଦ୍ର ସାହୁ ଓ ଲକ୍ଷ୍ମୀଧର ସ୍ୱାଇଁ ଉପସ୍ଥିତ ଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟ ବୈଠକରେ ହଟଗୋଳ

**ସରପଞ୍ଚ ପ୍ରତିନିଧିଙ୍କ ଉପସ୍ଥିତିକୁ ବିରୋଧ**

ବାଲିକୁଦା,୨୪।୪(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ରାହାଣ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାଗୀରଥି ସେଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ସରପଞ୍ଚ ନଳିନୀ ପ୍ରଭା ପାଢ଼ୀଙ୍କ ସହ ତାଙ୍କ ସ୍ୱାମୀ ସରପଞ୍ଚଙ୍କ ପ୍ରତିନିଧି ଦୀପ୍ତିରଞ୍ଜନ ପାଢ଼ୀ ଉପସ୍ଥିତ ଥିଲେ। ଦୀପ୍ତିରଞ୍ଜନ ନିର୍ବାଚିତ ପ୍ରତିନିଧି ନ ହୋଇ ଏଥିରେ ଯୋଗଦେଇଥିବା ନେଇ ପଞ୍ଚାୟତର ୧୧ ନଂ ୱାର୍ଡ ସଭ୍ୟ ସଚ୍ଚିଦାନନ୍ଦ ସେନାପତି ଅଭିଯୋଗ କରିଥିଲେ। ଏନେଇ ଦୀପ୍ତିରଞ୍ଜନଙ୍କୁ ବୈଠକରୁ ବାହାର କରିବା ପାଇଁ ସଚ୍ଚିଦାନନ୍ଦ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନିକଟରେ ଦାବି କରିଥିଲେ। ଫଳରେ ବୈଠକ ଚାଲି ନ ପାରି ବାତିଲ ହୋଇଯାଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଦୀପ୍ତିରଞ୍ଜନ ଜାତିଆଣ ଆକ୍ଷେପ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ନେଇ ବିଡିଓ ଜିତେନ୍ଦ୍ର ନାୟକଙ୍କ ନିକଟରେ ସଚ୍ଚିଦାନନ୍ଦ ଅଭିଯୋଗ କରି ନ୍ୟାୟ ପାଇଁ ନିବେଦନ କରିଛନ୍ତି। ଅପରପକ୍ଷେ ଦୀପ୍ତିରଞ୍ଜନ ଏସବୁ ଅଭିଯୋଗକୁ ମିଥ୍ୟା ଅଭିଯୋଗ ବୋଲି କହି ଖଣ୍ଡନ କରିବା ସହ ତାଙ୍କୁ ପ୍ରଥମେ ସମ୍ପୃକ୍ତ ୱାର୍ଡ ସଭ୍ୟ ଏଠାରେ କାହିଁକି ବସିଛୁ ବୋଲି କହି ଗାଳିଗୁଲଜ କରିଥିବା କହିଛନ୍ତି। ବୈଠକ ବାତିଲ ହୋଇଥିବାରୁ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏସମ୍ପର୍କରେ ସେଠୀ କହିଛନ୍ତି, ସରପଞ୍ଚ ନଳିନୀ ବିରୋଧୀ ଦଳର ହୋଇଥିବାରୁ ସଚ୍ଚିଦାନନ୍ଦ ସବୁବେଳେ ତାଙ୍କୁ ବିରୋଧ କରିଆସୁଛନ୍ତି। ଏପ୍ରସଙ୍ଗରେ ବିଡିଓ ନାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ନ ଉଠାଇବାରୁ ପ୍ରତିକ୍ରିୟା ମିଳିପାରିନାହିଁ।


OFFICE OF THE PROJECT ADMINISTRATOR, I.T.D.A., RAIRANGPUR
At: Rairangpur, W. No. 3, Mandirsahi, P.O.: Rairangpur,
Dist.: Mayurbhanj - 757043, Office No. 06794-222024
Email: paitdarrp@yahoo.in, itdargp@nic.in
Letter No. 405//2023-ITDARRP Dated, the 24.04.2023

1st CORRIGENDUM NOTICE OF BID IDENTIFICATION
No. 01/2023-24 OF ITDA, RAIRANGPUR

No. CAD-300: The following changes have been made to the Bid Identification No. 01/2023-24 date 19.04.2023 which was published in daily Oriya Newspaper "DHARITRI" & "SAKALA" and in English Newspaper "THE TIMES OF INDIA" on date 21.04.2023. As per Office Memorandum, Amendment Rule-3 of Appendix - VIII of OPWD Code Vol-II of Letter No. Works-FA-MISCSB-0018-2022-12586/W, Bhubaneswar dated 9th Sept., 2022 the Class of Contractor as mentioned earlier in the Bid Identification No. 01/2023-24 dated 19.04.2023 of ITDA, Rairangpur has been modified against the Bid Identification Work Sl. No. 1, 2, 3, 4, 5, 10, 12, 13, 14, 15 & 16. The class of contractor read as 'C' & 'B' instead of 'D' & 'C'. Similarly the work Sl. No. 31 the Class of Contractor read as 'B' Class instead of 'C' & 'B' and Work Sl. No. 34 the Class of Contractor read as 'B' Class instead of 'D' & 'C' Class.
The above Bid Identification Clause No. 1 Work Sl. No. 61 cost of Bid document is read as Rs.2000/- instead of Rs.4000/-. The other terms & conditions are available in tender schedule remain unchanged.
All concerned be presume as modified to abvoe extent.
Sd./- Project Administrator
I.T.D.A., Rairangpur
OIPR-26041/11/0002/2324



झारखण्ड सरकार निदेशक का कार्यालय
राँची तंत्रिका मनोचिकित्सा एवं संबद्ध विज्ञान संस्थान (रिनपास)
काँके, राँची 834006 (झारखण्ड) फैक्स 0651&2450813 फोन 2450303
www.rinpas.nic.in, Directorrinpas@gmail.com & Director-rinpas@jharkhandmail.gov.in

आवश्यक सूचना

- दिनांक 19/04/2023 एवं दिनांक 20/04/2023 को आयोजित Walk-in Interview Advertisement No. DIR/26/01/2022-2023/Junior Engineer (Civil) को अपरिहार्य कारणो से स्थगित की जाती है।
- अगली तिथि की सूचना रिनपास वेबसाईट www.rinpas.nic.in पर दे दी जायेगी।

रिनपास पत्रांक 1023 दि0 18/04/2023
PR NO. 295149
ह/-
प्रभारी निदेशक
रिनपास, कॉके, रॉची।
PR 295763 RINPAS(23-24)D



GOVERNMENT OF ODISHA No. O-81
OFFICE OF THE CHIEF CONSTRUCTION ENGINEER
CENTRAL RURAL WORKS CIRCLE, BHUBANESWAR
No.1934 / Date: 19.04.2023

"e" PROCUREMENT NOTICE FOR ROAD WORKS

| | | |
|---|---|---|
| 1. | Name of the Work | Road Works |
| 2. | Total No. of Works | 03 Nos. of Road Work under CMRL, 02 Nos. of Road work under Improvement to Existing RD Road and 01 No. of road under RIDF for the year 2022-23 |
| 3. | Estimated Cost of the Work | Varies from Rs.73.69 lakhs to Rs.1326.75 lakhs |
| 4. | Class of Contractors | |
| | a) Estimated cost more than Rs.20.00 lakhs upto Rs.3.00 Crore | **B Class** (of Odisha PWD) or relevant Class of other licensing authorities |
| | b) Estimated cost more than Rs.1.00 Crore upto Rs.20.00 Crores | **A Class** (of Odisha PWD) or relevant Class of other licensing authorities |
| | c) Estimated cost more than Rs.6.00 Crores upto Rs.50.00 Crores | **Special Class** (of Odisha PWD) or relevant class of other licensing authorities |
| 5. | Period of Completion | As mentioned in Column - 7 of Annexure |
| 6. | Offered rates by bidder | The offered rate by the contractor shall be excluding GST |
| 7. | Other details | |

| Procurement Officer | Bid Identification No. | Availability of Tender Online for Bidding | | Date & time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender Online - C.C.14 of 2023 | 27.04.2023 at 11.00 A.M. | 15.05.2023 upto 5.00 P.M. | 16.05.2023 at 11.00 A.M. | To be intimated later on |

Further details can be seen from the website: www.tendersodisha.gov.in.
Sd./- Chief Construction Engineer,
Central Rural Works Circle, Bhubaneswar
OIPR-25082/11/0002/2324



କୃଷକ ଭାଇ ଓ ଭଉଣୀମାନଙ୍କ ପାଇଁ ସୂଚନା

No. L-18: ୨୦୨୩-୨୪ ବର୍ଷ ପାଇଁ କୃଷି ଯନ୍ତ୍ରପାତି ୨୪ ଏପ୍ରିଲ ଦିବା ୧୦.୩୦ ଘଣ୍ଟାରୁ ପର୍ଯ୍ୟାୟକ୍ରମେ ଆରକ୍ଷଣ ପାଇଁ ଉପଲବ୍ଧ ହେବ। ସବିଶେଷ ସମୟ ନିର୍ଘଣ୍ଟ ପାଇଁ https://odishafarmmachinery.nic.in କିମ୍ବା https://agrisnetodisha.ori.nic.in ରେ ସୂଚିତ ସଂଦେଶାବଳୀର ଅନୁସରଣ କରନ୍ତୁ।

ଇଚ୍ଛୁକ ଆବେଦନକାରୀ **ଗୋ ସୁଗମ** ପୋର୍ଟାଲ https://sugam.odisha.gov.in ମାଧ୍ୟମରେ ବୈଧ କୃଷକ ପରିଚୟ ପତ୍ର ଦ୍ୱାରା ଦରଖାସ୍ତ କରିବାର ସୁଯୋଗ ନେଇପାରିବେ।

 କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା

OIPR-01102/11/0007/2324



STATE FOREST DEVELOPMENT AGENCY (SFDA), ODISHA
STATE FOREST HEADQUARTERS, ODISHA
OFFICE OF THE PRINCIPAL CHIEF CONSERVATOR OF FORESTS
ARANYA BHAWAN, BHUBANESWAR - 23
Email: affn.pccfodisha@gmail.com/ppa.pccfhoff@odisha.gov.in
RFP No. 404 Date: 21.04.2023

REQUEST FOR PROPOSAL (RFP) NOTICE

No. MM-13: Sealed proposals are invited from eligible organizations (Government/Non-Government) to carry out **"3rd Party Monitoring and Evaluation of activities under Programme Expenditure Scheme (1) Increasing Green Cover in the State for the year 2017-18 to 2022-23 (6 years) & (2) Green Mahanadi Mission for the year 2018-19 to 2022-23 (5 years) implemented in the State of Odisha**. Bidders fulfilling the eligibility criteria of the bidding process can access and download the complete RFP Document, ToR and other details from **http://odishaforest.in, www.ofsds.in & www.odisha.gov.in** (All Tender Section).

1. The proposal complete in all respect must reach the undersigned by Speed Post/Registered Post/Courier only latest by 10.05.2023 upto 4 P.M. in a sealed envelope clearly mentioning the title of the project on the top of it. The proposals received beyond the last date and time will be rejected.
2. The authority reserves the right to reject or accept any/all proposals without assigning any reason thereof and to cancel or amend the tender and/or scope & other terms and condition of this tender document. Please visit the website mentioned in the RFP document regularly from time to time for the same.

Sd./- Chief Conservator of Forests (PP&A)
and Member Secretary, SFDA, Odisha
OIPR-08002/11/0003/2324

## ସଂକ୍ଷେପରେ

### ରାସ୍ତାରେ ଓଲଟିଲା କଣ୍ଟେନର



ବେଲଗୁଣ୍ଠା,୨୪।୪, ବ୍ରହ୍ମପୁର-ଫୁଲବାଣୀ ଅଭିମୁଖେ ଯାଉଥିବା ଏକ କଣ୍ଟେନର୍ ସୋମବାର ରାତିରେ ଗାଙ୍ଗପୁର ଥାନା ଅନ୍ତର୍ଗତ ବିଞ୍ଝଣା-କ୍ଷତ୍ରିୟବରପୁର ମଝି ରାସ୍ତାରେ ଓଲଟି ପଡିଛି। ବିଞ୍ଝଣା-କ୍ଷତ୍ରିୟବରପୁର ମଝିରେ ରାସ୍ତା କାମ ଚାଲୁଥିବାରୁ ରାସ୍ତା ଉପରେ ମାଟି ଗଦା ହୋଇରହିଛି। ଏହି ସ୍ଥାନରେ ଗାଡ଼ି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଛି। ଖବର ପାଇ ଗାଙ୍ଗପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ଏବଂ ଏସ୍‌ଆଇ ଶୁଭ୍ରଜିତ ସାମନ୍ତରାୟ ପହଞ୍ଚି ଜେସିବି ମଗାଇ ରାସ୍ତା ସଫା କରିଥିଲେ। ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନଥିବା ଜଣାପଡ଼ିଛି।

### ମହୁମାଛି ଆକ୍ରମଣରେ ୪ ଆହତ

**ଦିଗପହଣ୍ଡି,୨୪।୪(ଡି.ଏନ.ଏ.):** ଦିଗପହଣ୍ଡି - ଚିକିଟି ରାସ୍ତାର ଗୁପ୍ତେଶ୍ୱର ଶୈବପୀଠ ପରିସରରେ ଥିବା ଶ୍ରୀ ଜଗନ୍ନାଥ ମଣ୍ଡପରେ ଜଣେ ବ୍ୟକ୍ତିଙ୍କ ରିଷ୍ଟ ଖଣ୍ଡନ ପାଇଁ ସୋମବାର ହୋମ କାର୍ଯ୍ୟ ଚାଲିଥିବା ବେଳେ ମହୁମାଛି ଆକ୍ରମଣରେ ପୁରୋହିତଙ୍କ ସମେତ ୪ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ସାନଖେମୁଣ୍ଡି ବ୍ଲକ ଆଡପଡ଼ା ଗ୍ରାମର ସୁଶାନ୍ତ ପ୍ରଧାନ, ପୋଡ଼ାମାରି ଗ୍ରାମର ଅର୍ଜୁନ ପଣ୍ଡା, ଗୀତା ରଞ୍ଜନ ପଣ୍ଡା ଏବଂ ମଳାଭଞ୍ଜା ଗ୍ରାମର ପୁରୋହିତ ସୀମାଞ୍ଚଳ ତ୍ରିପାଠୀ। ସମସ୍ତ ଆହତଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

### ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା

ପୋଲସରା,୨୪।୪(ଡି.ଏନ୍.ଏ.) ପୋଲସରା ବ୍ଲକ ମଧୁସୂଦନପୁରସ୍ଥିତ କନକଦୁର୍ଗା ବିଦ୍ୟାପୀଠରେ ସୋମବାର ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷାଧିକାରୀ କାଳିଚରଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସ୍ୱରୂପ କୁମାର ତ୍ରିପାଠୀ, ସୁବାସ ଚନ୍ଦ୍ର ନାୟକ ଓ ସୁବାସିନୀ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ୧୪୯ ବିଦ୍ୟାଳୟରୁ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ୧୦ ଜଣ ସିଆର୍‌ସିସି ଉପସ୍ଥିତ ଥିଲେ।

# ୬ମାସ ବିତିଲା, କାର୍ଯ୍ୟକ୍ଷମ ହେଉନି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ

**ଖଣ୍ଡପଡା,୨୪।୪(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରବାସୀଙ୍କୁ ସ୍ୱଚ୍ଛ ଥଣ୍ଡା ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ୬ମାସ ପୂର୍ବରୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୩ଟି ପୃଥକ ସ୍ଥାନରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ଖଣ୍ଡପଡ଼ା ବ୍ଲକ ଓ ଥାନା ସମ୍ମୁଖ ସମେତ ତହସିଲ କାର୍ଯ୍ୟାଳୟ ପରିସରରେ ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୩ଟି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ଅଦ୍ୟାବଧି ଗୋଟିଏ ହେଲେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପ୍ରତି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ରାତିରେ ଗୁଳୁଗୁଳି ଅନୁଭୂତ ହେଉଛି। ସହରବାସୀଙ୍କଠାରୁ ଆରମ୍ଭ କରି ବ୍ଲକ ଓ ତହସିଲ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଜନସାଧାରଣ ପାଣି ମୁନ୍ଦେ ପାଇଁ ଡ଼ହଳ ବିକଳ ହେଉଛନ୍ତି। ନୂତନ ଥଣ୍ଡା ପାନୀୟ ଜଳ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଆନ୍ତରିକତା ପ୍ରକାଶ କରୁ ନ ଥିବା ଅଭିଯୋଗ ହେଉଛି। ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଯୁଦ୍ଧକାଳୀନ ଭିତ୍ତିରେ ପାନୀୟଜଳ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଓ ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଖଣ୍ଡପଡ଼ା ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ତ୍ରିଲୋଚନ ବେହେରାଙ୍କ ସହ ଯୋଗାଯୋଗ କରିବାରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ପରିଦର୍ଶନରେ ଆସିବା ପରେ ସମ୍ପୃକ୍ତ ପ୍ରକଳ୍ପଗୁଡ଼ିକୁ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ ନିଆଯାଉଛି। ପ୍ରଥମେ ବ୍ଲକ ନିକଟରେ ଏହି ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯିବ ବୋଲି ବେହେରା କହିଛନ୍ତି।



# ପୁଣି ଖରାପ ହେଲା ମେମୁ ଟ୍ରେନ୍ ଇଞ୍ଜିନ

## ଟ୍ରେନ୍ ଚଳାଚଳରେ ବିଳମ୍ବରୁ ଯାତ୍ରୀ ହଇରାଣ



ମେମୁ ଟ୍ରେନ୍ ଇଞ୍ଜିନକୁ ଆଉ ଏକ ଇଞ୍ଜିନ ଟାଣୁଛି।

**ନୟାଗଡ଼ ଅଫିସ,୨୪।୪**

ଭୁବନେଶ୍ୱରରୁ ନୟାଗଡ଼ ଟାଉନ ଷ୍ଟେଶନ ଦେଇ ନୂଆଗାଁ ଚଳାଚଳ କରୁଥିବା ସେବା ଏକ୍ସପ୍ରେସ୍ ମେମୁ ଟ୍ରେନ୍‌ର ଇଞ୍ଜିନ ବାରମ୍ବାର ଅଚଳ ହୋଇ ପଡୁଛି। ଅନ୍ୟ ଏକ ଇଞ୍ଜିନ ଦ୍ୱାରା ଏହି ଟ୍ରେନ୍ ଏବେ ୪ ଦିନ ହେଲା ଚଳାଚଳ କରୁଛି। ଏଣୁ ନିର୍ଦ୍ଧାରିତ ସମୟର ବହୁ ବିଳମ୍ବରେ ଟ୍ରେନ ଚଳାଚଳ କରୁଥିବା ବେଳେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରକାଶ ଥାଉ କି ଚଳିତମାସ ପ୍ରଥମ ସପ୍ତାହରେ ମେମୁ ଟ୍ରେନ୍‌ର ଇଞ୍ଜିନ ଅଚଳ ହୋଇଯାଇଥିଲା। କମ୍ପାନୀର ଇଞ୍ଜିନିୟରମାନେ ଏହାର ମରାମତି କରିବା ପରେ ଏହା ସ୍ୱାଭାବିକ ଭାବେ ଚଳାଚଳ କରିଥିଲା। ୨ ସପ୍ତାହ ନ ପୂରୁଣୁ ପୁନର୍ବାର ଇଞ୍ଜିନ ଖରାପ ହୋଇଛି। ମେମୁ ଇଞ୍ଜିନ ଖରାପ ହେବା କାରଣରୁ ବିଭିନ୍ନ କୋଚ୍‌ରେ ଲାଗିଥିବା ଫ୍ୟାନ୍‌ଗୁଡ଼ିକ ଠିକ୍‌ରେ ବୁଲୁନାହିଁ ଏବଂ ଲାଇଟ ଜଳୁନାହିଁ। ଏ ନେଇ ଯାତ୍ରୀମାନେ ବିଭାଗ ନିକଟରେ ଅଭିଯୋଗ କରିଛନ୍ତି।

# ହନୁମନ୍ତ ଗାଁରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି



ଜିଲାପାଳ ଭିନ୍ନକ୍ଷମ ଶୁଭମଙ୍କୁ ହ୍ୱିଲ ଚେୟାର ଦେଉଛନ୍ତି।

**ନୟାଗଡ଼ ଅଫିସ/ଦଶପଲ୍ଲା, ୨୪।୪(ଡି.ଏନ.ଏ.)**

ସରକାରଙ୍କ ନିର୍ଦ୍ଦେଶକ୍ରମେ ନୟାଗଡ଼ ଜିଲା ପ୍ରଶାସନ ଗାଁ ମୁହାଁ ହୋଇଛି। ଦଶପଲ୍ଲା ବ୍ଲକର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଚଢ଼େୟାପଲ୍ଲୀ ପଞ୍ଚାୟତର ହନୁମନ୍ତ ଉନ୍ନୀତ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ସୋମବାର ପହଞ୍ଚି ଅଭିଯୋଗ ଶୁଣିଛନ୍ତି। ଏଠାରେ ୮୬ଟି ଅଭିଯୋଗ ଗ୍ରହଣ କରାଯାଇଥିବାବେଳେ ୫୭ଟି ବ୍ୟକ୍ତିଗତ ଓ ୨୭ଟି ସାମୁହିକ ସମସ୍ୟା ଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ୨ଜଣଙ୍କୁ ୨୦ ହଜାର ଲେଖାଏ ୪୦ ହଜାର ସହାୟତା ରାଶି ପ୍ରଦାନ କରାଯାଇଛି। ସେହିଭଳି ହନୁମନ୍ତ ଗାଁର ଭିନ୍ନକ୍ଷମ ଶୁଭମ ନାୟକଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ବିଭିନ୍ନ ଉପକରଣ ବିକ୍ରିର ଜିଲାପାଳ ଅନୁଧ୍ୟାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଅଲେଖ ଚନ୍ଦ୍ର ପହି, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଶକ୍ତିକାନ୍ତ ରାୟ, ଦଶପଲ୍ଲା ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ବିଡିଓ ସଞ୍ଜୀବ ଆଚାର୍ଯ୍ୟ, ତହସିଲଦାର ଶ୍ରୀକମାର ରଥ ଉପସ୍ଥିତ ଥିଲେ।

# ଭଗବାନ ବାଲାଜୀ-ପଦ୍ମାବତୀ ବିବାହ ଉତ୍ସବ

**ଛତ୍ରପୁର,୨୪।୪(ଡି.ଏନ.ଏ.)**

ଛତ୍ରପୁରସ୍ଥିତ ଶ୍ରୀବାଲାଜୀ କଲଚରାଲ ସୋସାଇଟି ପକ୍ଷରୁ ଭଗବାନ ଶ୍ରୀବାଲାଜୀ-ପଦ୍ମାବତୀଙ୍କ ବିବାହ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଭାତରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଥିବା ବାଲାଜୀ, ପଦ୍ମାବତୀଙ୍କ ବିଗ୍ରହଙ୍କର ଅଭିଷେକ ଓ ପୂଜାର୍ଚ୍ଚନା କରାଯାଇଥିଲା । ପରେ ଏକ ରଥରେ ବିଗ୍ରହମାନଙ୍କୁ ନେଇ ସହରରେ ବିରାଟ ପଟୁଆରରେ ପରିକ୍ରମା କରାଯାଇ ମା' ରାମାୟଣାମ୍ବା ମନ୍ଦିର ପଛରେ ଥିବା ସୌଭାଗ୍ୟ କଲ୍ୟାଣ ମଣ୍ଡପକୁ ନିଆଯାଇଥିଲା। ସେଠାରେ ପାରମ୍ପରିକ ରୀତିନୀତି ଓ ବିଧି ଅନୁସାରେ ଭଗବାନ ବାଲାଜୀ ଓ ପଦ୍ମାବତୀଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଏହି ବିବାହ କାର୍ଯ୍ୟରେ ବି.ଶ୍ରୀନିବାସ, ବି. ଉଷା ଶ୍ରୀନିବାସ, କେ.ରାମବାବୁ, କେ.ଜ୍ୟୋତି, ସୁଧୀର ପଟ୍ଟନାୟକ, ସମାପ୍ତି ପଟ୍ଟନାୟକ, ଦାଲେୟା ରେଣ୍ଡୀ, ଲକ୍ଷ୍ମୀ, ବି. ଭବାନୀ ଶଙ୍କର, ପ୍ରସନ୍ନା କୁମାରୀଙ୍କ ଉପସ୍ଥିତିରେ ପୁରୋହିତ ବିବାହ କାର୍ଯ୍ୟ କରିଥିଲେ। ସନ୍ଧ୍ୟାରେ ପୁଣି ଏକ ରଥରେ ବିଗ୍ରହମାନଙ୍କ ନଗର ପରିକ୍ରମା କରାଯାଇ ସ୍ଥାନୀୟ ଜଗନ୍ନାଥ ମନ୍ଦିରର ସ୍ଥାୟୀ ମଣ୍ଡପକୁ ଅଣାଯାଇଥିଲା। ସଂସ୍କୃତି, ପରମ୍ପରା, ଭାଇଚାରା ଓ ଜଗତ କଲ୍ୟାଣ ଏହାର ଉଦ୍ଦେଶ୍ୟ ବୋଲି ବାଲାଜୀ କଲଚରାଲ ସୋସାଇଟି ଆବାହକ ବି.ଶ୍ରୀନିବାସ କହିଛନ୍ତି । ଏ.ରାବଣା ରାଓ, ଏନ୍.ପ୍ରଭାକର, ବି.ରମଣୀ, ରମେଶ ରେଡ୍ଡୀ, ଦିବାକର ରାଓ, କାଳିଆ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବାଇକ ଦୁର୍ଘଟଣାରେ ଜଣେ ମୃତ

**ହିଞ୍ଜିଳିକାଟୁ,୨୪।୪(ଡି.ଏନ୍.ଏ)**

ହିଞ୍ଜିଳି ଥାନା ଦୁର୍ବନ୍ଧ ଓ କଞ୍ଚୁରୁ ରାସ୍ତାରେ ରବିବାର ରାତିରେ ବାଇକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ନିମଖଣ୍ଡି ଥାନା ଖାଡ଼କୋଲି ଗ୍ରାମର ଟୁକୁନା ରାଉଳ। ଟୁକୁନା ବାଇକରେ ଯାଉଥିବା ବେଳେ ଦୁର୍ବନ୍ଧ-କଂଚୁରୁ ରାସ୍ତାରେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଡାକ୍ତରଖାନା ଆଣିଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

# ଟ୍ରାକ୍ଟର ଡ୍ରାଇଭରଙ୍କ ମୃତଦେହ ଜବତ

**ବୁଗୁଡ଼ା,୨୪।୪(ଡି.ଏନ.ଏ.)**

ବୁଗୁଡ଼ା ଥାନା ଅନ୍ତର୍ଗତ ଲକ୍ଷ୍ମୀପୁର ଗାଁ ନିକଟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟସ୍ଥଳରୁ ସୋମବାର ଜଣେ ଟ୍ରାକ୍ଟର ଡ୍ରାଇଭରଙ୍କ ମୃତଦେହ ଜବତ ହୋଇଛି। ମୃତ ଟ୍ରାକ୍ଟର ଚାଳକ ଜଣକ ପୋଲସରା ଥାନା ଅନ୍ତର୍ଗତ ହାତୀପାଦପଲ୍ଲୀ ଗ୍ରାମର ସୀମାଞ୍ଚଳ ପ୍ରଧାନ(୩୨)। ସକାଳେ ଲକ୍ଷ୍ମୀପୁର ଗାଁ ନିକଟ ବାଲିଘାଇ ଠାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟସ୍ଥଳରେ ଏକ ଟ୍ରାକ୍ଟରର ଚକା ପାଖରେ ସୀମାଞ୍ଚଳଙ୍କ ମୃତ ଶରୀର ପଡିଥିବା ଦେଖିବାକୁ ମିଳିଥିଲା। ପୋଲିସ ପହଞ୍ଚିଲା ପରେ ସୀମାଞ୍ଚଳଙ୍କୁ ଉଦ୍ଧାର କରାଯାଇ ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୀମାଞ୍ଚଳଙ୍କ ସମ୍ପର୍କୀୟ ଗୌତମ ବିଷୋୟୀଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୨୭୯ / ୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।


**PARADIP PORT AUTHORITY**
**E & M DEPARTMENT**
**PLANNING & DESIGN CELL**
No. EM/PD-11/2022/605 Date:20/04/2023
**CORRIGENDUM - II**

2nd CORRIGENDUM to e-Tender Call Notice (TCN) No.EM/PD-06/2023 issued vide No. EM/PD-11/2022/258, dt.14/02/2023 for the work "Implementation and Operation & Maintenance (O&M) of Port Access Control System".
The date and time of submission of tender are hereby extended as per the following schedule: (i) Document download end date : 21/05/2023; 18:00 Hrs. (ii) Bid submission end date : 21/05/2023, 18:00 Hrs. (iii) Last date of submission of cost of Tender document / Tender fee through NEFT/RTGS (as per Clause No.17 of ITB): 21/05/2023; 18:00 Hrs. (iv) Bid opening date: 22.05/2023; 16:00 Hrs.
The clarification to the pre-bid queries received from the prospective bidders will be uploaded shortly. Detailed Tender Document is available at the Website: https://eprocure.gov.in/eprocure/app for online bidding.

Sd/- Executive Engineer, Planning & Design Cell,
Electrical & Mechanical Department
PPA/PR/07/2022-23 Dt. 24/04/2023



**OFFICE OF THE PROJECT ADMINISTRATOR, I.T.D.A., RAIRANGPUR**
At: Rairangpur, W. No. 3, Mandirsahi, P.O.: Rairangpur,
Dist.: Mayurbhanj - 757043, Office No. 06794-222024
Email: paitdarrp@yahoo.in, itdargp@nic.in
Letter No. 405//2023-ITDARRP Dated, the 24.04.2023

**1st CORRIGENDUM NOTICE OF BID IDENTIFICATION No. 01/2023-24 OF ITDA, RAIRANGPUR**

No. CAD-300: The following changes have been made to the Bid Identification No. 01/2023-24 date 19.04.2023 which was published in daily Oriya Newspaper "DHARITRI" & "SAKALA" and in English Newspaper "THE TIMES OF INDIA" on date 21.04.2023. As per Office Memorandum, Amendment Rule-3 of Appendix - VIII of OPWD Code Vol-II of Letter No. Works-FA-MISCSB-0018-2022-12586/W, Bhubaneswar dated 9th Sept., 2022 the Class of Contractor as mentioned earlier in the Bid Identification No. 01/2023-24 dated 19.04.2023 of ITDA, Rairangpur has been modified against the Bid Identification Work Sl. No. 1, 2, 3, 4, 5, 10, 12, 13, 14, 15 & 16. The class of contractor read as 'C' & 'B' instead of 'D' & 'C'. Similarly the work Sl. No. 31 the Class of Contractor read as 'B' Class instead of 'C' & 'B' and Work Sl. No. 34 the Class of Contractor read as 'B' Class instead of 'D' & 'C' Class.
The above Bid Identification Clause No. 1 Work Sl. No. 61 cost of Bid document is read as Rs.2000/- instead of Rs.4000/-. The other terms & conditions are available in tender schedule remain unchanged.
All concerned be presume as modified to abvoe extent.

Sd./- Project Administrator
I.T.D.A., Rairangpur
OIPR-26041/11/0002/2324



झारखण्ड सरकार निदेशक का कार्यालय
राँची तंत्रिका मनोचिकित्सा एवं संबद्ध विज्ञान संस्थान (रिनपास)
काँके, राँची 834006 (झारखण्ड) फैक्स 0651&2450813 फोन 2450303
www.rinpas.nic.in, Directorrinpas@gmail.com & Director-rinpas@jharkhandmail.gov.in

**आवश्यक सूचना**

- दिनांक 19/04/2023 एवं दिनांक 20/04/2023 को आयोजित Walk-in Interview Advertisement No. DIR/26/01/2022-2023/Junior Engineer (Civil) को अपरिहार्य कारणो से स्थगित की जाती है।
- अगली तिथि की सूचना रिनपास वेबसाईट www.rinpas.nic.in पर दे दी जायेगी।

रिनपास पत्रांक 1023 दि0 18/04/2023
PR NO. 295149

ह/–
प्रभारी निदेशक
रिनपास, कॉके, रॉची।

PR 295763 RINPAS(23-24)D


# ଅବସରପ୍ରାପ୍ତ କର୍ମଚାରୀ ସଂଘର ବିକ୍ଷୋଭ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର




ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅବସରପ୍ରାପ୍ତ କର୍ମଚାରୀ ସଂଘର କାର୍ଯ୍ୟକର୍ତ୍ତା ଓ ସଭ୍ୟାସଭ୍ୟବୃନ୍ଦ।

**ଦିଗପହଣ୍ଡି,୨୪।୪(ଡି.ଏନ୍.ଏ.)**

ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ଆହ୍ୱାନକ୍ରମେ ରାଜ୍ୟବ୍ୟାପୀ ପ୍ରତିବାଦ ସପ୍ତାହ ପାଳନ ଅବସରରେ ସୋମବାର ଦିଗପହଣ୍ଡି ସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡିଓ ଡ. ଚିତ୍ତରଞ୍ଜନ ଦାସଙ୍କୁ ୧୦ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଜ୍ୟର ସାଢ଼େ ୩ ଲକ୍ଷ ପେନ୍‌ସନର ଓ ଫ୍ୟାମିଲି ପେନ୍‌ସନରମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ପକ୍ଷରୁ ସମସ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା ଓ ଚିକିତ୍ସା ସୁବିଧା, ପେ-ମାଟ୍ରିକ୍ସ ଆଧାରରେ ପେନ୍‌ସନରେ ଥିବା ତ୍ରୁଟିସଂଶୋଧନ, ଅତିରିକ୍ତ ପେନ୍‌ସନ ୬୫ ବର୍ଷରୁ ଲାଗୁ କରାଯିବା, ସର୍ବନିମ୍ନ ପେନ୍‌ସନ କେନ୍ଦ୍ର ଅନୁରୂପ ୯ ହଜାର ଟଙ୍କା ଧାର୍ଯ୍ୟ କରି ତାହାକୁ ଇପିଏଫ୍ ପେନ୍‌ସନରଙ୍କୁ ପ୍ରଦାନ କରିବା ଆଦି ଦାବି ସମ୍ପର୍କରେ ୨୦୨୨ ଅକ୍ଟୋବର ୧୮ତାରିଖରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସହିତ ମହାସଂଘର ନେତୃତ୍ୱଙ୍କ ଆଲୋଚନା ହୋଇ କେତେକ ଦାବି ସମାଧାନ କରାଯିବାକୁ ନିର୍ଭର ପ୍ରତିଶ୍ରୁତି ଦିଆଯାଇଥିଲା। ୬ ମାସ ଅତିବାହିତ ହୋଇଥିଲେ ହେଁ ଦାବି ସମାଧାନ ନ ହେବା ଉଦ୍‌ବେଗର ବିଷୟ ବୋଲି ସଂଘର ଗଞ୍ଜାମ ଜିଲା ସମ୍ପାଦକ ଅରୁଣ କୁମାର ବ୍ରହ୍ମା, କାର୍ଯ୍ୟକର୍ତ୍ତା କେ. ନାଦେଷ୍ଟ୍ରୁ ସେନାପତି କହିଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ସଂଘର ଦିଗପହଣ୍ଡି ବ୍ଲକ ଶାଖା ସଭାପତି ଯୁଧିଷ୍ଠିର ସ୍ୱାଇଁ, ସମ୍ପାଦକ ପଦ୍ମଚରଣ ମେକାପ, ଭୀମସେନ ପଣ୍ଡା, ଦେବରାଜ ମହାକୁଡ଼, ସୁବାସ ଚନ୍ଦ୍ର ଚୌଧୁରୀ, ନରହରି ସାହୁ, ସୀମାଞ୍ଚଳ ପାଠୀ, ଦିବାକର ପାଣିଗ୍ରାହୀ, ଗୌରହରି ପାତ୍ର, ସୁରଜ ନାରାୟଣ ଦାସ ଓ ସଂଘର ଗଞ୍ଜାମ ଜିଲା ସହସମ୍ପାଦକ ନୀଳାଞ୍ଚଳ ମିଶ୍ର, ବରିଷ୍ଠ ସଭ୍ୟ ଅଗାଧୁ ପାତ୍ର, ପ୍ରଦୀପ କୁମାର ଦାସ, ଡି. ଗୁରୁମୂର୍ତ୍ତି ପାତ୍ର, ଜୟନ୍ତୀବାଳା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


GOVERNMENT OF ODISHA No. O-81
**OFFICE OF THE CHIEF CONSTRUCTION ENGINEER**
**CENTRAL RURAL WORKS CIRCLE, BHUBANESWAR**
No.1934 / Date: 19.04.2023

**"e" PROCUREMENT NOTICE FOR ROAD WORKS**

| | | | |
|---|---|---|---|
| 1. | Name of the Work | : | Road Works |
| 2. | Total No. of Works | : | 03 Nos. of Road Work under CMRL, 02 Nos. of Road work under Improvement to Existing RD Road and 01 No. of road under RIDF for the year 2022-23 |
| 3. | Estimated Cost of the Work | : | Varies from Rs.73.69 lakhs to Rs.1326.75 lakhs |
| 4. | Class of Contractors | : | |
| | a) Estimated cost more than Rs.20.00 lakhs upto Rs.3.00 Crore | : | **B Class** (of Odisha PWD) or relevant Class of other licensing authorities |
| | b) Estimated cost more than Rs.1.00 Crore upto Rs.20.00 Crores | : | **A Class** (of Odisha PWD) or relevant Class of other licensing authorities |
| | c) Estimated cost more than Rs.6.00 Crores upto Rs.50.00 Crores | : | **Special Class** (of Odisha PWD) or relevant class of other licensing authorities |
| 5. | Period of Completion | : | As mentioned in Column - 7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST |
| 7. | Other details | : | |

| Procurement Officer | Bid Identification No. | Availability of Tender Online for Bidding | | Date & time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender Online - C.C.14 of 2023 | 27.04.2023 at 11.00 A.M. | 15.05.2023 upto 5.00 P.M. | 16.05.2023 at 11.00 A.M. | To be intimated later on |

Further details can be seen from the website: **www.tendersodisha.gov.in**.
Sd./- Chief Construction Engineer, Central Rural Works Circle, Bhubaneswar
OIPR-25082/11/0002/2324



**କୃଷକ ଭାଇ ଓ ଭଉଣୀମାନଙ୍କ ପାଇଁ ସୂଚନା**

No. L-18: ୨୦୨୩-୨୪ ବର୍ଷ ପାଇଁ କୃଷି ଯନ୍ତ୍ରପାତି **୨୪ ଏପ୍ରିଲ ଦିବା ୧୦.୩୦** ଘଣ୍ଟାରୁ ପର୍ଯ୍ୟାୟକ୍ରମେ ଆରକ୍ଷଣ ପାଇଁ ଉପଲବ୍ଧ ହେବ। ସବିଶେଷ ସମୟ ନିର୍ଘଣ୍ଟ ପାଇଁ **https://odishafarmmachinery.nic.in** କିମ୍ବା **https://agrisnetodisha.ori.nic.in** ରେ ସୂଚିତ ସଂଦେଶାବଳୀର ଅନୁସରଣ କରନ୍ତୁ।

ଇଚ୍ଛୁକ ଆବେଦନକାରୀ **ଗୋ ସୁଗମ** ପୋର୍ଟାଲ **https://sugam.odisha.gov.in** ମାଧ୍ୟମରେ ବୈଧ କୃଷକ ପରିଚୟ ପତ୍ର ଦ୍ୱାରା ଦରଖାସ୍ତ କରିବାର ସୁଯୋଗ ନେଇପାରିବେ।

OIPR-01102/11/0007/2324

**କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା**



**STATE FOREST DEVELOPMENT AGENCY (SFDA), ODISHA**
**STATE FOREST HEADQUARTERS, ODISHA**
**OFFICE OF THE PRINCIPAL CHIEF CONSERVATOR OF FORESTS**
ARANYA BHAWAN, BHUBANESWAR - 23
Email: affn.pccfodisha@gmail.com/ppa.pccfhoff@odisha.gov.in
RFP No. 404 Date: 21.04.2023

**REQUEST FOR PROPOSAL (RFP) NOTICE**

No. MM-13: Sealed proposals are invited from eligible organizations (Government/Non-Government) to carry out **"3rd Party Monitoring and Evaluation of activities under Programme Expenditure Scheme (1) Increasing Green Cover in the State for the year 2017-18 to 2022-23 (6 years) & (2) Green Mahanadi Mission for the year 2018-19 to 2022-23 (5 years) implemented in the State of Odisha**. Bidders fulfilling the eligibility criteria of the bidding process can access and download the complete RFP Document, ToR and other details from **http://odishaforest.in, www.ofsds.in & www.odisha.gov.in** (All Tender Section).

1. The proposal complete in all respect must reach the undersigned by Speed Post/Registered Post/Courier only latest by 10.05.2023 upto 4 P.M. in a sealed envelope clearly mentioning the title of the project on the top of it. The proposals received beyond the last date and time will be rejected.
2. The authority reserves the right to reject or accept any/all proposals without assigning any reason thereof and to cancel or amend the tender and/or scope & other terms and condition of this tender document. Please visit the website mentioned in the RFP document regularly from time to time for the same.

Sd./- Chief Conservator of Forests (PP&A)
and Member Secretary, SFDA, Odisha
OIPR-08002/11/0003/2324

## ସଂକ୍ଷେପରେ

### ପାନୀୟ ଜଳ ଯୋଗାଣ ଅନିୟମିତତାର ତଦନ୍ତ

ଚଣ୍ଡିଖୋଲ,୨୪।୪(ଡି.ଏନ.ଏ.): ବଡ଼ଚଣା ବ୍ଲକର ୩ ପଞ୍ଚାୟତରେ ପାନୀୟ ଜଳ ଯୋଗାଣରେ ହୋଇଥିବା ଅନିୟମିତତା ନେଇ ଜିଲା ଗ୍ରାମ ପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀ ସୋମବାର ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସେ ଭରତପୁର,ଗୋପାଳପୁର ଓ ଚାରିନଙ୍ଗଳ ପଞ୍ଚାୟତ ଯାଇ ତଦନ୍ତ କରିଥିବାବେଳେ ଗୋପାଳପୁର ଓ ଭରତପୁର ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ପୂର୍ବରୁ ନିଲମ୍ବିତ ହୋଇଥିବାରୁ ସେମାନେ ଘଟଣାସ୍ଥଳକୁ ଆସି ନ ଥିଲେ। କେବଳ ଚାରିନଙ୍ଗଳ ପଞ୍ଚାୟତରେ ସେଠୀ ତଦନ୍ତ କରି ଫେରିଛନ୍ତି। ତେବେ ଏ ସମ୍ପର୍କରେ ଜିଲା ପଞ୍ଚାୟତ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ପରେ ଉତ୍ତର ଦେବେ ବୋଲି କହି କଥା ଏଡ଼ାଇ ଯାଇଥିଲେ।

### ତ୍ରିନାଥ ମନ୍ଦିରର ବାର୍ଷିକ ଉତ୍ସବ

ବାଲିଚନ୍ଦ୍ରପୁର,୨୪।୪(ସ୍ୱ.ପ୍ର.):ବାଲିଚନ୍ଦ୍ରପୁର ଥାନା ପରିସର ତ୍ରିନାଥ ଦେବଙ୍କ ଏକାଦଶତମ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଥାନା ଅଧିକାରୀ ରମାକାନ୍ତ ମୁଦୁଲି ପରିଚାଳନା କରିଥିଲେ। ସବ୍‌ଇନ୍ସପେକ୍ଟର ଗୋବର୍ଦ୍ଧନ ନାୟକ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ପୂଜାରେ ଏଏସ୍‌ପି ନାରାୟଣ ଚନ୍ଦ୍ର ବାରିକ, ଜେନାପୁର ଥାନାଧିକାରୀ ଉମାକାନ୍ତ ନାୟକ, କାଳିଆପାଣି ଥାନାଧିକାରୀ ସୁଶାନ୍ତ କୁମାର ଦାସ, ଧର୍ମଶାଳା ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ, ବୈରୀ ଥାନାଧିକାରୀ ପ୍ରଦୀପ କୁମାର କାନୁନଗୋ, ଏଏସ୍‌ଆଇ ଗୋବିନ୍ଦ ଚନ୍ଦ୍ର ମାଝି ପ୍ରମୁଖ ଯୋଗଦେଇଥିଲେ। ଓମ୍ ସାଇ କଳା ପରିଷଦ ପକ୍ଷରୁ ଜୟଶ୍ରୀ ପତିଙ୍କ ତତ୍ତ୍ୱାବଧାନରେ ଭଜନ ପରିବେଷଣ କରାଯାଇଥିଲା।

### ଶ୍ରମିକ,କର୍ମଚାରୀ କଂଗ୍ରେସ ରାଜ୍ୟ ଅଧ୍ୟକ୍ଷଙ୍କ ଦିଲ୍ଲୀ ଗସ୍ତ

ଯାଜପୁରରୋଡ଼,୨୪।୪(ଡି.ଏନ.ଏ.): କେନ୍ଦ୍ର ସରକାର ଅଣ ସଙ୍ଗଠିତ ଶ୍ରମିକ ଓ କର୍ମଚାରୀମାନଙ୍କ ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବର୍ଷକୁ ୧୦୦ ଦିନ କାମ ବାଧ୍ୟତା ମୂଳକ କରିଥିଲେ। ଏହି ଯୋଜନା ୨୦୦୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ସମୟରେ ଆରମ୍ଭ ହୋଇଥିଲା। ଗତ ବଜେଟ୍‌ରେ କେନ୍ଦ୍ର ସରକାର ୧୦୦ଦିନ ବଦଳରେ ବର୍ଷକୁ ମାତ୍ର ୩୦ ଦିନ କାମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଏକ ପ୍ରହସନ ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହାର ପ୍ରତିବାଦରେ କଂଗ୍ରେସ ଆହ୍ୱାନରେ ମଙ୍ଗଳବାର ଦିଲ୍ଲୀ ସଂସଦ ସମ୍ମୁଖରେ ବିଶାଳ ସମାବେଶ ଓ ଧାରଣା ଅନୁଷ୍ଠିତ ହେଉଛି। ଏହି ଧାରଣାରେ ଯୋଗ ଦେବାପାଇଁ ରାଜ୍ୟ ଅଣ ସଙ୍ଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସର ରାଜ୍ୟ ଅଧକ୍ଷ ତଥା ବିଶିଷ୍ଟ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି ସୋମବାର ଦିଲ୍ଲୀ ଯାତ୍ରା କରିଛନ୍ତି।

# ବେଧଡ଼କ ଚାଲିଛି ବେଆଇନ ଚିମିନୀ ଇଟାଭାଟି

- ମାଲିକଙ୍କ ଉପରେ ଶୂନ କାର୍ଯ୍ୟାନୁଷ୍ଠାନ
- ପ୍ରଦୂଷିତ ହେଉଛି ପରିବେଶ
- ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଛି କୁପ୍ରଭାବ


ବେଆଇନ ଭାବେ ଗଢ଼ିଉଠିଥିବା ଇଟାଭାଟି।

କୋରେଇ,୨୪।୪(ଡି.ଏନ.ଏ.): ଯାଜପୁର ଜିଲା ବ୍ୟାସନଗର ତହସିଲ ଅଧୀନ ପଥରପଦା ମୌଜାରେ ଜଣେ ବ୍ୟକ୍ତି ଦୀର୍ଘବର୍ଷ ହେବ ନିଜର ବେଆଇନ ଚିମିନ ଇଟାଭାଟି ଚଳାଇଛନ୍ତି। ଏନେଇ ସ୍ଥାନୀୟ ଅଧିବାସୀ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ ଅଧିକାରୀଙ୍କ ଇଟା ମାଫିଆଙ୍କ ପ୍ରତି ଅହେତୁକ ଅନୁକମ୍ପା ଯୋଗୁ ସମ୍ପୃକ୍ତ ମାଲିକଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଫଳରେ ପରିବେଶ ପ୍ରଦୂଷିତ ହେବା ସହିତ ଏଥିରୁ ନିଗତ ଧୂଆଁ ଓ ଧୂଳି ଦ୍ୱାର ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡୁଛି।

ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ବ୍ୟକ୍ତିଗତ କିଛି ଜମିରେ ଇଟାଭାଟି ପ୍ରତିଷ୍ଠା ହୋଇଥିଲେ ମଧ ସମ୍ପୃକ୍ତ ଭାଟି ମାଲିକ ବେଆଇନ ଭାବେ ଏକାଧିକ ଏକର ସରକାରୀ ଜମିରେ ଇଟା ପ୍ରସ୍ତୁତ ପାଇଁ ମେଟେରିଆଲ ଠୁଳ କରିଛନ୍ତି। ଇଟା ନିର୍ମାଣ ପାଇଁ କଞ୍ଚା ମାଲ ସ୍ୱରୂପ ମାଟି ଓ ବାଲିକୁ ବୈତରଣୀ ନଦୀ ପଠାରୁ ସଂଗ୍ରହ କରାଯାଉଥିବାର ସୂଚନା ମିଳିଛି। ନଦୀପଠାରେ ଥିବା ମାଟି ଓ ବାଲି ଉଠାଇ ଅଣାଯାଉଥିବାରୁ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେବା ସହ ନଦୀସଯ୍ୟା ବଢ଼ି ଚାଲିଛି, ଯଦ୍ୱାରା ନଦୀ କୂଳରେ ଅବସ୍ଥିତ ଗ୍ରାମଗୁଡ଼ିକ ପ୍ରତି ବିପଦ ସୃଷ୍ଟି ହୋଇଛି। ଏହି ଚିମିନୀ ଇଟାଗୁଡ଼ିକୁ ପୋଡ଼ିବାକୁ କାଠର ଆବଶ୍ୟକତା ହେତୁ ଜଙ୍ଗଲ କ୍ଷୟ ହେବା ସହିତ ସ୍ଥାନୀୟ ଅଞ୍ଚଳରେ ଉତ୍ତପ୍ତ ବଳୟ ସୃଷ୍ଟି ହେଉଛି। ମୃତ୍ତିକାକ୍ଷୟ ଓ ପ୍ରଦୂଷଣ ରୋକିବା ପାଇଁ ରାଜ୍ୟ ସରକାର ମାଟି ତିଆରି ପୋଡ଼ା ଇଟା ନିର୍ମାଣରେ ରୋକ ଲଗାଇଛନ୍ତି। ମାତ୍ର ବିଡ଼ମ୍ବନାର ବିଷୟ ପଥରପଦା ମୌଜାରେ ଆଇନ ଉଲ୍ଲଂଘନ କରାଯାଇ ଇଟା ପୋଡ଼ାଚାଲୁଛି। ରାଜ୍ୟକୁ ପ୍ରଦୂଷଣ ମୁକ୍ତ କରିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)କାମ କରୁଛି। ଚିମିନୀ ଇଟାଭାଟି ପରିଚାଳନା ପାଇଁ କନସେଣ୍ଟ ଟୁ ଅପରେଟ(ସିଟିଓ) କିମ୍ବା ଏନଭାଇରନମେଣ୍ଟ କ୍ଲିଅରାନ୍ସ(ଇସି) ଆବଶ୍ୟକ। ମାତ୍ର ଏସବୁ ନ ଥାଇ କିଭଳି ଏଠାରେ ଏହି ବେଆଇନ ଭାଟି ଚାଲୁଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଇଟାଭାଟି ମାଲିକଙ୍କ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଖି ବୁଜିଦେଇଛି। ଏହି ରାସ୍ତା ଦେଇ ପ୍ରତିଦିନ ଅନେକ ସରକାରୀ ଅଧିକାରୀ ଯାତାୟାତ କରୁଛନ୍ତି। ହେଲେ ଇଟାଭାଟି ଉପରେ କାହାର ନଜର ପଡୁନାହିଁ। ଏହି ଚୋରା କାରବାରରେ ଜିଲାର ଜଣେ ପ୍ରଭାବଶାଳୀ ନେତାଙ୍କ ହାତଥିବାରୁ ଅଧିକାରୀମାନେ ଭାଟି ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଭୟ କରୁଥିବା ଚର୍ଚ୍ଚା ହେଉଛି।

ଏଥିସହିତ ବ୍ୟାସନଗର ତହସିଲ ଓ କଳିଙ୍ଗନଗର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟର କେତେଜଣ ତଳିଆ କର୍ମଚାରୀଙ୍କୁ ମାସିକ ହାତଗୁଞ୍ଜା ଦେଇ କୋରେଇ ଅଞ୍ଚଳରେ ଏହିପରି ଅନେକ ବ୍ୟବସାୟୀ ନିଜର ଛୋଟ ବଡ଼ ବେଆଇନ ଚିମିନୀ ଇଟାଭାଟି ଚଳାଉଥିବା ସୂଚନା ମିଳିଛି। ଏନେଇ ଅଭିଯୋଗ ହେଲେ କାଁଭାଁ ଚଢ଼ାଉ କରି କିଛି ଜରିମାନା ଆଦାୟ କରି ଛାଡ଼ି ଦିଆଯାଉଛି। ଯେଉଁ ଆକାରରେ ରାଜସ୍ୱ ଆଦାୟ ହବାକଥା ତାହା ହେଉନାହିଁ। ଚିମିନୀ ମାଲିକମାନେ ଇଟା ତିଆରି କରି ବିପୁଳ ଟଙ୍କା ଲାଭ ପାଉଥିବାବେଳେ ଅଧିକାରୀମାନେ ମଧ ମାଲାମାଲ ହେଉଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ୍ କଲ ଗ୍ରହଣ କରି ନ ଥିଲେ।

# ଆନନ୍ଦପୁର ଟିମ୍ ଚାମ୍ପିୟନ


ଅତିଥି ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

### ଭେଟେରାନ ଭଲିବଲ ଟୁର୍ନାମେଣ୍ଟ

ଧର୍ମଶାଳା,୨୪।୪(ଡି.ଏନ୍.ଏ.) ଧର୍ମଶାଳା ସ୍ପୋର୍ଟସ କାଉନସିଲ ପକ୍ଷରୁ ରାଜ୍ୟସ୍ତରୀୟ ତୃତୀୟ କେଡିଏମ୍ ଭେଟେରାନ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଧର୍ମଶାଳା ସ୍ପୋର୍ଟସ କାଉନସିଲକୁ ୨-୧ ସେଟରେ ପରାସ୍ତ କରି ଆନନ୍ଦପୁର ଭେଟେରାନ ଟିମ୍ ଚଳିତ ବର୍ଷ ଚାମ୍ପିୟନ ହୋଇଛି। ଆୟୋଜକ ଟିମ୍‌ର ସଭାପତି ଆଲୋକ କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାମ୍‌କୋ ସିମେଣ୍ଟ କାରଖାନାର ସିକ୍ୟୁରିଟି ଅଧିକାରୀ କ୍ୟାପଟେନ ବିକ୍ରମ ଆଦିତ୍ୟ ଭୁୟାଁ ଯୋଗଦେଇ ବିଜୟୀ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟରେ ଶ୍ରେଷ୍ଠ କ୍ରୀଡାବିତ୍ ଭାବେ ସ୍ପୋର୍ଟସ କାଉନସିଲର ଜୟପ୍ରକାଶ ନାୟକ ଓ ଆନନ୍ଦପୁର ଟିମ୍‌ର ମାନସ ପଟ୍ଟନାୟକଙ୍କୁ ପୁରସ୍କୃତ କରିଥିଲେ। ଫାଇନାଲ ମ୍ୟାଚ୍‌କୁ ଅମର ନାୟକ, ଶ୍ରୀଧର ସ୍ୱାଇଁ, ସୌମ୍ୟ ରଞ୍ଜନ ନାୟକ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ବଛା ବଛା ୬ ଭେଟେରାନ ଟିମ୍ ଭାଗ ନେଇଥିଲେ। ଉକ୍ତ ଟୁର୍ନାମେଣ୍ଟରେ ପ୍ରଶାନ୍ତ ଦାସ, ଶୁଭେନ୍ଦୁ ମଲିକ, ସୁବାସ ସେଠୀ, ମଦନ ମୋହନ ପାଣି, ଗିରିଧାରୀ ବେହେରା ଓ ପ୍ରମୋଦ ସାମଲ ପ୍ରମୁଖ ସହଯୋଗ କରିଥିଲେ।

# ଧର୍ମଶାଳା ହିନ୍ଦୁ ସମାଜ ପକ୍ଷରୁ ଗଣଧାରଣା



ଧାରଣାରେ ବସିଥିବା ଧର୍ମଶାଳା ହିନ୍ଦୁ ସମାଜର ସଦସ୍ୟମାନେ।

ଧର୍ମଶାଳା,୨୪।୪(ଡି.ଏନ୍.ଏ.) ବିଶ୍ୱ ହିନ୍ଦୁ ପରିଷଦ ଧର୍ମଶାଳା ପ୍ରଖଣ୍ଡ ତରଫରୁ ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକ ଶାନ୍ତପୂର୍ଣ୍ଣ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାରତୀୟ ମଜଦୁର ସଂଘ, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଆରଏସ୍‌ଏସ୍, ହିନ୍ଦୁ ସମାଜ, କ୍ଷେତ୍ରପାଳ, ସେବତୀପୁର, ନେଉଳପୁର, ବିଛାଖଣ୍ଡି, କୋତପୁର, ମଙ୍ଗରାଜପୁର ଅଞ୍ଚଳରେ ଥିବା ଯଜ୍ଞ କମିଟିର ପ୍ରମୁଖ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ହନୁମାନ ଜୟନ୍ତୀ ଅବସରରେ ସମ୍ବଲପୁରରେ ହିନ୍ଦୁମାନଙ୍କୁ ଆକ୍ରମଣ ଓ ଜଣେ ଯୁବକଙ୍କୁ ହତ୍ୟା ପ୍ରତିବାଦରେ ଏହି ଗଣଧାରଣା ଦିଆଯାଇଥିଲା। ବିଶ୍ୱ ହିନ୍ଦୁ ପରିଷଦ ଧର୍ମଶାଳା ପ୍ରଖଣ୍ଡର କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସଙ୍ଗଠନର ସଭାପତି ପ୍ରଫୁଲ୍ଲ କୁମାର ସ୍ୱାଇଁ, ସହ ସଂଯୋଜକ ରଞ୍ଜନ ଅଧିକାରୀ, ନରୋତ୍ତମ ନାୟକ, ତପନ ଜେନା, ଆଶିଷ ମଲିକ, ପ୍ରଭାତ ଓଝା, ଡମ୍ବରୁ କଦମ୍ବ, ଭାସ୍କର ବେହେରା, ଗୋପାଳ ସାହୁ, ମାନସ ମଲ୍ଲିକ, ବିହିପ ମାର୍ଗଦର୍ଶକ ମଣ୍ଡଳୀର କାହ୍ନା ବାବା, ଗୋଲକ ବାବା, ରାଗବ ବାବା, ଅଗଣି ଚନ୍ଦ୍ର ମିଶ୍ର, ଭାଜପା ନେତା ପବିତ୍ର ମୋହନ ଦାଶ, କାହ୍ନୁ ଚରଣ ଦାଶଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇ ସମ୍ବଲପୁରରେ ଘଟିଥିବା ଘଟଣାକୁ ତୀବ୍ର ନିନ୍ଦା କରିବା ସହ ହତ୍ୟା ଷଡ଼ଯନ୍ତ୍ରକାରୀମାନଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏହି ଅବସରରେ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ଶତାଧିକ ସଦସ୍ୟ ସାମିଲ ହୋଇଥିଲେ।

# କୁମୁଦିନୀ ଜେନାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ଧର୍ମଶାଳା,୨୪।୪(ଡି.ଏନ୍.ଏ.) ଧର୍ମଶାଳା ବ୍ଲକ ଜାରକା ବର୍ଜୁନଗର ନିବାସୀ ତଥା ଖବରଦାତା ମାନସ ରଞ୍ଜନ ଜେନାଙ୍କ ମାତା କୁମୁଦିନୀ ଜେନାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାସଭବନ ପରିସରରେ ତାଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ଅତିଥି ଭାବେ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ ଯୋଗଦେଇ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ଅନ୍ୟତମ ଅତିଥି ଭାବେ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଧାୟକ ପ୍ରଣବ ବଳବନ୍ତରାୟ, ପୂର୍ବତନ ଏମ୍‌ପି ରୀତା ତରାଇ, କଂଗ୍ରେସ ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ କିଶନ ପଣ୍ଡା,ଧର୍ମଶାଳା ପ୍ରେସ କ୍ଲବର ସଭାପତି ରମାକାନ୍ତ ଜେନା, ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି ଓ ସ୍ମୃତିରେଖା ବେହେରା, ସରପଞ୍ଚ ସୁଦାମ ବେହେର. ଶ୍ରୀକାନ୍ତ ସାହୁ, ପ୍ରଭୁ ରଞ୍ଜନ ସାମଲ, ମଧୁମିତା ଆଚାର୍ଯ୍ୟ, ବସନ୍ତ ପରିଡ଼ା, କାହ୍ନୁ ଚରଣ ଦାସ, ପବିତ୍ର ମୋହନ ଦାସ, ବେଣୁଧର ପଣ୍ଡା, ମନୋରଞ୍ଜନ ମହାନ୍ତି, ମିନତୀ ସାହୁ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



# ସାମାଜିକ କର୍ମୀ ନିରୋଦ ନାୟକଙ୍କ ସ୍ମୃତିସଭା


ସ୍ମୃତିସଭାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ବଡ଼ଚଣା,୨୪।୪(ଡି.ଏନ.ଏ.) ଚଣ୍ଡିଖୋଲ ଭଡ଼ଙ୍ଗା ଗ୍ରାମର ବିଶିଷ୍ଟ ସାମାଜିକ କର୍ମୀ ନିରୋଦ କୁମାର ନାୟକଙ୍କ ଏକାଦଶାହ ଅବସରରେ ପୂଜ୍ୟପୂଜା ପରିଷଦ ଆନୁକୂଲ୍ୟରେ ଏକ ସ୍ମୃତିଚାରଣ ସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ସାହିତ୍ୟିକ ଡ. ପ୍ରିୟନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ପ୍ରାକ୍ତନ ଅଧକ୍ଷ କୈଳାସ ଚନ୍ଦ୍ର ରାଉତ, ଡାକ୍ତର ଇନ୍ଦୁଭୂଷଣ କର, ସାମାଜିକ କର୍ମୀ କାହ୍ନୁ ଚରଣ ଦାସ, ଖବରଦାତା ମହେଶ୍ୱର ବଳ, ଅଭିମନ୍ୟୁ ଧଳ, ପ୍ରାକ୍ତନ ଅଧକ୍ଷ ନରେନ୍ଦ୍ର ମହାନ୍ତି, ବରିଷ୍ଠ ନାଗରିକ କମିଟି ସଭାପତି ଶେଷଦେବ ନାୟକ, ରମାକାନ୍ତ ଜେନା, ଟ୍ରକ୍ ମାଲିକ ସଂଘ ତରଫରୁ ନରେନ୍ଦ୍ର ଜେନା, ଗିରିଧାରି ବାରିକ, ଧର୍ମଶାଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ଅଜୟ ଲେଙ୍କା,ସୁଦାନନ୍ଦ ସାମଲ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାୟକଙ୍କୁ ଜଣେ ସଫଳ ବ୍ୟବସାୟୀ, ଶିଳ୍ପୋଦ୍ୟୋଗୀ, ଚଣ୍ଡିଖୋଲ ବଜାର ପ୍ରତିଷ୍ଠାତା, ଚଣ୍ଡିଖୋଲ ବାବା ଭୈରବାନନ୍ଦ ମହାବିଦ୍ୟାଳୟର ସମ୍ପାଦକ, ସର୍ବପରି ଜଣେ ମେଳାପି, ପରଉପକାରୀ ଭାବେ ବର୍ଣ୍ଣନା କରିଥିଲେ। ଅଧ୍ୟାପକ ପବିତ୍ର ମୋହନ ମାହାଲା, କ୍ଷିରୋଦ ମାହାଲା, ମହେଶ୍ୱର ଜେନାସାମନ୍ତ, ସୂର୍ଯ୍ୟମଣି ବେହୁରିଆ, ଅନିଲ ସାହୁ, ପୁରୁଷୋତ୍ତମ ସାହୁ, ସୁରେନ୍ଦ୍ର ସାହାଣୀ, ଯତିନ୍ଦ୍ର ନାୟକ, ଦେବରାଜ ବେହେରା, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ନିରଞ୍ଜନ ସେନାପତି, ଜିଲା କ୍ରସର ମହାସଂଘର ସଭାପତି ଚନ୍ଦ୍ର ନାୟକ, ହେମନ୍ତ ସାମଲ, ସୁରେନ୍ଦ୍ର ନାଥ ରାଉତ, ଶିବରାମ ସାହୁ, ମୋହନ ଖିଲାର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ଅତିଥିମାନେ ଅମ୍ଳାନ ପ୍ରତିଭା ନିରୋଦ କୁମାର ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ଶେଷରେ ପୁଅ ଶୈଳେନ୍ଦ୍ର ନାୟକ, ମନିନ୍ଦ୍ର ନାରାୟଣ ନାୟକ, ଅମରେନ୍ଦ୍ର ନାରାୟଣ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ହରିନାମ ସଂକୀର୍ତ୍ତନ ମୁକ୍ତି ପ୍ରଦାନ କରିଥାଏ

ଯାଜପୁର ରୋଡ୍,୨୪।୪(ଡି.ଏନ୍.ଏ.) କଳି କଲୁଷ ସଂସାରରୁ ମୁକ୍ତି ପାଇବାକୁ ହେଲେ ହରିନାମ ସଂକୀର୍ତ୍ତନ ଏକମାତ୍ର ମାଧ୍ୟମ। ସ୍ୱାମୀ ଉଦୟା ନନ୍ଦ ପର୍ବତ ମହାରାଜଙ୍କ ଉପସ୍ଥିତିରେ ରବିବାର ବ୍ୟାସନଗର ମେଲଣ ପଡିଆ ସ୍ଥିତ ଦୁର୍ଗା ମନ୍ଦିର ପରିସରରେ ଅନୁଷ୍ଠିତ ବୈଠକରେ ଏଭଳି ଆହ୍ୱାନ ଦିଆଯାଇଛି। ଏହି ମହାମନ୍ତ୍ରକୁ ଘରେ ଘରେ ପହଞ୍ଚାଇବା ଉଦେଶ୍ୟରେ ଏକ ରାଜ୍ୟସ୍ତରୀୟ ସଂକୀର୍ତ୍ତନ ମହୋତ୍ସବ ଓ ସାଧୁ ସନ୍ଥ ସମ୍ମିଳନୀର ଆୟୋଜନ ହେବ। ଆସନ୍ତା ମେ ୨୧ରେ ଏହି ସମ୍ମିଳନୀ ଆୟୋଜନ ହେବ ବୋଲି ମେଲଣ ପଡ଼ିଆସ୍ଥିତ ଦୁର୍ଗାମନ୍ଦିର ପରିସରରେ ରବିବାର ଆଇନଜୀବୀ ବିବେକାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଉକ୍ତ ସମ୍ମିଳନୀରେ ଓଡ଼ିଶାର ମହାନ ସାଧୁ ସନ୍ଥମାନଙ୍କ ଯୋଗଦାନ ଏବଂ ବ୍ୟାସନଗର ସମେତ ଯାଜପୁର ଜିଲା ତଥା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେବେ। ମୁଖ୍ୟ ଉପଦେଷ୍ଟା ଭାବେ ଚୋରଦା ଗ୍ରାମ କମିଟି ସଭାପତି ବିଦ୍ୟାଧର ମହାନ୍ତି, ମୁଖ୍ୟକର୍ତ୍ତା ଭାବେ ସମ୍ପାଦକ ରବିନାରାୟଣ ପୁହାଣ ଏବଂ ମୁଖ୍ୟ ସଂଯୋଜକ ଭାବେ ବିବେକାନନ୍ଦ ମହାନ୍ତି କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବା ପାଇଁ ପରିଚାଳନା କମିଟି ଓ କାର୍ଯ୍ୟକାରୀ କମିଟି ଗଠିତ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ମନିନ୍ଦ୍ର କୁମାର ସାହୁ, ଦୁର୍ଗା ମନ୍ଦିର କମିଟି ସଭାପତି ଜିତେନ୍ଦ୍ର କୁମାର ରାଉତ, ଚଣ୍ଡୀ କ୍ଲବର ସଭାପତି ପ୍ରମୋଦ କୁମାର ରାଉତ, ସମ୍ପାଦକ ଶିଶିର କୁମାର ରାଉତ, ଚୋରଦା କୀର୍ତ୍ତନ ମଣ୍ଡଳୀରୁ ହରିହର ସାମଲ, ପ୍ରଦ୍ୟୁମ୍ନ କୁମାର ବୋଇତାଇ, ପବିତ୍ର ରଞ୍ଜନ ମହାନ୍ତି, ରାଜେନ୍ଦ୍ର ରାଉତ, ଶରତ କୁମାର ମହାନ୍ତି, ଦେବୀ ପ୍ରସାଦ ସାମଲ, ଯତୀନ କୁମାର ମହାନ୍ତି, ପ୍ରଶାନ୍ତ କୁମାର ବଳ, ଜଗନ୍ନାଥ ରାଉତ, ଶୁଭ୍ରାଂଶୁ ପୁହାଣ, ମନୋଜ କୁମାର ରାଉତ, ଶଙ୍ଖଚିଲା କୀର୍ତ୍ତନ ମଣ୍ଡଳୀରୁ ଧନେଶ୍ୱର ନାଥ, ବାଇଧର ନାୟକ, କେଶବଚନ୍ଦ୍ର ସାହୁ, ଗଜେନ୍ଦ୍ର କୁମାର ମହାକୁଡ଼ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଚୋରଦା ଗ୍ରାମ କମିଟି ତରଫରୁ ସନ୍ତୋଷ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।


ଦୁର୍ଗା ମନ୍ଦିର ପରିସରରେ ଅନୁଷ୍ଠିତ ବୈଠକରେ ଯୋଗଦେଇଥିବା ସଂକୀର୍ତ୍ତନମଣ୍ଡଳୀ କର୍ମକର୍ତ୍ତା।

# ଯୁବତୀଙ୍କ ଫଟୋ ଭାଇରାଲ କରିଥିବା ଯୁବକ ଗିରଫ

ଧର୍ମଶାଳା,୨୪।୪(ଡି.ଏନ.ଏ.) ଜେନାପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁରୀ ୟୁନିଭରସିଟିରେ ପଢୁଥିବା ଜେନାପୁର ଅଞ୍ଚଳର ଜଣେ ଯୁବତୀଙ୍କ ସହିତ ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳର ସାଇ ରଞ୍ଜନ ସେଠୀ (୨୨)ଙ୍କ ସୋସିଆଲ ମିଡିଆରେ ଫ୍ରେଣ୍ଡସିପ୍ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ଦେଖା ସାକ୍ଷାତ ଓ ମିଳାମିଶା ହୋଇଥିଲା। ଏପରିକି ଉଭୟ ପୁରୀର ଏକ ହୋଟେଲରେ ରହିଥିବା ବେଳେ ଯୁବକ ଜଣକ ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ କରି ନେଇଥିଲେ। ପରେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ମତାନ୍ତର ହେବାରୁ ଯୁବକ ଜଣକ ସେହି ଭିଡିଓକୁ ଭାଇରାଲ କରିଥିଲେ। ଯାହାକୁ ନେଇ ଯୁବତୀ ଜଣକ ଜେନାପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୮୫/୨୩) ରୁଜୁ କରି ତଦନ୍ତ ଚଳାଇଥିଲା। ସୋମବାର ପୋଲିସ ଅଭିଯୁକ୍ତ ସାଇରଞ୍ଜନଙ୍କୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ଡମଶାଳ କୂଳରେ ଜଙ୍ଗଲ କାଟି ଘର ନିର୍ମାଣ


ଜଙ୍ଗଲ ଭିତରେ ନିର୍ମାଣ ଚାଲିଥିବା ଘର।

### ବନ ବିଭାଗର କାର୍ଯ୍ୟାନୁଷ୍ଠାନ ଶୂନ୍

କାଳିଆପାଣି,୨୪।୪(ଡି.ଏନ.ଏ.) ବନ ବିଭାଗର ନିଷ୍କ୍ରିୟତା ପାଇଁ ସୁକିନ୍ଦା ବନାଞ୍ଚଳ ଏବେ ଧ୍ୱଂସ ହେବାରେ ଲାଗିଛି। ଖଣି ପାଇଁ ଘଞ୍ଚ ଜଙ୍ଗଲରେ ପୂର୍ଣ୍ଣ ମହାଗିରି ପର୍ବତମାଳା ସବୁଜିମା ଶୂନ୍ୟ ହେବାରେ ଲାଗିଛି। ଏବେ ସୁକିନ୍ଦା ଖଣିଅଞ୍ଚଳର ଚିରସ୍ରୋତା ଡ଼ମଶାଳ ନାଳର ଉଭୟ ପାର୍ଶ୍ୱରେ ଥିବା ଶତାଧିକ ଗଛକୁ କାଟି ସେଠାରେ ଘର ନିର୍ମାଣ ଚାଲିଛି। ବିଭିନ୍ନ ଅଞ୍ଚଳରୁ ଆସି ଖଣି ଅଞ୍ଚଳରେ କାମ କରୁଥିବା ଶ୍ରମିକ,କର୍ମଚାରୀ ଓ ବ୍ୟବସାୟ ଡ଼ମଶାଳ କୂଳ ଜଙ୍ଗଲକୁ ଜବରଦଖଲ କରିବାରେ ଲାଗିଛନ୍ତି। ସେମାନେ ଜଙ୍ଗଲ କାଟି ପକ୍କା ଘର ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। କିନ୍ତୁ ଦୁଃଖର କଥା ଏ ସଂକ୍ରାନ୍ତରେ ବନ ବିଭାଗ ନିକଟରେ କୌଣସି ଖବର ନାହିଁ। କାଳିଆପାଣି ରାଜସ୍ୱ ମୌଜାର ଓଡ଼ିଶା ଖଣି ନିଗମ କାର୍ଯ୍ୟାଳୟ ଓ କଲୋନୀ ପାଚେରୀ ବାହାରେ ଏହି ଘର ନିର୍ମାଣ ଚାଲିଥିବା ଦେଖିବାକୁ ମିଳିଛି। ଏହି ସୁଯୋଗରେ ଗଛ କଟା ସହିତ ମାପ ଚୁପ ଚାଲିଛି। କାଳିଆପାଣି ଅଞ୍ଚଳର ଜଣେ ବ୍ୟକ୍ତି ନିଜ ଜମି କହି ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ବନ ବିଭାଗ ତୁରନ୍ତ ହସ୍ତକ୍ଷେପ ନ କଲେ ଡ଼ମଶାଳ କୂଳ ଦିନେ ଟାଙ୍ଗରା ଭୂଇଁ ପାଲଟିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ବନବିଭାଗ ସୁକିନ୍ଦା ରେଞ୍ଜର ବିପିନ ବିହାରୀ ରାଉତରାୟଙ୍କୁ ଯୋଗାଯୋଗ କରାଯାଇଥିଲା। ସେ କୁହନ୍ତି, ମୋ ନଜରକୁ ଏପରି ଘଟଣା ଆସିନାହିଁ। ମୁଁ ସେହି ସ୍ଥାନ ଦେଖିବା ପରେ ତୁରନ୍ତ ପଦକ୍ଷେପ ନେବି।

## ସଂକ୍ଷେପରେ

### ବେଦମାତା ଗାୟତ୍ରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ରାଜକନିକା, ୨୪।୪(ଡି.ଏନ.ଏ.)

ରାଜକନିକା ବ୍ଲକ ନହୁଣୀ-ପେଗରପଡ଼ା ମଧସ୍ଥଳୀ ଗାୟତ୍ରୀ ପଡ଼ିଆଠାରେ ଗାୟତ୍ରୀ କ୍ରିଡା ଓ ସାଂସ୍କୃତିକ ପରିଷଦ ପକ୍ଷରୁ ବେଦମାତା ଗାୟତ୍ରୀଙ୍କର ନୂତନ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨ଦିନ ବ୍ୟାପୀ ଏହି ପ୍ରତିଷ୍ଠା ଉତ୍ସବର ଶେଷଦିନରେ ଅତିଥି ଭାବେ ଆଳି ରାଜା ସାହେବ



ବ୍ରଜକେଶରୀ ଦେବ ଯୋଗଦେଇ ଅନୁଷ୍ଠିତ ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ଗାୟତ୍ରୀ କ୍ରିଡ଼ା ଓ ସାଂସ୍କୃତିକ ପରିଷଦର ସଭାପତି ତଥା ସାମାଜିକ କର୍ମୀ ଦିଲୀପ କୁମାର ବାରିକଙ୍କ ସହଯୋଗରେ ୭୦ ଫୁଟ୍ ଉଚ୍ଚତାର ଏହି ମନ୍ଦିରର କାରୁକାର୍ଯ୍ୟ ବେଶ୍ ଶୋଭନୀୟ ହୋଇଥିବା ନେଇ ଗ୍ରାମବାସୀ ତଥା ମା'ଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ କହିଥିଲେ। ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା, ନହୁଣୀ ସରପଞ୍ଚ ତ୍ରିଲୋଚନ ବିଶ୍ୱାଳ, ସଭ୍ୟ କିଶୋର ପରିଡା, ପଦ୍ମଲୋଚନ ପରିଡା, ଶ୍ରୀନିବାସ ପ୍ରଧାନ, ନିରଞ୍ଜନ ପଣ୍ଡା, ରମେଶ ଚନ୍ଦ୍ର ବାରିକ, ପ୍ରସନ୍ନ କୁମାର ଦାସ, ଯୁଗଳ କିଶୋର ମଲିକ, ସ୍ମୃତି ରଞ୍ଜନ ଦାସ, ପଦ୍ମଲୋଚନ ମହାକୁଳଙ୍କ ସମେତ ପରିଷଦର ସମସ୍ତ ସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଶ୍ରୀରାଘବେଶ୍ୱର ମନ୍ଦିର ପୂଜକଙ୍କ ବିୟୋଗ

ରାଜନଗର, ୨୪।୪(ଡି.ଏନ.ଏ.)

ରାଜନଗର ଗାଁର ଶୈବପୀଠ ଶ୍ରୀରାଘବେଶ୍ୱର ମନ୍ଦିରର ପୂଜକଙ୍କ ଅକାଳ ବିୟୋଗ ଘଟିଛି। ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ବାଲିପାଟଣା ଗାଁର ଦୁଃଶାସନ ଦାଶ (୪୨) ଦୀର୍ଘ ୨୦ ବର୍ଷ ହେଲା ମନ୍ଦିରରେ ପୂଜକ ଭାବେ ପୂଜା କରୁଥିଲେ। ସୋମବାର ପୂର୍ବାହ୍ନ ୧୧ଟାରେ ସ୍ନାନ କରି ଫେରି ମନ୍ଦିର ପାଖରେ ପହଞ୍ଚିବା ବେଳେ ହଠାତ୍ ମୁଣ୍ଡ ବୁଲାଇ ଦେଇଥିଲା। ସେ ତଳେ ପଡିଯିବା ପରେ ମନ୍ଦିରରେ ପୂଜା କରୁଥିବା ତାଙ୍କ ପୁତୁରା ଦୌଡି ଆସି ପାଣି ଛିଞ୍ଚିବା ସହ ସ୍ଥାନୀୟ ଲୋକଙ୍କ ସହାୟତାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ରାଜନଗର ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଇକୋ-ଟଏଲେଟ୍‌ରେ ୩ ବର୍ଷ ହେଲା ତାଲାପଡ଼ିଛି

## ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ସ୍ୱଚ୍ଛ ଭାରତ

ପଟ୍ଟାମୁଣ୍ଡାଇ,୨୪।୪(ସ୍ୱ.ପ୍ର.)




ସ୍ୱଚ୍ଛ ଭାରତ ପାଇଁ କେନ୍ଦ୍ର ସରକାର ଅର୍ଥ ଖର୍ଚ୍ଚ କରିବା ସହ ସ୍ୱଚ୍ଛତା ବିଷୟରେ ଲୋକଙ୍କୁ ସଚେତନ କରିବାକୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ କରୁଛନ୍ତି। ତଥାପି ଏସବୁର ପ୍ରଭାବ ଓ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ବାହାରେ ଶୌଚ ନ କରିବା ପାଇଁ ଲୋକଙ୍କୁ ବୁଝାଇବା ସହ ସେମାନଙ୍କ ବ୍ୟବହାର ପାଇଁ ଜନଗହଳି ସ୍ଥାନରେ ଶୌଚାଳୟ ନିର୍ମାଣ କରାଯାଇଛି। କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚରେ ତିଆରି ହୋଇଥିବା ଶୌଚାଳୟ ଲୋକଙ୍କ କାମରେ ଲାଗୁନାହିଁ। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ସହରର ଗଳିକନ୍ଦିରେ। ଇକୋ- ଟଏଲେଟ୍ ନିର୍ବାଣକୁ ୩ ବର୍ଷ ହୋଇଥିଲେ ହେଁ ତାଲା ପଡ଼ିରହିଛି।

କେନ୍ଦ୍ରାପଡ଼ା ଜିଲାର ଦ୍ୱିତୀୟ ବୃହତ୍ତମ ସହର ହେଉଛି ପଟ୍ଟାମୁଣ୍ଡାଇ। ପ୍ରତିଦିନ ଏଠାକୁ ବେପାର ବଣିଜ ପାଇଁ ଆଖାପାଖି ୫ଟି ବ୍ଲକର ଶତାଧିକ ଲୋକ ନିର୍ଭର କରିଥା'ନ୍ତି। ଏଠାରେ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ, ବ୍ଲକ ଅଫିସ, ପୋଷ୍ଟ ଅଫିସ ଭଳି ସରକାରୀ କାର୍ଯ୍ୟାଳୟ ଓ ଅନେକ ବ୍ୟାଙ୍କ ଆଦି ରହିଛି। ଜନସାଧାରଣଙ୍କ ସୁବିଧା ଓ ସହରର ସ୍ୱଚ୍ଛତା ନିମନ୍ତେ ୨୦୨୦ରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ବିଭିନ୍ନ ସ୍ଥାନରେ ୨୦ଟି ଇକୋ-ଟଏଲେଟ୍ ନିର୍ମାଣ କରାଯାଇଥିଲା। ଏହି ଇକୋ ଟଏଲେଟ୍ କାର୍ଯ୍ୟକୁ ମହାରାଷ୍ଟ୍ରର ଏକ ଠିକା ସଂସ୍ଥା ନିର୍ମାଣ କରିଥିବା ବେଳେ ପ୍ରତ୍ୟେକ ଇକୋ-ଟଏଲେଟ୍‌ରେ ୭ ଲକ୍ଷ ୫୬ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇ ୧ କୋଟି ୫୧ ଲକ୍ଷ ୨୦ ହଜାର ଟଙ୍କା ବ୍ୟୟ ହୋଇଛି। ମାତ୍ର ଏହି ଟଏଲେଟ୍ ନିର୍ମାଣର ୩ ବର୍ଷ ବିତି ଯାଇଥିଲେ ମଧ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନ ଥିବା ବେଳେ ତାଲା ପଡ଼ିରହିଛି। ଏ ନେଇ ଜନସାଧାରଣଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଶୌଚାଳୟଗୁଡ଼ିକ ତିଆରି ହେବା ପରଠାରୁ ସେଠାରେ ତାଲା ଝୁଲୁଛି। ବ୍ୟବହାର ପାଇଁ ଲୋକେ ଚାବି ଖୋଜି ପାଉ ନ ଥିବା ଅଭିଯୋଗ ହେଉଛି। ଲୋକଙ୍କ ବ୍ୟବହାର ଉଦ୍ଦେଶ୍ୟରେ ତିଆରି ହୋଇଥିବା ଶୌଚାଳୟ କାମରେ ଆସୁ ନ ଥିବାରୁ ସରକାରୀ ଅର୍ଥର ଅପବ୍ୟବହାର ହେଉଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏହାକୁ ଲୋକଙ୍କ ବ୍ୟବହାରରେ ଲଗାଇବାକୁ ଆଇନଜୀବୀ ପ୍ରମୋଦ ସାହୁ, ଭବାନୀ ଶଙ୍କର ପଣ୍ଡା, ସାମାଜିକ କର୍ମୀ ପ୍ରବୀର ନାୟକ, ସୂର୍ଯ୍ୟ ସିଂଘମ ଦାଶ, ବଣିକ ସଂଘ ସଭାପତି ଗୋପୀନାଥ କର, ବିକାଶ ପରିଷଦ ସଭାପତି ଗୋପୀବଲ୍ଲଭ ନାୟକ, ସମ୍ପାଦକ ଗୋପୀବଲ୍ଲଭ ତ୍ରିପାଠୀ ପ୍ରମୁଖ ଏହାକୁ ଖୋଲିବା ସହ ଅର୍ଥ ହେରଫେରର ତଦନ୍ତ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ପିଡି ରାଜେନ୍ଦ୍ର କୁମାର ପଣ୍ଡାଙ୍କୁ ପଚାରିବାରେ ସମସ୍ତ ଇକୋ-ଟଏଲେଟ୍ କାର୍ଯ୍ୟକ୍ଷମ ହୋଇ ରହିଛି। କ'ଣ ପାଇଁ ବନ୍ଦ ରହିଛି ସେଠାକୁ ଯାଇ ଘଟଣାର ତଦନ୍ତ କରି ସମସ୍ୟାର ସମାଧାନ କରିବା ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ଆଳିରେ ଜିଲାପାଳଙ୍କ ମିଳିତ ଜନଶୁଣାଣି



ଜିଲାପାଳ ଅମୃତ ଋତୁରାଜ ଓ ଅନ୍ୟମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଆଳି,୨୪।୪(ଡି.ଏନ.ଏ.)

ଆଳି ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର କେନ୍ଦ୍ରାପଡ଼ା ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୬୧ଟି ଅଭିଯୋଗ ହୋଇଥିଲା। ଜିଲାପାଳ ଅମୃତ ଋତୁରାଜ, ଏସ୍‌ପି ମଡକର ସନ୍ଦୀପ ସମ୍ପଦଙ୍କ ଉପସ୍ଥିତରେ ବିଭିନ୍ନ ଅଭିଯୋଗର ଶୁଣାଣି କରାଯାଇଥିଲା। ଏଥିରେ ବିଭିନ୍ନ ପଞ୍ଚାୟତରୁ ମିଶନ ଶକ୍ତି ବିଭାଗର ଏମ୍‌ବିକେ, ସିଆରପି ଓ ବ୍ୟାଙ୍କ ମିତ୍ର ନିଯୁକ୍ତି କ୍ଷେତ୍ରରେ ଅନିୟମିତତା ନେଇ ଅଭିଯୋଗ ହୋଇଥିଲା। ବିଭିନ୍ନ ପଞ୍ଚାୟତରୁ ଉନ୍ନୟନମୂଳକ କାର୍ଯ୍ୟ, କୋଳିଡିହ ପଞ୍ଚାୟତର ୫-ଟି ସ୍କୁଲରେ ଅନିୟମିତତା, ପଦନୀପାଳ ପଞ୍ଚାୟତ ହାଇସ୍କୁଲ ନିର୍ମାଣରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯିବା ସହ ଆୟତପୁର ପାନୀୟ ଜଳ ସମସ୍ୟାର ଶୁଣାଣି ହୋଇଥିଲା। ପଦନିପାଳ ସରପଞ୍ଚ ବିକ୍ରମ ମଲିକ ଜବ୍‌କାର୍ଡଧାରୀଙ୍କୁ କାର୍ଯ୍ୟ ନ ଦେଇ ମେଶିନରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ କରୁଥିବା ବେଳେ ତାଙ୍କ ପତ୍ନୀ, ବାପା, ମା', ଭାଇଙ୍କ ନାମରେ ଜବ୍‌କାର୍ଡ ହାତେଇ ଅର୍ଥ ଉଠାଉଛନ୍ତି ବୋଲି ଶତାଧିକ ମହିଳା ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଶିବିରରେ ଉପଜିଲାପାଳ ନିରଞ୍ଜନ ବେହେରା, ପ୍ରକଳ୍ପ ଅଧିକାରୀ ରାଜେନ୍ଦ୍ର ପଣ୍ଡା, ଏସ୍‌ଡିପିଓ ହରିଶ୍ଚନ୍ଦ୍ର ପାଣ୍ଡେ, ଆଳି ବିଡିଓ ଦ୍ୱିବେନ୍ଦୁ ଦାସ, ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରା, ଆଇଆଇସି ଦିଲୀପ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ସାହିତ୍ୟ ସମାଜର ହିତ ସାଧନ କରିଥାଏ

ରାଜନଗର, ୨୪।୪ (ଡି.ଏନ.ଏ.)




ଉତ୍ସବରେ ଉପସ୍ଥିତ ଅତିଥିମାନେ।

## ୨ୟ ରାଜନଗର ସାହିତ୍ୟ ଉତ୍ସବ ଅନୁଷ୍ଠିତ

ସାହିତ୍ୟର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେଉଛି ମଣିଷର ମୋକ୍ଷ ସାଧନା। ତେଣୁ ସାହିତ୍ୟ ଉଦ୍ଦେଶ୍ୟ ପ୍ରଣୋଦିତ ନ ହୋଇ ପ୍ରେରଣା ସମ୍ଭୂତ ହେବା ବିଧେୟ। ସମାଜର ହିତ ସାଧନ ଓ ସତ୍ୟର ସନ୍ଧାନରେ ଅନୁପ୍ରାଣୀତ କରିଥାଏ ବୋଲି ରାଜ୍ୟସ୍ତରୀୟ ୨ୟ ରାଜନଗର ସାହିତ୍ୟ ଉତ୍ସବରେ ଯୋଗଦେଇ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଥିଲେ। ରାଜନଗରସ୍ଥିତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ କଥାକାର ପ୍ରଦୀପ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାହିତ୍ୟ ଉତ୍ସବରେ ଉଦଘାଟକ ଭାବେ ବିଶିଷ୍ଟ ପ୍ରାବନ୍ଧିକ ଶରତ ଚନ୍ଦ୍ର ମହାପାତ୍ର, ବରେଣ୍ୟ ଅତିଥି ଓଡ଼ିଶାର ମେହନତି ମଣିଷର ସ୍ୱର ମାୟାଧର ନାୟକ, ମୁଖ୍ୟବକ୍ତା ପ୍ରଫେସର ବଟକୃଷ୍ଣ ମହାପାତ୍ର, ସମ୍ମାନୀୟ ବକ୍ତା ପ୍ରାଧାପକ ପବିତ୍ର ପାଣିଗ୍ରାହୀ, ରେଭେନ୍‌ସା ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପିକା ଡ. ବିଜୟଲକ୍ଷ୍ମୀ ଦାସ, ଶିକ୍ଷାବିତ୍ ଶରତ ଚନ୍ଦ୍ର ସାମଲ, ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଅତୁଳ ବଳ ପ୍ରମୁଖ ଯୋଗ ଦେଇଥିଲେ। ସାହିତ୍ୟ ଉତ୍ସବର ସମ୍ପାଦକ କବି ପବିତ୍ର ବ୍ରହ୍ମପୁତ୍ର ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ କବି ପ୍ରେମାନନ୍ଦ ଖଣ୍ଡୁଆଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପରିବେଶବିତ୍ ଭାବେ ସତ୍ୟଜିତ ପାଣି ଓ ଉଦ୍ୟୋଗପତି ଭାବେ ବିଜୟ କୁମାର ରାଉତ, ଖବରଦାତା ଭାବେ ବସନ୍ତ କୁମାର ହାତି, ଆମ ଗାଁ ସାହିତ୍ୟ ପରିଷଦର କମଳାକାନ୍ତ ଦାସ, କବି ଭରତ ଚନ୍ଦ୍ର ଜେନା, କୈଳାସ ଚନ୍ଦ୍ର ସାହାଣୀ, କବି ମନୋରଞ୍ଜନ ସାହୁ, କବି ଡ. ଶ୍ରୀଧର ସାମଲ, କବି ପୁଷ୍ପାଞ୍ଜଳି ପଣ୍ଡା, ତେଜସ୍ୱିନୀ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ କବି ଶଶୀକାନ୍ତ ଦାସଙ୍କ ସଂଯୋଜନାରେ ଆମ ସାହିତ୍ୟର ଭୂମି ଓ ଭୂମିକା ଶୀର୍ଷକ ଆଲୋଚନାରେ ଅନୁବାଦକ ପ୍ରଦୀପ କୁମାର ରାୟ, କଥାକାର ଜ୍ଞାନ ରଞ୍ଜନ ନାୟକ, କବି ଅୟସକାନ୍ତ, ସାମାଜିକ କର୍ମୀ ବିଦ୍ୟୁଲତା ଦାସ, ସାହିତ୍ୟିକା ରାଜଲକ୍ଷ୍ମୀ ପାତ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। କବି ଶୈଳଜା ଶଙ୍କର ଓ ନିକଞ୍ଜ ବିହାରୀ ପୃଷ୍ଟିଙ୍କ ସଂଯୋଜନାରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସାହିତ୍ୟପ୍ରେମୀ ଅରୁଣ ଖିଲାର, କବି ଅଭିରାମ ସାହୁ, ସରୋଜ କୁମାର ମହାନ୍ତି, ଯତିନ୍ଦ୍ର ସ୍ୱାଇଁ, ରତ୍ନାକର ନାୟକ, କୃପାସିନ୍ଧୁ ସାମଲ, କୈଳାସ ଚନ୍ଦ୍ର ମହାନ୍ତି, ଅଜୟ ପାତ୍ର, କବିତା ମୁଦୁଲି, ସୁଶ୍ରୀକାନ୍ତ ପରିଡା ଆଦି ଶତାଧିକ ସାହିତ୍ୟ ପ୍ରେମୀ ଉପସ୍ଥିତ ଥିଲେ।

# ଶ୍ରୀହନୁମାନ ଦେବଙ୍କ ବାର୍ଷିକ ପ୍ରତିଷ୍ଠା ଉତ୍ସବ

ରାଜନଗର, ୨୪।୪(ଡି.ଏନ.ଏ.)

ରାଜନଗର ବ୍ଲକର ସାନଓର ଗାଁର ଶ୍ରୀହନୁମାନ ଦେବଙ୍କ ୧୦ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ୩ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଅଙ୍କୁରାରୋପଣ, ଶନିବାର କଳସ ଶୋଭାଯାତ୍ରା ପରେ ରବିବାର ପବିତ୍ର ଅକ୍ଷୟ ତୃତୀୟା ଅବସରରେ ସୂର୍ଯ୍ୟପୂଜା, ଗୋପୂଜା, ଯଜ୍ଞାଗ୍ନି ସ୍ଥାପନ, ଷୋଡଶ ଉପଚାର ପୂଜା ସହ ଯଜ୍ଞ କର୍ମ ଆରମ୍ଭ ହୋଇଥିଲା। ଅଷ୍ଟୋତର ଶତ ହନୁମାନ ଚାଳିସା ପାଠ ପରେ ରାତିରେ ପୂର୍ଣ୍ଣାହୁତି ଓ ହୋଇଥିଲା। ସାନଓର ଓ ବରଗୁଡ଼ିଦଣ୍ଡାର ଗ୍ରାମବାସୀଙ୍କୁ ନେଇ ଗଠିତ ବଜରଙ୍ଗ ବାଲି ପୂଜା କମିଟି ପକ୍ଷରୁ ଏହି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

# ସିପିଆଇଏମ୍‌ଏଲ୍‌ର ପ୍ରତିଷ୍ଠା ଦିବସ



ସିପିଆଇଏମ୍‌ଏଲ୍‌ର ପ୍ରତିଷ୍ଠା ଦିବସରେ ପତାକା ଉତ୍ତୋଳନ କରାଯାଉଛି।

ରାଜକନିକା,୨୪।୪(ଡି.ଏନ୍.ଏ.)

ରାଜକନିକା ସିପିଆଇଏମ୍‌ଏଲ୍‌ର ୫୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅଶୋକ ବଜାରଠାରେ ଥିବା ଦଳ କାର୍ଯ୍ୟାଳୟ ସମେତ କାଟଣା, ଓଳାଭର ଓ ହାଟସାହିଠାରେ ଥିବା ଦଳର ପ୍ରତିଷ୍ଠା ଦିବସ ପାଳନ କରାଯାଇଥିବା ଦେଖିବାକୁ ମିଳିଛି। ରାଜ୍ୟ କମିଟି ସଦସ୍ୟ ତଥା ଜିଲା ସମ୍ପାଦକ ବିଧାନ ଦାସ ରାଜକନିକା ଅଶୋକ ବଜାରରେ ଥିବା ଦଳ କାର୍ଯ୍ୟାଳୟଠାରେ ଦଳୀୟ ପତାକା ଉତ୍ତୋଳନ କରିଥିଲେ। କାଟଣାଠାରେ ସମ୍ପାଦକ ସଭ୍ୟ ଯୋଗେଶ୍ୱର ପ୍ରଧାନ ଓ ହାଟସାହିଠାରେ ରାଜ୍ୟ କମିଟି ସଭ୍ୟା ତଥା ଆଞ୍ଚଳିକ କମିଟି ସମ୍ପାଦିକା ସବିତା ବରଜ ପ୍ରମୁଖ ଦଳୀୟ ପତାକା ଉତ୍ତୋଳନ କରିଥିଲେ। ଏହି ପ୍ରରିପ୍ରେକ୍ଷୀରେ ଦଳ କାର୍ଯ୍ୟାଳୟଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ବିଶ୍ୱନାଥ ନାୟକ, ବିଜୟ ସେନାପତି, ଅଶୋକ ବଳ, ମଳୟ ସାହାଣୀ, ଝରଣା ରାଉତ, ରତ୍ନମାଳା ବିଶ୍ୱାଳ, ସରୋଜିନୀ ବିଶ୍ୱାଳ ପ୍ରମୁଖ ଶତାଧିକ କର୍ମୀ ଓ ନେତୃମଣ୍ଡଳୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଖମୋଳରେ ପଲ୍ଲୀରେ ପ୍ରଶାସନ, ୭୮ ଅଭିଯୋଗ

ଡେରାବିଶ,୨୪।୪(ସ୍ୱ.ପ୍ର.)



ପ୍ରଶାସନିକ ଅଧିକାରୀ, ଅନ୍ୟମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଡେରାବିଶ ବ୍ଲକ ଅଧୀନ ଖମୋଳ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଥିଲା ପଲ୍ଲୀରେ ପ୍ରଶାସନ କର୍ଯ୍ୟକ୍ରମ। ଡେରାବିଶ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ସରପଞ୍ଚ ତୃପ୍ତିମୟୀ କର, ସମିତିସଭ୍ୟା ଅକ୍ଷୟ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଶିବିରରେ ବିଡିଓ ଦାସରଥି ଜେନା, ତହସିଲଦାର ଅକ୍ଷୟ ପରିଡ଼ା, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭଶ୍ରୀ ଦଳେଇ, ସିଡିପିଓ ସ୍ନେହଲତା ସାହୁ, ଏବିଡିଓ ଭଞ୍ଜକିଶୋର ନାୟକ, ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ସାବିତ୍ରୀ ମନ୍ତ୍ରୀ ଉପସ୍ଥିତ ରହି ପଞ୍ଚାୟତର ବିଭିନ୍ନ ଗାଁରୁ ଆସିଥିବା ୭୮ଟି ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ୧୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବିଭାଗର ଷ୍ଟଲ ଖୋଲାଯାଇଥିଲା। ଶିବିରରେ ବ୍ଲକ କନିଷ୍ଠ ଯନ୍ତ୍ରୀ ସସ୍ମିତା ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦୀପକ କୁମାର, ଜୀବିକା ମିଶନର ରତିକାନ୍ତ ପଟ୍ଟନାୟକ, କୃଷି ବିଭାଗର ପ୍ରଣତି ବେହେରା, ଉଦ୍ୟାନ କୃଷି ବିଭାଗର କାଶୀନାଥ ଜେନା, ମତ୍ସ୍ୟ ବିଭାଗର ସରସ୍ୱତୀ ସେଠୀ, କୃଷି ବିଭାଗର ପ୍ରଣତି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଖୋଲାଯାଇଥିବା ସ୍ୱାସ୍ଥ୍ୟ ଶିବିରରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଚିତ୍ତରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଉପସ୍ଥିତ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହାକୁ ବିଷ୍ଣୁପ୍ରସାଦ କର, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରବୀର କୁମାର ଜେନା, ଗ୍ରାମ ରୋଜଗାର ସେବକ ସଂଘମିତ୍ରା ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ଗଙ୍ଗାରାମପୁରରେ ପଲ୍ଲୀରେ ପ୍ରଶାସନ, ୨୯ ଅଭିଯୋଗ

ପଟ୍ଟାମୁଣ୍ଡାଇ,୨୪।୪(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକର ଗଙ୍ଗାରମପୁର ପଞ୍ଚାୟତରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ବିଡିଓ ଶୁଭ୍ରାଂଶୁ ସାହୁ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ସନ୍ତୋଷିନୀ ଜେନା, ସମିତିସଭ୍ୟ ବିଶ୍ୱରଞ୍ଜନ ଭୂୟାଁ, ସୁଧାଂଶୁ ଜେନା ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଆବାସ, ରାଶନ କାର୍ଡ ଓ ଭତ୍ତାକୁ ମିଶାଇ ସମୁଦାୟ ୨୯ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ୭ ଭତ୍ତା ପାଇଁ ଆବେଦନ କରିଥିବା ବେଳେ ୩ ଅଣସଙ୍ଗଠିତ ଶ୍ରମିକଙ୍କୁ ପଞ୍ଜୀକୃତ କରାଯିବା ସହ ୪ ଜଣଙ୍କ ଆଧାର ପଞ୍ଜୀକରଣ କରାଯାଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ ତହସିଲଦାର ଦିଲୀପ ସେଠୀ, ସବ୍‌ଡିଭିଜନ ହସ୍ପିଟାଲ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିରାକାର ପରିଡା, ଏବିଡିଓ ସନ୍ତୋଷ କୁମାର ମନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭମରବର ଓଝା ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

# କେନ୍ଦ୍ର ସରକାର ଆକ୍ରୋଶ ରାଜନୀତି କରୁଛନ୍ତି

କେନ୍ଦ୍ରାପଡା ଅଫିସ, ୨୪।୪




ଗଣବିକ୍ଷୋଭରେ ସାମିଲ କଂଗ୍ରେସର ନେତାମାନେ।

## ଜିଲା କଂଗ୍ରେସର ଗଣବିକ୍ଷୋଭ

ଦେଶରେ ସାମ୍ପ୍ରଦାୟିକ ବିଭେଦ ବଢୁଛି। ଭାଇଚାରା ନଷ୍ଟ ହେଉଛି। ଭ୍ରଷ୍ଟାଚାର ସମ୍ପର୍କରେ ତଥ୍ୟ ଉପସ୍ଥାପନ କଲେ ଏହାର ଉତ୍ତର ମିଳୁନି। ଏପରି ଅଭିଯୋଗ ଆଣି ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଗଣବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି। ଜିଲା ସଭାପତି ଅଂଶୁମାନ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୋଦି ସରକାର ଆକ୍ରୋଶମୂଳକ ରାଜନୀତି କରୁଛି ବୋଲି ଅତିଥିମାନେ ବକ୍ତବ୍ୟ ରଖିଛନ୍ତି। ସଭାରେ ବରିଷ୍ଠ ନେତା ତଥା ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ପୂର୍ବତନ ବିଧାୟକ ଚିନ୍ମୟ ବେହୁରା, ବରିଷ୍ଠ ନେତା ଜୟନ୍ତ ମହାନ୍ତି, ରତିକାନ୍ତ କାନୁନ୍‌ଗୋ, ରାକେଶ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେମାନେ କହିଥିଲେ, କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କ ଭାବନା ସହ ଖେଳ ଖେଳୁଛନ୍ତି। ଦେଶରେ ଏବେ ଧାର୍ମିକ ବିଭାଜନ ରାଜନୀତି ଚାଲିଛି। ଏଥିସହ ପ୍ରତିପକ୍ଷ ରାଜନେତାଙ୍କୁ ଜେଲ ଭୟ ଦେଖାଇ ନିଜର ଆକ୍ରୋଶ ମନ ଭାବ ପ୍ରକାଶ କରୁଛନ୍ତି। ପୁଲଆମା ବିସ୍ଫୋରଣ, ଆଦାନୀ ପ୍ରସଙ୍ଗରେ କେନ୍ଦ୍ର ସରକାର ନୀରବ ରହୁଛନ୍ତି। ଏପରିକି ପ୍ରତିପକ୍ଷଙ୍କୁ ଏପରି ଘଟଣା ଲୋକଲୋଚନକୁ ଆଣି ଥିବାରୁ ମାମଲା ଭୁକ୍ତ କରାଯାଉଛି। ମୋଦି ସରକାର ନିଜକୁ ଏକଛତ୍ରବାଦୀର ରୂପ ଦେଉ ଥିବାରୁ ଆଗାମୀଦିନରେ ଦେଶବାସୀ ଏହାର ଉଚିତ ଜବାବ ଦେବେ। ସେହିପରି ବେଦାନ୍ତ ମାମଲା ରାୟ ପରେ ରାଜ୍ୟ ମୁଖ୍ୟମନ୍ତ୍ରୀ ନିଜ ପଦବୀରୁ ଇସ୍ତଫା ଦିଅନ୍ତୁ ବୋଲି ଏଠାରେ ଦାବି କରାଯାଇଥିଲା। ଏହି ଗଣ ବିକ୍ଷୋଭରେ ଶତାଧିକ କର୍ମୀ ଓ ନେତା ଯୋଗ ଦେଇଥିଲେ।

# ଦୁଃଖୀରାମ ସ୍ୱାଇଁଙ୍କ କଳାର ପଟାନ୍ତର ନାହିଁ

- ଜଗତ୍‌ସିଂହପୁରରେ ପ୍ରତିମୂର୍ତ୍ତି ସ୍ଥାପନ ପାଇ ଦାବି
- ସରକାରୀ ଭାବେ ଜିଲାରେ ଜୟନ୍ତୀ ପାଳନ ହେଉନାହିଁ




ଦୁଃଖୀରାମ ସ୍ୱାଇଁ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି।

ଜଗତ୍‌ସିଂହପୁର ଅଫିସ,୨୪।୪

ସ୍ୱର୍ଗତ ଦୁଃଖୀରାମ ସ୍ୱାଇଁ ଜଣେ ବ୍ୟକ୍ତି ନୁହନ୍ତି, ସେ ଥିଲେ ଜଣେ ଅନୁଷ୍ଠାନ। ତାଙ୍କ କଳାର ପଟାନ୍ତର ନାହିଁ । ବାଲିକୁଦା ଅଞ୍ଚଳରେ ଜନ୍ମ ହୋଇ କେବଳ ରାଜ୍ୟ ନୁହେଁ, ଦେଶରେ ନିଜର ନିଆରା ପରିଚୟ ସୃଷ୍ଟି କରି ପାରିଥିବା ସ୍ୱର୍ଗତ ସ୍ୱାଇଁ ନିଖୁଣ ଅଭିନୟ ବଳରେ କଳା ଜଗତରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛନ୍ତି । ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏ ପର୍ଯ୍ୟନ୍ତ ସରକାରୀ ଭାବେ ଜିଲାରେ ଜୟନ୍ତୀ କିମ୍ବା ଶ୍ରାଦ୍ଧ ଦିବସ ପାଳନ ହେଉନାହିଁ। ଏପରି କି ତାଙ୍କର ଏକ ପ୍ରତିମୂର୍ତ୍ତି ମଧ ଜିଲା ମୁଖ୍ୟାଳୟରେ ସ୍ଥାପନ ହୋଇ ପାରିନାହିଁ। ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ ମାଧମରେ ସ୍ୱନାମଧନ୍ୟ କଳାକାର ଅଜୟ ଗୋଛାୟତ ଏହି ଦିବସ ପାଳନ କରି ଆସୁଛନ୍ତି । ୨୦୨୪ରେ ସ୍ୱର୍ଗତ ସ୍ୱାଇଁଙ୍କ ଶତବାର୍ଷିକୀ ଜୟନ୍ତୀ ପାଳନ ହେବାକୁ ଯାଉଛି । ତେଣୁ ରାଜ୍ୟ ସଂସ୍କୃତି ବିଭାଗ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଏହି ଜୟନ୍ତୀ ପାଳନ ପାଇଁ ଆନ୍ତରିକତା ପ୍ରକାଶ କରୁ। ଅନ୍ତତଃ ଏକାଡେମୀ ମିଳିତ ସହଯୋଗରେ ଶତବାର୍ଷିକୀ ପାଳନ କରାଯାଉ। ଜଗତ୍‌ସିଂହପୁର ସହରରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ। ସ୍ୱର୍ଗତ ସ୍ୱାଇଁଙ୍କ ୯୯ତମ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠିତ ଉତ୍ସବରେ ଅତିଥିମାନେ ରାଜ୍ୟ ସରକାରଙ୍କ ନିକଟରେ ଉପରୋକ୍ତ ଦାବି ରଖିଛନ୍ତି। ଜଗତ୍‌ସିଂହପୁରର ଚାତ୍ରାସ୍ଥିତ ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥିମାନେ କହିଥିଲେ, ସ୍ୱର୍ଗତ ସ୍ୱାଇଁ ବହୁ ଭାଷାରେ କଥା ହେବାର ଦକ୍ଷତା ହାସଲ କରି ପାରିଥିଲେ। ସେ ଏକାଧାରରେ ଖଳନାୟକ, ହାସ୍ୟ ଅଭିନେତା ଓ ଚରିତ୍ର ଭୂମିକାରେ ନିଖୁଣ ଅଭିନୟ କରି ପାରୁଥିଲେ। ଯେଉଁ କାରଣରୁ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ତାଙ୍କୁ ବେତାଜ ବାଦଶାହା ବୋଲି କୁହାଯାଏ। କଳା କ୍ଷେତ୍ରରେ ତାଙ୍କ ଅବଦାନ ଅତୁଳନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ' ଶିକ୍ଷାବିତ୍ ତଥା ପରିଷଦର ଉପଦେଷ୍ଟା ଶରତ ଚନ୍ଦ୍ର ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଗୌରାଙ୍ଗ ଚରଣ ହୋତା ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜଗତ୍‌ସିଂହପୁର ପୂର୍ବତନ ପୌରାଧକ୍ଷ ମଧୁସୂଦନ ସାହୁ, ବିପ୍ଲବ ଚୌଧୁରୀ, ନିର୍ଦ୍ଦେଶକ ଓ ପ୍ରଯୋଜକ ତଥା ପ୍ରତିଷ୍ଠାନର ସଭାପତି ପ୍ରକାଶ ଚନ୍ଦ୍ର ଆଚାର୍ଯ୍ୟ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସେବା ନିବୃତ୍ତ ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ନନ୍ଦ, ଡ. ତୃପ୍ତିରଞ୍ଜନ ଦାସ, ସାହିତ୍ୟ ପରିଷଦ ସମ୍ପାଦକ ଉମାକାନ୍ତ ନାୟକ, ସାହିତ୍ୟିକ ପ୍ରତାପ କେଶରୀ ମହାପାତ୍ର, ନଗେନ ପଣ୍ଡା, ଶିକ୍ଷାବିତ୍ ବିଜୟ ରଥ ଓ ଅଭିନେତା ସୁଦିପ୍ତ ସୁନ୍ଦର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ପରିଷଦ ପକ୍ଷରୁ ଜଗତ୍‌ସିଂହପୁର ସହରରେ ସ୍ୱର୍ଗତ ସ୍ୱାଇଁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଜିଲାପାଳ ଓ ଜଗତ୍‌ସିଂହପୁର ପୌର ପରିଷଦକୁ ଅନୁରୋଧ କରାଯାଇଥିଲା। ଶିକ୍ଷକ ରବୀନ୍ଦ୍ରନାଥ ଦାସ ଅତିଥି ପରିଚୟ ଓ ଶିକ୍ଷକ ଲିଲିପ୍ତ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ସଂଚାଳକ ଅଜୟ ଗୋଛାୟତ ବିବରଣୀ ପାଠ କରିଥିଲେ। ଅଭୀଲିପ୍ସା ଦାସ, ସୌଭାଗ୍ୟ ରଞ୍ଜନ ସାହୁ, ଅଧ୍ୟାପିକା ଏଲିନା ପ୍ରିୟଦର୍ଶନୀ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଶେଷରେ ଉପରୋକ୍ତ ଦାବି ପୂରଣ ପାଇଁ

## ଆଜି କ'ଣ କେଉଁଠି

ଦାରିଙ୍ଗବାଡି

- ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ନେଇ ବୈଠକ ଓ ଛାତ୍ରୀଛାତ୍ରଙ୍କ ପ୍ରକଳ୍ପ ପ୍ରଦର୍ଶନ।
- ସ୍ଥାନ – ଆଇଟିଆଇ, ସମୟ – ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଜବତ

ଆସିକା,୨୪।୪(ଡି.ଏନ.ଏ.):ଆସିକା ସହର ଦଣ୍ଡକାଳୀ ମନ୍ଦିର ସଂଲଗ୍ନ ଋଷିକୂଲ୍ୟା ନଦୀରୁ ସୋମବାର ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ଧରାକୋଟ ଥାନା ଅନ୍ତର୍ଗତ ପଙ୍କଲବାଡି ଗ୍ରାମର ଟୁକୁନା ବେହେରା (୨୮)। ଆସିକା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ଡାକ୍ତରଖାନାରେ ବ୍ୟବଚ୍ଛେଦ କରିଛି। ଏ ନେଇ ନଂ.୩/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ତେବେ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଛି ସ୍ପଷ୍ଟ ହୋଇନାହିଁ। ଅପରପକ୍ଷେ ମୃତକଙ୍କ ଜଣେ ସମ୍ପର୍କିୟ ଭାଇ ହୃଷିକେଶ ବେହେରା ଆସିକା ପୋଲିସରେ ଅନୁରୂପ ଏକ ଅଭିଯୋଗ ଦାଖଲ କରିଛନ୍ତି।

### ୧୨୪ କିଲୋ ଗଞ୍ଜେଇ ଜବତ, ୨ ଗିରଫ

ଆର୍.ଉଦୟଗିରି,୨୪।୪(ଡି.ଏନ୍.ଏ.): ମୋହନା ବ୍ଲକ ଅଡ଼ବା ଥାନା ପୋଲିସ ରବିବାର ଗୁଲୁବା ଓ ଶୁଣ୍ଡିପଡ଼ା ଅଞ୍ଚଳରେ ପଇଁତରା ମାରୁଥିବା ବେଳେ ରାସ୍ତାକଡ଼ ଲଟାବୁଦାରେ ଗଞ୍ଜେଇ ବ୍ୟାଗ୍ ଧରି ଗାଡ଼ିକୁ ଅପେକ୍ଷା କରେଥିବା ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ହରିୟାଣା ପାନିପଥ ଅଞ୍ଚଳର ରାମଲାଲ ଏବଂ ପୃଥିବୀ ରାମ। ଗାଡ଼ି ଯୋଗେ ବ୍ରହ୍ମପୁର ଏବଂ ପରେ ହରିୟାଣାକୁ ଗଞ୍ଜେଇ ଚାଲାଣ କରିବାକୁ ସେମାନେ ଯୋଜନା କରିଥିଲେ। ଆର୍.ଉଦୟଗିରି ବିଡିଓ ଲରିମନ ଖର୍ସେଲଙ୍କ ଉପସ୍ଥିତିରେ ଉକ୍ତ ଗଞ୍ଜେଇ ଓଜନ କରିବାରୁ ତାହା ୧୨୪ କିଲୋ ୪୦୦ ଗ୍ରାମ ହୋଇଥିଲା। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅଡବା ପୋଲିସ ଶୁକ୍ରାନ୍ତ କୁମାର ପଣ୍ଡା କହିଛନ୍ତି।

### ବିଦ୍ୟାଳୟର ଶତ ବାର୍ଷିକୀ ଉତ୍ସବ

ସୋରଡ଼ା,୨୪।୪(ଡି.ଏନ୍.ଏ.): ସୋରଡ଼ା ବ୍ଲକ ଅନ୍ତର୍ଗତ ପଦ୍ମପୁର ଗ୍ରାମର ନୂତନ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସୋମବାର ଶତ ବାର୍ଷିକୀ ଉତ୍ସବ ମହାସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିମନ୍ୟୁ ସାହୁ ଏବଂ ସମ୍ମାନିତ ଅତିଥି ରୂପେ ଜିଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ ମହାଙ୍କୁଡ ଓ ସୋରଡ଼ା ଏନ୍‌ଏସି ଅଧ୍ୟକ୍ଷ ଶିବଶଙ୍କର ପଣ୍ଡା ଏବଂ ସ୍କୁଲ କମିଟି ସଭାପତି ନବୀନ ବାଡ଼ତ୍ୟା ଯୋଗ ଦେଇଥିଲେ। ଏମ୍‌ପି ପିଲାଙ୍କୁ ଭଲ ପାଠ ପଢ଼ିବାକୁ ପରାମର୍ଶ ଦେଇଛନ୍ତି। ଏହି ଗାଁର ସ୍କୁଲକୁ ନମ୍ବର ୧ରେ ପରିଣତ କରିବାକୁ ଚେଷ୍ଟା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏଥି ସହ କୃତୀ ବିଦ୍ୟାର୍ଥୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ପୂର୍ବତନ ଛାତ୍ର ଏନ୍.ନୀଳମାଧବ ପାତ୍ର ମଞ୍ଚ ପରିଚାଳନା କରିବା ସହ ପ୍ରଧାନ ଶିକ୍ଷକ ସାଗର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା ସାଙ୍ଗକୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦାଗିରି ଗାଁ ନୂଆପଡ଼ାବାସୀଙ୍କୁ ବାଲିଚୂଆ ଭରସା



ଚୂଆରୁ ପାଣି ସଂଗ୍ରହ କରୁଛନ୍ତି ମହିଳା

**ପାନୀୟ ଜଳ ସଙ୍କଟ**

ତୁମୁଡିବନ୍ଧ,୨୪।୪(ଡି.ଏନ.ଏ.)

ଗ୍ରୀଷ୍ମପ୍ରବାହ ଜାରି ରହିଛି ନଦୀ ନାଳ ପୋଖରୀ ଗୁଡ଼ିକ ଶୁଖି ଯାଇଛି। ଭୂତଳ ଜଳସ୍ତର ହ୍ରାସ ପାଉଛି। ଫଳରେ ତୁମୁଡିବନ୍ଧ ଅଞ୍ଚଳରେ ପିଇବା ପାଣିର ସମସ୍ୟା ବଢ଼ିବାରେ ଲାଗିଛି। ଏହା ତୁମୁଡିବନ୍ଧ ବ୍ଲକ ମୁଣ୍ଡିଗଡ଼ ପଞ୍ଚାୟତର ଦାଗିରି ଗାଁ ନୂଆପଡା ଗ୍ରାମରେ ପିଇବା ପାଣି ଅଭାବ ଦେଖିବାକୁ ମିଳିଛି। ଗ୍ରାମର ମହିଳାମାନେ ବାଲି ଚୂଆର ପାଣିକୁ ପିଇବା ପାଣି ଭାବରେ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। ଦାଗିରି ଗାଁ ନୂଆପଡ଼ା ଗ୍ରାମରେ ୩୫ ପରିବାରର ପ୍ରାୟ ୧୮୦ ଜନସଂଖ୍ୟା ଆଦିବାସୀ ଗାଁ ଅଟେ। ଏହି ଗ୍ରାମରେ ଗତ ବର୍ଷ ଏକ ନଳକୂପ ଖୋଳାଯାଇଛି। ସେହି ନଳକୂପରୁ ବାହାରୁଥିବା ପାଣି ହାଣ୍ଡି କିମ୍ବା ବାଲ୍ଟିରେ ରଖିଲେ ଉପରେ ତେଲ ପରି ଭାସେ, କିଛି ସମୟ ପରେ ସେହି ପାଣି ଗୋଳିଆ ହୁଏ ଏବଂ ଗନ୍ଧିଯାଏ। ଫଳରେ ଗ୍ରାମବାସୀମାନେ ପିଇବାକୁ ନାରାଜ ହୁଅନ୍ତି। କିଛିଦିନ ପରେ ଏହି ନଳକୂପ ଖରାପ ହେବା ସହ ଅଚଳ ହୋଇ ପଡ଼ି ରହିଲା। ଯାହାଫଳରେ ଗ୍ରାମବାସୀ ମାନେ ବାଧ ହୋଇ ନଦୀ ପଟାରେ ବାଲି ଚୂଆ ପାଣିକୁ ଭରସା କରନ୍ତି। ଗ୍ରାମର ମହିଳାମାନେ ହାଣ୍ଡି ମାଠିଆ ବାଲ୍ଟି ଧରି ବିଲ ମାଳର ଅଙ୍କା ବଙ୍କା ଚଲାପଥ ଦେଇ ୧କିମି ଦୂରରେ ବହିଯାଉଥିବା ରାଉଳ ନଦୀ ପଟାରେ ବାଲି ଚୂଆ ଖୋଳି ସେଥିରୁ ବାହାରୁଥିବା ପାଣିକୁ ଛୋଟ ପାତ୍ରରେ କାଢ଼ି ହାଣ୍ଡି ମାଠିଆ ଓ ବାଲ୍ଟିରେ ସଂଗ୍ରହ କରନ୍ତି। ଦିନକୁ ଦୁଇଥର ନଦୀରୁ ପାଣି ଆଣିବାକୁ ପଡ଼େ। ଫଳରେ ମହିଳାମାନେ ଅନ୍ୟାନ୍ୟ ଆନୁଷଙ୍ଗିକ ଘର କାମ କରିବାକୁ ସମୟ ହୁଏ ନାହିଁ। ହେଲେ ସେହି ପାଣି ମଧ୍ୟ ସ୍ୱାସ୍ଥ୍ୟ ପାଇଁ ହିତ ନୁହଁ। ଖରା ଦିନ ବାଲି ଚୂଆର ପାଣିକୁ ପିଇବା ପାଣି ରୂପେ ବ୍ୟବହାର କରୁଥିବା ବେଳେ ବର୍ଷା ଦିନେ କ୍ଷେତର କୂଅ ପାଣି ପିଇବାକୁ ପଡ଼େ। ହେଲେ ବର୍ଷ ତମାମ ପିଇବା ପାଣିର ସମସ୍ୟା ଲାଗିରହିଥିବା ବେଳେ ଗ୍ରାମବାସୀ ମାନେ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ଯାଇ ଉକ୍ତ ବାବଦରେ ଲିଖିତ ଅଭିଯୋଗ ଦେଲେ ମଧ୍ୟ ସୁଫଳ ମିଳି ନାହିଁ ବୋଲି ଗ୍ରାମର ନୂଆଦେଇ ମାଝୀ କହିଛନ୍ତି। ସେହିପରି ଗାଁ ମୁଖିଆ ଗଜେନ୍ଦ୍ର ମାଝୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ନୂତନ ଭାବେ ଏକ ନଳକୂପ ଖୋଳାଯାଇ ସୌର ଚାଳିତ ପମ୍ପ ସଂଯୋଗ କରି ପିଇବା ପାଣିର ବ୍ୟବସ୍ଥା କରାଯାଉ ବୋଲି କହିଛନ୍ତି। ଏହି ବାବଦରେ ତୁମୁଡିବନ୍ଧ ବ୍ଲକ ବିଡିଓ ଦାୟିତ୍ୱରେ ଥିବା ଏବିଡିଓ ଗୋବିନ୍ଦ ଚନ୍ଦ୍ର ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ପିଇବା ପାଣିର ବ୍ୟବସ୍ଥା କରାଯିବ ବୋଲି ମତ ପ୍ରକାଶ କରିଛନ୍ତି।

# ହତ୍ୟା ଉଦ୍ୟମ ମାମଲା, ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

ଭଞ୍ଜନଗର,୨୪।୪(ଡି.ଏନ୍.ଏ.)

ବୁଗୁଡ଼ା ଥାନା ଅନ୍ତର୍ଗତ ବିଷ୍ଣୁଚକ୍ର ଗ୍ରାମରେ ୨୦୧୨ ମାର୍ଚ୍ଚ ୧୪ରେ ଘଟିଥିବା ଏକ ହତ୍ୟା ଉଦ୍ୟମ ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଭଞ୍ଜନଗର ସବ୍ ଜଜ୍ ସୋମାଲୀନା ମିଶ୍ର ୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତ ହାଡ଼ିବନ୍ଧୁ ଜେନାଙ୍କୁ ବିଭିନ୍ନ ଦଫାରେ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୩୦୦୦ ଟଙ୍କା ଜରିମାନା ପକାଇଛନ୍ତି। ଜରିମାନା ଅର୍ଥ ଅନାଦେୟ ଅଧିକ ଦୁଇମାସ କାରାଦଣ୍ଡ ଭୋଗିବାକୁ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ଘଟଣା ଦିନ ରାତିରେ ହାଡ଼ିବନ୍ଧୁ ସମ୍ପୃକ୍ତ ଗ୍ରାମର ଜିତୁ ପଟ୍ଟନାୟକଙ୍କୁ ଆକ୍ରମଣ କରିବା ପାଇଁ ହାତରେ ବୋମା ଧରି ଆସିଥିଲେ। ଏହି ସମୟରେ ଅଶୋକ ମହାନ୍ତି ସମେତ ଗ୍ରାମର ଆଉ କିଛି ଲୋକ ହାଡ଼ିବନ୍ଧୁଙ୍କୁ କାହିଁକି ଟର୍ଚ୍ଚ ପକାଉଛ ବୋଲି ପଚାରିଥିଲେ। ଜିତୁଙ୍କୁ ଆକ୍ରମଣ କରିବାକୁ ଆସିଛି ବୋଲି ହାଡ଼ିବନ୍ଧୁ କହିଥିଲେ। ଏହାପରେ ଗ୍ରାମବାସୀଙ୍କ ଭିଡ଼ ହୋଇଯିବାରୁ ହାଡ଼ିବନ୍ଧୁ ସେଠାରେ ଉପସ୍ଥିତ ଥିବା ଲୋକଙ୍କ ଉପରକୁ ବୋମାମାଡ କରି ଚାଲିଯାଇଥିଲେ। ଏଥିରେ ଅଶୋକ ସମେତ ଅନ୍ୟମାନେ ଆହତ ହୋଇଥିଲେ। ପୋଲିସ ସେ ସମୟରେ ଏକ ମାମଲା ରୁଜୁକରି ପରବର୍ତ୍ତୀ ପର୍ଯ୍ୟାୟରେ ହାଡ଼ିବନ୍ଧୁଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଉଷାକାନ୍ତ ପଟ୍ଟନାୟକ ଉକ୍ତ ମାମଲା ପରିଚାଳନା କରୁଥିଲେ। ମୁଦାଲା ତରଫରୁ ଗୋପାଳ ତ୍ରିପାଠୀ ମକଦ୍ଦମା ପରିଚାଳନା କରୁଥିଲେ।

# ଡ. ନୃସିଂହାନନ୍ଦଙ୍କୁ ସଙ୍ଗମ ସାହିତ୍ୟ ରତ୍ନ ସମ୍ମାନ



ଅତିଥିଙ୍କ ଗହଣରେ ନୃସିଂହାନନ୍ଦ।

ଫୁଲବାଣୀ ଅଫିସ, ୨୪।୪

ପୁରୀ ଜିଲା ନିମାପଡ଼ାର ସଙ୍ଗମ ସାହିତ୍ୟ ତରଫରୁ ଆୟୋଜିତ ରାଜ୍ୟସ୍ତରୀୟ ଅକ୍ଷୟ ତୃତୀୟା ଉତ୍ସବ ପାଳନ ଅବସରରେ କନ୍ଧମାଳ ଜିଲାର ସାହିତ୍ୟିକ ଡ. ନୃସିଂହାନନ୍ଦ ମହାପାତ୍ରଙ୍କୁ ସଙ୍ଗମ ସାହିତ୍ୟ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି । ଗଙ୍ଗାଧର ଓଝାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବିଶିଷ୍ଟ ସାହିତ୍ୟିକ ପ୍ରସନ୍ନ ପାଟଶାଣୀ, ବ୍ୟଙ୍ଗ କବି ସତ୍ୟାନାଶ, ସମ୍ପଦ ରଥ, କବି ନାରାୟଣ ମୁଦୁଲି ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହାପାତ୍ରଙ୍କୁ ଉପଢୌକନ, ସମ୍ମାନ ଫଳକ, ପୁଷ୍ପଗୁଚ୍ଛ ପ୍ରଦାନକରି ସମ୍ମାନିତ କରିଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ, ପାରମ୍ପରିକ ସଂସ୍କୃତି ସମ୍ପୂର୍ଣ୍ଣ ପ୍ରତିଯୋଗିତା ମାନ ଆୟୋଜନ କରାଯାଇ ଉତ୍କଳର ଅକ୍ଷୟ ତୃତୀୟାକୁ ଭିନ୍ନ ଢଙ୍ଗରେ ପାଳନ କରାଯାଇଥିଲା। ସୂଚନାଯୋଗ୍ୟ, ମହାପାତ୍ର ଏବେ ଫୁଲବାଣୀ ଆଇଟିଆଇରେ ତାଲିମପ୍ରାପ୍ତ ଅଧିକାରୀ ଭାବେ କାର୍ଯ୍ୟରତ ଥିବା ବେଳେ ବହୁ ଅନୁଷ୍ଠାନ ସହ ଜଡ଼ିତ ଅଛନ୍ତି। କନ୍ଧମାଳର ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ହିଞ୍ଜିଳିକାଟୁ,୨୪।୪(ଡି.ଏନ୍.ଏ.)

ହିଞ୍ଜିଳି ଥାନା ଶିକିରିଠାରେ ଏମ୍‌ଜିଏନ୍‌ଆର୍ ଇଜିଏସ୍ କାର୍ଯ୍ୟରେ ଜଣେ ମହିଳାଙ୍କୁ ଅନ୍ୟ ପୁରୁଷ ଶ୍ରମିକ ଦୁର୍ବ୍ୟବହାର ଓ ମାଡ଼ ମାରିଥିବା ନେଇ ଅଭିଯୋଗ ହୋଇଛି। ଶନିବାର ଶିକିରି ପଞ୍ଚାୟତ ଅନ୍ତର୍ଗତ ମର୍ଶାଘାଇ ନାଳରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ କରିବାକୁ ମହିଳା ଶ୍ରମିକ ଭାବେ ଯାଇଥିଲେ। ସେଠାକୁ ସେହି ଗ୍ରାମର ଜଣେ ଯୁବକ ମଧ୍ୟ ଶ୍ରମିକ ଭାବେ କାମ କରୁଥିଲେ। ସେ ଜାଣିଶୁଣି ମହିଳାଙ୍କୁ ଗୋଡ଼ରେ ଲାତ ମାରିଥିଲେ। ଉକ୍ତ ସ୍ଥାନରେ ଅନ୍ୟମାନେ ଉପସ୍ଥିତ ଥିବାରୁ ମହିଳା କିଛି ପ୍ରତିବାଦ କରିନଥିଲେ। ତେବେ ଘରକୁ ଫେରି ଘଟଣା ନେଇ ନିଜ ମା'କୁ କହିଥିଲେ। ଝିଅଠାରୁ ସବୁ ଶୁଣି ତାଙ୍କ ମା' ସମ୍ପୃକ୍ତ ଯୁବକଙ୍କ ଘରକୁ ପଚରିବାକୁ ଯାଇଥିଲେ। ଏଥିରେ ଯୁବକ ଜଣକ ରାଗି ଯାଇ ମହିଳା ଶ୍ରମିକଙ୍କ ମା'ଙ୍କୁ ମଧ୍ୟ ଗାଳି ଗୁଲଜ ସହ ମାଡ଼ ମାରି ଚେତାଶୂନ୍ୟ କରିଥିଲେ। ଏହା ଦେଖି ମହିଳା ଓ ତାଙ୍କର ଭିନ୍ନକ୍ଷମ ଭାଇ ସେଠାକୁ ଯିବାରୁ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ସାହି ଲୋକମାନେ ଆହତଙ୍କୁ ଉଦ୍ଧାର କରିଥିଲେ। ଅନ୍ୟ ପକ୍ଷରେ ପ୍ରାୟ ୧ବର୍ଷ ତଳେ ରାତିରେ ଯୁବକଜଣକ ମନ୍ଦ ଉଦ୍ଦେଶ୍ୟ ରଖି ମହିଳାଙ୍କ ଛାତ ଉପରକୁ ଆସି ଧରାପଡ଼ି ଅପମାନିତ ହୋଇଥିଲେ। ସେହିଦିନଠାରୁ ସେ ରାଗ ରଖିଥିବା ମହିଳାଙ୍କ ମା' ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ. ୨୫୪/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ପର୍ଶୁରାମ ଜୟନ୍ତୀ

ଭଞ୍ଜନଗର,୨୪।୪(ଡି.ଏନ୍.ଏ.)

ସୁରଟରେ ରହୁଥିବା ବ୍ରାହ୍ମଣ ପରିବାର ପକ୍ଷରୁ ରବିବାର ପର୍ଶୁରାମ ଜୟନ୍ତୀ ପାଳିତ ହୋଇଯାଇଛି। ସୁରଟ ଭେସ୍ଥାନ ମହାଦେବ ମନ୍ଦିରଠାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସଭାପତି ଭାବଗ୍ରାହୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ରୂପେ ବସନ୍ତଭାଇ ଗଜେରା, ସମ୍ମାନିତ ଅତିଥି ଭାବେ ରିତେଶ ମିଶ୍ର, ଧୀରେନ୍ଦ୍ର କୁମାର ମିଶ୍ର, ଶୁଭେନ୍ଦୁ ପଣ୍ଡା ଯୋଗ ଦେଇଥିଲେ। ଶେଷରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସନ୍ତୋଷ ପାଣିଗ୍ରାହୀ, ପ୍ରଫୁଲ୍ଲ ପାଣିଗ୍ରାହୀ, ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ, ରଶ୍ମିକାନ୍ତ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଶଙ୍ଖ ଭବନ ଉଦ୍‌ଘାଟନରେ ଯୋଗଦେଇ ଅଡୁଆରେ ୨ ଶିକ୍ଷକ

ବେଗୁନିଆପଡ଼ା,୨୪।୪

ବିଜେଡିର ରାଜ୍ୟ କାର୍ଯ୍ୟାଳୟ 'ଶଙ୍ଖ ଭବନ'ର ଉଦ୍‌ଘାଟନ ହୋଇଛି। ଏଥିରେ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ଦଳର ନେତୃବୃନ୍ଦ ଉପସ୍ଥିତ ଥିଲେ। ବେଗୁନିଆପଡ଼ା ବ୍ଲକର ୨ ଜଣ ସରକାରୀ ଶିକ୍ଷକ ଉକ୍ତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟିକା ଓ ବିଜେଡି କର୍ମକର୍ତ୍ତାଙ୍କ ସହ ଫଟୋ ଉଠାଇଥିବା ନେଇ ସୋସିଆଲମିଡିଆରେ ଭାଇରାଲ ହେବା ପରେ ଚର୍ଚ୍ଚା ଜୋର ଧରିଛି। ସରକାରୀ ଶିକ୍ଷକ ହୋଇ ରାଜନୈତିକ କାର୍ଯ୍ୟକ୍ରମରେ ବ୍ଲକର ପାଇକପଡ଼ା ବଟେଶ୍ୱର ହାଇସ୍କୁଲର ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ ଓ ଏନ୍ .ଗୁଞ୍ଜିବଳା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଯୋଗଦେଇଛନ୍ତି। ସରକାର ଏ ଘଟଣା ଉପରେ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ଯୁବମୋର୍ଚ୍ଚାର ସାଧାରଣ ସମ୍ପାଦକ ଆଲୋକ ଶତପଥୀ ଦାବି କରିଛି। ଏ ନେଇ ଗଞ୍ଜାମ ଜିଲା ଶିକ୍ଷା ଅଧିକାରିଣୀ ବିନୀତା ସେନାପତିଙ୍କୁ ପଚାରିବାରୁ ଏହା ବେଆଇନ କାର୍ଯ୍ୟ ଏବଂ ଅଭିଯୋଗ ପାଇବା ପରେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର କହିଛନ୍ତି, ଭବନଟି କେମିତି ହୋଇଛି ବୋଲି ଦେଖିବାକୁ ଆମେ ଯାଇଥିଲୁ। ଫଟୋ ଉଠାଇବା କଥାକୁ ଏଡ଼ାଇ ଦେଇଛନ୍ତି। ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ କହିଛନ୍ତି, ବିଦ୍ୟାଳୟର ପରିଚାଳନା କମିଟି ପାଇଁ ପ୍ରୋସେସିଂ ଚାଲିଥିବାରୁ ସେ ବିଧାୟିକାଙ୍କ ପାଖକୁ ଯାଇଥିଲେ ।

# ଜୟଦେବଙ୍କ ରଚିତ ଗୀତଗୋବିନ୍ଦ କାବ୍ୟ କାଳଜୟୀ

ଛତ୍ରପୁର ,୨୪।୪(ଡିଏନଏ )

ଛତ୍ରପୁରସ୍ଥିତ ଜିଲା ସଂସ୍କୃତି ଭବନ ପରିସରରେ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଗଞ୍ଜାମ ଜିଲାସ୍ତରୀୟ କବି ଶ୍ରୀଜୟଦେବ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ରବି ନାରାୟଣ ବେହେରାଙ୍କ ପରିଚାଳନା ଓ ସଂଯୋଜନାରେ ଅନୁଷ୍ଠିତ ସମାରୋହରେ ଅତିରିକ୍ତ ଜିଲାପାଳ (ସାଧାରଣ) ଲୀନା କୁମାରୀ ଖେସ୍ ଅଧ୍ୟକ୍ଷତା କରିଥିଲେ। ଜୟଦେବଙ୍କ ଦ୍ୱାରା ରଚିତ ଗୀତଗୋବିନ୍ଦ ଏକ କାଳଜୟୀ ସୃଷ୍ଟି ବୋଲି ମତ ପ୍ରକାଶ ପାଇଥିଲା। ସଭାରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ କୁକୁଡ଼ାଖଣ୍ଡି ତହସିଲଦାର କଲ୍ୟାଣୀ ସଂଘମିତ୍ରା ଦେବୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କବି ଶ୍ରୀଜୟଦେବଙ୍କ ସ୍ମୃତିଚାରଣ କରିଥିଲେ। ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ଓ ଛତ୍ରପୁର ସାହିତ୍ୟ ସଂସଦ ସଭାପତି ବ୍ରଜ ମୋହନ ଆଚାର୍ଯ୍ୟ କବି ଶ୍ରୀଜୟଦେବଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଚିନ୍ମୟ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଛତ୍ରପୁର କଳା ବିକାଶ କେନ୍ଦ୍ର ଛାତ୍ରୀଛାତ୍ରମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ ସହିତ ଲୋକନୃତ୍ୟ ପରିବେଷଣ କରିଥିଲେ। ଗାୟତ୍ରୀ କଳା ବିକାଶ କେନ୍ଦ୍ର, ବ୍ରହ୍ମପୁର, ଜୟ ଗଣେଶ କଳା ବିକାଶକେନ୍ଦ୍ର, ସାଇ ନୃତ୍ୟ ଏକାଡେମୀ, ପ୍ରତିଭା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା ।



ଜୟଦେବଙ୍କ ଜିଲାସ୍ତରୀୟ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥି ।

# ହିନ୍ଦୁ ସମାଜ ପକ୍ଷରୁ ସ୍ମାରକପତ୍ର

ଛତ୍ରପୁର/ଭଞ୍ଜନଗର/ବେଗୁନିଆପଡ଼ା/କ.ନୂଆଗାଁ/ପାରଳାଖେମୁଣ୍ଡି/ ଜି.ଉଦୟଗିରି/ ଦିଗପହଣ୍ଡି,୨୪।୪(ଡି.ଏନ.ଏ)

ସମ୍ବଲପୁରଠାରେ ହନୁମାନ ଜୟନ୍ତୀ ପାଳନ ବେଳେ ସମନ୍ୱୟ ସମିତି ଦ୍ୱାରା ଆୟୋଜିତ ଶାନ୍ତିପୂର୍ଣ୍ଣ ବାଇକ୍ ଶୋଭାଯାତ୍ରା ଉପରେ ଯେହାଦିମାନଙ୍କ ଦ୍ୱାରା ପଥର ଓ ଖଣ୍ଡା ଆଦି ମାରାଣାସ୍ତ୍ର ଦ୍ୱାରା ଅତି ନିଷ୍ଠୁର ଭାବେ ଆକ୍ରମଣ କରାଯାଇଥିଲା। ଏହି ଘଟଣାକୁ ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏହି ସଂଗଠନଗୁଡିକୁ ତୁରନ୍ତ ପ୍ରତିବନ୍ଧିତ କରାଯାଇ ଏମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ସୋମବାର ଏନେଇ ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ଏକ ସ୍ମାରକପତ୍ର ଗଞ୍ଜାମ ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି ଏହି ସଂଗଠନ ମାନେ ଧାର୍ମିକ ଉନ୍ମାଦନା ସୃଷ୍ଟିକରି ଭାରତର ସାମାଜିକ, ଧାର୍ମିକ, ଆର୍ଥିକ, ରାଜନୈତିକ ସ୍ଥିରତାକୁ ଧ୍ୱଂସ ବିଧ୍ୱସ୍ତ କରିବାକୁ ଜୋରସୋର ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ଏଥିରେ ବିଏମ୍‌ଏସ୍ ମତ୍ସ୍ୟଜୀବି ପ୍ରମୁଖ ଅର୍ଜୁନ ବେହେରା, ଭାଜପା ନେତା ଡକ୍ଟର ସୁବାସ ଚନ୍ଦ୍ର ସାହୁ, କୀର୍ତ୍ତନ ଦାସ, ଛତ୍ରପୁର ଭାଜପା ସଭାପତି ସଞ୍ଜିତ ରାଉଳ, କୃଷ୍ଣ ଚନ୍ଦ୍ର ନାୟକ, ବସନ୍ତ ବେହେରା, ଯୁବମୋର୍ଚ୍ଚା ସଭାପତି ରିତେଶ କୁମାର ସେନାପତି, ପଦ୍ମ ଚରଣ ସାହୁ, ଚନ୍ଦ୍ରଶେଖର ରେଡ୍ଡୀ, କାଉନସିଲର ଅମରେଶ ମହାରଣା ଓ ରଶ୍ମି ମହାପାତ୍ର ପ୍ରମୁଖ ସାମିଲ ଥିଲେ।

**ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ ଆକ୍ରମଣକୁ ନିନ୍ଦା**



ବେଗୁନିଆପଡ଼ାରେ ବିଶ୍ୱ ହିନ୍ଦୁ ପରିଷଦର ବିକ୍ଷୋଭ।

ସେହିପରି ଏହି ମାମଲାରେ ଜଡ଼ିତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ନେଇ ବିଶ୍ୱ ହିନ୍ଦୁ ପରିଷଦ ଭଞ୍ଜନଗର ଶାଖା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସ୍ଥାନୀୟ ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ସମୟରେ ବିଶ୍ୱ ହିନ୍ଦୁ ପରିଷଦ ନେତା ମୁରଲୀଧର ପଣ୍ଡା, ବଟକୃଷ୍ଣ ପଣ୍ଡା, ଭାଜପା ବିଧାୟକ ପ୍ରାର୍ଥୀ ପ୍ରଦ୍ୟୁମ୍ନ ନାୟକ, ସୁଧୀର ନାୟକ, ମାନସ ଜେନା, ସନ୍ତୋଷ ତିଆଡ଼ି, ବନମାଳୀ ଗଉଡ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବେଗୁନିଆପଡ଼ାରେ ବିଡିଓଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ହିନ୍ଦୁ ଭାଇମାନଙ୍କୁ ଜେଲରୁ ମୁକ୍ତ କରିବା ସହ ସମ୍ପୃକ୍ତ ମୁସଲମାନମାନଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ଏକ ହିନ୍ଦୁ ସଙ୍ଗଠନ ତରଫରୁ ଦାବି ପତ୍ର ପ୍ରଦାନ କରାଯାଇଛି। ଏ ନେଇ ଏକ ପ୍ରତିବାଦ ଶୋଭାଯାତ୍ରା ବେଗୁନିଆପଡ଼ା ପରିକ୍ରମା କରି ବିଡିଓ ପ୍ରଜ୍ଞା ପ୍ରିୟଦର୍ଶିନୀଙ୍କ ଜରିଆରେ ରାଜ୍ୟପାଳଙ୍କ ନିକଟକୁ ପ୍ରେରଣ କରାଯାଇଛି। ସେହିପରି କ.ନୁଆଗାଁରେ ହିନ୍ଦୁ କାର୍ଯ୍ୟକର୍ତ୍ତାଙ୍କ ଉପରେ ଆକ୍ରମଣ ପ୍ରତିବାଦରେ ହିନ୍ଦୁ ସମାଜ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା କରାଯାଇଥିଲା। ବିଡିଓଙ୍କ ଅନୁପସ୍ଥିତିରେ ଲବ ନାୟକଙ୍କୁ ରାଜ୍ୟକାଳଙ୍କ ଉଦ୍ଦ୍ୟେଶ ରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିରେ କ ନୁଆଗାଁ ହିନ୍ଦୁ ସମାଜର ପଣ୍ଡିତ କୁମାର ବିଶିମାଝି, ଗୁରୁରାମ ପାତ୍ର, ଜୟଜବାନ ପ୍ରଧାନ, ଅରୁଣ ଦିଗାଲ ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ସେହିପରି ହିନ୍ଦୁ ସମାଜକୁ ସୁରକ୍ଷା ଦେବା ନିମନ୍ତେ ଗଜପତି ଜିଲା ହିନ୍ଦୁ ସୁରକ୍ଷା ସେବା ମଞ୍ଚ ତରଫରୁ ଗୋଷାଣୀ ବିଡିଓ ନୀଳମାଧବ ମାଝୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଜିଲା ବିଶ୍ୱ ହିନ୍ଦୁ ପରିଷଦ ସମ୍ପାଦକ ଲୋକନାଥ ମିଶ୍ର, ଜିଲା କୋଷାଧକ୍ଷ ହରିମୋହନ ପଟ୍ଟନାୟକ, ପାରଳାଖେମୁଣ୍ଡି ନଗର ସମ୍ପାଦକ ମନୋଜ ଦାଶ, ଗୋସୁରକ୍ଷା ସମ୍ପାଦକ କୈଳାଶ ଉପସ୍ଥିତ ଥିଲେ। ଜି.ଉଦୟଗିରିରେ ଏହି ଘଟଣା ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଆଶିଷ କୁମାର ତ୍ରିପାଠୀଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦିଗପହଣ୍ଡିରେ ମଧ୍ୟ ଏ ନେଇ ବିକ୍ଷୋଭ ସହ ବିଡିଓଙ୍କ ଅନୁପସ୍ଥିତିରେ ବରିଷ୍ଠ କିରାଣିଙ୍କୁ ସ୍ମାରକପତ୍ର ଦିଆଯାଇଛି।

# ଶିଙ୍କୁଲିପଦରରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଆର.ଉଦୟଗିରି/ପାରଳାଖେମୁଣ୍ଡି, ୨୪।୪(ଡି.ଏନ.ଏ.)

ମୋହନା ବ୍ଲକ ଶିଙ୍କୁଲିପଦର ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ହେଉଥିବା ଯୁଗ୍ମ ଅଭିଯୋଗ ଶୁଣାଣିରେ ୧୧୯ଟି ଅଭିଯୋଗ ଶୁଣାଣି ହୋଇଥିଲା। ଏହି ଶିବିରରେ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ସହ ଅତିରିକ୍ତ ଆରକ୍ଷୀ ଅଧ୍ୟକ୍ଷ ଗୁରୁବିର ସିଂ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ, ପ୍ରକଳ୍ପ ପ୍ରଶାସକ ଆଦିବାସୀ ଉନ୍ନୟନ ସଂସ୍ଥା ଫାଲଗୁନି ମାଝୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତପସ୍ୱିନୀ ହାଂସଦା, ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶିଷ ଶତପଥୀ, ସହକାରୀ ଯନ୍ତ୍ରୀ ନାରାୟଣ ପାଢ଼ୀ, ସମସ୍ତ ବ୍ଲକ କର୍ମଚାରୀ ସହ ଜିଲା ଏବଂ ବ୍ଲକ ସ୍ତରୀୟ ସମସ୍ତ ବିଭାଗ ଅଧିକାରୀ ଉପସ୍ଥିତ ଥିବା ସହ ଗ୍ରାମ ଉନ୍ନୟନ ସଂସ୍ଥା, ଯୋଗାଣ ବିଭାଗ, ସ୍ୱାସ୍ଥ ବିଭାଗ, ପାନୀୟ ଜଳ ବିଭାଗ, ଜଙ୍ଗଲ ବିଭାଗ, କୃଷି ବିଭାଗ, ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ଅଭିଯୋଗ ଶୁଣାଣିରେ ସାମୁହିକ ୮୫ଟି ବ୍ୟକ୍ତିଗତ ୧୮ତ୍ୱରିତ ପଦକ୍ଷେପ ନେଇ ସମାଧାନ କରିଥିଲେ ୧୬ଟି। ଏହା ସହ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୪ଜଣ ବ୍ୟକ୍ତିଙ୍କୁ ୨୩୦୦୦ଟଙ୍କା ସାହାଯ୍ୟ କରିଥିଲେ। ଏହି ଅଭିଯୋଗ ଶୁଣାଣିରେ ନିକଟ ପଞ୍ଚାୟତରୁ ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିବା ସହ ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର, ଉପାଧ୍ୟକ୍ଷ ବାଲ୍ମୀନା ଅଧିକାରୀଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟା, ସଭ୍ୟ ଉପସ୍ଥିତ ରହି ଜିଲାପାଳଙ୍କୁ ସ୍ୱାଗତ କରିଥିଲେ।



ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲାପାଳ।

# ପାଦ ଥାପିବ ଜଟିଆ ଷ୍ଟିଲ୍
# ବିରୋଧ ପାଇଁ ସଜବାଜ

**କଳିଙ୍ଗନଗର ଶିଳ୍ପାଞ୍ଚଳ**
- ୨୯ରେ ସର୍ବସାଧାରଣ ଶୁଣାଣି
- ନିଯୁକ୍ତି, ପ୍ରଦୂଷଣ ପାଇଁ ବିରୋଧ ଆଶଙ୍କା

ଯାଜପୁର ଅଫିସ,୨୪।୪

କଳିଙ୍ଗନଗର ଶିଳ୍ପାଞ୍ଚଳର କେତେକ କାରଖାନାରୁ ବାୟୁ ଓ ଜଳ ପ୍ରଦୂଷଣ ଯୋଗୁ ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳ ସମେତ ଆଖପାଖ ଅଞ୍ଚଳରେ ସ୍ୱାସ୍ଥ୍ୟଗତ ସଙ୍କଟ ଦେଖାଦେଇଛି। ଏଭଳି ଅନିୟନ୍ତ୍ରିତ ପରିସ୍ଥିତିରେ ଆଉ ଏକ କାରଖାନା କଳିଙ୍ଗନଗରରେ ପାଦ ଥାପିଛି। ଯଖପୁରା ନିକଟରେ ବାର୍ଷିକ ୭ ଲକ୍ଷ ୫୦ ହଜାର ଟନ୍ ରୋଲ୍ଡ ପ୍ରଡକ୍ଟସ୍ ଉତ୍ପାଦନ ନିମନ୍ତେ ଜଟିଆ ଷ୍ଟିଲ ଲିମିଟେଡ୍‌ର ଆସନ୍ତା ୨୯ ତାରିଖରେ ଦାନଗଦି ଭବନଠାରେ ସର୍ବସାଧାରଣ ଶୁଣାଣି କରିବାକୁ ବିଜ୍ଞାପନ ହୋଇଛି। ହେଲେ ଉପଯୁକ୍ତ ଭାବେ ପ୍ରଚାରପ୍ରସାର ନ କରି କେତେଜଣ ପ୍ରଭାବଶାଳୀ ଲୋକଙ୍କୁ ହାତ କରି ଉକ୍ତ ଶୁଣାଣିକୁ ସଫଳ କରିବାକୁ ଯୋଜନା କରାଯାଉଥିବା ଅଭିଯୋଗ ହୋଇଛି। ପୂର୍ବରୁ ଯଖପୁରା ଅଞ୍ଚଳରେ କେତେକ କାରଖାନାର ବାୟୁ ଓ ଜଳ ପ୍ରଦୂଷଣକୁ ନେଇ ତୁମ୍ବିତୋଫାନ ହୋଇଆସୁଥିବାବେଳେ ପ୍ରସ୍ତାବିତ ଏହି ଜଟିଆ ଷ୍ଟିଲ କାରଖାନାକୁ ପୂର୍ଣ୍ଣ ମାତ୍ରାରେ ବିରୋଧ କରିବାକୁ ପ୍ରଭାବିତ ଲୋକେ ଅଣ୍ଟା ଭିଡିଥିବା ସୂଚନା ମିଳିଛି।

୫ ବର୍ଷ ପୂର୍ବରୁ ଗ୍ରୀନ୍‌ପିସ୍ ନାମକ ଏକ ସଂସ୍ଥା ଦ୍ୱାରା ହୋଇଥିବା ଏକ ସର୍ଭେ ମୁତାବକ ଦେଶର ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରେ ଓଡ଼ିଶାର ୫ଟି ସହର ରହିଥିଲା। ସେଥିମଧ୍ୟରୁ ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳ ରାଜ୍ୟର ଦ୍ୱିତୀୟ ପ୍ରଦୂଷିତ ସହର ଆଖ୍ୟା ପାଇ ବଦନାମ ଆଣିଥିଲା, ଯାହାକି ଏଯାଏ ନିୟନ୍ତ୍ରଣ ହୋଇ ପାରିନାହିଁ ବୋଲି କୁହାଯାଉଛି। ବାୟୁ ଓ ଜଳ ପ୍ରଦୂଷଣରେ ସ୍ଥାନୀୟ ଲୋକେ ରୁନ୍ଧି ହେଉଛନ୍ତି। କିଡନୀ ଓ ଯକ୍ଷ୍ମା ରୋଗରେ ମୃତ୍ୟୁ ଓ ଆକ୍ରାନ୍ତ ସଂଖ୍ୟା ବଢ଼ିବାରେ ଲାଗିଛି। ବିଶେଷକରି ଯଖପୁରା ନିକଟରେ ଥିବା କେତେକ ପ୍ରମୁଖ ଶିଳ୍ପସଂସ୍ଥାର ବର୍ଜ୍ୟଜଳ ଅଞ୍ଚଳବାସୀଙ୍କ ଜୀବନଜୀବିକାକୁ ଦୁର୍ବିଷହ କରୁଥିବା ଅଭିଯୋଗ ହେଉଛି। ଏନେଇ ପୂର୍ବରୁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି), ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲେ ହେଁ କଳେବଳେ କୌଶଳେ ଚାପି ଦିଆଯାଇଛି। କଳିଙ୍ଗନଗର ଶିଳ୍ପାଞ୍ଚଳର ଗଣ୍ଡାନାଳକୁ ପ୍ରଦୂଷଣମୁକ୍ତ, ଏୟାର କ୍ୱାଲିଟି ମନିଟରିଂ ଡାଟାରୁ ମିଳିଥିବା ତଥ୍ୟ ଅନୁସାରେ ବାୟୁ ପ୍ରଦୂଷଣର ନିୟନ୍ତ୍ରଣ, ରାସ୍ତାକଡ଼ ଏବଂ ଶିଳ୍ପାଞ୍ଚଳର ୩୩ ପ୍ରତିଶତ ଅଞ୍ଚଳରେ ବନୀକରଣ କରିବାକୁ ପରିବେଶ ପରିଚାଳନା ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହାସହ ପ୍ରତ୍ୟେକ ଶିଳ୍ପସଂସ୍ଥା ବର୍ଷାପାଣି ଓ କାରଖାନାରୁ ବୋହୁଥିବା ବର୍ଜ୍ୟପାଣି ବୁନ୍ଦାଏ ବି ବାହାରକୁ ନଛାଡିବାକୁ ନିର୍ଦ୍ଦେଶ ହୋଇଥିଲା। କଳିଙ୍ଗନଗର ଶିଳ୍ପାଞ୍ଚଳରେ ଯାଜପୁର କ୍ଲଷ୍ଟର ଡେଭଲପମେଣ୍ଟ ବିଭାଗ ପକ୍ଷରୁ କମନ ଏଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ(ସିଇଟିପି) ସ୍ଥାପନ କରିବା, ପାଣି ସିଞ୍ଚନ ସହ କାରଖାନାର ଆଭ୍ୟନ୍ତରୀଣ ରାସ୍ତା ଓ ରାଜରାସ୍ତାକୁ ସମ୍ପୂର୍ଣ୍ଣ ସଫା ରଖିବା, ପ୍ରତ୍ୟେକ ଶିଳ୍ପସଂସ୍ଥା ପାଇଁ ହୁଇଲ ୱାଶିଂ ମେଶିନ ବାଧ୍ୟତାମୂଳକ କରିବା, ଢାଙ୍କୁଣି ଦେଇ ପରିବହନ ଇତ୍ୟାଦି ପାଳନ କରିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏହିସବୁ ନିଷ୍ପତ୍ତିକୁ କେତେକ ଶିଳ୍ପସଂସ୍ଥା ମାନୁନାହାନ୍ତି। ଏଥିଯୋଗୁ ଗଣ୍ଡାନାଳ ସମେତ ଖରସ୍ରୋତା ଓ ବ୍ରାହ୍ମଣୀ ନଦୀଜଳରେ ଥିବା ପରମିସିବୁଲ ଲିମିଟ୍‌ରୁ ୧୫ଗୁ ଊର୍ଦ୍ଧ୍ୱ ଗୁଣ ଅଧିକ ଫେନୋଲିକ କମ୍ପାଉଣ୍ଡ, ସାୟାନାଇଡ, କ୍ରୋମିୟମ ଆଦି ବିଷାକ୍ତ ପଦାର୍ଥ ରହିଥିବା ରିପୋର୍ଟରେ ଦର୍ଶାଯାଇଛି। କିନ୍ତୁ ନିଜ ଲାଭ ଜଗିବାକୁ ଶିଳ୍ପସଂସ୍ଥା କର୍ତ୍ତୃପକ୍ଷ ଲୋକଙ୍କ ଜୀବନ ଉପରେ ଖେଳ ଖେଳୁଛନ୍ତି। ଏହିକ୍ରମରେ ଜଟିଆ ଷ୍ଟିଲ କାରଖାନା ପ୍ରତିଷ୍ଠା ହେଲେ ଯଖପୁରା, କଟେରୀଗାଁ, ଦାଶମାନିଆ, ରାବଣା ଆଦି ଗ୍ରାମରେ ଜଳ ଓ ବାୟୁ ପ୍ରଦୂଷଣ ଆହୁରି ଉତ୍କଟ ହେବ ବୋଲି ଆଲୋଚନା ହେଉଛି। ଏହାବାଦ ନିକଟରେ ଥିବା ଯଖପୁରା ହାଇସ୍କୁଲ, ରଘୁନାଥ ମାଧ୍ୟମିକ ଇଂରାଜୀ ବିଦ୍ୟାଳୟ, ଜଗଡିହ ପ୍ରାଥମିକ ସ୍କୁଲ, ଖପୁରିଆପଡା ଉଚ୍ଚ ପ୍ରାଥମିକ ସ୍କୁଲ, ସେଣ୍ଟ ଜାଭିୟର ସ୍କୁଲ, ପିଙ୍ଗଲ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଉପରେ ପ୍ରଦୂଷଣର ପ୍ରଭାବ ପଡ଼ିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷେ ରାବଣା ହସ୍ପିଟାଲ, ସିଟି ଷ୍ଟିଲ ହସ୍ପିଟାଲ, ଇଏସ୍‌ଆଇ ଡିସ୍‌ପେନସାରିରେ ଚିକିତ୍ସାଧୀନ ରୋଗୀମାନଙ୍କ ଉପରେ କୁପ୍ରଭାବ ପଡ଼ିବା ଆଶଙ୍କା ରହିଛି। ଏହି କାରଖାନା ନିର୍ମାଣ ସମୟରେ ୬୦ ଜଣ ଏବଂ କାର୍ଯ୍ୟକାରିତା ସମୟରେ ୧୫୦ ଜଣ ପ୍ରତ୍ୟକ୍ଷ ଭାବେ ନିଯୁକ୍ତି ପାଇବେ ବୋଲି କମ୍ପାନୀ ପକ୍ଷରୁ ରିପୋର୍ଟରେ ଦର୍ଶାଯାଇଛି। ହେଲେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଗତାନୁଗତିକ ଭାବେ ଅଧିକାଂଶ ରାଜ୍ୟ ବାହାର ଲୋକଙ୍କୁ ପ୍ରାଧାନ୍ୟ ଦିଆଯିବ ବୋଲି ପ୍ରଭାବିତ ଲୋକ ମତପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି ଇତିମଧ୍ୟରେ ୨ଟି କାରଖାନା ପ୍ରତିଷ୍ଠା ପାଇଁ ଜନଶୁଣାଣି କାର୍ଯ୍ୟକ୍ରମ ରହିଛି। ଏଥିରେ ପ୍ରଭାବିତ ଲୋକଙ୍କ ମତ ଅନୁସାରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

# 'ଗୁଣାତ୍ମକ ଶିକ୍ଷା ପିଲାଙ୍କୁ ଭଲ ମଣିଷ କରିଥାଏ'


ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ ଓ ଅନ୍ୟମାନେ।

**ଗମ୍ଭୁ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ**

ବରୀ,୨୪।୪(ଡି.ଏନ୍.ଏ.)

ଗୁଣାତ୍ମକ ଶିକ୍ଷା ଛାତ୍ରୀଛାତ୍ରଙ୍କୁ ବଡ଼ ମଣିଷ କରିବା ଅପେକ୍ଷା ଭଲ ମଣିଷ କରିବାରେ ସହାୟକ ହୋଇଥାଏ । ମା'ବାପାଙ୍କ ଆଶୀର୍ବାଦ ସବୁ ବେଳେ ପିଲାମାନଙ୍କ ପ୍ରତି ରହିଥାଏ ବୋଲି ସୋମବାର ଗମ୍ଭୁ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଗଣେଶୀ ଲାଲ ମତବ୍ୟକ୍ତ କରିଛନ୍ତି । ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱ ଆୟୋଜିତ ଉତ୍ସବରେ ଯୋଗ ଦେଇ ରାଜ୍ୟପାଳ କହିଲେ, ବରୀ ଏକ ବୀର ମାଟି । ଏହି ପବିତ୍ର ମାଟିକୁ ମୁଁ ଅତିଥି ଭାବେ ଆସିଥିବାରୁ ତାହା ମୋ ପାଇଁ ଚିର ସ୍ମରଣୀୟ ହୋଇ ରହିବ । ଏହି ଜଗନ୍ନାଥଙ୍କ ମାଟିକୁ ମୁଁ କୋଟି କୋଟି ଥର ପ୍ରଣାମ କରୁଛି ବୋଲି କହିଥିଲେ ।

ସମ୍ମାନୀତ ଅତିଥି ଭାବେ ବଡ଼ଚଣା ବିଧାୟକ ଅମରପ୍ରସାଦ ଶତପଥୀ ଯୋଗଦେଇ ଛାତ୍ରଛାତ୍ରୀମାନେ ନିଷ୍ଠାର ସହ ନିଜର ପାରଦର୍ଶିତା ପ୍ରମାଣିତ କଲେ ସେମାନେ ଆଗାମୀ ଦିନରେ ଦେଶ ଗଠନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ବୋଲି କହିଥିଲେ। ବରୀ ବିଧାୟିକା ସୁନନ୍ଦା ଦାସ ହିନ୍ଦି ଓ ଓଡ଼ିଆରେ ନିଜ ଅଭିଭାଷଣ ଆରମ୍ଭ କରି ଉକ୍ତ ସ୍କୁଲର ଉନ୍ନତି କାମନା କରିବା ସହ ଏଥିରେ ସେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି କହିଥିଲେ । ସେ ଭାଷଣ ଆରମ୍ଭ କରିବା ପୂର୍ବରୁ ଜୟ ଜଗନ୍ନାଥ କହିବାରୁ ସମସ୍ତେ ତାଙ୍କ ସହିତ ସ୍ୱର ମିଳାଇଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ପ୍ରତାପ ଚନ୍ଦ୍ର ଦାସ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ମହାପାତ୍ର, ଶିକ୍ଷକ ପାଣ୍ଡବ ଚନ୍ଦ୍ର ମହାପାତ୍ର ଓ ଶିକ୍ଷକ ଦର୍ଶନୀ ଚରଣ ନାୟକଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ ।


ପାରାଦୀପ ନୂଆଗଡ ପଞ୍ଚାୟତ ମୂଷାଡ଼ିଆ ବସ୍ତିର ଦୃଶ୍ୟ। ପ୍ରଦୂଷଣ ଯୋଗୁ ଘର ଗଛ ଆଦି ନାଲି ରଙ୍ଗରେ ଆଚ୍ଛାଦିତ ହୋଇଯାଇଛି।

# ପ୍ରେମିକଙ୍କ ଆତ୍ମହତ୍ୟା ପରେ ଜୀବନ ହାରିଲେ ପ୍ରେମିକା



ଚଣ୍ଡିଖୋଲ/ଛତିଆ/ବଡ଼ଚଣା, ୪।୪(ଡି.ଏନ.ଏ.)

କୁହାଯାଏ ପ୍ରେମ ଶାଶ୍ୱତ, ଚିରନ୍ତନ । ପ୍ରେମର ପରିଭାଷା ସମସ୍ତଙ୍କ ପାଖରେ ଭିନ୍ନଭିନ୍ନ । ହେଲେ କ୍ଷଣିକ ଅସନ୍ତୋଷ ଓ ଉତ୍ତେଜନା ସେହି ସମ୍ପର୍କରେ ଝଡ଼ ସୃଷ୍ଟି କରେ । କିଛି ଚିନ୍ତା କରିବା ପୂର୍ବରୁ ଖିନ୍‌ଭିନ୍ ହୋଇଯାଏ ୨ ଜୀବନ । ସେମିତି ଏକ ଘଟଣା ଘଟିଛି ଯାଜପୁର ଜିଲା ବୈରୀ ଥାନା ଅନ୍ତର୍ଗତ ବିରିଜଙ୍ଗା ଗ୍ରାମରେ। ଉକ୍ତ ଗ୍ରାମର ପ୍ରଭାତ ଲେଙ୍କା (୨୬) ବୈରୀ ଅଞ୍ଚଳର ନମିତା ସାହୁଙ୍କୁ ଗତ ୪ ବର୍ଷ ହେଲା ଭଲ ପାଉଥିଲେ। ଏହି ସମ୍ପର୍କ ଭିତରେ ପ୍ରଭାତ କୁଆଡେ ନମିତାଙ୍କୁ ଲକ୍ଷାଧିକ ଟଙ୍କା ଓ ବହୁ ଅଳଙ୍କାର ଦେଇଥିଲେ । ଏ ସଂକ୍ରାନ୍ତରେ ପ୍ରଭାତଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏହାକୁ ନେଇ ୨ ପରିବାର ମଧ୍ୟରେ ଝଡ଼ ସୃଷ୍ଟି ହୋଇଥିଲା। ଫଳରେ ନମିତା ପ୍ରଭାତଙ୍କୁ ବିବାହ କରିବାକୁ ରୋକ୍‌ଠୋକ୍ ମନା କରିଦେଇଥିଲେ । ଏଥିରେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିଲେ ପ୍ରଭାତ। ଯେତେ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ନମିତା କିଛି ଶୁଣିବାକୁ ନାରାଜ ଥିଲେ। ଶେଷରେ ପ୍ରଭାତ ମାନସିକ ଭାରସାମ୍ୟ ହରାଇ ଶନିବାର ରାତିରେ ନିଜ ଘରେ ରଶି ବାନ୍ଧି ଆତ୍ମହତ୍ୟା କରିଥିଲେ। ଏହାପରେ ପ୍ରଭାତଙ୍କ ପରିବାର ଲୋକେ ବୈରୀ ଥାନା ଆଗରେ ମୃତଦେହ ରଖି ନ୍ୟାୟ ଭିକ୍ଷା କରିଥିଲେ। ପୋଲିସ ସେମାନଙ୍କୁ ବୁଝାଶୁଝା କରି ଶାନ୍ତ କରାଇବା ପରେ ଏକ ଅପମୃତ୍ୟୁ ମାମଲା(ନଂ.୭୮/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ମାତ୍ର ରବିବାର ବିଳମ୍ବିତ ରାତିରେ ନମିତା ବି ନିଜ ବେକରେ ରଶି ବାନ୍ଧି ନିଜ ଶୋଇବା ଘରେ ଝୁଲି ପଡିଥିଲେ । ଏହି ଘଟଣା ପରେ ୨ ପରିବାର ମଧ୍ୟରେ ଥିବା ଅସନ୍ତୋଷ ଉଗ୍ରରୂପ ଧାରଣ କରିଛି । ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି । ସୋମବାର ବୈରୀ ଥାନା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି । ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ. ୫/୨୩) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବାଦଲ


@ ଜ୍ୟୋତିର୍ମୟୀ


@ ନନ୍ଦିନୀ


@ ପ୍ରଶାନ୍ତ


@ ଶୁଭଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାମଦୋଳିରେ ଛନ୍ଦି ହୋଇ ବାଳିକା ଗୁରୁତର

ବାଲିଚନ୍ଦ୍ରପୁର,୨୪।୪(ସ୍ୱ.ପ୍ର.)

ବାଲିଚନ୍ଦ୍ରପୁର ଥାନା ଅଧୀନ ନଳୀପୁର ପଞ୍ଚାୟତର ୫୩ନଂ ଜାତୀୟ ରାଜପଥ ନିକଟରେ ମୀନାବଜାର ଚାଲିଛି। ଇଦ୍ ଅବସରରେ ଆୟୋଜିତ ଏହି ମୀନାବଜାରରେ ପଡିଥିବା ରାମଦେଳିରେ ଜଣେ ନାବାଳିକା ଆହତ ହୋଇଛନ୍ତି। ସେ ହେଲେ ନଳୀପୁର ଗ୍ରାମର ମିମରନ୍ ସୁଲତାନା(୧୪) । ସେ ରବିବାର ରାମଦୋଳିରେ ବସିଥିବା ସମୟରେ ତାଙ୍କ ଚୁଟି ଦୋଳିରେ ଗୁଡ଼ାଇ ହୋଇଯାଇଥିଲା । ଚୁଟିକୁ ତୁରନ୍ତ ଦୋଳିରୁ ବାହାର କରିବା ସମ୍ଭବ ହୋଇ ନ ଥିଲା। ଫଳରେ ଚୁଟି ସହିତ ତାଙ୍କ ମୁଣ୍ଡର ଚମଡ଼ା ଛିଣ୍ଡି ଆସିଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ନଡ଼ିଆସାହାସପୁର ଡ଼ାକ୍ତରଖାନା ନିଆଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ବାଲିଚନ୍ଦ୍ରପୁର ଥାନାଧିକାରୀ ରମାକାନ୍ତ ମୁଦୁଲିଙ୍କୁ ପଚାରିବାରୁ ଏହି ଘଟଣା ସମ୍ପର୍କରେ ଆମେ ଅବଗତ ଅଛୁ । ସୋମବାର ଉକ୍ତ ମୀନାବଜାରକୁ ବନ୍ଦ କରାଯାଇଛି ବୋଲି କହିଛନ୍ତି ।

# ନିରାମୟ ଉପଦେଷ୍ଟାଙ୍କ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ବିରିଡି, ୨୪।୪ (ଡି.ଏନ.ଏ.):

ରାଜ୍ୟ ସରକାରଙ୍କ ନିରାମୟ ଉପଦେଷ୍ଟା ଡା. ରଞ୍ଜନ ବିଶ୍ୱାଳ ସୋମବାର ବିରିଡି ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ରୋଗୀ ଓ ସମ୍ପର୍କୀୟମାନଙ୍କ ଠାରୁ ନିରାମୟ କେନ୍ଦ୍ରର ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ସେ ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧ୍ୟକ୍ଷ ଡା. ରାକେଶ ମହାନ୍ତି, ଡା. ତୁଷାର ରଞ୍ଜନ ବାରିକ ଏବଂ ଫାର୍ମାଶିଷ୍ଟ ଦୀପ୍ତିକୁମାର ଦାସ ଓ ଭାଗ୍ୟଶ୍ରୀ ଜେନାଙ୍କ ସହ ଆଲୋଚନା କରିଥିଲେ । ନିରାମୟ କେନ୍ଦ୍ରକୁ ପ୍ରତିଦିନ ଆସୁଥିବା ରେଗୀମାନଙ୍କୁ ଔଷଧ ଦେବାରେ ବୁଝାଇବା ସହ ସାଉଣ୍ଡ ବ୍ୟବସ୍ଥା କରିବା ପାଇଁ କହିଥିଲେ । ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ କୁକୁର କାମୁଡା, ସାପ କାମୁଡା ଇଞ୍ଜେକସନ ମିଳୁଥିବାରୁ ଡା. ବିଶ୍ୱାଳ ସନ୍ତୋଷ ପ୍ରକାଶ କରିଛନ୍ତି । ଏହାପରେ ଅଂଶୁଘାତ ୱାର୍ଡ ପ୍ରକୋଷ୍ଠ, ବହିର୍ବିଭାଗ, ଦନ୍ତ ବିଭାଗ, ପ୍ରସୂତି ବିଭାଗ, ଡାକ୍ତରଖାନା ପରିସର ବୁଲି ଦେଖିଥିଲେ। ଏସବୁ ପରିଷ୍କାର ପରିଚ୍ଛନ୍ନ ଥିବାରୁ ବିଶ୍ୱାଳ ସନ୍ତୋଷବ୍ୟକ୍ତ କରିଥିଲେ । ଡାକ୍ତରଖାନା ପ୍ରକୋଷ୍ଠ ଗୁଡ଼ିକ ଛାତ ହୋଇ ନ ଥିବାରୁ ତୁରନ୍ତ ଉଚ୍ଚ ପଦାଧିକାରୀଙ୍କ ସହ ଆଲୋଚନା କରି ଏନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

# ବାଛରାନାସୀ ନାଳର ପୁନରୁଦ୍ଧାର ସରକାର ଭୁଲିଗଲେ

- ୫ ବର୍ଷ ତଳେ ଆରମ୍ଭ ହୋଇଥିଲା ଖନନ କାର୍ଯ୍ୟ
- ପୁନରୁଦ୍ଧାର ହେଲେ ଶସ୍ୟଶ୍ୟାମଳା ହେବ ଧୋୟାଞ୍ଚଳ
- ଶତାଧିକ ଏକର ଜମିରେ ଫଳିବ ସୁନାର ଫସଲ

ପଟ୍ଟାମୁଣ୍ଡାଇ,୨୪।୪(ସ୍ୱ.ପ୍ର.)


ପରିତ୍ୟକ୍ତ ଅବସ୍ଥାରେ ଥିବା ବାଛରାନାସୀ ନାଳ।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ବାଛରାନାସୀର ପୁନରୁଦ୍ଧାର କାର୍ଯ୍ୟ ରାଜ୍ୟ ସରକାର ଆରମ୍ଭ କରିଥିଲେ ହେଁ, କାମ ଅଧାରୁ ରଖି ଠିକାଦାର ଛୁ ମାରିଛନ୍ତି। ଫଳରେ ଧୋୟାଞ୍ଚଳବାସୀଙ୍କ ସ୍ୱପ୍ନ ପୂରଣ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି।

ସାମାଜିକ କର୍ମୀ ହିରଣ୍ୟ ରାଉତ କହିଛନ୍ତି। ପଟ୍ଟାମୁଣ୍ଡାଇ ପାଖ ବ୍ରାହ୍ମଣୀ ନଦୀରୁ ବାହାରିଥିବା ଶାଖା ନାଳ ବାଛରାନାସୀର ପୁନରୁଦ୍ଧାର ହେଲେ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ ଶସ୍ୟଶ୍ୟାମଳା ହେବ। ଏ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହେବା ଫଳରେ ୫ ବର୍ଷ ତଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ଖନନ କାର୍ଯ୍ୟ କରାଇବା ପାଇଁ ଠିକାଦାର ନିଯୁକ୍ତି କରାଯାଇଥିଲା। କିନ୍ତୁ ସମ୍ପୃକ୍ତ ଠିକାଦାର ଏହାର ଖନନ କାର୍ଯ୍ୟ ଆରମ୍ଭ କରି ଅଧାରୁ କାମ ବନ୍ଦ କରି ଦେଇଥିଲେ। ଅଞ୍ଚଳବାସୀଙ୍କ ପକ୍ଷରୁ ଏ ନେଇ ସ୍ଥାନୀୟ ପ୍ରଶାସନ, ଜିଲା ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ ବାରମ୍ବାର କରାଗଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଫଳରେ ଚାଷୀମାନେ ପାଣି ଅଭାବରୁ ଜମିରେ ଚାଷକାର୍ଯ୍ୟ କରି ନ ପାରିବାରୁ ଚାଷରୁ ମୁହଁ ଫେରାଇବା ପାଇଁ ବାଧ ହୋଇଛନ୍ତି। ଏବେ ଶତାଧିକ ଏକର ଉର୍ବର ଧୋୟାଞ୍ଚଳ ଜମି ପଡ଼ିଆ ପଡ଼ିଥିବାବେଳେ ଚାରିଆଡେ ଖାଁ ଖାଁ ଲାଗୁଛି।

ଚାଷୀ ସମୀର ପ୍ରଧାନ କହିଛନ୍ତି, ବ୍ରାହ୍ମଣୀ ନଦୀରୁ ବାହାରିଥିବା ଶାଖାନାଳ ବାଛରାନାସୀ ଉପରେ ପଟ୍ଟାମୁଣ୍ଡାଇ ବ୍ଲକର ବାଛରା, ମଣ୍ଡପଡ଼ା, ବାଲିପାଟଣା, ଖରିପାଳ ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର କଷଣଅଣ୍ଡା, ବାଲିପଡ଼ା, ତଳବାଲିପଡ଼ା, ବଳଦେବନଗର, ସିଦ୍ଧପାଟଣା, ନନ୍ଦିନୀନଗର, ତନୁପୁର, ବଙ୍ଗାଳିଦିଆ ଆଦି ଅଞ୍ଚଳର ଶହ ଶହ ଏକର ଜମିରେ ବିଭିନ୍ନ କିସମର ପନିପରିବା ସହ ଶସ୍ୟ ଜାତୀୟ ଫସଲ, ଚିନାବାଦାମ, ଆଳୁ ଆଦି ଅର୍ଥକରୀ ଫସଲ ବ୍ୟାପକ ଭାବେ ଚାଷ ହେଉଥିଲା। ଧୋୟାଞ୍ଚଳର ଲୋକମାନେ ମୁଖ୍ୟତଃ ଏହି ସବୁ ଅର୍ଥକରୀ ଫସଲ ଉତ୍ପାଦନ ଉପରେ ନିର୍ଭର କରି ସେମାନଙ୍କ ଗୁଜୁରାଣ ମେଣ୍ଟାଇବା ସହ ତେଲଲୁଣ ସଂସାର ଚଳାଇବା ସଙ୍ଗେ ସଙ୍ଗେ ସେମାନଙ୍କ ଆର୍ଥିକ ସ୍ଥିତିକୁ ମଜବୁତ କରିପାରୁଥିଲେ। କ୍ରମଶଃ ବ୍ରାହ୍ମଣୀ ନଦୀରୁ ବାହାରିଥିବା ବାଛରାନାସୀ ମୁହାଣ ପୋତି ହୋଇପଡ଼ିବା ଫଳରେ ଶାଖା ନାଳ ମଧ୍ୟକୁ ନଦୀର ଜୁଆର ପାଣି ଆଉ ପ୍ରବେଶ କରିପାରିଲାନାହିଁ। ଫଳରେ ଧୀରେ ଧୀରେ ବ୍ରାହ୍ମଣୀ ଶାଖା ବାଛରାନାସୀ ପୋତି ହୋଇପଡ଼ିବା ସହ ସେଥିରେ କଟକି ଦଳ, କେଉଟି, ଅନାବନା ଗଛଲତାରେ ପରିପୂର୍ଣ୍ଣ ହୋଇ ଏହା କ୍ରମଶଃ ପୋତି ହୋଇଗଲାଣି। ବ୍ରାହ୍ମଣୀ ନଦୀ ବାଛରାନାସୀ ଶାଖା ନାଳର ଉଭୟପାର୍ଶ୍ୱରେ ଥିବା ଉର୍ବର ଚାଷଜମି ପାଣି ଅଭାବରୁ ବର୍ଷ ବର୍ଷ ଧରି ପଡ଼ିଆ ପଡ଼ିବା ଫଳରେ ସେଥିରେ ବେଶ ଜଙ୍ଗଲ ସୃଷ୍ଟି ହେବାରୁ ଚାଷୀମାନେ ଚାଷକାର୍ଯ୍ୟରୁ ମୁହଁ ଫେରାଇବା ପାଇଁ ବାଧ ହେଉଛନ୍ତି। ବୁଦ୍ଧିଜୀବୀ କ୍ଷୀରୋଦ ପ୍ରଧାନ କହିଛନ୍ତି, ଏକଦା ପଟ୍ଟାମୁଣ୍ଡାଇ ବଜାର ସମେତ ଆଳି, ରାଜନଗର, ରାଜକନିକା, କେନ୍ଦ୍ରାପଡ଼ା, ମହାକାଳପଡ଼ା ପ୍ରଭୃତି ଅଞ୍ଚଳକୁ ବ୍ୟାପକ ଭାବେ ସବୁଜ ପନିପରିବା ଯୋଗାଇ ଆସୁଥିବା ଏହି ଧୋୟାଞ୍ଚଳର ପାଳ ଜମି ଏବେ ବର୍ଷ ବର୍ଷ ଧରି ପଡ଼ିଆ ପଡ଼ିବା ଫଳରେ ଉତ୍ପାଦିକା ଶକ୍ତି ହରାଇ ସାରିଛି। ବ୍ରାହ୍ମଣୀ ନଦୀରୁ ବାହାରିଥିବା ବାଛରାନାସୀ ଶାଖା ନାଳରେ ଉଠା ସେଚ ପଏଣ୍ଟଗୁଡିକ ମାଧ୍ୟମରେ ଚାଷ ଜମିରେ ପାଣି ମଡ଼ାଇବା ସହଜ ହେଉଥିଲା। ଚାଷୀମାନେ ମଧ୍ୟ ତେଣ୍ଡା ସାହାଯ୍ୟରେ ଏହି ନାଳରୁ ଜମିକୁ ପାଣି ମଡ଼ାଇ ବିଭିନ୍ନ ପ୍ରକାର ପନିପରିବା, ଅର୍ଥକରୀ ଫସଲ ଉତ୍ପାଦନ କରୁଥିଲେ। ଏବେ ପଟ୍ଟାମୁଣ୍ଡାଇକୁ ବାହାର ଅଞ୍ଚଳରୁ ପନିପରିବା ବିକ୍ରି ହେବାକୁ ଆସୁଥିବାବେଳେ ଚଢ଼ା ଦରରେ ଖାଉଟିମାନେ ପରିବା କିଣିବା ପାଇଁ ବାଧ ହେଉଛନ୍ତି। ଅନ୍ୟପକ୍ଷରେ ଏହି ବାଛରାନାସୀ ବ୍ରାହ୍ମଣୀ ଶାଖା ନାଳରେ ଲୋକମାନେ ଶୌଚାଦି କର୍ମ ସମ୍ପାଦନ କରୁଥିଲେ। ଏହା ଉପରେ ଗୃହପାଳିତ ପ୍ରାଣୀମାନେ ମଧ୍ୟ ନିର୍ଭର କରୁଥିଲେ। ବାଛରାନାସୀକୁ ଖନନ କରାଯାଇ ପୁଣି ଏହାର ଜଳଧାରଣ କ୍ଷମତା ବଢ଼ାଇବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହେଉଛି। ବ୍ରାହ୍ମଣୀରୁ ବାହାରିଥିବା ବାଛରାନାସୀର ମୁହାଣକୁ ଖୋଲାଯିବା ସହିତ ସମୁଦାୟ ଶାଖା ନାଳଟିର ଖନନ କରାଗଲେ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ଚାଷଜମି ଶସ୍ୟଶ୍ୟାମଳା ହେବା ସହ ଚାଷୀମାନଙ୍କ ଆର୍ଥିକ ସ୍ଥିତି ମଜଭୁତ ହୋଇପାରିବ ବୋଲି ସ୍ଥାନୀୟ ଚାଷୀମାନେ କହିଛନ୍ତି।

## ସଂକ୍ଷେପରେ

### ଭ୍ୟାନିଟ ଝାମ୍ପି ନେଲେ ଲୁଟେରା

**ନୂଆଗାଁ, ୨୪।୪ (ଡି.ଏନ.ଏ.):** ନୂଆଗାଁ ଥାନା ସମ୍ପଡା ନିକଟସ୍ଥ ରାଇଖମଣଠାରୁ ସୋମବାର ବାଇକ୍‌ରେ ଯାଉଥିବା ଦମ୍ପତିଙ୍କ ନିକଟରୁ ବାଇକ୍‌ରେ ଲୁଟେରା ଆସି ଭ୍ୟାନିଟ ଝାମ୍ପି ନେଇଛନ୍ତି। ଦଶପଲା ବ୍ଲକ ମୁଣ୍ଡୁଳୀ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମିତ୍ରା ପାତ୍ର କାର୍ଯ୍ୟରେ ଯୋଗ ଦେବା ସହ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ନିମନ୍ତେ ଦଶପଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଫର୍ମ ଦାଖଲ କରି ବାଇକ୍ ଯୋଗେ ସ୍ୱାମୀଙ୍କ ସହ ନୟାଗଡ଼ ଅଭିମୁଖେ ଫେରୁଥିଲେ। ଅପରାହ୍ନ ୧ଟା୪୫ ମିନିଟରେ ସମ୍ପଡା ନିକଟ ରାଇଖମଣରେ ଥିବା ହନୁମାନ ମନ୍ଦିର ନିକଟରେ ୩ଜଣ ଯୁବକ ଗୋଟିଏ ବାଇକ୍‌ରେ ଆସି ସୁମିତ୍ରାଙ୍କ କାନ୍ଧରେ ଥିବା ଭ୍ୟାନିଟ ବ୍ୟାଗକୁ ଝାମ୍ପି ନେଇଥିଲେ। ଉକ୍ତ ଭ୍ୟାନିଟ୍‌ରେ ଗୋଟିଏ ମୋବାଇଲ ସହ ୫ ହଜାର ଟଙ୍କା ଓ ବିଦ୍ୟାଳୟର ଅନେକ କାଗଜ ପତ୍ର, ପ୍ରଧାନ ଶିକ୍ଷକଙ୍କ ସିଲ୍ ଥିବା ସୁମିତ୍ରା କହିଛନ୍ତି। ତେବେ ଏପରି କାର୍ଯ୍ୟରେ ଭୟଭୀତ ହୋଇ ଦମ୍ପତି ଘର ଅଭିମୁଖେ ପଳାଇଥିବା ବେଳେ ଥାନାରେ କୌଣସି ଲିଖିତ ଅଭିଯୋଗ କରି ନାହାନ୍ତି।

### ସ୍ୱାମୀଙ୍କ ମାଡ଼ରେ ସ୍ତ୍ରୀଙ୍କ ଗୋଡ ଭାଙ୍ଗିଲା

**ଓଡ଼ଗାଁ, ୨୪।୪(ସ୍ୱ.ପ୍ର.):** ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ସୁନାମୁହିଁ ପଞ୍ଚାୟତ ଲାଣ୍ଡାବାଦୁ ଗାଁରେ ସ୍ୱାମୀଙ୍କ ମାଡ଼ରେ ସ୍ତ୍ରୀଙ୍କ ଗୋଡ ଭାଙ୍ଗି ଯାଇଛି। ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ କାଦୁଆ ପଞ୍ଚାୟତ ଗୁଣ୍ଡୁରୀସାହିର ଲକ୍ଷ୍ମୀ ଖିଲାର(୩୦) ସୁନାମୁହିଁ ପଞ୍ଚାୟତ ଲଣ୍ଡାବାଦୁ ଗାଁର ନାଭ ଖିଲାର (୪୦)ଙ୍କୁ ୧୫ ବର୍ଷ ତଳେ ବିବାହ କରିଥିଲେ। ବିବାହ ପରଠୁ ସ୍ୱାମୀ ନାଭ ପ୍ରାୟତଃ ମାନସିକ ଓ ଶାରିରୀକ ନିର୍ଯାତନା ଦେଇ ଆସୁଥିବାବେଳେ ଭାଗ୍ୟକୁ ଆଦରି ଲକ୍ଷ୍ମୀ ସବୁ ସହି ଯାଉଥିଲେ। ଦିନକୁଦିନ ସ୍ୱାମୀର ନିର୍ଯାତନା ବଢ଼ିବାରେ ଲାଗିଥିଲା। ଶୁକ୍ରବାର କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ନାଭ ଉତ୍ତେଜିତ ହୋଇ ଲକ୍ଷ୍ମୀଙ୍କୁ ବାଡେଇବାରୁ ଡାହାଣ ଗୋଡ଼ ଭାଙ୍ଗି ଯାଇଛି। ସେମାନଙ୍କର ୨ଟି ଝିଅ ଓ ଗୋଟିଏ ପୁଅଙ୍କ ସମେତ ସ୍ଥାନୀୟ ଲୋକଙ୍କ ସହଯୋଗରେ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। ଏ ନେଇ ଥାନାରେ ଲକ୍ଷ୍ମୀ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ସ୍ୱାମୀ ନାଭଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

### ବାଣିଜ୍ୟ ବିଭାଗ ଶେଷବର୍ଷ ପିଲାଙ୍କୁ ବିଦାୟ ସମ୍ବର୍ଦ୍ଧନା

**ନୟାଗଡ଼ ଅଫିସ,୨୪।୪:** ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଶେଷ ବର୍ଷ ଛାତ୍ରୀଛାତ୍ରମାନଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ବଂଶୀଧର ଗୌଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁରେଶ କୁମାର ପ୍ରଧାନ, ବାଣିଜ୍ୟ ବିଭାଗର ପୂର୍ବତନ ମୁଖ୍ୟ ହରେକୃଷ୍ଣ ସାହୁ, ଜିଲା ଆଇନ ସେବା ପ୍ରାଧିକରଣ ନୟାଗଡ଼ର ସଦସ୍ୟ ମହମ୍ମଦ ଓମାର ମଲ୍ଲିକ ଏବଂ ପ୍ରାଧ୍ୟାପକ ଡ. ଲକ୍ଷ୍ମୀଧର ସାହୁ ଅତିଥି ରୂପେ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ବକ୍ତା ରୂପେ, ସମାଜ ବିଜ୍ଞାନ ମୁଖ୍ୟ ପ୍ରାଧ୍ୟାପିକା ପ୍ରିୟମ୍ବଦା ଦାସ ଏବଂ ଦର୍ଶନ ବିଭାଗ ମୁଖ୍ୟ ପ୍ରମୋଦ କୁମାର ଦାସ ଉପସ୍ଥିତ ଥିଲେ। ୨୦୨୦ ବାଣିଜ୍ୟ ଓଡ଼ିଶା ଟପ୍ପର ଛାତ୍ର ସିତୁ ବେହେରା, ସ୍ନାତକୋତ୍ତର ପ୍ରଭାସ ସ୍ୱାଇଁ, ତୁଷାରକାନ୍ତ ପରିଡା, ମନୋରଞ୍ଜନ ଗୌଡ, ଛାତ୍ରୀ ସ୍ମିତପ୍ରଜ୍ଞା ଦାସ, ତୃପ୍ତିମୟୀ ମିଶ୍ର ନିଜ ନିଜର ଅନୁଭୂତି ବଖାଣି ଥିଲେ। ପ୍ରଦୀପ୍ତ କୁମାର ଆଚାର୍ଯ୍ୟ, ଅଧାପିକା ସୁପ୍ରଭା ମଲ୍ଲିକ, ପ୍ରତୀକ୍ଷା ରାୟ, ଡ. କମଳ କୁମାର ବର୍ମା, ଅଧାପିକା ସବିତା କଅଁର, ଅଧାପିକା ସୁମିତ୍ରା ରାଉତ ସଭାକୁ ପରିଚାଳନା କରିବାରେ ସହାୟତା କରିଥିଲେ। ଛାତ୍ର ସୁମିତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

### ହନୁମାନ ଜୟନ୍ତୀରେ ପଥର ମାଡ଼ ବିରୋଧରେ ଦାବିପତ୍ର

**ଓଡଗାଁ,୨୪।୪(ସ୍ୱ.ପ୍ର.):** ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ହୋଇଥିବା ପଥର ମାଡ଼ ଓ ହତ୍ୟା ବିରୋଧରେ ଭାରତୀୟ ହିନ୍ଦୁ ସେନା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ସୋମବାର ଭାରତୀୟ ହିନ୍ଦୁ ସେନା, ନୟାଗଡ଼ ଜିଲା ଓଡ଼ଗାଁ ପକ୍ଷରୁ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ଅନିଲ ଆଚାର୍ଯ୍ୟଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଶୋଭାଯାତ୍ରାରେ ସାମିଲ ହୋଇଥିବା ହିନ୍ଦୁ ଓ ଅଧିକାରୀଙ୍କ ଉପରକୁ ହୋଇଥିବା ଆକ୍ରମଣକୁ ନିନ୍ଦା କରିବା ସହ ଆକ୍ରମଣ କରିଥିବା ସଙ୍ଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

# ପାଠପଢ଼ା ବୟସରେ ରୋଜଗାର କରୁଛନ୍ତି

**■ ପେଟ ପାଇଁ ସଂଗ୍ରାମ**

**■ ଅପହଞ୍ଚ ସରକାରୀ ଯୋଜନା**

**ନୟାଗଡ଼ ଅଫିସ,୨୪।୪**

ନୟାଗଡ଼ ସହରରେ ମାଳ ମାଳ ଶିଶୁ ଶ୍ରମିକ ଘୂରି ବୁଲୁଛନ୍ତି। କେଉଁଠି ଭିକ୍ଷାବୃତ୍ତିରେ ନିୟୋଜିତ ତ ଆଉ କେଉଁଠି ରୋଜଗାର ପାଇଁ ସଂଗ୍ରାମ କରିବାକୁ ପଡୁଛି। ଏମାନଙ୍କୁ ନିୟୋଜନ କରିବା ଏକ ଦଣ୍ଡନୀୟ ଅପରାଧ ହୋଇଥିଲେ ହେଁ ଉଦ୍ଦିଷ୍ଟ ଆଇନ ଶୀତଳଭଣ୍ଡାରରେ ରହିଯାଇଛି। ଏମାନେ ଶିକ୍ଷା ପାଇଁ ନୁହେଁ ପେଟ ପାଇଁ ସଂଗ୍ରାମ କରି ବିଭିନ୍ନ କାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି। ଶିଶୁ ଶ୍ରମିକଙ୍କ ପାଇଁ ଅପହଞ୍ଚ ହୋଇପଡିଛି ସରକାରୀ ଯୋଜନା। ଏଥିପ୍ରତି ସରକାରୀ ଅଧିକାରୀ କି ନେତାଙ୍କର ଧ୍ୟାନ ନାହିଁ। କାଗଜକଲମର ରିପୋର୍ଟକୁ ନେଇ ସମସ୍ତେ ଖୁସି ହେଉଛନ୍ତି। ହେଲେ ଦିନକୁ ଦିନ ଶିଶୁ ଶ୍ରମିକଙ୍କ ସଂଖ୍ୟା ବଢ଼ି ଚାଲିଛି। ଶିଶୁମାନଙ୍କ ସମସ୍ୟାକୁ ଅନୁଧ୍ୟାନ କଲେ ଶିଶୁ ଶ୍ରମିକ ଉଚ୍ଛେଦ ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ ସ୍ଲୋଗାନ ନୟାଗଡ଼ ସହରରେ ମଧ୍ୟ ଅର୍ଥହୀନ ହୋଇପଡିଛି।

ଏ ନେଇ ଜିଲାରେ ସର୍ବଶିକ୍ଷା ଅଭିଯାନ, ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲା ଶ୍ରମ ବିଭାଗ ଓ ଏନଜିଓ କାମ କରୁଛି। ସରକାରଙ୍କ ପକ୍ଷରୁ ଶିକ୍ଷାର ପ୍ରସାର ନିମନ୍ତେ ବିଭିନ୍ନ ସାକ୍ଷରତା କାର୍ଯ୍ୟକ୍ରମ ଚାଲୁ ରହିଛି। କେତେଜଣ ବିଭାଗୀୟ ଅଧିକାରୀମାନଙ୍କ ଅବହେଳା, ଆନ୍ତରିକତା ଅଭାବ ତଥା ଦୁର୍ନୀତି ଖୋର ମନଭାବ ଯୋଗୁ ଜିଲାରେ ଚାଲିଥିବା ଜାତୀୟ ତଥା ରାଜ୍ୟସ୍ତରୀୟ ବିଦ୍ୟାଳୟ ଚାଲ ଅଭିଯାନ ଫେଲ ମାରୁଛି। ଏଣୁ ୧୪ ବର୍ଷରୁ କମ୍ ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟ ଅଭିମୁଖୀ କରାଇବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି ତାହା ପାଣିରେ ପଡୁଛି। ଫଳରେ ଏ ସମସ୍ୟା ସରକାରଙ୍କର ବାଳ ଶ୍ରମିକ ଯୋଜନାକୁ ଉପହାସ କରୁଛି, ତାହା ନୁହେଁ ସମାନ୍ତରାଳ ଭାବେ ସମାଜର ବିକାଶରେ ପ୍ରତିବନ୍ଧକ ହୋଇ ଠିଆ ହୋଇଛି। ଯେଉଁଠି ନୟାଗଡ଼ ସହରରେ ମାଳ ମାଳ ଶିଶୁ ଶ୍ରମିକ ଘୂରି ବୁଲୁଛନ୍ତି। ସେପରି କ୍ଷେତ୍ରରେ ଜିଲାର ୮ଟି ବ୍ଲକ ଓ ୫ ସହରାଞ୍ଚଳରେ ବିଦ୍ୟାଳୟ ଚାଲ ଅଭିଯାନ କେତେଦୂର କାର୍ଯ୍ୟରେ ଲାଗିଛି ତାହା କାର୍ଯ୍ୟରତ ଶିଶୁ ଶ୍ରମିକମାନଙ୍କୁ ଦେଖିବା ପରେ ନଜୀରର ଆବଶ୍ୟକତା ନାହିଁ। ତଥାପି ଜିଲାରେ ସବୁ କିଛି ଠିକ୍ ଠାକ୍ ଚାଲିଥିବା ପ୍ରଶାସନ ପକ୍ଷରୁ କୁହାଯାଉଛି। ଯେଉଁ ବୟସରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଯାଇ ହାତରେ କଲମ, ବହି ଧରି ପାଠ ପଢ଼ିବା ଓ ଖେଳକୁଦ କରିବା କଥା ସେହି ବୟସ ସେମାନଙ୍କ ପରିବାର ପ୍ରତିପୋଷଣରେ କଟୁଛି। ନୟାଗଡ଼ ସହରର ବିଭିନ୍ନ ହୋଟେଲ, ଢ଼ାବା, ଦୋକାନ, ଗ୍ୟାରେଜରେ ଶିଶୁ ଶ୍ରମିକମାନଙ୍କୁ ଦେଖିବାକୁ ମିଳୁଛି। ଏଭଳି ଦୃଶ୍ୟ ସମସ୍ତେ ଉପଭୋଗ କରୁଥିଲେ ମଧ୍ୟ କେହି ହେଲେ ବି ପ୍ରତିବାଦ କରୁନାହାନ୍ତି। ଅପଲକ ଆଖିର କରୁଣ କାହାଣୀ ନେଇ ଚାହୁଁଥିବା ଏ ପିଲାମାନେ ଭିକ୍ଷୁକ କି ବିକଳାଙ୍ଗ ମଧ୍ୟ ନୁହଁନ୍ତି। ଏମାନଙ୍କୁ ଶିଶୁ ଶ୍ରମିକର ଆଖ୍ୟା ମଧ୍ୟ ଦିଆଯାଇ ପାରୁନାହିଁ। କୋମଳମତି ଶିଶୁ ଓ କିଶୋରମାନଙ୍କ ଇଏ ଏକ ଭିନ୍ନ ରୂପ। ନିଜେ ବଞ୍ଚିବା ପାଇଁ ନୁହେଁ ଅନ୍ୟକୁ ବଞ୍ଚାଇବା ଲାଗି ଏମାନଙ୍କର ଏ ଯୁଦ୍ଧ ଜରୁରୀ ହୋଇପଡିଛି। ଅନ୍ୟପକ୍ଷରେ ବ୍ୟବସ୍ଥା ଥଇଥାନର ନ ଥିବାରୁ ଏଣୁ ଜିଲାରେ ଶିଶୁ ଶ୍ରମିକ କମିବା ପରିବର୍ତ୍ତେ ବଢ଼ି ଚାଲିଛି। ଏ ନେଇ ୧୧ ବର୍ଷର ରଶ୍ମିତା ନାୟକ କୁହନ୍ତି, ଆମ ଘର କଟକ ଜିଲାରେ। ବାପାଙ୍କ ମୃତ୍ୟୁ ପରେ ମା' ଓ ୨ ଭଉଣୀ ନୟାଗଡ଼ ଚାଲି ଆସିଛୁ। ଘର ଆମର ନାହିଁ। ମୋ ଭଉଣୀ ମୋଠାରୁ ୨ ବର୍ଷ ସାନ। ରୋଜଗାର ନ ଥିବାରୁ ଭିକ୍ଷା ବୃତ୍ତି କରୁଛୁ। ପାଠ ପଢ଼ିଲେ କ'ଣ ରୋଜଗାର ହେବ। ଘର ଚଳିବ କେମିତି। ପୁଣି ଆମେ ଗୋଟିଏ ସ୍ଥାନରେ ସ୍ଥାୟୀ ଭାବେ ରହି ପାରୁନୁ। ଆମେ ଦୁଃଖି ଲୋକ କହି କାନ୍ଦି ପକାଇ ଥିଲେ। ଜିଲା ଶ୍ରମ ଅଧିକାରୀ ଚିତ୍ତ ରଞ୍ଜନ ରାଉତଙ୍କୁ ପଚାରିବାରେ ମୁଁ ନୂଆକରି କାର୍ଯ୍ୟରେ ଯୋଗ ଦେଇଛି। ତେବେ ଶିଶୁ ଶ୍ରମିକଙ୍କ ସମ୍ପର୍କରେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ମୃତଦେହ ରଖି ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ



ଥାନା ସମ୍ମୁଖ ରାସ୍ତାରେ ଲୋକେ ମୃତଦେହ ରଖି ଅବରୋଧ କରିଛନ୍ତି।

**■ କାମକୁ ଯାଇ ବାଟରେ ବିଜୟଙ୍କ ମୃତ୍ୟୁ ଘଟଣା**

**■ ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ**

**ଦଶପଲ୍ଲା,୨୪।୪(ଡି.ଏନ.ଏ.)**

ଦଶପଲ୍ଲା ଥାନା ସମ୍ମୁଖରେ ସୋମବାର ଶ୍ରୀରାମପୁର ଗାଁର ବିଜୟ ସାହୁଙ୍କ ମୃତଦେହ ରଖି ଉତ୍ତ୍ୟକ୍ତ ଜନସାଧାରଣ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। କ୍ଷତିପୂରଣ ସହ ଅଭିଯୁକ୍ତଙ୍କୁ ଗିରଫ ଦାବି କରି ଏହି ରାସ୍ତାରୋକୋ ଆନ୍ଦୋଳନ ଯୋଗୁ କିଛି ସମୟ ଧରି ଯାନବାହାନ ଚଳାଚଳ ବନ୍ଦ ରହିଥିଲା।

ରବିବାର ଶ୍ରୀରାମପୁର ଗ୍ରାମର ବିଜୟ ଘରୁ ସକାଳ ସମୟରେ କାମକୁ ଯାଇଥିଲେ। ହେଲେ କନ୍ଧ ଅନ୍ଧାରକୋଟ ରାସ୍ତାରେ ତାଙ୍କ ମୃତଦେହ ପଡ଼ିଥିଲା। ତାଙ୍କୁ କେହି ହତ୍ୟା କରି ରାସ୍ତାରେ ଫୋପାଡି ଦେଇଥିବା ପରିବାର ଲୋକ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲା। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଅପରାହ୍ନରେ ମୃତଦେହକୁ ଥାନା ସମ୍ମୁଖ ରାସ୍ତାରେ ରଖି ପରିବାର ଲୋକେ କ୍ଷତିପୂରଣ ଓ ହତ୍ୟା ଘଟଣାର ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ କରିଥିଲେ। ନୟାଗଡ଼ ଏସ୍‌ଡିପିଓ, ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ବିଜୟଙ୍କ ମୃତ୍ୟୁକୁ ନେଇ ଗାଁରେ ଶୋକ ପ୍ରକାଶ ପାଇଛି।

### ଅଧ୍ୟାପକଙ୍କ ବିୟୋଗରେ ଶୋକସଭା

**ଖଣ୍ଡପଡା,୨୪।୪(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋସ୍ଥିତ ନୀଳମାଧବ ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ଦୀନବନ୍ଧୁ ନାୟକଙ୍କ ରବିବାର ଅକାଳ ବିୟୋଗ ହୋଇଛି। ସୋମବାର କଲେଜ ଅଧ୍ୟକ୍ଷ ରଣଜିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ରହି ସ୍ୱର୍ଗତ ନାୟକଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହ ଏକ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଅଧ୍ୟକ୍ଷ ତ୍ରିପାଠୀ, ଉପାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ଦାଶ, ପ୍ରାଧ୍ୟାପକ ଡ. ପବିତ୍ର କୁମାର ସୁବୁଦ୍ଧି, ଅଧ୍ୟାପକ ସୁଜଳ କୁମାର ମହାରଣା ଓ ଲକ୍ଷ୍ମୀଧର ଚିନ୍ନରା ପ୍ରମୁଖ ସ୍ୱର୍ଗତ ନାୟକ ସମ୍ପର୍କରେ ଆଲୋକପାତ କରିବା ସହ ସ୍ମୃତିଚାରଣ କରିଥିଲେ।

### ଦୟଣାଝରି ହତ୍ୟାକାଣ୍ଡ, ମୁଖ୍ୟ ଅଭିଯୁକ୍ତ ବଡ଼ବାପା ଗିରଫ

**ନୟାଗଡ଼ ଅଫିସ,୨୪।୪**

ନୟାଗଡ଼ ଜିଲା ଗୋଡିପଡା ଫାଣ୍ଡି ପଞ୍ଚୁମୁ ପଞ୍ଚାୟତ ଦୟଣାଝରି ହତ୍ୟା ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ବଡ଼ବାପା ହରିହର ନାୟକ(୫୫)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସୋମବାର ହରିହରଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠା ଯାଇଛି। ଦୟଣାଝରି ଗ୍ରାମରେ ୧୩ ତାରିଖରେ ଜମିବାଡିକୁ କେନ୍ଦ୍ରକରି ଭୀମ ନାୟକ, ହରି ନାୟକ ଓ ସଦାଶିବ ନାୟକଙ୍କ ମଧ୍ୟରେ ବଚସା ହୋଇଥିଲା। ବିବାଦ ଉଗ୍ରରୂପ ନେବାରୁ ପାରିବାରିକ ବିବାଦ ଉତ୍ତେଜନାରେ ସିକୁନ ନାୟକ (୨୪) ମୃତ୍ୟୁ ଘଟିଥିବାବେଳେ ହରି ଓ ସଦାଶିବ ଗୁରୁତର ଆହତ ହୋଇ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର ହୋଇଥିଲେ। ଅନ୍ୟପକ୍ଷେ ମୃତ ସିକୁନଙ୍କ ସ୍ତ୍ରୀ ମାଳତୀଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୬୭/୨୩ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ପୋଲିସ ଗଣ୍ଡଗୋଳରେ ବ୍ୟବହୃତ ଠେଙ୍ଗା, ବାଡି ଓ ମାରଣାସ୍ତ୍ର ଜବତ କରିଥିଲା। ପୋଲିସ ୧୬ ତାରିଖରେ ଦାଦା ସଦାଶିବଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସୋମବାର ଅଭିଯୁକ୍ତ ବଡ଼ବାପା ହରିହରଙ୍କୁ ମେଡିକାଲରୁ ଚିକିତ୍ସିତ ହୋଇ ଫେରିବା ପରେ ଗିରଫ କରିଥିଲା।

# ଶ୍ରୀମଦନମୋହନ, ମହାଲକ୍ଷ୍ମୀଙ୍କ ଚନ୍ଦନ ଚାପ

**ଖଣ୍ଡପଡ଼ା,୨୪।୪(ସ୍ୱ.ପ୍ର.)**





ଚନ୍ଦନ ଯାତ୍ରା ଲାଗି ପୂଜାର୍ଚ୍ଚନା ଚାଲିଛି। ଗାଁରେ ଶୁଭ ଖୁଣ୍ଟି ପୋତା ଯାଇଛି।

ଖଣ୍ଡପଡ଼ା ଜଗନ୍ନାଥଙ୍କ ମନ୍ଦିର ପରିସରରେ ଅକ୍ଷୟ ତୃତୀୟା ଅବସରରେ ପ୍ରଭୁ ଶ୍ରୀମଦନମୋହନ ଓ ମା' ମହାଲକ୍ଷ୍ମୀଙ୍କ ଚନ୍ଦନ ଚାପ ନୀତି ପାରମ୍ପରିକ ରୀତିନୀତି ଅନୁଯାୟୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଖଣ୍ଡପଡ଼ା ସହର ଚନ୍ଦନ ବଜାରଠାରେ ଚଳିତବର୍ଷ ଚନ୍ଦନ ଯାତ୍ରା ନିମନ୍ତେ ପୂଜାର୍ଚ୍ଚନା କରାଯାଇ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। ମଦନମୋହନ ନାଟ୍ୟ ସଂସଦ ଆନୁକୂଲ୍ୟରେ ଓ ଚନ୍ଦନ ବଜାର ପୂଜା କମିଟିର କର୍ମକର୍ତ୍ତାଙ୍କ ସହଯୋଗରେ ଉତ୍କଳ ଭଉଁରୀ ଦିବସ ଅବସରରେ ସାମାଜିକ ନାଟକ 'ଲୁହରେ ଲେଖିଛି ନୂଆ କାହାଣୀ' ମଞ୍ଚସ୍ଥ ହେବ ବୋଲି ନାଟ୍ୟ ନିର୍ଦ୍ଦେଶକ ସରୋଜ କୁମାର ଚୌଧୁରୀ ଓ ଅନୁଷ୍ଠାନର ସଦସ୍ୟମାନଙ୍କଠାରୁ ସୂଚନା ମିଳିଛି। ସେହିପରି ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ମୁଖ୍ୟ ପର୍ବ, ଚନ୍ଦନ ପୁଷ୍କରିଣୀର ନବୀକରଣ କାର୍ଯ୍ୟ ଚାଲୁ ରହିଥିବାରୁ, ବିଧି ବ୍ୟବସ୍ଥାକ୍ରମେ ଠାକୁରଙ୍କ ଚନ୍ଦନ ନୀତି ସେବାସୀମାନଙ୍କ ସହଯୋଗକ୍ରମେ ମନ୍ଦିର ପରିସରରେ ରବିବାରଠାରୁ ଆରମ୍ଭ ହୋଇଛି। ଏହି ପାରମ୍ପରିକ ନୀତି ୨୧ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏ ଅବସରରେ ମୁଖ୍ୟ ମନ୍ଦିର ସହ ସମସ୍ତ ପାର୍ଶ୍ୱ ମନ୍ଦିରରେ ନୂତନ ଧ୍ୱଜା ଲଗାଯାଇଥିବା ବେଳେ ପ୍ରତ୍ୟେହ ସକାଳ ଧୂପ ପରେ ଚନ୍ଦନ ବେଢା କରାଯାଇ ଶ୍ରୀଜୀଉଙ୍କ ବିଜେ ପ୍ରତିମା ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀ, ଶିବ, ପାର୍ବତୀଙ୍କୁ ରଘୁନାଥ ମନ୍ଦିରରେ ୩ଟି ଚନ୍ଦନ କୁଣ୍ଡରେ ପ୍ରସ୍ତୁତ କର୍ପୂର, ଚନ୍ଦନ, ଅଗୁରୁ ଆଦିକୁ ଶୁଦ୍ଧ ପାଣିରେ ମିଶ୍ରିତ କରାଯାଇ ଶ୍ରୀଜୀଉମାନଙ୍କୁ ରଖାଯାଇଥିଲା। ଇତିମଧ୍ୟରେ ନୀଳମାଧବ ଜୀଉଙ୍କୁ ଚନ୍ଦନ ଲାଗି କରାଯାଇଥିଲା।

# କ୍ୟାବିନେଟ ବୈଠକରେ ସ୍ଥାନ ପାଇଲାନି ନୟାଗଡ଼ର ଦାବି

**ନୟାଗଡ଼ ଅଫିସ,୨୪।୪**



ସୂର୍ଯ୍ୟ ଘଡ଼ି।



ତରବାଲୋ ଉଷ୍ଣପ୍ରସ୍ରବଣ।

ପଠାଣି ସାମନ୍ତଙ୍କ ଖଣ୍ଡପଡ଼ାସ୍ଥିତ ଜନ୍ମପୀଠକୁ ଐତିହ୍ୟ ସ୍ମାରକୀରେ ସ୍ଥାନୀତ ପରି ନୟାଗଡ଼ ଜିଲାର ୧୦ ଦଫା ଦାବି ପୂରଣ ପାଇଁ ନୟାଗଡ଼ ବିକାଶ ମଞ୍ଚ ପୂର୍ବରୁ ବାରମ୍ବାର ଦାବି କରିଆସୁଛି। ଏଭଳିସ୍ଥଳେ ରାଜ୍ୟ କ୍ୟାବିନେଟରେ ଅନ୍ତତଃ ପକ୍ଷେ ପଠାଣି ସାମନ୍ତ ଜାତୀୟ ଐତିହ୍ୟ ସ୍ମାରକୀ ଓ ଆଉ କିଛି ଦାବି ପୂରଣ ହେଉ ବୋଲି ମଞ୍ଚର ଆବାହକ ତଥା ଲେଖକ ଶୁଭ୍ରାଂଶୁ ପଣ୍ଡା ଟୁଇଟ୍ କରି ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ ପୂର୍ବରୁ ଅନୁରୋଧ କରିଥିଲେ। ତେବେ ସୋମବାର କ୍ୟାବିନେଟ୍ ବୈଠକରେ ରାଜ୍ୟ ସରକାର ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିବାବେଳେ ନୟାଗଡ଼ ଜିଲା ପାଇଁ କୌଣସି ବି ପଦକ୍ଷେପ ନିଆ ନ ଯିବା ଜିଲାବାସୀଙ୍କୁ ଦୁଃଖୀ କରିଛି। ମୁଖ୍ୟମନ୍ତ୍ରୀ ଜିଲାର ଦାବି ନିଶ୍ଚୟ ଶୁଣିବେ ଓ ଭବିଷ୍ୟତରେ ଏ ନେଇ ଘୋଷଣା କରିବେ ବୋଲି ଜିଲାବାସୀ ପୁଣି ଆଶା ରଖିଛନ୍ତି। ଅପରପକ୍ଷେ ଜିଲାର ଦାବି ପୂରଣ ନ ହେବ ଯାଏ ମଞ୍ଚ ଶାନ୍ତିପୂର୍ଣ୍ଣ ଭାବେ ନିଜର ସ୍ୱର ତୀବ୍ର କରି ଚାଲିବ ବୋଲି ଆବାହକ ତଥା ଲେଖକ ପଣ୍ଡା କହିଛନ୍ତି।

ବିଶ୍ୱର ଅନ୍ୟତମ ବିସ୍ମୟ ବ୍ୟକ୍ତିତ୍ୱ ପଠାଣି ସାମନ୍ତଙ୍କ ଖଣ୍ଡପଡ଼ାସ୍ଥିତ ଜନ୍ମପୀଠ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଏହାକୁ ଏକ ଐତିହ୍ୟ ସ୍ମାରକୀରେ ପରିଣତ କରାଯାଉ ବୋଲି ଦାବି ରହିଛି। ଅନ୍ୟପକ୍ଷେ ନୟାଗଡ଼ ଛେନାପୋଡ଼କୁ ଭୌଗୋଳିକ ସୂଚକାଙ୍କ (ଜିଆଇ) ମାନ୍ୟତା ଦିଆଯାଉ। ଛେନାପୋଡ଼ କାରିଗରଙ୍କ ପାଇଁ ଏକ କ୍ଲଷ୍ଟର ନିର୍ମାଣ ସାଙ୍ଗକୁ ସେମାନଙ୍କୁ ବୈଷୟିକ ପ୍ରଶିକ୍ଷଣ ଓ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଉ। ଛେନାପୋଡ଼ ଉପରେ ଅଧିକ ଗବେଷଣା ହେଉ। ଇଟାମାଟିର କବି ଯଦୁମଣି ମହାପାତ୍ର ଓ ଉଦୟପୁରର ଦାଶିଆ ଅଜାଙ୍କ ଜନ୍ମପୀଠର ଉନ୍ନତୀକରଣ କରାଯାଉ। ନୟାଗଡ଼ରେ ପ୍ରସ୍ତାବିତ ମୁଗ ପ୍ରକ୍ରିୟାକରଣ କେନ୍ଦ୍ର ତୁରନ୍ତ ପ୍ରତିଷ୍ଠା କରାଯାଉ। ଜଗନ୍ନାଥ ସଂସ୍କୃତିର ଆଦ୍ୟକ୍ଷେତ୍ର ଖଣ୍ଡପଡ଼ା ବ୍ଲକର କଣ୍ଟିଲୋକୁ ରାଜ୍ୟ ରାଜଧାନୀରୁ ଚଉଡ଼ା ରାସ୍ତା ନିର୍ମାଣ କରାଯାଉ। କଣ୍ଟିଲୋଠାରେ ମହାନଦୀରେ ନୌକାବିହାର ବ୍ୟବସ୍ଥା କରାଯିବା ସହ ସେଠାରେ ପାନ୍ଥନିବାସ କାର୍ଯ୍ୟକ୍ଷମ କରାଯାଉ। ନୟାଗଡ଼ର ଚିନି କାରଖାନାକୁ ପୁଣି ଥରେ କାର୍ଯ୍ୟକ୍ଷମ କରାଯାଉ, ଆଖୁ ବ୍ୟବସାୟୀଙ୍କୁ ଆର୍ଥିକ ଓ ବୈଷୟିକ ପ୍ରୋତ୍ସାହନ ବ୍ୟବସ୍ଥା ଯୋଗାଇ ଦିଆଯାଉ, ଖଣ୍ଡପଡ଼ା ବ୍ଲକରେ ଥିବା ପ୍ରାଚୀନ ବୌଦ୍ଧପୀଠ ଯୋଗୀଯୋଗିଆଣୀର ଉନ୍ନତିକରଣ କରାଯିବାକୁ ଦାବି ହେଉଛି। ସେହିଭଳି ଜିଲାର ବିଭିନ୍ନ ସ୍ଥାନରେ ଥିବା ପ୍ରାକୃତିକ ଝରଣାକୁ ରାସ୍ତା ନିର୍ମାଣ ସାଙ୍ଗକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦିଆଯାଉ। ଭାପୁର ବ୍ଲକର ତରବାଲୋସ୍ଥିତ ବୃହତ୍ତମ ଉଷ୍ଣପ୍ରସ୍ରବଣର ଉନ୍ନତିକରଣ କରାଯାଉ। ନୟାଗଡ଼ ସହରର ମଧ୍ୟସ୍ଥଳରେ ପଠାଣି ସାମନ୍ତଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ ବୋଲି ଦାବି ରହିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବାଦଲ



@ ଜ୍ୟୋତିର୍ମୟୀ



@ ନନ୍ଦିନୀ



@ ପ୍ରଶାନ୍ତ



@ ଶୁଭଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦୁର୍ଘଟଣାରେ ଜଣେ ମୃତ, ୪ ଗୁରୁତର

**ଗଛକୁ ଧକ୍କା ଦେଲା କାର**

**ନୟାଗଡ଼ ଅଫିସ/ଦଶପଲ୍ଲା, ୨୪।୪(ଡି.ଏନ.ଏ.)**



ନୟାଗଡ ଜିଲା ଦଶପଲ୍ଲା ଥାନାର ବଲାଙ୍ଗୀର-ଖୋର୍ଦ୍ଧା ୭୫ ନଂ. ଜାତୀୟ ରାଜପଥର ରଙ୍ଗମାଟିଆଠାରେ ସୋମବାର ସନ୍ଧ୍ୟାରେ ଗଛକୁ କାର ଧକ୍କା ଦେବା ପରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୪ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଶଙ୍କର୍ଷଣ ପ୍ରଧାନ(୨୪)। ଘର ଆସିକାର ମଙ୍ଗଳପୁରରେ। ଶଙ୍କର୍ଷଣ ଭଞ୍ଜନଗରର ଜିଲୁଣ୍ଡି ପଞ୍ଚାୟତ କଳସାପଦର ଗାଁରେ ପୋଷ୍ଟମାଷ୍ଟର ଭାବେ କାମ କରୁଥିଲେ। ଆହତମାନଙ୍କ ମଧ୍ୟରେ ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ ଭଞ୍ଜନଗରର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମାଚରଣ ନାୟକ ଆହତ ହୋଇଥିବାବେଳେ ଅନ୍ୟ ୩ ଆହତଙ୍କର ଠିକଣା ଜଣାପଡିନାହିଁ। ତେବେ ଆହତଙ୍କ ଘର ଭଞ୍ଜନଗର ଅଞ୍ଚଳରେ ବୋଲି ଜଣାପଡିଛି। ପ୍ରାପ୍ତ ସୂଚନା ଅନୁସାରେ, ଆଠମଲ୍ଲିକରୁ ଏକ କାର ଯୋଗେ ଡ୍ରାଇଭରଙ୍କ ସମେତ ୬ ଜଣ ଗଞ୍ଜାମ ଜିଲାର ଭଞ୍ଜନଗରକୁ ଫେରୁଥିଲେ। ବାଟରେ ଦଶପଲ୍ଲା ଥାନାର ରଙ୍ଗମାଟିଆଠାରେ କାରଟି ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇ ଗଛ ସହ ପିଟି ହୋଇଥିଲା। ଘଟଣାସ୍ଥଳରୁ ସ୍ଥାନୀୟ ଲୋକେ ୫ ଜଣ ଆହତଙ୍କୁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏଥିରୁ ଶଙ୍କର୍ଷଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ସୁସ୍ଥ ଥିବା ବେଳେ ୪ଜଣ ଗୁରୁତର ଆହତଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ସେମାନଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବରପାଇ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାରକୁ ନିଜ ହେପାଜତକୁ ନେଇଛି। ଅନ୍ୟପକ୍ଷେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖିଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

# ଦିନକରେ ୧.୩୮ ଲକ୍ଷ କୋଟି ନିବେଶ ବୃଦ୍ଧି

■ପୁଞ୍ଜି ବଜାରରେ ଉତ୍ସାହ
■ସେନ୍‌ସେକ୍ସ ୪୦୧ ପଏଣ୍ଟ ବୃଦ୍ଧି
■ନିଫ୍ଟି ୧୮ ହଜାର ନିକଟତର



ନୂଆଦିଲ୍ଲୀ,୨୪।୪

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ସ୍ଥାନୀୟ ବଜାରର ମାନ୍ଦାବସ୍ଥା ଯୋଗୁ ଗତ ସପ୍ତାହରେ ଶେୟାର ବଜାର କାରବାରରେ ବ୍ୟାପକ ହ୍ରାସ ଘଟିଥିଲା। ଫଳରେ ଲକ୍ଷାଧିକ ଟଙ୍କାର ନିବେଶ ଶେୟାର ବଜାରର ନିବେଶକମାନେ ହରାଇଥିଲେ। ହେଲେ ଗୋଟିଏ ସପ୍ତାହ ପରେ ପୁଞ୍ଜିବଜାରରେ ପୁଣି ଥରେ ଉତ୍ସାହ ଫେରିଥିବା ଜଣାପଡିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାରବାର ଶେଷ ସୁଦ୍ଧା ନିବେଶକମାନେ ଦିନକ ମଧ୍ୟରେ ପ୍ରାୟ ୧.୩୮ ଲକ୍ଷ କୋଟି ଟଙ୍କା ଲାଭ କରିଛନ୍ତି। ସେହିଭଳି ସୋମବାର ଶେୟାର ବଜାର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ପୁଣି ଥରେ ୬୦,୦୦୦ ଅଙ୍କ ପାର୍ କରିଥିବା ବେଳେ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ ମଧ୍ୟ ୧୮,୦୦୦ (୧୭,୭୪୩.୪୦) ଅଙ୍କର ନିକଟତର ହୋଇଛି। ବିଶେଷକରି ବିଏସଇର ମିଡକ୍ୟାପ ଏବଂ ସ୍ମଲକ୍ୟାପ ସୂଚକାଙ୍କ ଯଥାକ୍ରମେ ୦.୪୭% ଏବଂ ୦.୩୪% ବୃଦ୍ଧି ସହ ପ୍ରଥମ ଦିନର କାରବାର ଶେଷ ହୋଇଛି। ଫଳରେ ଶେୟାର ବଜାର ନିବେଶକଙ୍କ ସମ୍ପତ୍ତି ଦିନକ ମଧ୍ୟରେ ପ୍ରାୟ ୧.୩୮ ଲକ୍ଷ କୋଟି ଟଙ୍କାର ବୃଦ୍ଧି ଘଟିଛି। ସେହିଭଳି ବିଏସଇରେ ସୂଚୀବଦ୍ଧ କମ୍ପାନୀଗୁଡିକର ମୋଟ ବଜାର ପୁଞ୍ଜି ସୋମବାର ପ୍ରାୟ ୧.୩୮ ଲକ୍ଷ କୋଟି ବଢ଼ି ୨୬୬.୩୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏହା ପୂର୍ବରୁ (ଶୁକ୍ରବାର) ବିଏସଇରେ ସୂଚୀବଦ୍ଧ କମ୍ପାନୀଗୁଡିକର ମୋଟ ବଜାର ପୁଞ୍ଜି ୨୬୪.୯୭ ଲକ୍ଷ କୋଟି ଟଙ୍କାରେ ରହିଥିଲା। ସେହିପରି ସୋମବାର ବଜାର କାରବାର ମଧ୍ୟରେ ବ୍ୟାଙ୍କିଙ୍ଗ, ଫାଇନାନସିଆଲ୍, ରିୟଲ ଇଷ୍ଟେଟ, ମେଟାଲ ଏବଂ ଆଇଟି ଭଳି ପ୍ରମୁଖ ଶେୟାରଗୁଡିରେ ସବୁଠୁ ଅଧିକ ବୃଦ୍ଧି ଦେଖିବାକୁ ମିଳିଥିଲା। ଉଲ୍ଲେଖଯୋଗ୍ୟ ସୋମବାର ବିଏସଇର ୩୦ ଶେୟାର ବିଶିଷ୍ଟ ସୂଚକାଙ୍କ ସେନସେକ୍ସ ୪୦୧.୦୪ ପଏଣ୍ଟ ବୃଦ୍ଧି ଘଟି ୬୦,୦୫୬.୧୦ ଅଙ୍କରେ ବନ୍ଦ ହୋଇଥିଲାବେଳେ ଏନଏସଇର ନିଫ୍ଟି-୫୦ ଶେୟାର ବିଶିଷ୍ଟ ସୂଚକାଙ୍କ ନିଫ୍ଟିରେ ମଧ୍ୟ ୧୧୯.୩୫ ପଏଣ୍ଟ ବଢ଼ି ୧୭,୭୪୩.୪୦ ଅଙ୍କରେ କାରବାର ବନ୍ଦ କରିଛି।

## ଏମ୍‌ଏସ୍‌ଏମ୍‌ଇ ଅନର୍ସର ୩ୟ ସଂସ୍କରଣ

ନୂଆଦିଲ୍ଲୀ,୨୪।୪

ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ର କର୍ମକର୍ତ୍ତାଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଟାଲି ସଲ୍ୟୁସନ୍ସ ପକ୍ଷରୁ 'ଏମ୍‌ଏସ୍‌ଏମ୍‌ଇ ଅନର୍ସ'ର ୩ୟ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଟାଲି ସଲ୍ୟୁସନ୍ସର ମୁଖ୍ୟ ମାର୍କେଟିଂ ଅଧିକାରୀ ଜାୟାତି ସିଂହ କହିଛନ୍ତି, ଦେଶର ଅର୍ଥନୈତିକ ବିକାଶ ପ୍ରତି ଯୋଗଦାନ ପ୍ରଦାନ କରୁଥିବା ବ୍ୟବସାୟ ଓ ଉଦ୍ୟୋଗୀଙ୍କୁ ଚିହ୍ନଟ କରିବା ଲାଗି ଏହା ହେଉଛି ଏକ ବାର୍ଷିକ ଅଭିଯାନ। ଏପରିକି ତୃଣମୂଳ ସ୍ତରରେ ଶ୍ରେଷ୍ଠ ପ୍ରଥା ଜରିଆରେ ବିବିଧତା ଓ ସକାରାତ୍ମକ ପ୍ରଭାବ ସୃଷ୍ଟି କରୁଥିବା ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ଏଥିରେ ମାନ୍ୟତା ପ୍ରଦାନ କରାଯାଉଛି। ଅର୍ଥନୀତିକୁ ଆଗକୁ ବଢ଼ାଉଥିବା ସବୁ ପ୍ରକାର ସହଜ, କ୍ଷେତ୍ର ଓ ଅଜଣା ହିରୋମାନଙ୍କ ଭଳି ବାସ୍ତବ ପ୍ରଭାବ ସୃଷ୍ଟିକାରୀଙ୍କୁ ଏହି ଅଭିଯାନରେ ମାନ୍ୟତା ପ୍ରଦାନ କରାଯାଉଛି।

## ଓଏଚ୍‌ପିସିର ଟ୍ରେନିଂ ହଷ୍ଟେଲ କମ୍ପ୍ଲେକ୍ସ



ଭୁବନେଶ୍ୱର,୨୪।୪

ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ (ଓଏଚ୍‌ପିସି)ର ୫ ମହଲା ବିଶିଷ୍ଟ ଏକ ଅତ୍ୟାଧୁନିକ ଟ୍ରେନିଂ ହଷ୍ଟେଲ କମ୍ପ୍ଲେକ୍ସର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ଶକ୍ତି ମନ୍ତ୍ରୀ ପ୍ରତାପ ଦେବ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଏଚ୍‌ପିସିର ଚେୟାରମ୍ୟାନ ବିଷ୍ଣୁପଦ ସେଠୀଙ୍କ ସମେତ ଓଏଚପିସିର ପରିଚାଳନା ନିର୍ଦ୍ଦେଶକ ଅମରେଶ କୁମାରଙ୍କ ସମେତ ନିର୍ଦ୍ଦେଶକ (ଏଚ୍‌ଆର) ଡ. ପ୍ରବୋଧ କୁମାର ମହାନ୍ତି, ନିର୍ଦ୍ଦେଶକ (ଅପରେଶନ) ଆଶିଷ କୁମାର ମହାନ୍ତି ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର ପଟିଆଠାରେ ନବନିର୍ମିତ ଏହି ଉଚ୍ଚ ଅଟ୍ଟାଳିକାରେ ସବୁ ପ୍ରକାରର ସୁବିଧା ରହିଛି। ଏପରିକି ପ୍ରାୟ ୩୭୦୦ (୩୬୬୨) ବର୍ଗଫୁଟ ଜମିରେ ଗଢି ଉଠିଥିବା ବିଶାଳ ଅଟ୍ଟାଳିକାରେ ୧୨ଟି ସିଙ୍ଗଲ ରୁମ, ୧୨ଟି ଡବଲ ବେଡରୁମ ସହ ସମ୍ମିଳନୀ କକ୍ଷ, ଅତ୍ୟାଧୁନିକ ଶ୍ରେଣୀଗୃହ ଇତ୍ୟାଦି ରହିଛି।

## ହାଉସିଫାଏ ଡେଭଲପର୍ସର ନୂତନ ପ୍ରକଳ୍ପ

HOUSIFY
Housing Everywhere

ଭୁବନେଶ୍ୱର,୨୪।୪

ରାଜ୍ୟ ପ୍ରମୁଖ ଗୃହ ନିର୍ମାଣକାରୀ ସଂସ୍ଥା ହାଉସିଫାଏ ଡେଭଲପର୍ସର ନୂତନ ପ୍ରକଳ୍ପ ଅକ୍ଷୟ ତୃତୀୟା ଅବସରରେ ଉଦ୍‌ଘାଟିତ ହୋଇଯାଇଛି। ଏପରି କି ଭୁବନେଶ୍ୱର ନିକଟସ୍ଥ ବାରଙ୍ଗ ନୂଆ ରେଲ୍‌ୱେଷ୍ଟେଶନ ନିକଟରେ ହାଉସିଫାଏ ଡେଭେଲପର୍ସର ସାଢ଼େ ତିନି ଏକର ପରିମିତ ଜମିରେ ଉକ୍ତ ପ୍ରକଳ୍ପର ଶୁଭାରମ୍ଭ ସହ ଭୂମିପୂଜା ସମାପନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହାଉସିଫାଏ ଡେଭେଲପର୍ସର ଅଧ୍ୟକ୍ଷ ଡ. ଶୁଭାଶିଷ ଦାସ କହିଛନ୍ତି, ସହରର ବର୍ଦ୍ଧିତ ଚେହେରା ଓ ଗ୍ରାହକଙ୍କ ଚାହିଦାକୁ ଆଖିଆଗରେ ରଖି ଉକ୍ତ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ସେହିଭଳି ଆମେ ଏଠାରେ ତିନିଶହରୁ ଊର୍ଦ୍ଧ୍ୱ ୩ ବିଏଚ୍‌କେ ଫ୍ଲାଟ୍ ନିର୍ମାଣ ପାଇଁ ଆଶା ରଖିଛୁ। ଉକ୍ତ ପ୍ରକଳ୍ପରେ ଫ୍ଲାଟ୍ ପାଇବା ପାଇଁ ପଞ୍ଜୀକୃତ ବ୍ୟକ୍ତିମାନଙ୍କୁ ଗୁଣାତ୍ମକ ସେବା ଓ ସମୟାନୁବର୍ତ୍ତିତା ସହ ଘର ଯୋଗାଇଦେବା କ୍ଷେତ୍ରରେ ସମସ୍ତ ପ୍ରକାର ସ୍ୱଚ୍ଛତା ଅବଲମ୍ବନ କରାଯିବ ବୋଲି ସେ କହିଛନ୍ତି। ଏହା ପୂର୍ବରୁ ରାଜ୍ୟରେ ପେଲେଟ୍‌ଷ୍ଟିଲ୍ ଉତ୍ପାଦନ ଓ ରପ୍ତାନି କ୍ଷେତ୍ରରେ ମଧ୍ୟ ଆମର ବ୍ୟବସାୟ ରହିଛି। ଏପରି କି ଆମେ ଉକ୍ତ ବ୍ୟବସାୟରେ ଅଭୁତପୂର୍ବ ସଫଳତା ମଧ୍ୟ ହାସଲ କରିପାରିଛୁ। ବିଶେଷକରି ବ୍ୟବସାୟର ପୂର୍ବ ଅଭିଜ୍ଞତା, ଦକ୍ଷତା ଓ ସଫଳତାକୁ ପାଥେୟକରି ଆଗାମୀ ଦିନରେ ଆମେ ରିୟଲ୍ ଇଷ୍ଟେଟ୍ ପ୍ରକଳ୍ପ ଜରିଆରେ ଗୃହ ନିର୍ମାଣ କରି ଶତ ପ୍ରତିଶତ ସଫଳତା ହାସଲ କରିପାରିବୁ ବୋଲି ଦୃଢ଼ ଆଶାବାଦୀ ରହିଛୁ ବୋଲି ସେ ମତପ୍ରକାଶ କରିଥିଲେ। ଉଲ୍ଲେଖଯୋଗ୍ୟ, ଭୂମିପୂଜନ ଉତ୍ସବରେ କମ୍ପାନୀର ବହୁ ବରିଷ୍ଠ ଅଧିକାରୀଙ୍କ ସହ ପ୍ରକଳ୍ପର ଅନ୍ୟତମ ନିର୍ଦ୍ଦେଶକ ବିଭୂତି ଦାସ ମଧ୍ୟ ଉପସ୍ଥିତ ଥିଲେ।

## ବେଦାନ୍ତର ନ୍ୟୁ ମ୍ୟାଟେରିଆଲ ରିକଭରି ଫାସିଲିଟି




ଭୁବନେଶ୍ୱର,୨୪।୪

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ନିକଟରେ ୱାର୍ଲଡ ଆର୍ଥ ଡେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା ଏବଂ ଛତିଶଗଡ଼ଠାରେ ପରିଚାଳିତ ସମସ୍ତ ୟୁନିଟରେ ପୃଥିବୀ ଦିବସ-୨୦୨୩ ପାଳନ କରାଯାଇଥିଲା। ଏପରିକି କମ୍ପାନୀର ଓଡ଼ିଶା ୟୁନିଟ ଝାରସୁଗୁଡାଠାରେ ଥିବା ବିଶ୍ୱର ଏକ ବୃହତ୍ ଏକକ ଆଲୁମିନିୟମ୍ ସ୍ମେଲଟର ୟୁନିଟ କାର୍ଯ୍ୟକ୍ଷେତ୍ରରେ ଏକ ନୂତନ ସାମଗ୍ରୀ ପୁନରୁଦ୍ଧାର ସୁବିଧାର ଶୁଭାରମ୍ଭ କରାଯାଇଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡର ସିଇଓ (ଆଲୁମିନିୟମ ବିଜ୍‌ନେସ) ରାହୁଲ ଶର୍ମା କହିଛନ୍ତି, ଆମେ ସ୍ଥାୟୀ ଭବିଷ୍ୟତ ଦିଗରେ ଆବଶ୍ୟକ କାର୍ଯ୍ୟ କରିଥାଉ। ଯେଉଁଠି ବ୍ୟବସାୟ ଅଭିବୃଦ୍ଧି ସହ ପରିବେଶର ଉପଯୁକ୍ତ ସମନ୍ୱୟ ମଧ୍ୟ ରହିପାରିବ। ସେହିଭଳି ପରିବେଶ ଉପରୁ ଚାପ କମାଇବା ସହ ଏକ ସବୁଜ ପରିବେଶ ମଧ୍ୟ ସୃଷ୍ଟି କରାଯାଇପାରିବ। ଏଥିପାଇଁ ଆମ ସମସ୍ତଙ୍କର ମିଳିତ ପ୍ରୟାସ ରହିବା ଉଚିତ ବୋଲି ସେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ କମ୍ପାନୀ ଅନେକ ସ୍ୱେଚ୍ଛାସେବୀ ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କ ସହ ମିଳିତ ଭାବେ ସଚେତନତା ପଦକ୍ଷେପର ଆୟୋଜନ କରିଥାଏ। ବିଶେଷ କରି ଓଡିଶାର ଝାରସୁଗୁଡା ଜିଲାରେ ବେଦାନ୍ତର କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ରାଜ୍ୟ ଜଙ୍ଗଲ ବିଭାଗର ଅଧିକାରୀଙ୍କ ସହ ମିଶି ସିଙ୍ଘାବାଗାଠାରେ ବିଭିନ୍ନ କାର୍ଯ୍ୟ କରୁଥିବାବେଳେ କମ୍ପାନୀର ଲାଞ୍ଜିଗଡ ୟୁନିଟ (ବେଦାନ୍ତ ଆଲୁମିନା ରିଫାଇନାରି)ର କର୍ମଚାରୀ ଓ ସ୍ୱେଚ୍ଛାସେବୀମାନଙ୍କ ଜରିଆରେ ପରିବେଶ ସୁରକ୍ଷା ଓ ନୂତନ ଜଙ୍ଗଲ ସୃଷ୍ଟି ଦିଗରେ ଆବଶ୍ୟକ କାର୍ଯ୍ୟ କରୁଛନ୍ତି।

## ଯାତ୍ରୀ ସେବାକୁ ଗୁରୁତ୍ୱାରୋପ

ଭୁବନେଶ୍ୱର,୨୪।୪

ଓଡ଼ିଶା ପ୍ରଦେଶରେ ଭାରତୀୟ ରେଲୱେର ବିଭିନ୍ନ ପ୍ରକଳ୍ପ ଓ ବିକାଶମୂଳ କାର୍ଯ୍ୟ ଜାରି ରହିଛି। ଏପରିକି ଉକ୍ତ କାର୍ଯ୍ୟର ଅଗ୍ରଗତି ଓ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଅବଗତ ହେବା ପାଇଁ ରେଲୱେ ବୋର୍ଡର ସଦସ୍ୟ (ଇନଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ-ଭିତ୍ତିଭୂମି ବିକାଶ) ରୂପ ନାରାୟଣ ସୁନକର ସମୀକ୍ଷା କରିଛନ୍ତି। ଏପରିକି ସୋମବାର ପୂର୍ବତଟ ରେଳପଥ ଅଧିକାରୀମାନଙ୍କ ସହ ପୂର୍ବତଟ ରେଳପଥର ମୁଖ୍ୟାଳୟଠାରେ ରେଳ ଭିତ୍ତିଭୂମି କାର୍ଯ୍ୟ ଏବଂ ତା'ର ବିକାଶକୁ ନେଇ ସୁନକର ବିସ୍ତୃତ ସମୀକ୍ଷା କରିଛନ୍ତି। ଅପରପକ୍ଷରେ ବିଶ୍ୱସ୍ତରର ଭିତ୍ତିଭୂମି ଏବଂ ସୁବିଧା ସହିତ ପୁରୀ ଏବଂ କଟକ ଷ୍ଟେଶନର ପୁନଃବିକାଶ ପାଇଁ ଜାରି ରହିଥିବା କାର୍ଯ୍ୟଗୁଡ଼ିକୁ ସୁନକର ବିସ୍ତୃତ ଭାବେ ସମୀକ୍ଷା କରିବା ସହ ପ୍ରକଳ୍ପ କାର୍ଯ୍ୟକୁ ଏକ ଆଦର୍ଶ ଓ ଆକର୍ଷଣୀୟ ଭାବେ ନିର୍ମାଣ କରିବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ସାଧାରଣ ଜନତାଙ୍କ ସହିତ ପର୍ଯ୍ୟଟକ ଏବଂ ତୀର୍ଥଯାତ୍ରୀଙ୍କ ଆରାମ ପାଇଁ ପ୍ରସ୍ତାବିତ ଏହି ବିଶ୍ୱସ୍ତରୀୟ ଷ୍ଟେଶନ ପରିସରରେ ଯାତ୍ରୀ ସୁବିଧା ପରି ସେବା ଯୋଗାଇଦେବା ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଓଡ଼ିଶାରେ ଜାରି ରହିଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ସହିତ ସମ୍ପୃକ୍ତ ଅଞ୍ଚଳର ରେଳ ଭିତ୍ତିଭୂମି ବିକାଶ ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବେଶ୍ ପ୍ରାଥମିକତା ଦେଉଛନ୍ତି। ଏପରିକି ବିକାଶମୂଳକ କାର୍ଯ୍ୟ ଉପରେ ମଧ୍ୟ ମନ୍ତ୍ରୀ ଦୃଢ ନଜର ରଖିଛନ୍ତି, ତେଣୁ ଧାର୍ଯ୍ୟ ଅବଧି ମଧ୍ୟରେ ପ୍ରକଳ୍ପ କାର୍ଯ୍ୟର ସମାପ୍ତିକୁ ପ୍ରାଥମିକତା ଦିଆଯିବା ଉଚିତ ବୋଲି ସୁନକର କହିଛନ୍ତି। ଉକ୍ତ ବୈଠକରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା, ଅତିରିକ୍ତ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବଙ୍କ ସମେତ ରେଳପଥର ବହୁ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଫୁର୍‌ସତ

# ମ୍ୟାଲେରିଆରୁ ମୁକ୍ତି ପାଇଁ ଆହ୍ୱାନ




ଦିନ ଥିଲା ସମଗ୍ର ବିଶ୍ୱରେ ମ୍ୟାଲେରିଆ ଜ୍ୱର ତାହାର କାୟା ବିସ୍ତାର କରିଥିଲା। କିନ୍ତୁ ବର୍ତ୍ତମାନ ଏହି ସ୍ୱାସ୍ଥ୍ୟ ସମସ୍ୟା କେତେ ନିୟନ୍ତ୍ରଣାଧୀନ ତାହା କହିବା ଅନାବଶ୍ୟକ। ଏଭଳି ଜ୍ୱର ନେଇ ପ୍ରାୟ ଅନେକେ ସଚେତନ। ପ୍ରାରମ୍ଭିକ ଅବସ୍ଥାରୁ ଔଷଧ ଖାଇବା ସହ ଉପଯୁକ୍ତ ଚିକିତ୍ସା କଲେ ସେଥିରୁ ସମ୍ପୂର୍ଣ୍ଣ ଆରୋଗ୍ୟ ମିଳିପାରୁଛି। ତଥାପି କେତେକେ ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଯେତେବେଳେ ମ୍ୟାଲେରିଆ ଜ୍ୱର ଗମ୍ଭୀର ଆକାର ଧାରଣ କରୁଛି ସେତେବେଳେ ତାହା ଅନେକ ସମୟରେ ମୃତ୍ୟୁର କାରଣ ସାଜୁଛି। ତେଣୁ ମ୍ୟାଲେରିଆ ବିଷୟରେ ଅଧିକ ଜନସଚେତନତା ସୃଷ୍ଟି କରାଯିବାକୁ ପ୍ରତିବର୍ଷ ଉଦ୍ୟମ କରାଯାଉଛି। ଏଥିଲାଗି ପ୍ରତ୍ୟେକ ବର୍ଷ ଏପ୍ରିଲ ୨୫ ତାରିଖକୁ 'ବିଶ୍ୱ ମ୍ୟାଲେରିଆ ଦିବସ' ଭାବରେ ପାଳନ କରାଯାଇଆସୁଛି। ଚଳିତ ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ 'ଜିରୋ ମ୍ୟାଲେରିଆ' ବା ମ୍ୟାଲେରିଆକୁ ଶୂନରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଇଛି। ଏ ବର୍ଷ ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ ଉକ୍ତ ସଙ୍ଗଠନ ପକ୍ଷରୁ ଘୋଷିତ ସ୍ଲୋଗାନଟି ହେଉଛି 'ଟାଇମ୍ ଟୁ ଡେଲିଭର ଜିରୋ ମ୍ୟାଲେରିଆ : ଇନ୍‌ଭେଷ୍ଟ, ଇନୋଭେଟ, ଇମ୍ପ୍ଲିମେଣ୍ଟ'।

ସାଧାରଣତଃ ମ୍ୟାଲେରିଆ ଜ୍ୱର ମାଇ ଏନୋଫିଲିସ୍ ମଶା ଯୋଗୁ ବ୍ୟାପିଥାଏ। ଆକ୍ରାନ୍ତ ବ୍ୟକ୍ତିଙ୍କୁ ଏହି ମଶା କାମୁଡ଼ିବା ପରେ ଯଦି ସୁସ୍ଥ ଲୋକଙ୍କୁ କାମୁଡ଼େ ତେବେ ସେ ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ ହୋଇଥାଆନ୍ତି। ମ୍ୟାଲେରିଆର ଏହି ପରଜୀବୀ ବା ପାରାସାଇଟ୍‌କୁ ଜଣେ ଆର୍ମି ସର୍ଜନ ଡା. ରୋନାଲ୍ଡ ରସ୍ ଆବିଷ୍କାର କରିଥିଲେ।

ବର୍ତ୍ତମାନ ସମଗ୍ର ବିଶ୍ୱରେ ମ୍ୟାଲେରିଆ ନିୟନ୍ତ୍ରଣାଧୀନ ହୋଇପାରିଛି। କାରଣ ଏହାର ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ଚିକିତ୍ସା କରାଇ ନେଲେ ତାହା ଗୁରୁତର ଆକାର ଧାରଣ କରି ନ ଥାଏ। ଯଦି ମ୍ୟାଲେରିଆର ଲକ୍ଷଣ ପ୍ରକାଶ ପାଏ ଆଉ ଆବଶ୍ୟକ ସମୟରେ ଚିକିତ୍ସା ନ କରାନ୍ତି ତେବେ ତାହା ମୃତ୍ୟୁକୁ ଡାକିଆଣିବା ଆଶଙ୍କା ରହିଛି। ଆମ ରାଜ୍ୟରେ ମଧ୍ୟ ଏହି ରୋଗ ପ୍ରାୟ ନିୟନ୍ତ୍ରଣରେ ଅଛି। ମ୍ୟାଲେରିଆ ଦ୍ୱାରା ଲୋକମାନେ କିପରି ଅଧିକ ଆକ୍ରାନ୍ତ ନ ହେବେ ସେ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି। ମ୍ୟାଲେରିଆପ୍ରବଣ ଅଞ୍ଚଳରେ ଏହି ରୋଗ ବିଷୟରେ ଅଧିକ ଜନସଚେତନତା ସୃଷ୍ଟି କରାଯାଉଛି। ଏହାର ଲକ୍ଷଣ ସମ୍ପର୍କରେ ଅବଗତ ହୋଇ ଚିକିତ୍ସା କରାଇବା ବ୍ୟତୀତ ଆଉ କେତୋଟି କଥାକୁ ଗୁରୁତ୍ୱ ଦେବା ଆବଶ୍ୟକ। ସାଧାରଣତଃ ଅପରିଷ୍କାର ସ୍ଥାନରେ ଏହି ମଶା ତାହାର ବଂଶ ବିସ୍ତାର କରିଥାଆନ୍ତି। ତେଣୁ ରହୁଥିବା ବାସସ୍ଥାନ ଚାରିପଟ ଏବଂ ଭିତର ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ସବୁବେଳେ ମଶାରି ଟାଙ୍ଗି ଶୁଅନ୍ତୁ। ଚଳିତ ବର୍ଷ ଉକ୍ତ ଦିବସ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଘୋଷିତ ସ୍ଲୋଗାନକୁ ସାକାର କରିବାକୁ ହେଲେ ସମସ୍ତଙ୍କର ସହଯୋଗ ଆବଶ୍ୟକ।

## ୧୦୦ କୋଟିମୁହାଁ ସଲ୍‌ମାନଙ୍କ ଫିଲ୍ମ



**ମୁମ୍ବାଇ:** ଇଦ୍ ଅବସରରେ ଶୁକ୍ରବାର ମୁକ୍ତିଲାଭ କରିଥିବା ସଲମାନଙ୍କ ବହୁ ପ୍ରତିକ୍ଷିତ ଫିଲ୍ମ 'କିସି କା ଭାଇ କିସି କି ଜାନ' ବିଶ୍ୱବ୍ୟାପୀ ରେକର୍ଡ ସୃଷ୍ଟି କରିଛି। ବକ୍ସ ଅଫିସରେ ଏହି ସିନେମା ୧୦୦ କୋଟି ପାଖାପାଖି ପହଞ୍ଚି ସୁପରହିଟ୍ ବୋଲି ପ୍ରମାଣିତ ହୋଇଛି। ରିଲିଜ୍‌ର ପ୍ରଥମ ଦିନରେ ମୁଭିଟି ୧୫.୮୧ କୋଟି ରୋଜଗାର କରିଥିଲା, ଯାହା ଆଶାଠାରୁ ବହୁତ କମ୍ ଥିଲା। ହେଲେ ଦ୍ୱିତୀୟ ଦିନ ଏହି ଫିଲ୍ମ ୨୫.୭୫ କୋଟି ଏବଂ ତୃତୀୟ ଦିନ ୨୬.୬୧ କୋଟି ରୋଜଗାର କରିଥିଲା। ଏଥିସହ ମୋଟ ରୋଜଗାର ୬୮.୧୭ କୋଟିରେ ପହଞ୍ଚିଛି। ଦେଶ ଅପେକ୍ଷା ବିଦେଶରେ ଏହି ଫିଲ୍ମକୁ ଅଧିକ ଲୋକପ୍ରିୟତା ମିଳୁଥିବା ଜଣାପଡିଛି। ବିଦେଶରେ ଅଧିକାଂଶ ଲୋକ ସିନେମାକୁ ବହୁତ ପସନ୍ଦ କରୁଛନ୍ତି। ରିପୋର୍ଟ ଅନୁଯାୟୀ, ବିଦେଶରେ ଏହି ଚଳଚ୍ଚିତ୍ରଟି ୩୭ କୋଟି ସଂଗ୍ରହ କରିଛି। ଦିନକୁ ଦିନ ଫିଲ୍ମ ଅଧିକ ରୋଜଗାର କରୁଥିବା ଜଣାପଡିଛି। ସିନେମାରେ ସଲମାନଙ୍କ ସହ ସାଉଥ୍ ଅଭିନେତ୍ରୀ ପୁଜା ହେଗ୍‌ଡେଙ୍କୁ ଏକାଠି ଦେଖିବାକୁ ମିଳିଛି। ଏଥିସହ ଚଳଚ୍ଚିତ୍ରରେ ସାଉଥ୍ ଅଭିନେତା ଭେଙ୍କଟେସ ଡଗ୍ଗୁବତି ପ୍ରମୁଖ ଭୂମିକାରେ ଅଭିନୟ କରିଥିବାବେଳେ ଶେହନାଜ ଗିଲ୍, ପଲକ ତିୱାରି, ସିଦ୍ଧାର୍ଥ ନିଗମ୍, ରାଘବ ଜୁଏଲ, ଭିଜେନ୍ଦର ସିଂ, ଭୂମିକା ଚାୱଲା ଭିନ୍ନ ଭୂମିକାରେ ନଜରକୁ ଆସିଛନ୍ତି।

## କେକ୍‌ରେ 'ଗୁଡ୍‌ବାଏ ଫରଏଭର' ମେସେଜ




**ନୂଆଦିଲ୍ଲୀ:** ସାଧାରଣତଃ ଆମେ କେକ୍ ମାଧ୍ୟମରେ ଜନ୍ମଦିନ, ବିବାହ ବାର୍ଷିକୀ ଏବଂ ଅନେକ ଶୁଭେଚ୍ଛା ବାର୍ତ୍ତା ଦେଇଥାଉ। ହେଲେ ଏଠାରେ ଏକ କେକ୍‌ର ଫଟୋ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ କି ଶୁଭେଚ୍ଛା ବାର୍ତ୍ତା ବଦଳରେ ଲେଖାହୋଇଛି, 'ୟୁ ଆର୍ ଡେଡ୍ ଟୁ ଅସ୍, ଗୁଡ୍‌ବାଏ ଫରଏଭର୍'। ତେବେ ଏହି କେକ୍‌ଟିରେ ଏପରି କାହିଁକି ଲେଖାହୋଇଥିବା ପ୍ରଶ୍ନ ଉଠୁଛି। ରିପୋର୍ଟ ଅନୁସାରେ, ବେକେରି ମାଲିକ ଏହି କେକ୍‌ର ଭିଡିଓ ଶେୟାର କରି କହିଛନ୍ତି, କେକ୍‌ଟି କମ୍ପାନୀ ଛାଡ଼ି ଯାଉଥିବା ଜଣେ କର୍ମଚାରୀଙ୍କ ପାଇଁ ଅର୍ଡର ହୋଇଥିବା କହିଛନ୍ତି। ବହୁ ସମୟରେ କମ୍ପାନୀଗୁଡ଼ିକରେ କାର୍ଯ୍ୟ କରିବା ସମୟରେ ସେଠାରେ କାର୍ଯ୍ୟରତ ଅନ୍ୟ କର୍ମଚାରୀଙ୍କ ସହିତ ବହୁତ ଭଲ ସମ୍ପର୍କ ଯୋଡ଼ି ହୋଇଯାଇଥାଏ। ଯଦି କେହି ସେହି କମ୍ପାନୀ ଛାଡ଼ିଯିବାକୁ ଚାହାନ୍ତି, ତେବେ ଅନ୍ୟ କର୍ମଚାରୀମାନେ ତାକୁ ପସନ୍ଦ କରି ନ ଥାନ୍ତି। ଏହି କମ୍ପାନୀରେ ମଧ୍ୟ ସେପରି କିଛି ହୋଇଛି। ଯେଉଁଥିପାଇଁ ଏପରି କେକ୍‌ର ଅର୍ଡର ହୋଇଛି। ତେବେ ଏହି ଭିଡିଓଟି କେଉଁଠାର ତାହା ଜଣାପଡିନାହିଁ।

## ସବୁଠୁ ଖୁସି ରାଜ୍ୟ 'ମିଜୋରାମ'



**ଆଇଜଲ୍:** ମିଜୋରାମ ହେଉଛି ଭାରତର ସବୁଠୁ ଖୁସି ରାଜ୍ୟ। ଗୁରୁଗ୍ରାମସ୍ଥିତ ମ୍ୟାନେଜମେଣ୍ଟ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଏକ ରିପୋର୍ଟ ଜାରି କରିଛି। ଯେଉଁଥିରେ କି ଇନ୍‌ଷ୍ଟିଚ୍ୟୁଟ୍‌ର ଷ୍ଟ୍ରାଟେଜି ପ୍ରଫେସର ରାକେଶ କେ ପିଲ୍ଲାନିଆ ତାଙ୍କର ଏହି ଅନୁଧ୍ୟାନରୁ ଜଣାଇଛନ୍ତି। ଏଥିସହ ମିଜୋରାମ ମଧ୍ୟ ଭାରତରେ ଶତପ୍ରତିଶତ ସାକ୍ଷରତା ହାସଲ କରିଥିବା ଦ୍ୱିତୀୟ ରାଜ୍ୟ। ରିପୋର୍ଟ ମୁତାବକ, ପାରିବାରିକ ସମ୍ପର୍କ, ନିଯୁକ୍ତି ପ୍ରସଙ୍ଗ, ସାମାଜିକ ପ୍ରସଙ୍ଗ, ଧର୍ମ, କୋଭିଡ୍-୧୯ର ପ୍ରଭାବ, ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ଭିତ୍ତି କରି ଏହି ସୂଚକାଙ୍କ ପ୍ରସ୍ତୁତ ହୋଇଛି। ମିଜୋ ସ୍କୁଲର ଜଣେ ଛାତ୍ରଙ୍କ କହିବା ଅନୁସାରେ, ତାଙ୍କ ବାପା ତ୍ୟାଗ କରିବା ପରେ ତାଙ୍କୁ ବହୁତ କଷ୍ଟ କରିବାକୁ ପଡିଥିଲା। ଏହାସତ୍ତ୍ୱେ ମଧ୍ୟ ସେ ସକାରାତ୍ମକ ଭାବନା ରଖି ପାଠପଢି ପ୍ରଶାସନିକ ସେବା ପରୀକ୍ଷା ଲାଗି ପ୍ରସ୍ତୁତି କରୁଥିବା କହିଛନ୍ତି। ଅନ୍ୟ ଜଣେ ଛାତ୍ର କହିଛନ୍ତି, ସ୍କୁଲର ଶିକ୍ଷକମାନେ ସାଙ୍ଗ ପରି। ଯେକୌଣସି ବିଷୟ ହେଉ ମଧ୍ୟ ସେମାନେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଶେୟାର କରିଥାନ୍ତି। ଶିକ୍ଷକମାନେ ନିୟମିତ ତାଙ୍କର ଓ ତାଙ୍କ ଅଭିଭାବକଙ୍କ ସହ ଯୋଗାଯୋଗ ରଖିଥାନ୍ତି। ତାଙ୍କ ସମାଜରେ ଜାତିଗତ ଭେଦଭାବ ନାହିଁ। ଅଭିଭାବକମାନେ ପାଠପଢା ନେଇ ପିଲାଙ୍କ ଉପରେ କୌଣସି ଚାପ ପକାନ୍ତି ନାହିଁ। ପାଠପଢା ସରିବା ମାତ୍ରେ ସେଠାକାର ପିଲାମାନେ ଲିଙ୍ଗ ନିର୍ବିଶେଷରେ ଚାକିରି କରିଥାନ୍ତି। ତେବେ ସେଠାକାର ଯୁବବର୍ଗ କୌଣସି କାର୍ଯ୍ୟକୁ ଛୋଟ ମନେକରନ୍ତିନି।

# ଜିଲାପାଳ, ଏସ୍‌ପିଙ୍କୁ ଜବାବ ମାଗିଲେ ଓଏଚ୍ଆର୍‌ସି

## ସମ୍ବଲପୁର ହନୁମାନ ଜୟନ୍ତୀରେ ଗୋଷ୍ଠୀ ସଂଘର୍ଷ ମାମଲା

## ମେ ୮ରେ ପରବର୍ତ୍ତୀ ଶୁଣାଣି

କଟକ ଅଫିସ,୨୪।୪

ସମ୍ବଲପୁରରେ ହନୁମାନ ଜୟନ୍ତୀବେଳେ ସଂଘଟିତ ଗୋଷ୍ଠୀ ସଂଘର୍ଷ ମାମଲାରେ ଜିଲାପାଳ ଏବଂ ଏସ୍‌ପି ଜବାବ ଦାଖଲ କରିବାକୁ ସୋମବାର ଓଡ଼ିଶା ମାନବ ଅଧିକାର କମିଶନ୍ (ଓଏଚ୍ଆର୍‌ସି) ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ଆବେଦନ ଆଧାରରେ ସମ୍ବଲପୁର ସହରରେ ଇଣ୍ଟରନେଟ୍ ସଂଯୋଗ ସ୍ୱାଭାବିକ କରିବା ଓ ମୃତାହତଙ୍କୁ କ୍ଷତିପୂରଣ ଦେବା ପ୍ରସଙ୍ଗରେ ମେ ୭ତାରିଖ ସୁଦ୍ଧା ଜବାବ ଦାଖଲ କରିବା ନିମନ୍ତେ ଉକ୍ତ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ମେ ୮ ତାରିଖକୁ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀ ଅନୁଯାୟୀ, ସମ୍ବଲପୁରରେ ଏପ୍ରିଲ ୧୨ ତାରିଖରେ ହନୁମାନ ଜୟନ୍ତୀ ଅବସରରେ ଅନୁଷ୍ଠିତ ବାଇକ ରାଲି ବେଳେ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଏହାପରେ ଇଣ୍ଟରନେଟ୍ ସେବାକୁ ସମ୍ପୂର୍ଣ୍ଣ ଅଚଳ କରିଦିଆଯାଇଥିବାରୁ ଛାତ୍ରୀଛାତ୍ରଙ୍କ ଅନ୍‌ଲାଇନ ପାଠପଢ଼ା ବ୍ୟାହତ ହେବା ସହ ସାଧାରଣ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ସମ୍ବଲପୁର ସହରରେ ଇଣ୍ଟରନେଟ ସେବା ସ୍ୱାଭାବିକ କରିବା ପାଇଁ ପ୍ରାର୍ଥନା କରାଯାଇଛି। ଏଥିସହ ବାଇକ ରାଲିବେଳେ ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ କ’ଣ ପଦକ୍ଷେପ ନେଇଥିଲା, ଗୋଷ୍ଠୀ ସଂଘର୍ଷ ଆଶଙ୍କା ନେଇ ଗୋଇନ୍ଦା ପୋଲିସ ପାଖରେ ପୂର୍ବରୁ ସୂଚନା ଥିଲା କି ନାହିଁ, ହିଂସା ପଛରେ କ’ଣ ସବୁ କାରଣ ରହିଛି, ରାଲି ବେଳେ ସଂଘଟିତ ହିଂସାକୁ ନିୟନ୍ତ୍ରଣ କରିବା ପାଇଁ ଯଥେଷ୍ଟ ପୋଲିସ ମୁତୟନ ହୋଇଥିଲେ କି ନାହିଁ, ହିଂସା ହେବା ପରେ ତାହାକୁ ନିୟନ୍ତ୍ରଣ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇଛି କି ନାହିଁ ତାହା ଅଦାଲତରେ ଦର୍ଶାଇବା ନିମନ୍ତେ ପୋଲିସକୁ ନିର୍ଦ୍ଦେଶ ଦେବାକୁ କମିଶନ୍‌ଙ୍କୁ ନିବେଦନ କରାଯାଇଛି। ସଂଘର୍ଷରେ ଆହତ ସାଧାରଣ ଲୋକ ଓ ପୋଲିସ କର୍ମଚାରୀଙ୍କ ପକ୍ଷରୁ କେତୋଟି ଅଭିଯୋଗ କରାଯାଇଛି ଏବଂ ସେଗୁଡ଼ିକର ସବିଶେଷ ତଥ୍ୟ ସହ ପୋଲିସ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କମିଶନ୍‌ଙ୍କୁ ଜଣାଇବାକୁ ଆବେଦନ କରାଯାଇଛି। ସେହିପରି ସଂଘର୍ଷରେ ମୃତ ବ୍ୟକ୍ତିଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଓ ଆହତଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦିଆଯିବା ନେଇ କମିଶନ୍ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରାଯାଇଛି। ଆଇନଜୀବୀ ଶିବଶଙ୍କର ମହାନ୍ତି ରାଜ୍ୟ ମାନବ ଅଧିକାର କମିଶନ୍‌ଙ୍କ ନିକଟରେ ଗତ ୧୭ ତାରିଖରେ ଏହି ଜନସ୍ୱାର୍ଥ ମାମଲା ଦାୟର କରିଛନ୍ତି।

# ଫସଲ ଉଜାଡ଼ିଦେଲା କାଳବୈଶାଖୀ

- ଜିଲାପାଳ, କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ
- ଅଧିକାରୀଙ୍କୁ ଦେଲେ ଦାବିପତ୍ର
- କ୍ଷତିପୂରଣ ନ ମିଳିଲେ ଆନ୍ଦୋଳନ ଚେତାବନୀ


ଚାଷୀମାନେ କ୍ଷତିଗ୍ରସ୍ତ ଧାନକେଣ୍ଡା ଧରି ଜିଲାପାଳଙ୍କ ଅଫିସରେ ପଶୁଛନ୍ତି।

ବରଗଡ଼ ଅଫିସ୍,୨୪।୪

କାଳବୈଶାଖୀ ପ୍ରଭାବରେ ବରଗଡ଼ ଜିଲାରେ ବ୍ୟାପକ ଫସଲ କ୍ଷତି ହୋଇଛି। ଶନିବାର ସନ୍ଧ୍ୟାରେ କୁଆପଥର ସହ ବର୍ଷାହେବା ଯୋଗୁ ରବିଧାନ ଫସଲ ଉଜୁଡ଼ିଯାଇଛି। ଅମଳକ୍ଷମ ଅବସ୍ଥାରେ ଥିବା ଧାନ ନଷ୍ଟ ହୋଇଯାଇଛି। ପରିବା ଫସଲ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ପୋଟଳ, ବାଇଗଣ, ଟମାଟୋ ଆଦି ବିଶେଷ ପ୍ରଭାବିତ ହୋଇଛି। ଜିଲାର ଅତାବିରା, ବରଗଡ଼, ବରପାଲି, ବିଜେପୁର ବ୍ଲକ ଏଥିରେ ଅଧିକ ପ୍ରଭାବିତ ହୋଇଛି। ଅନ୍ୟପକ୍ଷେ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆଉ ମାତ୍ର ୨ ସପ୍ତାହ ବାକି ଥିବାବେଳେ ଫସଲ କ୍ଷତି ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲାଇ ଦେଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ଦାବି ଜୋର୍ ଧରିଛି।

ସୋମବାର ବରଗଡ଼ ବ୍ଲକ ବନ୍ଧା, ନୁନିଆଁପାଲି ପଞ୍ଚାୟତ ଓ ବିଜେପୁର ବ୍ଲକ ତାଲପଦର ଅଞ୍ଚଳର ଶତାଧିକ ଚାଷୀ ନମୁନା ସ୍ୱରୂପ କ୍ଷତିଗ୍ରସ୍ତ ଧାନଗଛ ଧରି ଜିଲାପାଳ ଏବଂ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଉଭୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ନିରୂପମା ବୁଡ଼େକ ସ୍ମାରକପତ୍ର ଗ୍ରହଣ କରିଥିଲେ। ସେହିପରି ମୁଖ୍ୟ ଜିଲା କୃଷି ଅଧିକାରୀ ଅଶୋକ କୁମାର ଅମାତଙ୍କୁ ପୃଥକ୍‌ଭାବେ ସ୍ମାରକପତ୍ର ପ୍ରଦାନ କରିଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରା ନ ଗଲେ ସେମାନେ ଜିଲାପାଳ ଅଫିସ ଘେରାଉ ସହିତ ରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ମୁଖ୍ୟ ଜିଲା କୃଷି ଅଧିକାରୀ ଅମାତ୍ କହିଛନ୍ତି, ଜିଲାର ସବୁ ବ୍ଲକରେ କ୍ଷୟକ୍ଷତି ଆକଳନ ଚାଲିଛି। ବର୍ତ୍ତମାନ ପ୍ରାରମ୍ଭିକ କ୍ଷୟକ୍ଷତି ଆକଳନ କରାଯାଉଛି। ଏହାପରେ କୃଷି, ରାଜସ୍ୱ, ବୀମା କମ୍ପାନୀକୁ ନେଇ ଯୁଗ୍ମ ଯାଞ୍ଚ(ଜଏଣ୍ଟ ଭେରିଫିକେଶନ) ହେବ ଏବଂ ଚୂଡ଼ାନ୍ତ କ୍ଷୟକ୍ଷତି ଆକଳନ ରିପୋର୍ଟକୁ ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ପଠାଇ ଦିଆଯିବ। ଏହାପରେ ରାଜ୍ୟ ସରକାର ଯାହା କିଛି ପଦକ୍ଷେପ ନେବେ ବୋଲି ଅମାତ କହିଛନ୍ତି।

ଏଥର ଅନୁକୂଳ ପାଗ ଯୋଗୁ ଧାନ ଏବଂ ପରିବା ଫସଲ ଭଲ ହୋଇଥିଲା। ଫସଲ ଅମଳ ସମୟ ପାଖେଇ ଆସିଲା ବେଳକୁ ଧାନ ଫସଲରେ ରୋଗପୋକ ଉପଦ୍ରବ ଦେଖାଦେଲା। ଧାନଗଛର ଅଗ୍ରଭାଗ ଏବଂ କେଣ୍ଡାଗୁଡ଼ିକ ଶୁଖିଗଲା। କୃଷି ଅଧିକାରୀମାନେ ଏହି ରୋଗକୁ ନେକ୍‌ବ୍ଲାଷ୍ଟ ବୋଲି କହିଲେ। କୀଟନାଶକ ପ୍ରୟୋଗ ସତ୍ତ୍ୱେ ସୁଫଳ ମିଳିଲାନାହିଁ। ସେହି ରୋଗରୁ ବର୍ତ୍ତିଯାଇଥିବା ଫସଲକୁ ଅମଳକରି ପରିବାର ଗୁଜୁରାଣ ମେଣ୍ଟାଇବ ବୋଲି ଚାଷୀ ଆଶା ବାନ୍ଧିଥିଲା। ମାତ୍ର ଗତ ୨୨ତାରିଖ ସନ୍ଧ୍ୟାରେ କୁଆପଥର ସହ ବର୍ଷାହେବା ଯୋଗୁ ତାହା ମଧ୍ୟ ନଷ୍ଟ ହୋଇଯାଇଛି ବୋଲି ଚାଷୀମାନେ କହିଛନ୍ତି। ବରଗଡ଼ ବ୍ଲକ କୁର୍ଲା ଗ୍ରାମର ଚାଷୀ ସୋମନାଥ ପ୍ରଧାନ କହିଛନ୍ତି, କୃଷିଋଣ କରି ସେ ଚାଷ କରିଥିଲେ। କରାମାଡ଼ ଯୋଗୁ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଋଣ ପରିଶୋଧ ତ ଦୂରର କଥା ପରିବାର ଗୁଜୁରାଣ ମେଣ୍ଟାଇବା କଷ୍ଟସାଧ୍ୟ ହୋଇ ପଡ଼ିବ। ଏଣୁ ସରକାର ତୁରନ୍ତ କ୍ଷତିପୂରଣ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ସେହି ଗାଁର ଆଉ ଜଣେ ଚାଷୀ ଲକ୍ଷ୍ମଣ ପ୍ରଧାନ କହିଛନ୍ତି, ସେ ଚଳିତ ବର୍ଷ ୨୦ଏକର ଜମିରେ ଧାନଚାଷ କରିଥିଲେ। ୬୦ ପ୍ରତିଶତରୁ ଅଧିକ ଫସଲ କରାମାଡ଼ ଯୋଗୁ ନଷ୍ଟ ହୋଇଛି। ବନ୍ଧା ଗ୍ରାମର ଚାଷୀ ଶାନ୍ତନୁ ପ୍ରଧାନ କହିଛନ୍ତି, କୁଆପଥର ବର୍ଷାରେ ଧାନ ଓ ପରିବା ଫସଲ ନଷ୍ଟ ହୋଇଯିବା ତାଙ୍କୁ ସର୍ବସ୍ୱାନ୍ତ କରି ପକାଇଛି। ସରକାର କ୍ଷତିପୂରଣ ପ୍ରଦାନ ନ କଲେ ଚାଷୀମାନେ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ସେ କହିଛନ୍ତି।

# ମଣିପୁର ମହାସମ୍ମିଳନୀରେ ଯୋଗଦେଲେ କ୍ରୀଡ଼ାମନ୍ତ୍ରୀ


ମଣିପୁର ଇମ୍ଫାଲ୍‌ଠାରେ ଚାଲିଥିବା ଦୁଇ ଦିନିଆ ଚିନ୍ତନ ଶିବିରରେ ଉପସ୍ଥିତ ଅତିଥି।

ଭୁବନେଶ୍ୱର, ୨୪।୪(ବ୍ୟୁରୋ)

ମଣିପୁରର ରାଜଧାନୀ ଇମ୍ଫାଲଠାରେ ଆରମ୍ଭ ହୋଇଥିବା ୨ ଦିନିଆ ଚିନ୍ତନ ଶିବିରରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ କମିଶନର ତଥା ଶାସନ ସଚିବ ଆର. ଭିନୀଲ କ୍ରୀଷ୍ଣା ଯୋଗ ଦେଇଛନ୍ତି । କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ପ୍ରତିନିଧିତ୍ୱ କରିବା ସହ କ୍ରୀଡ଼ାର ବିକାଶ ଓ ଉନ୍ନତି ନେଇ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପମାନ ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏହି କ୍ରୀଡ଼ା ମହାସମ୍ମିଳନୀରେ ଯୋଗଦେବା ଅବସରରେ ମନ୍ତ୍ରୀ ବେହେରା ନିଜ ମତ ରଖି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ରାଜ୍ୟରେ ଅନେକଗୁଡ଼ିଏ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ ସହ ଏସିଆନ ଆଥଲେଟିକ୍ସ, ହକି ପୁରୁଷ ବିଶ୍ୱକପ୍, ଫିଫା ମହିଳା ବିଶ୍ୱକପ ଭଳି ଯେଉଁ ସବୁ ଇଭେଣ୍ଟର ସଫଳ ଆୟୋଜନ କରିବାକୁ ଆମେ ସମର୍ଥ ହୋଇଛୁ ତାକୁ ଏଠାରେ ପ୍ରଦର୍ଶନ କରିବାର ସୁଯୋଗ ସୃଷ୍ଟି ହୋଇଛି । ଏଥି ସହିତ ଅନ୍ୟ ରାଜ୍ୟ ଦ୍ୱାରା ଆପଣା ଯାଇଥିବା ଉନ୍ନତ କ୍ରୀଡ଼ା ପ୍ରକଳ୍ପଗୁଡିକୁ ଅନୁଧ୍ୟାନ କରି ଏହାକୁ କିଭଳି ଭାବେ ଆମ ରାଜ୍ୟରେ ଉପଯୋଗ କରିହେବ ସେଥିନେଇ ଏହି ସମ୍ମିଳନୀରୁ ଆମେ ଶିକ୍ଷା ଗ୍ରହଣ କରିବୁ ବୋଲି ମନ୍ତ୍ରୀ ବେହେରା କହିଛନ୍ତି ।

# ମହାନଦୀରୁ ମୃତଦେହ ଜବତ

ଚୌଦ୍ୱାର,୨୪।୪(ଡି.ଏନ୍.ଏ) : ମହାନଦୀର ଟାଙ୍ଗୀ-ଚୌଦ୍ୱାର ବ୍ଲକ କୟଲପଡା ପଞ୍ଚାୟତର ଶିମିଳିହାଣ୍ଡ ଗ୍ରାମର ଗୁଡିଆସାହି ତୁଠ ନିକଟରୁ ଟିପିଏମ୍ ଫାଣ୍ଡି ପୋଲିସ ଏକ ଯୁବକଙ୍କ ଗଳିତ ମୃତଦେହ ସୋମବାର ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ତୁଠରେ ଏକ ମୃତଦେହ ଭାସୁଥିବାର ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇ ତଦନ୍ତ ଚଳାଇଛି। ଶବଟି ସ୍ଥାନୀୟ ଅଞ୍ଚଳର କି କେଉଁଆଡୁ ଭାସି ଆସି ଲାଗିଛି ତାହା ଅଞ୍ଚଳରେ ଚର୍ଚ୍ଚା ହେଉଛି ।

# ରାଜ୍ୟ ବାଣିଜ୍ୟକର, ଜିଏସ୍‌ଟି ବିଭାଗର ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର, ୨୪।୪(ବ୍ୟୁରୋ): ରାଜ୍ୟ ବାଣିଜ୍ୟକର ଏବଂ ଜିଏସ୍‌ଟି ବିଭାଗରେ କାର୍ଯ୍ୟରତ ଅଧିକାରୀଙ୍କ ଏକ ୭ ଦିନିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସୋମବାର ରାଜ୍ୟ ବାଣିଜ୍ୟକର ଏବଂ ଜିଏସ୍‌ଟି ଆୟୁକ୍ତ ସଞ୍ଜୟ କୁମାର ସିଂହଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଭାରତ-ଯୁକ୍ତରାଜ୍ୟ ଅର୍ଥନୈତିକ ସହଯୋଗିତା କାର୍ଯ୍ୟକ୍ରମ ଅଧୀନରେ ଯୁକ୍ତରାଜ୍ୟ ସରକାରଙ୍କ ବୈଦେଶିକ ରାଜ୍ୟଗୋଷ୍ଠୀ ଓ ବିକାଶ ଅଫିସ୍ ଏବଂ ଓଡ଼ିଶା ସରକାରଙ୍କ ବାଣିଜ୍ୟକର ଓ ଜିଏସ୍‌ଟି ବିଭାଗର ମିଳିତ ଆନୁକୂଲ୍ୟରେ ଏହି ପ୍ରଶିକ୍ଷଣ ଆରମ୍ଭ ହୋଇଛି। ଏଫ୍‌ସିଡିଓର ଅର୍ଥନୀତି ଓ ବିତ୍ତ ବିଭାଗ ମୁଖ୍ୟ ଆଦମ ଟେଲର, ବିତ୍ତୀୟ ଅପରାଧ ଯୋଗସୂତ୍ର ଅଧିକାରୀ ଜୁଲିଆନ୍ ସଲଦାନହା, ରାଜସ୍ୱ ଓ କଷ୍ଟମ ବିଭାଗର ହିରାବତୀ ଗୋଖେଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଭୁବନେଶ୍ୱରସ୍ଥିତ ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ପ୍ରତିଷ୍ଠାନରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ରାଜ୍ୟ ବାଣିଜ୍ୟକର ଓ ଜିଏସ୍‌ଟି ବିଭାଗର ବରିଷ୍ଠ ପଦାଧିକାରୀମାନେ ମଧ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାଗନେବା ପାଇଁ ରାଜ୍ୟ ବାଣିଜ୍ୟକର ଓ ଜିଏସ୍‌ଟି ବିଭାଗର ୬୫ ଜଣ ଅଧିକାରୀଙ୍କୁ ଚୟନ କରାଯାଇଛି ।


## BHUBANESWAR DEVELOPMENT AUTHORITY
AKASH SHOVA BUILDING
PANDIT JAWAHARLAL NEHRU MARG, BHUBANESWAR-751001
PABX No.0674-2392801,2390998 & 2396437, Fax No.0674-2390633/ 2390085

Letter No.12831/BDA, Bhubaneswar Dated:21.04.2023
File No.BDA/Planning (General Branch)/2023/20

### ବିଜ୍ଞାପନ

No.CAD–297:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ TP–1 (ମୌଜା–ପାଇକରାପୁର, ସିକ୍କୁପୁଟ, ସହଜପୁର, ନାରଗୋଦା)ରେ ରୟତମାନଙ୍କର ଜମିର ସୀମା ନିର୍ଦ୍ଧାରଣ କାର୍ଯ୍ୟ ଆରମ୍ଭ କରିଦିଆଯାଇଛି । ମୌଜାର ରୟତମାନଙ୍କୁ ଅନୁରୋଧ ସେମାନେ ସରଜମିନରେ ଉପସ୍ଥିତ ରହି ଦଖଲ ନେବେ । ଏହି ମର୍ମରେ ମୌଜା ପାଇକରାପୁର, ସିକ୍କୁପୁଟ, ସହଜପୁର, ନାରଗୋଦା (TP–1) ଅନ୍ତର୍ଗତ ରୟତମାନଙ୍କର ଜମିର ସୀମା ନିର୍ଦ୍ଧାରଣ ଏବଂ ତତ୍ ସଂଲଗ୍ନ ଦଖଲ ନିମ୍ନମତେ ସୂଚାଇ ଦିଆଯାଇଥିବା ସାରଣୀ ମୁତାବକ ସକାଳ ୭ ଘଟିକାରୁ ଦିବା ୧୧ ଘଟିକା ମଧ୍ୟରେ କରାଯିବ । ମୌଜାର ରୟତମାନଙ୍କୁ ଅନୁରୋଧ ସେମାନେ ସରଜମିନରେ ଉପସ୍ଥିତ ରହି ନିଜ ନିଜ ଜମିର ଦଖଲ ନେବାରେ କର୍ତ୍ତୃପକ୍ଷଙ୍କୁ ସାହାଯ୍ୟ କରିବା ହେବେ ।
ଖତିୟାନରେ ଲେଖାଥିବା ସମସ୍ତ ରୟତମାନେ ସରଜମିନରେ ଉପସ୍ଥିତ ରହିବା ନିତାନ୍ତ ଆବଶ୍ୟକ । ସମସ୍ତ ରୟତମାନଙ୍କୁ ଅନୁରୋଧ ସେମାନେ ନିଜ ନିଜ ଆଧାରକାର୍ଡର original ଏବଂ ଏକ xerox copy ସାଙ୍ଗରେ ନେଇ ସରଜମିନରେ ଉପସ୍ଥିତ ରହିବା ହେବେ ।

| କ୍ରମିକ ସଂଖ୍ୟା | ମୌଜାର ନାମ | Block ନମ୍ବର | Block କ୍ରମରେ TP ପ୍ଲଟ ନମ୍ବର | ଦଖଲ ହସ୍ତାନ୍ତର ତାରିଖ |
|---|---|---|---|---|
| 1. | ପାଇକରାପୁର (TP–1) | 91 | 1570,1590+1591,1577,1578,1571/1,1571/2,1693+1767 | 24.04.2023 |
| 2. | | 43 | 1719,1705,1706,1707,1715,1708/2,1708/3,1713,1714 | |
| 3. | | 84 | 1899/2,2497/2,2498/2,1799,1816 | 25.04.2023 |
| 4. | | 85 | 1798,1905/2,1897,1899/5,1899/3,1899/6 | |
| 5. | | 80 | 1538,1537/2,1640/14,1640/7,1532,1623/1,1622,1530, 1533 | 26.04.2023 |
| 6. | | 83 | 1660,1636,1632,1635,1633,1634,1656,1658, 1804,1798,1651,1650,1657/1 | |
| 7. | | 71 | 1419/3,1419/4,1419/2,1400+1427,1402,1411/2,1420 | 27.04.2023 |
| 8. | | 62 | 1399+1403,1485,1481,1483,1482,1484,1418,1406,1404 | |
| 9. | | 4 | 2482,2486,2487,2290,2289/2,2492,2482 | |
| 10. | | 6 | 1886,1876,1872 | 28.04.2023 |
| 11. | | 7 | 1873,1878/3,1878/1,1865+1877,1870/1+1870/2+1871 + 1878/2 | |
| 12. | | 8 | 1861,1862,1863+1864,1860,1859/1 | |
| 13. | | 40 | 1681/1,1755,1750,1575,1685/3,1685/2,1685/1,1680, 1679,1681/2 | 29.04.2023 |
| 14. | | 41 | 1736,1737/2,1686,1683,1684/3,1684/1,1684/2,1687,1 691, 1689,1690,1688,1735/2 | |
| 15. | | 87 | 1785,1910,1911,1909/4,1909/3,1909/2,2497/1,2498/1, 2497/2,1915/2,1906,1907,1786/2,1788, 1786/1 | 01.05.2023 |
| 16. | | 86 | 1497+1661,1793/2,1792/2,1793/8,1793/3,1793/4,1793/5 , 1793/6,1793/7 | |
| 17. | ସିକ୍କୁପୁଟ (TP–1) | 26 | 818,1051,1042,1020/3,1020/2 | 02.05.2023 |
| 18. | | 27 | 814,816,816,817/2,817/1,811,809,810,793,794,792 | |
| 19. | | 28 | 807,806,791,808 | 03.05.2023 |
| 20. | | 29 | 796,790,789,787/2+787/3,787/1 | |
| 21. | | 30 | 749,750,752,751,747,798/2,797,748,776,777 | |
| 22. | ସହଜପୁର (TP–1) | 2 | 203,202,201,199,198/2,204,286/1 | 04.05.2023 |
| 23. | | 3 | 150,151,152,149,148,147,145 | |
| 24. | | 4 | 142/2,139,138+141,140,143,137,200 | |
| 25. | | 7 | 133,136,197,206/3,197,156,153,154,155,186,194, 195,196 | 06.05.2023 |
| 26. | | 10 | 42,39/3,39/2,37/2,37/1,37/3,37/4,38,102,71,72 | |
| 27. | | 11 | 65,62,61,59,56,58,46,47,48,41/2,41/3,45,39/4,43,44 | 08.05.2023 |
| 28. | | 15 | 185,134/3,134/1,176,177,183,172,173,181,158,182 | |
| 29. | | 16 | 128/1,129,128/2,128/3,130/2,130/1,135,134/2,161,160 | 09.05.2023 |
| 30. | | 21 | 237,238,169,83,228,236,255,239 | |
| 31. | | 22 | 117/3,117/1,117/2.,126,120,127,118,119/2,164 | |
| 32. | | 26 | 49,52,51+53,55+57,7,8/1/1,11/3,11/2,17/3,17/7,17/6,1 7/2, 18,17/4,17/5,8/2,8/3,8/4,17/1,50,54 | 10.05.2023 |
| 33. | | 27 | 2, 3, 10, 8/1/2, 9, 11/1, 16, 24/3, 248/2, 13, 12 | |
| 34. | ନାରଗୋଦା (TP–1) | 20 | 471,464,317,470,469,468,466,467,463/3 | 11.05.2023 |
| | | 23 A | 591 | |
| | | 25 A | 554,559 | |
| 35. | | 8 | 306/1, 306/2, 298, 331/6, 331/1, 331/4, 331/5, 331/3, 331/2; 336, 297/3, 297/2, 297/1 | 12.05.2023 |
| 36. | | 10 | 315, 314, 313, 312; 303, 300+308, 295, 294 | |
| 37. | | 9 | 299,304,305/1,305/2,296 | 15.05.2023 |
| 38. | | 12 | 644,645,653,652,646/1,650,646/2; | |
| 39. | | 1 | 630, 631, 633/1, 633/2, 634, 651/2, 661/1, 661/2 | |

ସ୍ୱା./–ସଚିବ
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0038/2324



## BOARD OF REVENUE:ODISHA:CUTTACK
(ESTABLISHMENT SECTION)
No. XV-E-05/2023-1489/Estt. Dated 21.04.2023

### SHORT TENDER NOTICE

**No.F-30:**Board of Revenue, Odisha, Cuttack invites tender for providing services of 78(Seventy Eight) numbers of Multitasking Court Assistants (MCA) in respect of the 39 Revisional courts under the Board of Revenue, Odisha. Cuttack on outsourcing basis. The details of the tender documents are available in Board of Revenue website https://boardodisha.nic.in. The interested parties are requested to visit the website.
The last date of apply for the tender is 06.05.2023, 04.00 P.M.

**Sd./- Additional Secretary, Estt.**
OIPR-24002/11/0003/2324



## OFFICE OF THE BASUDEVPUR MUNICIPALITY, BHADRAK
No.-1774 Date:24.04.2023

### E-Procurement Notice
**Bid Identification No.BM_TCN_01_2023-24**

**No.C-151:**Bid Documents consisting of Work, Estimated Cost, Cost of Tender Paper, EMD, Time of completion, Class of contractors and the set of terms and conditions or contract and other necessary documents can be seen in Govt. website i.e. https://tendersodisha.gov.in/nicgep/app.

1. Name of the Work : Civil Const works as mentioned in DTCN
2. No. of works : 01 no.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 26.04.2023(10 A.M.) to 03.05.2023
6. Last date and time for receipt : 03.05.2023 up to 5.00 P.M.
7. Bids received online shall be opened on : 04.05.2023 from 11 A.M. onwards
8. Name and address of the Officer Inviting Bid : Executive Officer, Basudevpur Municipality

**Sd./- Executive Officer**
**Basudevpur Municipality**
OIPR-13135/11/0001/2324



## OFFICE OF THE DISTRICT MANAGER
## ODISHA STATE CIVIL SUPPLIES CORPORATION LTD. (OSCSC)
GANJAM DISTRICT
Phone: 06811-263931, District Website: www.ganjam.nic.in
Tender No. 2441 Dt.23.04.2023

No. CAD-296: District Manager, Odisha State Civil Supplies Corporation Ltd., Ganjam District invites tendrs in Double Cover System through ONLINE MODE ONLY for the works below:

| | | |
|---|---|---|
| 1 | Name of the work | Selection and appointment of Level-I Trnasport Contractor for transportation of Food Grains from FSD, FCI to RRCs |
| 2 | Availability of Bid document in the portal | From Date: 24.04.2023 |
| 3 | Last date/time for receipt of bids in the portal | Dt.08.05.2023 upto 5.00 P.M. |
| 4 | Date/time of Opening of Technical Bid | Dt.09.05.2023 upto 11.00 A.M. |
| 5 | Name and adderss of the Officer Inviting Tender | District Manager, OSCSC Ltd., Ganjam District. |

Tender documents & other details can be seen form the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website. Amendments/corrigendum/cancellation/retenders etc. if any shall be published only in above websites.

**Sd./- District Manager**
**OSCSC Ltd., Ganjam, Chatrapur**



## OFFICE OF THE DISTRICT MANAGER
## ODISHA STATE CIVIL SUPPLIES CORPORATION LTD. (OSCSC)
GANJAM DISTRICT
Phone: 06811-263931, District Website: www.ganjam.nic.in
Tender No. 2442 Dt.23.04.2023

District Manager, Odisha State Civil Supplies Corporation Ltd., Ganjam District invites tendrs in Double Cover System through ONLINE MODE ONLY for the works below:

| | | |
|---|---|---|
| 1 | Name of the work | Selection and appointment of Handling Contractor (Labour Works) for Handling of Foodgrains (Rice, Wheat) at the RRCs (except in those PEG godowns where godown owner is undertaking handling work) in the district of the State of Odisha. |
| 2 | Availability of Bid document in the portal | From Date: 24.04.2023 |
| 3 | Last date/time for receipt of bids in the portal | Dt.08.05.2023 upto 5.00 P.M. |
| 4 | Date/time of Opening of Technical Bid | Dt.09.05.2023 upto 11.00 A.M. |
| 5 | Name and adderss of the Officer Inviting Tender | District Manager, OSCSC Ltd., Ganjam District. |

Tender documents & other details can be seen form the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website. Amendments/corrigendum/cancellation/retenders etc. if any shall be published only in above websites.

**Sd./- District Manager**
**OSCSC Ltd., Ganjam, Chatrapur**
OIPR-07034/11/0001/2324



See Career Appointment on every Wednesday & Saturday



## WORLD SKILL CENTER
Block-B, Sector-A Tower, 2010, Mancheswar Industrial Estate, Bhubaneswar - 751007, Country - India
Telephone/Fax: +91-674-2580079
Website: www.worldskillcenter.org
Email address: tenders@worldskillcenter.org

### TENDER CALL NOTICE FOR EMPANELMENT AND SELECTION OF FIRMS FOR SUPPLY OF CONSUMABLES AT SCHOOL OF SERVICES, WORLD SKILL CENTER, BHUBANESWAR

**Tender Enquiry No. WSC/Proc/EMP/SOS/2023-762 Date: 22.04.2023**

No. CAD-295: World Skill Center, a Government of Odisha Company, invites quotations for selection of firms for Empanelment with WSC for the Supply of Consumables for School of Services. The empanelment shall be made for a period of one year from the date of first purchase order from WSC, Bhubaneswar which may be extended for further period.
Eligible firms and agencies are requested to submit their quotations in prescribed application form. The detailed terms & conditions, eligibility etc are in the tender document which can be downloaded from the WSC website: **www.worldskillcenter.org/tender**. Proposals duly filled in and complete in all respects should reach the office of the Chief Executive Officer, World Skill Center at Mancheswar Industrial Estate, Bhubaneswar - 751007.
For any queries related to tender, please contact Mr. Chandan Kumar, GM (Procurement & Contract Management), World Skill Center, Bhubaneswar, Contact No. +91-9650607819, Email: **tenders@worldskillcenter.org**.

| | |
|---|---|
| Last Date & Time for Submission of Bids | 05.05.2023 at 03.00 P.M. IST |
| Date & Time of Opening of Bids | 05.05.2023 at 04.00 P.M. IST |

**Sd./- Chief Executive Officer**



## WORLD SKILL CENTER
Block-B, Sector-A Tower, 2010, Mancheswar Industrial Estate, Bhubaneswar - 751007, Country - India
Telephone/Fax: +91-674-2580079
Website: www.worldskillcenter.org
Email address: tenders@worldskillcenter.org

### TENDER CALL NOTICE FOR EMPANELMENT AND SELECTION OF FIRMS FOR PRINTING OF COURSE MATERIAL AT SCHOOL OF SERVICES, WORLD SKILL CENTER, BHUBANESWAR

**Tender Enquiry No. WSC/Proc/EMP/CM/2023-763 Date: 23.04.2023**

World Skill Center, a Government of Odisha Company, invites quotations for selection of firms for Empanelment with WSC for the Printing of Course Material. The empanelment shall be made for a period of one year from the date of first purchase order from WSC, Bhubaneswar which may be extended for further period.
Eligible firms and agencies are requested to submit their quotations in prescribed application form. The detailed terms & conditions, eligibility etc are in the tender document which can be downloaded from the WSC website: **www.worldskillcenter.org/tender**. Proposals duly filled in and complete in all respects should reach the office of the Chief Executive Officer, World Skill Center at Mancheswar Industrial Estate, Bhubaneswar - 751007.
For any queries related to tender, please contact Mr. Chandan Kumar, GM (Procurement & Contract Management), World Skill Center, Bhubaneswar, Contact No. +91-9650607819, Email: **tenders@worldskillcenter.org**.

| | |
|---|---|
| Last Date & Time for Submission of Bids | 04.05.2023 at 03.00 P.M. IST |
| Date & Time of Opening of Bids | 04.05.2023 at 04.00 P.M. IST |

**Sd./- Chief Executive Officer**
OIPR-44011/11/0007/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରିନି
ପରିବାରବର୍ଗ


ଗୁଗୁଲି
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପିପିସିର ନୂଆ ଟିମ୍

- ୫ ବରିଷ୍ଠ ଉପସଭାପତି, ୧୨ ଉପସଭାପତି, ୩୯ ସାଧାରଣ ସମ୍ପାଦକ, ୬୧ସମ୍ପାଦକ
- କୋଷାଧ୍ୟକ୍ଷ ସନ୍ତୋଷ ସିଂ ସାଲୁଜା
- ଗଣେଶ୍ୱର ପିସିସି ଗଣମାଧ୍ୟମ ଅଧ୍ୟକ୍ଷ

ଭୁବନେଶ୍ୱର,୨୪।୪(ବ୍ୟୁରୋ)

ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ନୂଆ ଟିମ୍ ଗଠନ କରିଛି । କଂଗ୍ରେସ ରାଜ୍ୟ ସଭାପତି ଦାୟିତ୍ୱ ନେବାର ପ୍ରାୟ ୧୧ମାସ ପରେ ଶରତ ପଟ୍ଟନାୟକ ନିଜର ୨୧୨ ଜଣିଆ ଟିମ୍ ଗଠନ କରିଛନ୍ତି । ଏହି ଟିମ୍‌ରେ ୫ ବରିଷ୍ଠ ଉପସଭାପତି, ୧୨ ଉପସଭାପତି, ୩୯ ସାଧାରଣ ସମ୍ପାଦକ, ୬୧ ସମ୍ପାଦକ ଓ ଜଣେ କୋଷାଧ୍ୟକ୍ଷ, ୬୭ଜଣିଆ କାର୍ଯ୍ୟକାରିଣୀ କମିଟ ସଦସ୍ୟ ଓ ୨୭ଜଣିଆ ମିଡିଆ ବିଭାଗ ସଦସ୍ୟ ରହିଛନ୍ତି । ସୋମବାର ପିସିସି ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଅନୁମୋଦନ କରିଛି। ନୂଆଟିମ୍‌ରେ ବରିଷ୍ଠ ଉପ ସଭାପତି ଭାବେ ଗଣେଶ୍ୱର ବେହେରା, ତାରା ପ୍ରସାଦ ବାହିନୀପତି, ଦେବାଶିଷ ପଟ୍ଟନାୟକ, ଶିବାନନ୍ଦ ରାୟ ଏବଂ ସରସ୍ୱତୀ ହେମ୍ବ୍ରମଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଉପସଭାପତି ଭାବେ ମମତା ମାଢୀ, ଅଧିରାଜ ମୋହନ ପାଣିଗ୍ରାହୀ, ରାଜେନ୍ଦ୍ର ଛତ୍ରିଆ, ବିଭୂତି ମିଶ୍ର, ସି.ଏସ ରାଜନ ଏକ୍କା, ଜାନକୀ ବଲ୍ଲଭ ପଟ୍ଟନାୟକ, କିଶୋର ଜେନା, ପ୍ରତିମା ମଲ୍ଲିକ, ଶୁଭେନ୍ଦୁ ମହାନ୍ତି, ବିଶ୍ୱଭୂଷଣ ଦାସ, ରଞ୍ଜିତ କୁମାର ଚୌଧୁରୀ ଏବଂ ନକୁଳ ନାଏକଙ୍କୁ ମନୋନୀତ କରାଯାଇଛି। କୋଷାଧ୍ୟକ୍ଷ ଭାବେ ସନ୍ତୋଷ ସିଂ ସାଲୁଜାଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଏକଜିକ୍ୟୁଟିଭ କମିଟିରେ ବରିଷ୍ଠ ନେତା ଶରତ ପଟ୍ଟନାୟକ, ନରସିଂହ ମିଶ୍ର, କାହ୍ନୁଚରଣ ଲେଙ୍କା, କେ.ପି. ସିଂଦେଓ, ରାମ ଚନ୍ଦ୍ର ଖୁଣ୍ଟିଆ, ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଭକ୍ତ ଚରଣ ଦାସ, ରାମଚନ୍ଦ୍ର ଖୁଣ୍ଟିଆ, ସପ୍ତଗିରି ଉଲାକା, ଶରତ ରାଉତ, ସୁଶୀଲା ତିରିଆ, ସୁରେଶ କୁମାର ରାଉତରାୟ, ରମେଶ ଜେନା, ମହମ୍ମଦ ମୋକିମ, ଦାଶରଥି ଗମାଙ୍ଗ, କିଶୋର ପଟେଲ, ଜଗନ୍ନାଥ ପଟ୍ଟନାୟକ, ଅମର ପ୍ରଧାନ, ଅନନ୍ତ ସେଠୀ, ଚିରଞ୍ଜୀବୀ ବିଶ୍ୱାଳଙ୍କ ସମେତ ୬୭ ଜଣଙ୍କୁ ସ୍ଥାନ ମିଳିଛି। ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଭାବେ ଗଣେଶ୍ୱର ବେହେରା ମନୋନୀତ ହୋଇଥିବା ବେଳେ ଦୀପକ ମହାପାତ୍ର ସଂଯୋଜକ ରହିଛନ୍ତି। ଏହି କମିଟିରେ ମୋଟ ୨୭ ଜଣ ସଦସ୍ୟ ରହିଛନ୍ତି।

# ବ୍ଲକ ବିଜେଡି ଉପସଭାପତି ବହିଷ୍କୃତ

ଭଦ୍ରକ ଅଫିସ/(ସ୍ୱ.ପ୍ର.),୨୪।୪

ଭଦ୍ରକ ବ୍ଲକ ବିଜେଡି ଉପସଭାପତି ତଥା କେଦାରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଭରତ ତ୍ରିପାଠୀଙ୍କୁ ଦଳରୁ ବହିଷ୍କୃତ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ ତାଙ୍କୁ ବହିଷ୍କୃତ କରିଛନ୍ତି। ପ୍ରକାଶ ଯେ, ଗତ ପଞ୍ଚାୟତ ନିର୍ବାଚନରେ ଭରତଙ୍କ ସ୍ତ୍ରୀ ସରପଞ୍ଚ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ହାରିଯିବା ପରେ ପ୍ରତିହିଂସା ପରାୟଣ ହୋଇ ପଞ୍ଚାୟତର ଉନ୍ନୟନ କାର୍ଯ୍ୟରେ ବିଭିନ୍ନ ସମୟରେ ବାଧା ସୃଷ୍ଟି କରୁଥିବା ସରପଞ୍ଚ ନମିତା ନାୟକ ବାରମ୍ବାର ଅଭିଯୋଗ କରିଆସୁଥିଲେ।



ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସୋମବାର ହାଓଡା ଜିଲାର ଏକ ବୈଠକରେ ଯୋଗ ଦେବା ଅବସରରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସ୍ୱାଗତ କରୁଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି ବିହାର ଉପ ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ।

# 'ବିରୋଧୀଙ୍କୁ ଅହଂକାର ଛାଡ଼ିବାକୁ ହେବ'

## ମମତାଙ୍କୁ ଭେଟିଲେ ନୀତୀଶ, ତେଜସ୍ୱୀ

କୋଲକାତା,୨୪।୪

୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ବିରୋଧୀ ଦଳଗୁଡ଼ିକୁ ଏକାଠି କରିବା ଲାଗି ଜାରି ରହିଥିବା ଉଦ୍ୟମ କ୍ରମେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ସୋମବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭେଟିଛନ୍ତି। ଜେଡିୟୁ, ଆର୍‌ଜେଡି ଏବଂ ଟିଏମ୍‌ସିର ଏହି ୩ ନେତାଙ୍କ ମଧ୍ୟରେ ଦୀର୍ଘସମୟ ରୁଦ୍ଧଦ୍ୱାର ବୈଠକ ହୋଇଥିଲା। ୨୦୨୪ ନିର୍ବାଚନରେ ଭାଜପାକୁ ପରାସ୍ତ କରିବା ଲାଗି ବିରୋଧୀ ନେତାମାନେ ସେମାନଙ୍କର ବ୍ୟକ୍ତିଗତ ଅହଂ ଭାବ ତ୍ୟାଗକରି ଏକାଠି ହେବା ଉପରେ ମମତା ଓ ନୀତୀଶ ଜୋର ଦେଇଥିଲେ। ବିରୋଧୀ ନେତାମାନେ ଏକାଠି ବସି ଆସନ୍ତାବର୍ଷ ନିର୍ବାଚନ ପାଇଁ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ। ସବୁ ବିରୋଧୀଙ୍କୁ ନିର୍ବାଚନ ପାଇଁ ଏକାଠି କରିବା ଉପରେ ଆଲୋଚନା ହୋଇଥିବା ନୀତୀଶ କହିଛନ୍ତି। ଭାଜପା ହିରୋରେ ପରିଣତ ହୋଇଛି, ଯାହାକୁ ଜିରୋରେ ବଦଳାଇବାକୁ ପଡ଼ିବ ବୋଲି ବିହାର ମୁଖ୍ୟମନ୍ତ୍ରୀ କହିବା ସହ ବ୍ୟକ୍ତିଗତ ଅହଂକାରର ପ୍ରଶ୍ନ ଉଠୁନାହିଁ ବୋଲି କହିଥିଲେ। ନୀତୀଶ କିଛିଦିନ ହେଲା ବିରୋଧୀ ନେତାମାନଙ୍କ ସହ ମେଣ୍ଟ ଗଠନ ନେଇ ଆଲୋଚନା ଚଳାଇଛନ୍ତି। ଟିଏମ୍‌ସି ନେତ୍ରୀ ମଧ୍ୟ ବିଭିନ୍ନ ନେତାଙ୍କ ସହ ଆଲୋଚନା କରୁଛନ୍ତି। ଏହି ଆଲୋଚନା ଆଗାମୀ ଦିନରେ ଜାରି ରହିବ ବୋଲି ମମତା କହିଛନ୍ତି।

ଜେଡିୟୁ ମୁଖ୍ୟ କହିଥିଲେ, ଦେଶର ଭଲ ପାଇଁ ଆମକୁ ଏକାଠି କାମ କରିବାକୁ ହେବ। ଶାସନ କ୍ଷମତାରେ ଥିବା ନେତାମାନେ କେବଳ ପ୍ରଚାରସର୍ବସ୍ୱ। ସେମାନେ ଦେଶର ଇତିହାସକୁ ବଦଳାଇଦେଉଛନ୍ତି। ବିରୋଧୀ ଦଳଗୁଡ଼ିକ ଏକାଠି ରହିଛନ୍ତି ବୋଲି ଏକ ବାର୍ତ୍ତା ପଠାଇବାକୁ ହେବ ବୋଲି ଟିଏମ୍‌ସି ନେତ୍ରୀ କହିଥିଲେ। ଜୟପ୍ରକାଶଜୀଙ୍କ ଆନ୍ଦୋଳନ ବିହାରରୁ ଆରମ୍ଭ ହୋଇଥିଲା। ଯଦି ସର୍ବଦଳୀୟ ବୈଠକ ବିହାରରେ ହୁଏ, ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ସେଠାରେ ଆମେ ନିଷ୍ପତ୍ତି ନେଇପାରିବା ବୋଲି ମମତା କହିଥିଲେ।

# ପୂର୍ବାପେକ୍ଷା ଚାଷୀଙ୍କ ଆୟ କମିଛି: କଂଗ୍ରେସ

ଭୁବନେଶ୍ୱର, ୨୪।୪(ବ୍ୟୁରୋ)

ଓଡ଼ିଶା ସରକାର କୃଷକଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ବହୁ ସମୟରେ ପ୍ରତିଶ୍ରୁତି ଦେଇଛନ୍ତି। ଏପରିକି ୨୦୧୨-୧୩ରେ ଖୋଦ୍ ମୁଖ୍ୟମନ୍ତ୍ରୀ ପ୍ରକାଶ କରି କହିଥିଲେ, ସାରା ଭାରତ ବର୍ଷରେ ଓଡ଼ିଶା ଏକମାତ୍ର ରାଜ୍ୟ, ଯେଉଁଠି କୃଷକଙ୍କ ଆୟକୁ ସରକାର ଦ୍ୱିଗୁଣିତ କରିଛନ୍ତି। କିନ୍ତୁ ବାସ୍ତବ ଚିତ୍ର ଆଜି ଯାହା ବର୍ଣ୍ଣନା କରୁଛି ତାହା ରାଜ୍ୟର ନବୀନ ସରକାରଙ୍କର ଦମ୍ଭୋକ୍ତି ଏକ ବୃଥା ଆସ୍ଫାଳନ ବୋଲି କଂଗ୍ରେସ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି। କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରଜନୀ କହିଛନ୍ତି, ୨୦୧୨-୧୩ରୁ ଆରମ୍ଭ କରି ୨୦୨୨-୨୩, ଏହି ୧୦ ବର୍ଷରେ ରାଜ୍ୟର କୃଷକ ପରିବାରର ମାସିକ ଆୟ ଦ୍ୱିଗୁଣିତ ହେବା ପରିବର୍ତ୍ତେ ୨୦୧୨-୧୩ ଆୟ ଠାରୁ ୩ ଟଙ୍କା କମିଛି। ତଥ୍ୟ ଆଧାରରେ ୨୦୧୨-୧୩ରେ ଓଡ଼ିଶାର ଏକ କୃଷକ ପରିବାରର ମାସିକ ଆୟ ୪୯୫୩ ଟଙ୍କା ଥିଲା। କିନ୍ତୁ ୨୦୨୨ରେ ରାଜ୍ୟର ଏକ କୃଷକ ପରିବାରର ବାର୍ଷିକ ଆୟ ୫୯,୪୪୦ ଟଙ୍କା ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଏହି ହିସାବ ଅନୁପାତରେ ଗୋଟେ କୃଷକ ପରିବାର ମାସକୁ ଆୟ ୪୯୫୦ ଟଙ୍କା ପାଖାପାଖି ଅଟେ। ଅର୍ଥାତ ଏହି ଦଶ ବର୍ଷ ଭିତରେ ନବୀନ ପଟ୍ଟନାୟକ ସରକାର କୃଷକମାନଙ୍କର ଆୟ ଦ୍ୱିଗୁଣିତ କରିବାରେ ସଫଳ ହୋଇନାହାନ୍ତି ବୋଲି ଏହି ତଥ୍ୟରୁ ସ୍ପଷ୍ଟ ପ୍ରମାଣିତ ହେଉଛି ବୋଲି ରଜନୀ କହିଛନ୍ତି।


## HAPPY BIRTHDAY



Archita Mishra (Rini)
(Founder) Admn
"24X7 Always Alert Social Group"
ଜନ୍ମ ବାର୍ଷିକ ଅବସରରେ ଭଗବାନ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ଆପଣଙ୍କ ଚଲାପଥ କୁସୁମିତ ହେବା ସହିତ ଆପଣଙ୍କ ଏକମାତ୍ର ପୁତ୍ର ଶ୍ରୀ ଶିବାଶିଷ ନନ୍ଦଙ୍କର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ଏବଂ ଆପଣ ଓ ଆପଣଙ୍କ ପରିବାର ଦୀର୍ଘାୟୁ ହୁଅନ୍ତୁ। ଆପଣଙ୍କ ଆଶୀର୍ବାଦ ଆମ ସଂଗଠନ ସହିତ ଯୋଡ଼ିହୋଇ ରହୁ।
ଶୁଭେଚ୍ଛା ସହ: (କର୍ମଚାରୀ ବୃନ୍ଦ)
Mob. No.- 9861375760
ଧ-୦୧୬୪


# ଏସ୍‌ଟି ଆୟୋଗ ସଭ୍ୟ ଅନନ୍ତ ନାୟକଙ୍କ କାର୍ଯ୍ୟକ୍ରମ ବାତିଲ କରାଯାଉ

## ସିଇଓଙ୍କୁ ଫେରାଦ ହେଲା ବିଜେଡି

ଭୁବନେଶ୍ୱର, ୨୪।୪(ବ୍ୟୁରୋ)

ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଜାତୀୟ ଅନୁସୂଚିତ ଜନଜାତି(ଏସ୍‌ଟି) ଆୟୋଗ ସଭ୍ୟ ଅନନ୍ତ ନାୟକଙ୍କ ଝାରସୁଗୁଡ଼ାରେ ବୈଠକ ଓ କାର୍ଯ୍ୟକ୍ରମକୁ ବାତିଲ କରାଯାଉ ବୋଲି ବିଜେଡି ଦାବି କରିଛି। ସୋମବାର ଏହି ପ୍ରସଙ୍ଗରେ ବିଜେଡିର ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଫେରାଦ ହୋଇ ସ୍ମାରକପତ୍ର ପ୍ରଦାନ କରିଛି। ଦଳ ପକ୍ଷରୁ କୁହାଯାଇଛି ଯେ, ଆସନ୍ତା ମେ' ୧୦ ତାରିଖରେ ଝାରସୁଗୁଡ଼ା ବିଧାନସଭା ଆସନ ଲାଗି ଉପନିର୍ବାଚନ ଅନୁଷ୍ଠିତ ହେବ। ଏବେ ଝାରସୁଗୁଡ଼ାରେ ଆଦର୍ଶ ନିର୍ବାଚନ ଆରଚଣ ବିଧି ଲାଗୁ ହୋଇଛି। ମାତ୍ର ଜାତୀୟ ଜନଜାତି ଆୟୋଗର ସଭ୍ୟ ଥିବା ଅନନ୍ତ ନାୟକ ଝାରସୁଗୁଡ଼ା ଯାଉଛନ୍ତି ଏବଂ ସେଠାରେ ତାଙ୍କର ଏକ ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ଥିବା ଜଣାପଡ଼ିଛି। ନାୟକ ଅତୀତରେ ଜଣେ ଭାଜପା ନେତା ଥିଲେ ଏବଂ କେନ୍ଦୁଝର ଆସନରୁ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ଏବେ ସେ ଜାତୀୟ ଜନଜାତି ଆୟୋଗର ସଭ୍ୟ ଭଳି ଏକ ସମ୍ମାନଜନକ ସାମ୍ବିଧାନିକ ପଦରେ ଅଛନ୍ତି। ତେଣୁ ଏହି ସମୟରେ ସେ ଝାରସୁଗୁଡ଼ାରେ କୌଣସି ବୈଠକରେ ଯୋଗଦେବାର କୌଣସି ଯଥାର୍ଥତା ନାହିଁ। ଏପରି କଲେ ତାହା ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ ବୋଲି ଧରାଯିବ। ଉପନିର୍ବାଚନ ଶେଷ ହେବା ପରେ ନାୟକ ଝାରସୁଗୁଡ଼ା ଗସ୍ତ କରିପାରିବେ। ସେଠାରେ ଯେକୌଣସି ସ୍ଥାନରେ ବୈଠକ କଲେ ଆମର କୌଣସି ଆପତ୍ତି ରହିବ ନାହିଁ। ତେଣୁ ତାଙ୍କୁ ଏବେ ଝାରସୁଗୁଡ଼ାରେ କୌଣସି ବୈଠକରେ ଯୋଗଦେବାର ଅନୁମତି ପ୍ରଦାନ ନ କରିବାକୁ ବିଜେଡି ପକ୍ଷରୁ ସିଇଓଙ୍କୁ ଅନୁରୋଧ କରାଯାଇଛି। ବିଜେଡି ପ୍ରତିନିଧି ଦଳରେ ଲେନିନ୍ ମହାନ୍ତି, ମଧୁସ୍ମିତା ନାୟକ, ସ୍ୱାଗତିକା ମହାନ୍ତି ପ୍ରମୁଖ ସାମିଲ ଥିଲେ।



ସିଇଓଙ୍କୁ ଦାବିପତ୍ର ଦେଉଛନ୍ତି ବିଜେଡି ପ୍ରତିନିଧି ଦଳ।

# ମଇଦାନରେ ୯ ପ୍ରାର୍ଥୀ

## ଝାରସୁଗୁଡ଼ା ଉପନିର୍ବାଚନ

### ପ୍ରାର୍ଥୀପତ୍ର ପ୍ରତ୍ୟାହାର କଲେ ଭୁବନେଶ୍ୱର ଗର୍ତିଆ

ଭୁବନେଶ୍ୱର, ୨୪।୪(ବ୍ୟୁରୋ)

ଝାରସୁଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ହେବାକୁ ଥିବା ଉପନିର୍ବାଚନ ପାଇଁ ସମୁଦାୟ ୧୦ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ । ସୋମବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାର ଶେଷ ଦିନ ଥିଲା । ଭୁବନେଶ୍ୱର ଗର୍ତିଆ ନାମକ ଜଣେ ପ୍ରାର୍ଥୀ ତାଙ୍କର ପ୍ରାର୍ଥୀପତ୍ର ଶେଷ ଦିନରେ ପ୍ରତ୍ୟାହାର କରିନେଇଛନ୍ତି। ଉପନିର୍ବାଚନ ମଇଦାନରେ ୯ ଜଣ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି। ଭାଜପାର ଟଙ୍କଧର ତ୍ରିପାଠୀ, କଂଗ୍ରେସର ତରୁଣ ପାଣ୍ଡେ, ବିଜେଡିର ଦୀପାଳି ଦାସ, ଓଡ଼ିଶା ପ୍ରଗତି ଦଳର ଜନ୍ମା ରୋହିଦାସ, ଓଡ଼ିଶା ଜନତା ପାର୍ଟିର ମନୀଷ ଶର୍ମା, କଳିଙ୍ଗ ସେନାର ମହିନ୍ଦ୍ର ପଟ୍ଟନାୟକ, ସ୍ୱାଧୀନ ପ୍ରାର୍ଥୀ ବିଜୟ କୁମାର ଜାଲାନ, ସ୍ୱାଧୀନ ପ୍ରାର୍ଥୀ ମହେନ୍ଦ୍ର ଲୁହା ଓ ସ୍ୱାଧୀନ ପ୍ରାର୍ଥୀ ଜ୍ଞାନେନ୍ଦ୍ର ବେହେରା ପ୍ରମୁଖ ଝାରସୁଗୁଡ଼ା ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ କରାଯାଇଛି।

# ବରେଇପାଲି ଥାନାଧିକାରୀଙ୍କ ରିପୋର୍ଟ ଚିନ୍ତାଜନକ: ପୂଜାରୀ

ଭୁବନେଶ୍ୱର, ୨୪।୪(ବ୍ୟୁରୋ)

ହନୁମାନ ଜୟନ୍ତୀ ପାଳନ ଅବସରରେ ସମ୍ବଲପୁରରେ ଘଟି ଯାଇଥିବା ହିନ୍ଦୁ ବିରୋଧୀ ହିଂସାକାଣ୍ଡ ଓ ଦଙ୍ଗା ସମଗ୍ର ରାଜ୍ୟବାସୀଙ୍କୁ ଚକିତ କରିଛି। ସମ୍ବଲପୁର ଦଙ୍ଗା ଓ ହିଂସାକାଣ୍ଡକୁ ନେଇ ବରେଇପାଲି ଥାନାଧିକାରୀ ଏକ ପ୍ରାଥମିକ ରିପୋର୍ଟ ପ୍ରଦାନ କରିଛନ୍ତି। ହିଂସାକାଣ୍ଡ ଭିଆଇଥିବା ଦଙ୍ଗାକାରୀଙ୍କ ରାଷ୍ଟ୍ରବିରୋଧୀ ସ୍ଲୋଗାନ ଅତ୍ୟନ୍ତ ଚିନ୍ତାଜନକ। ଦଙ୍ଗାକାରୀମାନେ ସମ୍ବଲପୁରର ଉକ୍ତ ଅଞ୍ଚଳକୁ ପଡ଼ୋଶୀ ପାକିସ୍ତାନ ସହ ତୁଳନା କରିଥିଲେ। ଅର୍ଥାତ ଭାରତ ଭିତରେ ପାକିସ୍ତାନ ତିଆରି କରାଯାଉଛି, ଯାହାକି ସାରା ରାଜ୍ୟବାସୀଙ୍କୁ ବିଚଳିତ କରିଛି। ଏହାସହ ସମ୍ବଲପୁରରେ ରାଷ୍ଟ୍ର ବିରୋଧୀ ଶକ୍ତିମାନଙ୍କ ଉପସ୍ଥିତିକୁ ମଧ୍ୟ ସ୍ପଷ୍ଟ ପ୍ରମାଣିତ କରୁଛି ବୋଲି ବରଗଡ ଏମ୍‌ପି ସୁରେଶ ପୂଜାରୀ କହିଛନ୍ତି। ଝାରସୁଗୁଡାଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୁରେଶ କହିଛନ୍ତି, ପଡୋଶୀ ପଶ୍ଚିମବଙ୍ଗ ବର୍ତ୍ତମାନ ରାଷ୍ଟ୍ର ବିରୋଧୀ କାର୍ଯ୍ୟର ଅନ୍ତୁଡିଶାଳ ପାଲଟିଛି। ସମ୍ବଲପୁରର ମୋତିଝରନ ଠାରୁ ପଶ୍ଚିମବଙ୍ଗରେ ଆତଙ୍କବାଦର ଅନ୍ତୁଡିଶାଳ ମୁର୍ଶିଦାବାଦକୁ ପ୍ରତିଦିନ ବସ୍ ଚଳାଚଳ କରୁଥିଲେ ବି ଜିଲା ପୋଲିସ ପ୍ରଶାସନ ତରଫରୁ ଯାତ୍ରୀଙ୍କ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିବାର ଚେଷ୍ଟା କରାଯାଉନାହିଁ।


# Classified Everyday
0674-2580101, 2549949


REAL ESTATE
SALE

ଅନୁଗୁଳ, ଛେଣ୍ଡିପଦା ଅଞ୍ଚଳରେ ପଟ୍ଟାଥାଇ ବାସଉପଯୋଗୀ ପ୍ଲଟ କିଣିବା ପାଇଁ ଯୋଗାଯୋଗ କରନ୍ତୁ। 9437621753. D-75102

Plot for sale in and around Bhubaneswar investment commercial and residential. 9777345831. D-71052

Well developed gharabari yellow zone plot for sale. Kantabada-1250, Vola- 1350, Ranga Bazar- 650. Contact: 9439702573, 7978236408. D-0133

Fully developed gated Society 30ft. each road, electricity, plantation, few plots available at Nakhara- 9439363944. D-74848

30' Revenue ରୋଡ୍‌କୁ ଲାଗି gharabari yellowzone boundarywall plot (1200, 1500, 1800) ନେଇ ତୁରନ୍ତ ଘର କରନ୍ତୁ। Mouza- Jujhagarha near KIIT Campus, Bhubaneswar, Direct owner- 9437033320. D-74845

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


CONSTRUCTION

Construct your home @ 499/-, 1340/- with branded materials includes architecture, structure 3years FMC, provide BDA plan approval, boring, interiorwork- SNV Construction. 9439295469. D-74842

### ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




SPA head to foot body point only massages best Therapist Gents & Lady Senior Citizen @999/- Bhubaneswar- 9337672475. D-0171

Newly open SPA positively health benefits with expert therapist. 7849011931. D-73698

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74674

Newly open health benefits SPA special offer @799 Jaydev Vihar. 8018429809. D-73700

Relax, Refresh your body, Mind at Saikrupa Spa with best therapies. 8984068077. D-0145

Newly open health benefits Spa special offer @999 Nayapalli. 7846814019. D-75101

All type of professional full body massage by professional therapist at Rajmahal @ 999. Contact: 7855053566. D-0078

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି
### ଦ୍ୱାଦଶାହ ଉପଲକ୍ଷେ



✓ସାବିତ୍ରୀ ଦେବୀ
ଇଛଦା, ଧାମନଗର, ଭଦ୍ରକ
ଆବିର୍ଭାବ: ୨୫.୦୩.୧୯୨୫
ତିରୋଧାନ: ୧୪.୦୪.୨୦୨୩
(ମହା ବିଷୁବ ସଂକ୍ରାନ୍ତି)
ଆଜିକି ବାରଦିନ ହେଲା, ଆମକୁ ଛାଡି ଦିବ୍ୟଧାମକୁ ଚାଲିଗଲ । ଆପଣଙ୍କ ସ୍ନେହ, ଶ୍ରଦ୍ଧା, ନିଷ୍ଠା, ଆଦର୍ଶ କର୍ତ୍ତବ୍ୟ ପରାୟଣତା ଓ ସେବା ଆମମାନଙ୍କ ଜୀବନର ପ୍ରେରଣାର ଉତ୍ସ ହେଉ । ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ
ଝିଅ ଓ ଜ୍ୱାଇଁ, ପୁତ୍ର ଓ ପୁତ୍ରବଧୂ, ନାତି ଓ ନାତୁଣୀ, ବନ୍ଧୁ ଓ ପରିବାରବର୍ଗ
ଧ-୭୪୮୪୭

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଫ୍ୟାଶନ

# ସାଲୱାର ସୁଟ୍

ଖରାଦିନେ ସାଲୱାର ସୁଟ୍ ପିନ୍ଧିବା ଯେମିତି ଆରାମଦାୟକ ସେମିତି ମଧ୍ୟ ଷ୍ଟାଇଲିଶ୍। ତେଣୁ ଏହି ଋତୁରେ କେଉଁ କେଉଁ ପ୍ରକାର ସାଲୱାର ସୁଟ୍ ଟ୍ରେଣ୍ଡରେ ରହିଛି ଜାଣି ରଖନ୍ତୁ...




■ଖରାଦିନେ ପଟିଆଲା ଷ୍ଟାଇଲ୍‌ର ସାଲୱାର ସୁଟ୍ ବେଶ୍ ପସନ୍ଦ ହୋଇଥାଏ। ଏହି ଷ୍ଟାଇଲ୍ ଏଭରଗ୍ରୀନ୍ କହିଲେ ବି ଭୁଲ୍ ହେବନାହିଁ। ଏହି ପ୍ରକାର ସୁଟ୍ ପିନ୍ଧି ଆପଣ ଡ୍ରେସ୍ ସହ ମ୍ୟାଚିଂ କାନଫୁଲ ଲଗାଇ ନିଜର ଏକ ଭିନ୍ନ ଲୁକ୍ ଦେଇପାରିବେ।

■ଅନାରକଲୀ ସୁଟ୍ ଦେଖିବା ପାଇଁ ବେଶ୍ ଷ୍ଟାଇଲିଶ୍। ଖରାଦିନେ ଏହାର ଟ୍ରେଣ୍ଡ ବି ବେଶ୍ ରହିଛି। ତେଣୁ ବିଭିନ୍ନ ଡିଜାଇନ ଅନାରକଲୀ ଡ୍ରେସ୍ ପିନ୍ଧି ଆପଣ ଅଫିସ୍, ପାର୍ଟି ସବୁ ସ୍ଥାନକୁ ଯାଇପାରିବେ।

■ଧଳାରଙ୍ଗର ସାଲୱାର ସୁଟ୍ ଖରାଦିନେ ବେଶ୍ ଭଲ ଲାଗେ ଏବଂ ଏହା ପିନ୍ଧିବା ପାଇଁ ଆରାମଦାୟକ ମଧ୍ୟ। ତେବେ ଧଳାରଙ୍ଗର ସାଲୱାର ସହ ମଲ୍‌ଟି କଲରର ଦୁପଟ୍ଟା ବେଶ୍ ଆକର୍ଷଣୀୟ ଲାଗିବ।

■ଆଜିକାଲି ଫ୍ୟାଶନ ଟ୍ରେଣ୍ଡରେ ପ୍ଲାଜୋ ଡ୍ରେସ୍‌ର ଖୁବ୍ ଚାହିଦା ରହିଛି। ସାଲୱାର ସୁଟ୍‌ର ଏହି ଡିଜାଇନ୍ ଏକ କ୍ଲାସିକ୍ ଲୁକ୍ ଦେଇଥାଏ। ପ୍ଲାଜୋ ସହିତ ସର୍ଟ୍ କୁର୍ତ୍ତା ବେଶି ଭଲ ଲାଗିଥାଏ। ନଚେତ୍ ଆପଣ ଚାହିଁଲେ ଲଙ୍ଗ୍ କୁର୍ତ୍ତା ମଧ୍ୟ ପିନ୍ଧିପାରିବେ। ଏହି ପୋଷାକ ଢିଲା ଥିବାରୁ ଖରାଦିନେ ପିନ୍ଧିବା ପାଇଁ ଫ୍ୟାଶନେବଲ ହେବା ସହିତ ପିନ୍ଧିବା ପାଇଁ ବେଶ୍ ଆରାମଦାୟକ।

# ଖରାରେ ରୁହନ୍ତୁ ଫିଟ୍

ଖରାଦିନେ ନିଜକୁ ସୁସ୍ଥ ଓ ଫିଟ୍ ରଖିବା ପାଇଁ ହେଲେ ନିଜର ଡେଲି ରୁଟିନ୍‌ରେ କିଛି କଥା ପ୍ରତି ଧ୍ୟାନଦେବାକୁ ହେବ। ତେବେ ଜାଣିରଖନ୍ତୁ ଏ ସବୁ ବିଷୟରେ...

➤ପ୍ରବଳ ଖରା ଫଳରେ ଝାଳ ବୋହିବା, ବାରମ୍ବାର ଶୋଷ ଲାଗିବା କିମ୍ବା ହାଲିଆ ଲାଗିବା ଭଳି ଲକ୍ଷଣ ଦେଖାଯାଇଥାଏ। ଡିହାଇଡ୍ରେସନ୍, ଟାନିଂ, ଘିମିରି କିମ୍ବା ଆଖି ଦରଜ ସମସ୍ୟା ବି ସୃଷ୍ଟି ହୋଇଥାଏ। ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ଖରାଦିନେ ବିଭିନ୍ନ ପ୍ରକାର ଥଣ୍ଡା ପାନୀୟ ପିଅନ୍ତୁ। ସର୍ବପ୍ରଥମେ ବାରମ୍ବାର ପାଣି ପିଅନ୍ତୁ। ଫଳ ଓ ପରିବା ରସ ପିଅନ୍ତୁ। ପଇଡ଼ ପାଣି, ଲସି, ତରଭୁଜ କିମ୍ବା ଡାଳିମ୍ବ ଜୁସ୍ ପିଅନ୍ତୁ।

➤ଖରାଦିନେ ହାଲ୍‌କା ରଙ୍ଗର ଢିଲା ତଥା ସୂତା କପଡ଼ାର ପୋଷାକ ପିନ୍ଧନ୍ତୁ। ଫଳରେ ଝାଳ କମ୍ ବହିଥାଏ।

➤ଖରାରେ ବାହାରକୁ ଯିବାକୁ ଥିଲେ ପ୍ରଥମେ ମୁଣ୍ଡକୁ ଖରା ଦାଉରୁ ରକ୍ଷା ପାଇଁ ଘୋଡ଼ାଇ ଦିଅନ୍ତୁ ଏବଂ ଆଖିର ସୁରକ୍ଷା ପାଇଁ ସନ୍‌ଗ୍ଲାସ୍ ପିନ୍ଧନ୍ତୁ।

➤ଶରୀରର ତାପମାତ୍ରାକୁ ନିୟନ୍ତ୍ରଣ କରିବା ପାଇଁ ଋତୁକାଳୀନ ଫଳ ପନିପରିବା ଅଧିକ ଖାଆନ୍ତୁ। ଖରାଦିନିଆ ଫଳରେ ପାଣିର ମାତ୍ରା ଅଧିକ ରହିଥାଏ।

➤ଖରାଦିନେ ତ୍ୱଚାକୁ ମଧ୍ୟ ସୁରକ୍ଷା ଦେବା ଜରୁରୀ। ନଚେତ୍ ଇନ୍‌ଫେକଶନ୍ ହେବାର ବି ସମ୍ଭାବନା ରହିଛି। ତେଣୁ ଶରୀରରେ ଆଲୋଭେରା ଜେଲ୍ ଲଗାନ୍ତୁ। ଏହା ବ୍ୟତୀତ ଖରାକୁ ଯିବା ପୂର୍ବରୁ ତ୍ୱଚାକୁ ସୁରକ୍ଷା ଦିଅନ୍ତୁ।

➤ବାରମ୍ବାର ଚା' କିମ୍ବା କଫି ପିଅନ୍ତୁ ନାହିଁ। ଡିହାଇଡ୍ରେଶନର କାରଣ ହୋଇପାରେ।

➤ଖରାଦିନେ ଭୁଲ୍‌ରେ ବି ବାସି ଖାଦ୍ୟ ଖାଆନ୍ତୁ ନାହିଁ। ସକାଳୁ ଶୀଘ୍ର କାମ ସାରି ଦିଅନ୍ତୁ, ଖରା ସମୟରେ ବାହାରେ ବେଶି ସମୟ କାମ କରନ୍ତୁ ନାହିଁ।

ଆମ ସଂସ୍କୃତିରେ ଅତିଥି ହେଉଛନ୍ତି ଦେବତା। ସେଥିପାଇଁ ସମସ୍ତେ ଚାହାନ୍ତି ଭଲଭାବେ ଅତିଥି ସତ୍କାର କରିବାକୁ। ଆଉ ଆତିଥେୟତାରେ ଯେମିତି କିଛି ଊଣା ହୋଇ ନ ଯାଉ ସେନେଇ ସବୁବେଳେ ପ୍ରସ୍ତୁତ ଥାଆନ୍ତି ଗୃହିଣୀ।




# ଅତିଥି ସତ୍କାର



ବନ୍ଧୁବାନ୍ଧବ ହୁଅନ୍ତୁ କି ସାଙ୍ଗସାଥୀ ଅନେକ ସମ୍ପର୍କରେ ବନ୍ଧା ଆମ ଜୀବନ। ସେଥିପାଇଁ ତ ଘରକୁ ଅତିଥିଙ୍କ ଯିବାଆସିବା ପ୍ରାୟତଃ ଲାଗି ରହିଥାଏ। ଆଉ ଆମ ପରମ୍ପରା ଅନୁସାରେ ଅତିଥିଙ୍କୁ ଆପ୍ୟାୟିତ କଲେ ମନକୁ ଏକ ପ୍ରକାର ଶାନ୍ତି ମିଳିଥାଏ। ଯିବା ଆସିବା ଫଳରେ ପରସ୍ପର ସହ ଭାବ ବିନିମୟ ହୁଏ ଓ ସମ୍ପର୍କ ଆଗକୁ ବଢେ। ଅତିଥିଙ୍କ ପ୍ରତି ଆମ ସଂସ୍କୃତିରେ ଏଭଳି ବ୍ୟବହାର ଓ ଭାବନା ପିଢ଼ି ପରେ ପିଢ଼ି ସବୁ ସମୟରେ ରହିଆସିଛି। ସେଥିପାଇଁ ତ ପ୍ରତିଟି ଭାରତୀୟ ନାରୀ ଅତିଥିଙ୍କୁ ନିଜ ଘରେ ପାଇଲେ ଖୁସି ହୋଇଥାନ୍ତି। ସେ ଗୃହିଣୀ ହୁଅନ୍ତୁ କି କର୍ମଜୀବୀ ଅତିଥି ସେବା ପାଇଁ ସମସ୍ତେ ତତ୍ପର ଥାନ୍ତି।

**ଖୁସି ପରିବେଶ:** ଅତିଥି ଆସିଲେ ଘରେ ଏକ ଖୁସିର ପରିବେଶ ସୃଷ୍ଟି ହୋଇଥାଏ। ତେଣୁ ସମସ୍ତେ କିଛି ସମୟ ପାଇଁ ଭିନ୍ନ ଏକ ଆନନ୍ଦ ଅନୁଭବ କରିଥାନ୍ତି। ଫଳରେ ସମସ୍ତଙ୍କ ମନରେ ସକାରାତ୍ମକ ପ୍ରଭାବ ପଡେ। ଆଉ ଅତିଥିଙ୍କୁ ଖୁସି କରି ଘରୁ ବିଦାୟ ଦେବାପରେ ମନକୁ ଏକ ଭିନ୍ନ ପ୍ରକାର ଶାନ୍ତି ମିଳିଥାଏ।

**ସମ୍ପର୍କ ମଜଭୁତ:** ଘରକୁ ଅତିଥି ଆସିଲେ ପରସ୍ପର ମଧ୍ୟରେ ସମ୍ପର୍କ ମଜଭୁତ ହୋଇଥାଏ। ବନ୍ଧୁବାନ୍ଧବ ହୁଅନ୍ତୁ କି ସାଙ୍ଗସାଥୀ ପରସ୍ପର ଘରକୁ ଯିବାଆସିବା ଫଳରେ ସେମାନଙ୍କ ମଧ୍ୟରେ ସମ୍ପର୍କ ମଜଭୁତ ହୋଇଥାଏ। ପରସ୍ପର ସୁଖ ଦୁଃଖରେ ସାମିଲ ହେବାର ସୁଯୋଗ ମିଳେ। ସହାନୁଭୂତି ଓ ସହଯୋଗ ଭାବ ମଧ୍ୟ ସୃଷ୍ଟି ହୋଇଥାଏ।

**ସକାରାତ୍ମକ ପ୍ରଭାବ:** ଅତିଥିଙ୍କୁ ଘରେ ଆପ୍ୟାୟିତ କଲେ ଢେର୍ ପୁଣ୍ୟ ମିଳେ ବୋଲି ଆମ ସଂସ୍କୃତିରେ ବିଶ୍ୱାସ ରହିଛି। ଏମିତିକି ଅତିଥିଙ୍କୁ ଭୋଜନ ଦେବା ଯଜ୍ଞର ପୁଣ୍ୟ ସହିତ ସମାନ ବୋଲି କୁହାଯାଏ। ତେଣୁ ଅତିଥିଙ୍କୁ ମାନସମ୍ମାନର ସହିତ ପେଟପୂରା ଭୋଜନ ଦେଇ ବିଦାୟ ଦେବା ଦରକାର। ଆମ ସଂସ୍କୃତି ଅନୁସାରେ ଅତିଥିଙ୍କୁ ପ୍ରଥମେ ହସ ହସ ମୁହଁରେ ସ୍ୱାଗତ କରିବା ସହ ସେମାନଙ୍କ ଗୋଡ ହାତ ଧୋଇବା ପାଇଁ ଜଳ ଦେବା ଆବଶ୍ୟକ। ଏହା ପରେ ସେମାନଙ୍କୁ ଆରାମ କରିବା ନିମନ୍ତେ ସ୍ଥାନ ଦେବା ପରେ ଭୋଜନ କରି ଯିବା ସମୟରେ କିଛି ଉପହାର ଦେଇ ବିଦାୟ ଦେବା ଦରକାର। ଅତିଥି ଆମ ଘରକୁ ଆସିବା ଫଳରେ ଆମେ ବହୁତ ଖୁସି ହୋଇଛୁ ବୋଲି ତାଙ୍କୁ ଅନୁଭବ ହେବା ଦରକାର। ଏପରି କରିବା ଫଳରେ ଅତିଥି ଖୁସି ହୋଇ ଘରୁ ଫେରିଥାନ୍ତି ଫଳସ୍ୱରୂପ ସମସ୍ତଙ୍କ ଉପରେ ଏକ ସକାରାତ୍ମକ ପ୍ରଭାବ ପଡିଥାଏ।




## ଏମାନେ କ'ଣ କରନ୍ତି



**ଖୁସି ଲାଗେ:** ଆମ ଘରକୁ କିଏ ଆସିଲେ ମତେ ଯେତିକି ଖୁସି ଲାଗେ ତା' ଠାରୁ ଅଧିକ ଖୁସି ହୁଏ ମୋ ପୁଅ। କାହିଁକିନା ତାକୁ ସେମାନଙ୍କ ସହିତ କିଛି ସମୟ କଟାଇବାକୁ ମିଳିଯାଏ। ଘରେ ପ୍ରାୟ ସମୟ ଏକା ରହୁଥିବାରୁ ଯିଏ ବି ଘରକୁ ଆସିଲେ ତାକୁ ଭଲ ଲାଗେ। ତା' ଛଡ଼ା ମତେ ବି ଟିକେ ଗପସପ କରିବା ପାଇଁ ସୁଯୋଗ ମିଳେ। ସେଥିପାଇଁ ମୁଁ ବେଳେବେଳେ ଫୋନ୍ କରି ସାଙ୍ଗମାନଙ୍କୁ ନ ହେଲେ ନଣନ୍ଦ କି ମାମୁ ମାଇଁ କାହାକୁ ହେଲେ ବି ଘରକୁ ଡାକେ। ଆଉ ଘରକୁ ଆସିବା ପରେ ଆମେ ଏକାଠି ରୋଷେଇ ଖାଇବା ପିଇବା କରି ବେଶ୍ ମଜାକରୁ।

***– ସୀମା ପାଣି,*** *ଗୃହିଣୀ, ଚକେଇସିହାଣୀ, ଭୁବନେଶ୍ୱର*

**ବହୁତ ପୁଣ୍ୟ ମିଳେ:** ଘରକୁ କେହି ଆସିଲେ ସେଇଟା ଆମର ଭାଗ୍ୟ। କାରଣ ଅତିଥି ସତ୍କାର କରି ପୁଣ୍ୟ ଲାଭ କରିବାର ସୁଯୋଗ ମିଳେ ଆମକୁ। ତେଣୁ ସାଙ୍ଗସାଥୀ କି ବନ୍ଧୁବାନ୍ଧବ ଯିଏ ବି ଘରକୁ ଆସିଲେ ମୁଁ ସେମାନଙ୍କୁ ଖିଆପିଆ କରାଇବା ପରେ ହିଁ ଛାଡିଥାଏ। ଏକଥା ତ ସମସ୍ତେ ଜାଣିଛନ୍ତି କି ରୋଷେଇ କରି ଅନ୍ୟ କାହାକୁ ଖାଇବାକୁ ଦେବାଠାରୁ ଶ୍ରେଷ୍ଠ ଯଜ୍ଞ କିଛି ନାହିଁ। ତେଣୁ ସବୁ ଗୃହିଣୀ ଅତିଥିମାନଙ୍କୁ ଭଲଭାବରେ ସ୍ୱାଗତ କରିବା ସହ ସେମାନଙ୍କୁ କିଛି ଖାଇବାକୁ ଦେବା ଆବଶ୍ୟକ। ଏହି ଦୃଷ୍ଟିରୁ କେହି ଘରକୁ ଆସିବା ଦେଖିଲେ ମୁଁ ଭଲ କିଛି ରୋଷେଇ ଆରମ୍ଭ କରିଦିଏ। ଅତିଥିଙ୍କୁ ଆମେ ଏପରି ବ୍ୟବହାର କରିଲେ ଆମ ଆଗାମୀ ପିଢ଼ି ମଧ୍ୟ ଆମଠୁ ଶିଖିବ ଓ ପରମ୍ପରା ବଞ୍ଚି ରହିବ।



**– ସ୍ମିତାଞ୍ଜଳି ବେହେରା,** ଗୃହିଣୀ, ପ୍ରତାପନଗରୀ, କଟକ

**ସଂସ୍କାରକୁ ଭୁଲିନି:** ଘରେ ଅତିଥିଙ୍କୁ ସ୍ୱାଗତ କରିବା ଆମର ପରମ୍ପରା ଆଉ ସଂସ୍କାର। ଛୋଟବେଳରୁ ମୁଁ ଆମ ଘରୁ ଏକଥା ଶିଖିଛି। ଏବେ ବି ଏଇ ସଂସ୍କାରକୁ ମୁଁ ଛାଡ଼ିପାରିନି। ତେଣୁ ଯେତେବେଳେ ବି ଘରକୁ କେହି ଅତିଥି ଆସନ୍ତି ମୁଁ ବହୁତ ଖୁସି ହୋଇଯାଏ। ସେମାନଙ୍କ ପାଇଁ ଜଳଖିଆ କିମ୍ବା ଖାଦ୍ୟ ତିଆରି କରେ। ଏମିତିରେ ବି ମତେ ବିଭିନ୍ନ ପ୍ରକାର ଖାଦ୍ୟ ତିଆରି କରିବା ପାଇଁ ବହୁତ ଭଲ ଲାଗେ। ସେଥିପାଇଁ ବେଳେବେଳେ ପିଠାପଣା ତିଆରି କରି ପଡ଼ିଶା ଘରେ କିମ୍ବା ଅଫିସରେ ସାଙ୍ଗମାନଙ୍କୁ ଦେଇଥାଏ।



***– ସାଗରିକା ଚାନ୍ଦୁଆ,*** *ଗୃହିଣୀ, ମଙ୍ଗଳାବାଗ, କଟକ*

**ଅତିଥି ଦେବୋ ଭବଃ:** ସାଧାରଣ ଭାବରେ ଅତିଥି କହିଲେ ଆମେ ଏଭଳି ବ୍ୟକ୍ତି ବିଶେଷ ବା ଆଗନ୍ତୁକଙ୍କ ବିଷୟରେ ବୁଝୁ ଯାହାଙ୍କର ପଦାର୍ପଣ ଆକସ୍ମିକ ଭାବରେ ଆମ ଘରେ ହୋଇଥାଏ। କିନ୍ତୁ ବ୍ୟବହାରିକ ଅର୍ଥରେ ଅତିଥି ନିମନ୍ତ୍ରିତ ହୋଇପାରନ୍ତି ତଥା ଅନିମନ୍ତ୍ରିତ ମଧ୍ୟ ହୋଇପାରନ୍ତି। ସେ ଯାହା ହେଉ ଭାରତୀୟ ପରମ୍ପରାର ମୂଳମନ୍ତ୍ର 'ଅତିଥି ଦେବୋ ଭବଃ' କ୍ରମରେ ଅତିଥିଙ୍କ ଆଗମନରେ ତାଙ୍କର ସତ୍କାର ସୁଚାରୁରୂପେ ହେବା ଆବଶ୍ୟକ। ଅତିଥିଙ୍କ ସହ ଆମର ବାର୍ତ୍ତାଳାପ ତଥା ବ୍ୟବହାର କୁଶଳତା ଆମର ସଂସ୍କାରକୁ ସାବ୍ୟସ୍ତ କରିଥାଏ। ଏହାଛଡ଼ା ଅତିଥିଙ୍କ ସୁବିଧା ଅସୁବିଧା ପ୍ରତି ଆମେ ସମ୍ବେଦନଶୀଳ ହେବା ଆବଶ୍ୟକ। ତେବେ ଅତିଥିଙ୍କ ମର୍ଯ୍ୟାଦା କ୍ଷୁଣ୍ଣ ନ ହେଉ ସେଥିପ୍ରତି ସଚେତନ ହେବା ଉଚିତ। ଏତଦ୍ୱାରା ଗୃହରେ ପଦାର୍ପଣ କରିଥିବା ଅତିଥି ଏକ ପାରିବାରିକ ଅନୁଭୂତି ପାଇବା ସହ ପରମ ସନ୍ତୋଷ ଅନୁଭବ କରନ୍ତି।



***– ଦୀପା ମହାନ୍ତି,*** *ଗୃହିଣୀ, ଜଟଣୀ, ଖୋର୍ଦ୍ଧା*

ସୌନ୍ଦର୍ଯ୍ୟ

# ଦୂରକରନ୍ତୁ ଟାନିଂ



ପ୍ରବଳ ଖରା ପ୍ରଭାବରେ ତ୍ୱଚାରେ କଳାଦାଗ ପଡ଼ିଯାଏ, ଯାହାକୁ ସ୍କିନ୍ ଟାନିଂ କୁହାଯାଏ। ଏଭଳି ଟାନିଂ ତ୍ୱଚାକୁ ଅସୁନ୍ଦର କରିଥାଏ। ତେବେ ଏହାକୁ ଦୂର କରିବା ପାଇଁ ଜାଣିରଖନ୍ତୁ କିଛି ଘରୋଇ ଫେସ୍ ପ୍ୟାକ୍...



ସ୍କିନ୍ ଟାନିଂ ଦୂରକରିବା ପାଇଁ ହଳଦୀ, ବେସନ ଓ ଗୋଲାପ ଜଳ ଏକ ସୁନ୍ଦର ମାସ୍କ ହୋଇପାରେ। ଏଥିପାଇଁ ୨ ରୁ ୩ ଚାମଚ ବେସନ ସହ ୨ ଚୁଟ୍‌କି ହଳଦୀ, ଗୋଲାପ ଜଳ ଓ କ୍ଷୀର ମିଶାନ୍ତୁ। ଏସବୁକୁ ଭଲଭାବେ ମିଶାଇ ମୁହଁ, ବେକ ତଥା ହାତରେ ଲଗାଇ ଦିଅନ୍ତୁ। ଧୀରେ ଧୀରେ ଏହାକୁ ମସାଜ୍ କରି ଅଧ ଘଣ୍ଟା ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ଏହାପରେ ଥଣ୍ଡା ପାଣିରେ ମୁହଁ ଧୋଇ ଦିଅନ୍ତୁ। ପ୍ରତିଦିନ ଏହି ପ୍ୟାକ ମୁହଁରେ ଲଗାଇଲେ ତ୍ୱଚାରେ ଥିବା ଟାନିଂ ଦୂରହେବା ସହ ତ୍ୱଚା ଅତ୍ୟନ୍ତ ଉଜ୍ଜ୍ୱଳ ଦେଖାଯିବ।

❖ଲେମ୍ବୁରସରେ ଚିନି ମିଶାଇ ତ୍ୱଚାରେ ଫେସ୍ ପ୍ୟାକ୍ ଭଳି ଲଗାନ୍ତୁ। ଏଥିପାଇଁ ୩ରୁ ୪ଟି ଲେମ୍ବୁର ରସ ବାହାରକରି ସେଥିରେ ୧ ଚାମଚ ଚିନି ମିଶାନ୍ତୁ। ଏବେ ଏହି ମିଶ୍ରଣକୁ ମୁହଁରେ ଘଷନ୍ତୁ। ବାରମ୍ବାର ଏହାକୁ ଅତି କମ୍‌ରେ ଅଧଘଣ୍ଟା ପର୍ଯ୍ୟନ୍ତ ଘଷନ୍ତୁ। ଏହାପରେ ଥଣ୍ଡା ପାଣିରେ ଧୋଇଦିଅନ୍ତୁ। ଲେମ୍ବୁରସରେ ଭିଟାମିନ୍ -ସି ରହିଛି ଯାହା ଏକ ସୁନ୍ଦର ବ୍ଲିଚିଂ ଏଜେଣ୍ଟ ଭଳି କାମ ଦେଇଥାଏ। ତେଣୁ ଏହି ପ୍ୟାକ୍ ଲଗାଇଲେ ତ୍ୱଚାରୁ ମୃତକୋଷ ସବୁ ବାହାରିଯାଏ ଓ ତ୍ୱଚା ଅଧିକ ଉଜ୍ଜ୍ୱଳ ଦେଖାଯାଏ।

❖ପାଚିଲା କଦଳୀ ଓ କ୍ଷୀର ମିଶାଇ ଆପଣ ଟାନିଂ ଦୂରକରିବା ପାଇଁ ମାସ୍କ ତିଆରି କରିପାରିବେ। କଦଳୀ ଓ କ୍ଷୀରକୁ ମିଶାଇ ଭଲଭାବେ ଗ୍ରାଇଣ୍ଡିଂ କରି ମୁହଁରେ ଲଗାନ୍ତୁ। ଏହାକୁ ଧୀରେ ଧୀରେ ମସାଜ୍ କରନ୍ତୁ ଏବଂ ଅଧଘଣ୍ଟା ପର୍ଯ୍ୟନ୍ତ ରହିବାକୁ ଦିଅନ୍ତୁ। ଏହାପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ପ୍ରତିଦିନ ଏହି ମାସ୍କ ଲଗାଇଲେ ତ୍ୱଚାର ଉଜ୍ଜ୍ୱଳତା ବଢ଼ିଥାଏ ଓ ଏହା ମଶ୍ଚରାଇଜର ଭଳି କାମ କରିଥାଏ।

ଖାଦ୍ୟରୁଚି

# ଫ୍ରାଏଡ୍ ଇଡ୍‌ଲି

**ଆବଶ୍ୟକ ସାମଗ୍ରୀ–** ଇଡ୍‌ଲି– ୬ଟି, ପିଆଜ– ୧ଟି ବଡ଼, ଅଦା ରସୁଣ ପେଷ୍ଟ– ୧ ଚାମଚ, ଶୁଖିଲା ଲଙ୍କା ଓ ରସୁଣ ଚଟଣି– ୧ ଚାମଚ, ଟମାଟୋ– ୧ଟି, କ୍ୟାପ୍ସିକମ୍– ୧ଟି, କଞ୍ଚାଲଙ୍କା–୧ଟି, ଲଙ୍କାଗୁଣ୍ଡ– ଅଧା ଚାମଚ, ପାଓଭାଜି ମସଲା– ୧ ଛୋଟ ଚାମଚ, ଲେମ୍ବୁରସ– ଅଧା ଚାମଚ, ଲହୁଣୀ– ୩ ଚାମଚ, ଧନିଆପତ୍ର– ଅଳ୍ପ, ଆବଶ୍ୟକ ଅନୁସାରେ ଲୁଣ ଓ ପାଣି।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ପିଆଜକୁ ଛୋଟ ଛୋଟ କରି କାଟି ରଖନ୍ତୁ। ଗ୍ୟାସ୍‌ରେ କଡ଼େଇ ଗରମ କରି ସେଥିରେ ଲହୁଣୀ ପକାନ୍ତୁ। ଏବେ ଏହି ଲହୁଣୀରେ କଟା ପିଆଜକୁ ପକାଇ ଭାଜି ଦିଅନ୍ତୁ। ପିଆଜ ଭାଜି ହୋଇ ଆସିଲେ ସେଥିରେ ଅଦା ରସୁଣ ପେଷ୍ଟ ପକାଇ କଷନ୍ତୁ। ଏହାର କିଛି ସମୟ ପରେ ସେଥିରେ ଲଙ୍କା ଓ ରସୁଣ ପେଷ୍ଟ ପକାଇ ଅଳ୍ପ ଟିକେ ସମୟ ଭାଜନ୍ତୁ। ଏହାପରେ ଟମାଟୋ, କ୍ୟାପ୍ସିକମ୍ ଓ କଞ୍ଚାଲଙ୍କାକୁ ଛୋଟ ଛୋଟ କାଟି ସେଥିରେ ପକାନ୍ତୁ। ଏବେ ସେଥିରେ ଲଙ୍କାଗୁଣ୍ଡ ଓ ପାଓଭାଜି ମସଲା ପକାଇ ଭାଜନ୍ତୁ। ପରେ ସେଥିରେ ଲୁଣ ପକାଇ ଅଳ୍ପ ପାଣି ଦିଅନ୍ତୁ ଯେପରି ମସଲା ଗ୍ରେଭି ଭଳି ଲାଗିବ। ପାଣି ଫୁଟି ଆସିଲେ ସେଥିରେ ଇଡ୍‌ଲିକୁ ଛୋଟ ଛୋଟ ଖଣ୍ଡ କରି ପକାଇ ଗୋଳାଇ ଘୋଡ଼ାଇ ଦିଅନ୍ତୁ। ୫ ମିନିଟ୍ ପରେ ଘୋଡ଼ଣି କାଢି ସେଥିରେ ଲେମ୍ବୁରସ ଓ ୧ ଚାମଚ ଲହୁଣୀ ଓ ଧନିଆପତ୍ରକୁ କାଟି ପକାଇ ଦିଅନ୍ତୁ। ଏବେ ଏହାକୁ ଗରମ ଗରମ ଖାଆନ୍ତୁ।



# ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ରେସ୍‌ଲରଙ୍କ ଧମକ

## ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ସ୍ଥଗିତ

ନୂଆଦିଲ୍ଲୀ,୨୪।୪(ପି.ଟି.)

ଡବ୍ଲ୍ୟୁଏଫ୍‌ଆଇ (ଭାରତୀୟ କୁସ୍ତି ମହାସଂଘ) ସଭାପତି ବ୍ରିଜ ଭୂଷଣ ଶରଣ ସିଂଙ୍କ ବିରୋଧରେ ଏକ ମାମଲା ରୁଜୁ ନ ହେଲେ ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ସ୍ଥାନୀୟ ଯନ୍ତରମନ୍ତରଠାରେ ଧାରଣାରେ ବସିଥିବା ରେସଲରମାନେ ଧମକ ଦେଇଛନ୍ତି। ଦରକାର ପଡ଼ିଲେ ସେମାନଙ୍କ ଦାବି ସପକ୍ଷରେ ସମଗ୍ର ଦେଶରେ ଜନ ସମର୍ଥନ ଯୋଗାଡ଼ କରିବାକୁ ପଛାଇବେ ନାହିଁ। ଏଣେ ସୋମବାର କ୍ରୀଡ଼ା ମନ୍ତ୍ରଣାଳୟ ଆସନ୍ତା ମେ' ୭ ତାରିଖରେ ହେବାକୁଥିବା ଡବ୍ଲ୍ୟୁଏଫଆଇ ନିର୍ବାଚନକୁ ସ୍ଥଗିତ ରଖିଛନ୍ତି। ମହାସଂଘର ଦୈନନ୍ଦିତ କାର୍ଯ୍ୟ ବୁଝାଶୁଝା କରିବା ପାଇଁ ଏକ ଆଡହକ୍ କମିଟି ଗଠନ ଲାଗି ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)କୁ କହିଛି। ୪୫ ଦିନ ମଧ୍ୟରେ କର୍ମକର୍ତ୍ତା ନିର୍ବାଚନ ମଧ୍ୟ କରିବାକୁ କୁହାଯାଇଛି।

ଧାରଣାରେ ବସିଥିବା ରେସ୍‌ଲରମାନେ କହିଛନ୍ତି, ନିର୍ବାଚନ ସହ ସେମାନଙ୍କ କୌଣସି ନେଣଦେଣ ନାହିଁ। ସିଂ ମହିଳା ଆଥ୍‌ଲେଟମାନଙ୍କୁ ଯୌନ ନିର୍ଯାତନା ଦେଇଥିବା ଯେଉଁ ଅଭିଯୋଗ ହୋଇଛି ତାହାର ଉପଯୁକ୍ତ ତଦନ୍ତ ପାଇଁ ସେମାନେ ଚାପ ସୃଷ୍ଟି କରିବା ଜାରି ରଖିବେ। ଅଲିମ୍ପିଆନ ଭିନେଶ ଫୋଗତ, ବଜରଙ୍ଗ ପୁନିଆ ଓ ସାକ୍ଷୀ ମଲିକଙ୍କ ନେତୃତ୍ୱରେ ରେସଲରମାନେ କହିଛନ୍ତି ଯେ, କିଛି ଲୋକ ସେମାନଙ୍କୁ ଭୁଆଁ ବୁଲେଇଛନ୍ତି। ୩ ମାସ ପୂର୍ବେ ସେମାନେ ଧାରଣାରୁ ଓହରିଯାଇ ଭୁଲ କରିଛନ୍ତି। ବର୍ତ୍ତମାନ ଆମେ କାହରି କଥାରେ ପରିଚାଳିତ ହେବୁ ନାହିଁ, ବରଂ କେବଳ 'ଗୁରୁଜନ' (ସିନିୟର) ଓ 'କୋଚ୍ ଖଲିଫା' (ମେଣ୍ଟର)ମାନଙ୍କ କଥା ଅନୁସାରେ କାର୍ଯ୍ୟ କରିବୁ। ଯଦି କେହି ମଧ୍ୟସ୍ଥତା କରେ ତାହା ଆମ ଦ୍ୱାରା ଗ୍ରହଣୀୟ ହେବ ନାହିଁ ବୋଲି ଭିନେଶ କହିଛନ୍ତି। ସେ କହିଛନ୍ତି, ଆମେ ସମସ୍ତେ ଚାହୁଁ ପୋଲିସ ଏକ ମାମଲା ରୁଜୁ କରି ଏ ବିଷୟରେ ତଦନ୍ତ କରୁଛି। ଆମେ ହେଉଛୁ ସ୍ୱାଧୀନ ଭାରତର ନାଗରିକ। ନ୍ୟାୟ ପାଇବା ଲାଗି ଅନେକ ମାର୍ଗ ରହିଛି। କୌଣସି ଉପାୟରେ ଏହା ହାସଲ କରିହେବ। ଡବ୍ଲ୍ୟୁଏଫ୍‌ଆଇ ସଭାପତିଙ୍କ ବିରୋଧରେ ମାମଲା ରୁଜୁ କରିବା ଲାଗି ରେସ୍‌ଲରମାନେ କନାଟ ପ୍ଲେସ ପୋଲିସ ଷ୍ଟେଶନ ଯାଇଥିଲେ। ପୋଲିସ କିନ୍ତୁ ସେମାନଙ୍କ କଥା ରଖି ନ ଥିଲା। ଗତ ଜାନୁୟାରୀରେ ରେସଲରମାନେ ଧାରଣାରେ ବସିଥିବାବେଳେ ପୂର୍ବତନ ରେସଲର ଓ ବର୍ତ୍ତମାନ ଭାଜପା ଦଳ ସହିତ ସଂଶ୍ଳିଷ୍ଟ ବବିତା ଫୋଗତ ଆନ୍ଦୋଳନକାରୀ ରେସଲର ଏବଂ ସରକାରଙ୍କ ମଧ୍ୟରେ ମଧ୍ୟସ୍ଥତା କରିଥିଲେ। ମାତ୍ର ସେଥିରୁ କିଛି ସୁଫଳ ମିଳି ନାହିଁ। ବବିତା ନିଜେ ଡବ୍ଲ୍ୟୁଏଫ୍‌ଆଇ ମୁଖ୍ୟଙ୍କ ବିରୋଧରେ ଆଗତ ଅଭିଯୋଗର ତଦନ୍ତ ପାଇଁ ସରକାରଙ୍କ ଦ୍ୱାରା ଗଠିତ ନିରୀକ୍ଷଣ କମିଟିର ସଦସ୍ୟ ଥିଲେ। ବର୍ତ୍ତମାନ ହୁଏତ ତାଙ୍କର ରେସ୍‌ଲିଂ ତୁଳନାରେ ରାଜନୀତି ପ୍ରତି ଅଧିକ ମୋହ ରହିଛି।



ସାହାଣୀ କପ୍ ଫୁଟବଲ: ବିଡ଼ାନାସୀ ଗ୍ରାଉଣ୍ଡରେ ସୋମବାର ବରଗଡ଼ ଓ ଗଞ୍ଜାମ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ବରଗଡ଼, ବଲାଙ୍ଗୀର, ଝାରସୁଗୁଡ଼ା ବିଜୟୀ

## ସାହାଣୀ କପ୍ ଫୁଟବଲ

ଭୁବନେଶ୍ୱର, ୨୪।୪
(କ୍ରୀଡ଼ା ପ୍ରତିନିଧି)

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ସିନିୟର ପୁରୁଷ ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟ ସାହାଣୀ କପ୍‌ର ୩ଟି ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ବରଗଡ଼, ବଲାଙ୍ଗୀର ଓ ଝାରସୁଗୁଡ଼ା ଦଳ ବିଜୟ ହାସଲ କରିଛି। କଟକର ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ବରଗଡ଼ ୫-୧ ଗୋଲରେ ଗଞ୍ଜାମକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଫ୍ରାନ୍ସିସ ଲାକ୍ରା ୧୪ ଓ ୪୨ତମ ମିନିଟରେ ୨ଟି ଏବଂ ଚନ୍ଦ୍ର ମୋହନ ମୁର୍ମୁ ୧୦, ପ୍ରଭାତ ଦନସେନା ୩୨ ଓ ଅଙ୍କିତ ବେହେରା ୪୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଗଞ୍ଜାମ ପକ୍ଷରୁ ରବୀନ୍ଦ୍ର ସିଂ ୫୫ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। କଟକ ଚୌଦ୍ୱାରସ୍ଥିତ ଓଟିଏମ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ବଲାଙ୍ଗୀର ୧-୦ ଗୋଲରେ ପାରାଦୀପ ପୋର୍ଟ ଟ୍ରଷ୍ଟକୁ ହରାଇଛି। ବିଜୟୀ ଦଳର ସୁବ୍ରତ ପାତ୍ର ୭୪ତମ ମିନିଟରେ ଗୋଲ ଦେଇଥିଲେ। ଭୁବନେଶ୍ୱରର ୭ମ ବାଟାଲିୟନ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଝାରସୁଗୁଡ଼ା ୩-୧ ଗୋଲରେ ମୟୂରଭଞ୍ଜକୁ ହରାଇ ଦେଇଛି। ଝାରସୁଗୁଡ଼ା ପକ୍ଷରୁ ବିଶାଲ ମୁଣ୍ଡା ୫ମ, ଘାସିରାମ ମାଝି ୬୦ ଏବଂ ରୋମି ଓରାମ ୭୩ତମ ମିନିଟରେ ଏବଂ ପରାଜିତ ଦଳର ସୁକୁଲ ମୁର୍ମୁ ୮୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

# ଏକାନ୍ତରେ ଜନ୍ମଦିନ ପାଳିଲେ ସଚିନ

ନୂଆଦିଲ୍ଲୀ,୨୪।୪

କ୍ରିକେଟରେ ରେକର୍ଡର ମହସମୁଦ୍ର କରିଥିବା ତଥା ଭାରତରେ କ୍ରିକେଟକୁ ଏକ ଧର୍ମରେ ପରିଣତ କରିଥିବା କ୍ରିକେଟ କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକର ନିଜ ଜନ୍ମଦିନ ସମ୍ପୂର୍ଣ୍ଣ ଏକାନ୍ତରେ ପାଳନ କରିଛନ୍ତି। ୨୪ ଏପ୍ରିଲରେ ନିଜର ୫୦ ତମ ଜନ୍ମ ଦିବସ ପାଳନ କରିଥିଲେ ସଚିନ୍। ତେବେ ଆଡମ୍ବରପୂର୍ଣ୍ଣ ପରିବେଶର କୋଳାହଳରୁ ଦୂରରେ ସେ ନିଜର ଜନ୍ମଦିନ ପାଳନ କରିଛନ୍ତି। କେଉଁ ସ୍ଥାନରେ ସେ ଜନ୍ମଦିନ ପାଳନ କରିଛନ୍ତି ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ନିଜ ବାସଭବନର ପୁଲ୍ ସାଇଡ୍‌ରେ ବସି ସେ ଚା'ର ମଜା ନେଉଛନ୍ତି। ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ସଚିନ୍ ଫଟୋ ପୋଷ୍ଟ କରିବା ସହିତ ଟି ଟାଇମ: ୫୦ ନଟ୍ ଆଉଟ ବୋଲି କ୍ୟାପସନ୍ ଲେଖିଛନ୍ତି। ଭାରତ ତଥା ବିଶ୍ୱର ଶ୍ରେଷ୍ଠ ଖେଳାଳି ରହିଥିବା ସଚିନ୍ ୧୦ ବର୍ଷ ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ଗ୍ରହଣ କରିଛନ୍ତି। ୬୬୪ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ସେ ୩୪,୩୫୭ ରନ୍ ସଂଗ୍ରହ କରିଛନ୍ତି। ୪୮.୫୨ ଆଭରେଜରେ ସେ ଏହି ରନ୍ ସ୍କୋର କରିଥିବା ବେଳେ ଏହା ମଧ୍ୟରେ ସାମିଲ ରହିଛି ୧୦୦ ଶତକ ଓ ୧୬୪ ଅର୍ଦ୍ଧଶତକ। ଦିନିକିଆରେ ୧୮,୪୨୬ ରନ୍ ଓ ଟେଷ୍ଟରେ ୧୫,୯୨୧ ରନ୍ ସହିତ ସେ ଉଭୟ ଫର୍ମାଟରେ ସର୍ବାଧିକ ରନ୍‌ର ରେକର୍ଡ ନିଜ ନାମରେ ରଖିଛନ୍ତି। ପ୍ରଥମ ଖେଳାଳି ଭାବରେ ସଚିନ୍ ଦିନିକିଆରେ ଦ୍ୱିଶତକ ହାସଲ କରିଥିବା ବେଳେ ପ୍ରଥମ ଖେଳାଳି ଭାବରେ ସେ ୨୦୦ତମ ଟେଷ୍ଟ ମ୍ୟାଚ୍ ଖେଳିବାର ସୌଭାଗ୍ୟ ହାସଲ କରିଛନ୍ତି। ସମୁଦାୟ ୬୬୪ ଅନ୍ତର୍ଜାତୀୟ ମ୍ୟାଚରେ ସେ ଭାରତର ପ୍ରତିନିଧିତ୍ୱ କରିଥିବା ବେଳେ ତାଙ୍କ ନାମରେ ରହିଛି ୨୦୧ ଅନ୍ତର୍ଜାତୀୟ ଉଇକେଟ। ୨୦୧୧ ବିଶ୍ୱକପ ବିଜୟୀ ଭାରତୀୟ ଦଳର ସଦସ୍ୟ ମଧ୍ୟ ରହିଥିଲେ ସଚିନ୍। ଏହା ବ୍ୟତିତ ସେ ଆଇପିଏଲ୍‌ରେ ୬ଟି ସିଜନ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳିଛନ୍ତି। ୭୮ ଆଇପିଏଲ ମ୍ୟାଚରୁ ୩୪.୮୪ର ଆଭରେଜ ସହ ସେ ୨୩୩୪ ରନ୍ ସ୍କୋର କରିଛନ୍ତି। ଏହା ମଧ୍ୟରେ ୧୩ ଅର୍ଦ୍ଧଶତକ ଓ ଗୋଟିଏ ଶତକ ସାମିଲ ଥିଲା। ଆଇପିଏଲ କ୍ୟାରିୟରରେ ସେ ୨୯ ଛକା ଓ ୨୯୫ ଚୌକା ମାରିଥିବା ବେଳେ ତାଙ୍କର କ୍ୟାରିୟର ଷ୍ଟ୍ରାଇକ୍‌ରେଟ୍ ରହିଛି ୧୧୯.୮୨। ଏହା ସହ ଖେଳାଳି ଭାବରେ ସେ ୨୦୧୩ ସଂସ୍କରଣର ଆଇପିଏଲରେ ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଥିଲେ। ୨୦୧୦ ସିଜନରେ ମୁମ୍ବାଇ ଇଣ୍ଡିଆନ୍ସ ରନର୍ସ ଅପ୍ ହୋଇଥିବା ବେଳେ ସଚିନ୍ ୧୫ ମ୍ୟାଚ୍‌ରୁ ୬୧୮ ରନ୍ କରି ଅରେଞ୍ଜ କ୍ୟାପ୍ ହାସଲ କରିଥିଲେ।



ମୁମ୍ବାଇସ୍ଥିତ ନିଜ ବାସଭବନ ସୁଇମିଂ ପୁଲ୍ ନିକଟରେ ସଚିନ ତେନ୍ଦୁଲକର।

## ଶୁଭେଚ୍ଛାର ସୁଅ

### ଜୀବନର ଅର୍ଦ୍ଧଶତକ ପୂରଣ କଲେ ତେନ୍ଦୁଲକର

ଭାରତୀୟ କ୍ରିକେଟର ଭଗବାନ ସଚିନ୍ ତେନ୍ଦୁଲକର ୫୦ ବର୍ଷରେ ପାଦ ଦେଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ଅର୍ଦ୍ଧଶତକର ରେକର୍ଡ ନିଜ ନାମରେ ରଖିଥିବା ତେନ୍ଦୁଲକର ଜୀବନର ଅର୍ଦ୍ଧଶତକ ହାସଲ କରିଛନ୍ତି। ବିଶ୍ୱର ଏହି ସର୍ବଶ୍ରେଷ୍ଠ କ୍ରିକେଟରଙ୍କ ଜନ୍ମଦିନ ଅବସରରେ ବିସିସିଆଇ, ଆଇସିସି ଓ ସାଥୀ ଖେଳାଳି ନୁହନ୍ତି ବରଂ ବିପକ୍ଷ ଖେଳାଳିଙ୍କ ପକ୍ଷରୁ ମଧ୍ୟ ଶୁଭେଚ୍ଛାର ସୁଅ ଛୁଟିଛି।

ସଚିନ୍ ତେନ୍ଦୁଲକରଙ୍କୁ ଆଉ ଏକ ଅର୍ଦ୍ଧଶତକ ପାଇଁ ଶୁଭେଚ୍ଛା। ଦଶନ୍ଧି ଧରି ସେ କ୍ରିକେଟ ପାଇଁ କିମ୍ବଦନ୍ତୀ ବୋଲୀ ଆଇସିସି ପକ୍ଷରୁ ଟୁଇଟ୍ କରାଯାଇଛି।

୬୬୪ ଅନ୍ତର୍ଜାତୀୟ ମ୍ୟାଚ୍, ୩୪୩୫୭ ଅନ୍ତର୍ଜାତୀୟ ରନ୍, ୨୦୧ ଅନ୍ତର୍ଜାତୀୟ ଉଇକେଟ୍, ଏକମାତ୍ର କ୍ରିକେଟର ଭାବରେ ୧୦୦ ଅନ୍ତର୍ଜାତୀୟ ଶତକ, ୨୦୧୧ ଦିନିକିଆ ବିଶ୍ୱକପ ବିଜେତା ତଥା କିମ୍ବଦନ୍ତୀ କ୍ରିକେଟର ସଚିନ୍ ତେନ୍ଦୁଲକରଙ୍କୁ ୫୦ ତମ ଜନ୍ମ ଦିନର ଶୁଭେଚ୍ଛା ବୋଲି ବିସିସିଆଇ ପକ୍ଷରୁ ଟୁଇଟ୍ କରାଯାଇଛି।

ପୂର୍ବତନ ଭାରତୀୟ କ୍ରିକେଟର ତଥା ଭାଷ୍ୟକାର ରବି ଶାସ୍ତ୍ରୀ ମଧ୍ୟ ତେନ୍ଦୁଲକରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ହାପି ବାର୍ଥଡେ ବିଗ୍ ବସ୍। ଜୀବନର ଅର୍ଦ୍ଧଶତକ ଆଉ ପ୍ରଫେସନାଲ କ୍ୟାରିୟରର ଶହେ ଶତକ। ୧୫୦ ନଟ୍‌ଆଉଟରେ ବ୍ୟାଟିଂ କରି କେମିତି ଲାଗୁଛି? ଜନ୍ମଦିନର ଢେର ସାରା ଶୁଭେଚ୍ଛା ବୋଲି ଲେଖିଛନ୍ତି ରବି ଶାସ୍ତ୍ରୀ।

ପୂର୍ବତନ ଭାରତୀୟ କ୍ରିକେଟର ତଥା ୨୦୧୧ ଦିନିକିଆ ବିଶ୍ୱକପର ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ଯୁବରାଜ ସିଂ ଲେଖିଛନ୍ତି, 'ସେ ଆସିଲେ, ଖେଳିଲେ ଆଉ ଦୀର୍ଘ ୪ ଦଶନ୍ଧି ଧରି ହୃଦୟ ଜିତିବାରେ ସଫଳ ହେଲେ। ଦିନ ଭଲ ହେଉ କି ଖରାପ, ସ୍କୋର କାର୍ଡରେ ୦ ଥାଉ କି ୧୦୦ ସେ ସର୍ବଦା ସମାନ ରୁହନ୍ତି। ମସ୍ତିଷ୍କ ସମ୍ମାନରେ ଉଚ୍ଚ ରହୁଥିବା ବେଳେ ପାଦ ସର୍ବଦା ଭୂମିରେ ରହିଥାଏ'।

ଅଷ୍ଟ୍ରେଲୀୟ କ୍ରିକେଟର ବ୍ରେଟ୍ ଲି ମଧ୍ୟ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। ବିଗତ ବର୍ଷରେ ଅନେକ ଚମତ୍କାର ଅର୍ଦ୍ଧଶତକ ଦେଖିଛି କିନ୍ତୁ ସେ ସବୁ ମଧ୍ୟରୁ ଏହା ଶ୍ରେଷ୍ଠ ବୋଲି ଲି ଟୁଇଟ୍ କରିଛନ୍ତି। କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକରଙ୍କୁ ମୋର ଶୁଭେଚ୍ଛା ବୋଲି ସେ ଲେଖିଛନ୍ତି।

ଭାରତୀୟ ଖେଳାଳି ଅନୀଲ କୁମ୍ବଲେ ତେନ୍ଦୁଲକରଙ୍କୁ ଶୁଭେଚ୍ଛା ଜଣାଇବାକୁ ଯାଇ ତେନ୍ଦୁଲକରଙ୍କ ୩୫ ତମ ଶତକର ଏକ ଫଟୋ ଟୁଇଟ୍ କରିଛନ୍ତି। ୫୦ ବର୍ଷୀୟ କ୍ଲବକୁ ସ୍ୱାଗତ। ଭାରତ ଓ ବିଶ୍ୱର କୋଟି କୋଟି କ୍ରିକେଟରଙ୍କୁ ଅନୁପ୍ରାଣିତ କରିଛ। କ୍ରିକେଟ ପ୍ରତି ରହିଥିବା ତୁମର ଅବଦାନ ଅତୁଳନୀୟ। ୩୫ ତମ ଟେଷ୍ଟ ଶତକ ବେଳେ ଡ୍ରେସିଂ ରୁମ୍ ବାଲକୋନୀରୁ ଉଠାଇଥିବା ଫଟୋ ସ୍ମୃତି ଭାବରେ ଶେୟାର କରୁଛି ବୋଲି କୁମ୍ବଲେ ଲେଖିଛନ୍ତି।

ସଚ୍ ହେଉଛି ସତ୍ୟ, ସଚ୍ ହେଉଛି ଜୀବନ, ସଚ୍ ହେଉଛି ଉତ୍ତର, ସଚ୍ ହେଉଛି ମାର୍ଗ... ସର୍ବଦା ପ୍ରେରଣାର ଉତ୍ସ ରହିଥିବା ଭଲ ବନ୍ଧୁ ଓ ଆଦର୍ଶ ସଚିନ୍ ତେନ୍ଦୁଲକରଙ୍କୁ ଜନ୍ମଦିନର ଶୁଭେଚ୍ଛା ବୋଲି ଲେଖିଛନ୍ତ ଭିଭିଏସ୍ ଲକ୍ଷ୍ମଣ।

ଆପଣଙ୍କ ସହିତ ଖେଳିବାର ସୁଯୋଗ ପାଇଥିବାରୁ ଓ ଶିଖିବାର ସୁଯୋଗ ପାଇବା ମୋ ପାଇଁ ସୌଭାଗ୍ୟ ସଚିନଙ୍କୁ ଜନ୍ମଦିନର ଶୁଭେଚ୍ଛା ବୋଲି ଲେଖିଛନ୍ତି ଚେତେଶ୍ୱର ପୂଜାରା।

ଭାରତର ଯୋଗଜନ୍ମା ସନ୍ତାନ ତେନ୍ଦୁଲକରଙ୍କୁ ଜନ୍ମଦିନର ଶୁଭେଚ୍ଛା। ପାଜି' ଆମେ ଆପଣଙ୍କୁ ଭଲ ପାଉ ବୋଲି ଲେଖିଛନ୍ତି ହରଭଜନ ସିଂ।

ଜନ୍ମଦିନର ଶୁଭେଚ୍ଛା ସଚିନ୍ ତେନ୍ଦୁଲକର, ଅନେକ ପିଢିର କ୍ରିକେଟରଙ୍କୁ ଅନୁପ୍ରାଣିତ କରିଥିବାରୁ ଆପଣଙ୍କୁ ଶୁଭେଚ୍ଛା ବୋଲି ଲେଖିଛନ୍ତି ସ୍ମୃତି ମନ୍ଧାନା।

ସଚିନ୍ ପାଜି' ୫୦ ତମ ଜନ୍ମଦିବସର ଶୁଭେଚ୍ଛା। କ୍ରିକେଟ ପ୍ରତି ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ପ୍ରତିବଦ୍ଧତା ଆମ ମାନଙ୍କୁ ସର୍ବଦା ଅନୁପ୍ରାଣିତ କରିଛି। ୫୦ ତମ ଜନ୍ମଦିନରେ ଇଶ୍ୱରଙ୍କ ପାଖରେ ଆପଣଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଖୁସି କାମନା କରୁଛି ବୋଲି ଲେଖିଛନ୍ତି ସୁରେଶ ରାଇନା।



# ଦିଲ୍ଲୀର ଦ୍ୱିତୀୟ ବିଜୟ

ହାଇଦ୍ରାବାଦ,୨୪।୪

ଆଇପିଏଲର ୩୪ତମ ମ୍ୟାଚରେ ସନରାଇଜର୍ସ ହାଇଦ୍ରାବାଦକୁ ୭ ରନରେ ପରାସ୍ତ କରି ଦ୍ୱିତୀୟ ବିଜୟ ହାସଲ କରିଛି ଦିଲ୍ଲୀ କ୍ୟାପିଟାଲ୍ସ। ପ୍ରଥମେ ବ୍ୟାଟିଂ କରି କ୍ୟାପିଟାଲ୍ସ ୯ ଉଇକେଟ ହରାଇ ୧୪୪ ରନ୍ କରଥିବା ବେଳେ ସନରାଇଜର୍ସ ୨୦ ଓଭରରେ ୬ ଉଇକେଟ ହରାଇ ୧୩୭ ରନ୍ କରିଥିଲା। ଦିଲ୍ଲୀ ପକ୍ଷରୁ ଫିଲ୍ ସଲ୍ଟ ଓ ଡେଭିଡ୍ ୱାର୍ନର ଇନିଂସ ଓପନ କରିଥିଲେ। ସଲ୍ଟ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ଡେଭିଡ ୱାର୍ନର (୨୧) ଓ ମିଚେଲ ମାର୍ଶ(୨୫ ରନ୍)ଙ୍କ ମଧ୍ୟରେ ୩୮ ରନ୍‌ର ଭାଗୀଦାରି ହୋଇଥିଲା। ୬୨ ରନ୍‌ରେ ଦଳ ୫ ଉଇକେଟ ହରାଇଥିବା ବେଳେ ମନୀଷ ପାଣ୍ଡେ ଓ ଅକ୍ଷର ପଟେଲ ୩୪ ରନ୍ ଲେଖାଏ ସ୍କୋର କରିଥିଲେ। ୱାଶିଂଟନ୍ ସୁନ୍ଦର ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ଭୁବନେଶ୍ୱର ୨ ଓ ଟି ନଟରାଜନ ଗୋଟିଏ ଉଇକେଟ ନେଇଥିଲେ। ୧୪୫ ରନ୍ ଲକ୍ଷ୍ୟର ପିଛା କରୁଥିବା ହାଇଦ୍ରାବାଦ ପକ୍ଷରୁ ଓପନର ମୟଙ୍କ ଅଗ୍ରୱାଲ ସର୍ବାଧିକ ୪୯ ରନ୍ କରିଥିଲେ। ଏକଦା ୬୯/୧ ରହିଥିବା ହାଇଦ୍ରାବାଦ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୮୫ ରନ୍‌ରେ ୫ ଉଇକେଟ ହରାଇଥିଲା। ତେବେ ହେନରିଚ୍ କ୍ଲାସେନ୍ (୩୧) ଓ ୱାଶିଂଟନ୍ ସୁନ୍ଦର ଅପରାଜିତ ୨୪ ରନ୍ କରିବା ସହ ଷଷ୍ଠ ଉଇକେଟରେ ୪୧ ରନ୍ ଯୋଡି ବିଜୟ ଆଶ ସଞ୍ଚାର କରିଥିଲେ। ତେବେ ୧୯ ତମ ଓଭରରେ ବଡ ଶଟ୍ ଖେଳିବାକୁ ଯାଇ କ୍ଲାସେନ୍ ଆଉଟ ହେବା ପରେ ହାଇଦ୍ରାବାଦ ଜିତି ପାରିନଥିଲା।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୪୪/୯ (ମନୀଷ ପାଣ୍ଡେ-୩୪, ଅକ୍ଷର ପଟେଲ୍-୩୪, ମିଚେଲ୍ ମାର୍ଶ-୨୫, ୱାଶିଂଟନ୍ ସୁନ୍ଦର-୩/୨୮, ଭୁବନେଶ୍ୱର କୁମାର-୨/୧୧, ଟି ନଟରାଜନ-୧/୨୧)। ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୩୭/୬(ମୟଙ୍କ ଅଗ୍ରୱାଲ-୪୯, ହେନରିଚ୍ କ୍ଲାସେନ୍-୩୧, ୱାଶିଂଟନ୍ ସୁନ୍ଦର-୨୪*, ଅକ୍ଷର ପଟେଲ-୨/୨୧, ଆନରିଚ୍ ନର୍ଜେ-୨/୩୩, ଇଶାନ୍ତ ଶର୍ମା-୧/୧୮)।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
**ଗୁଜରାଟ ବନାମ ମୁମ୍ବାଇ**
ସ୍ଥାନ:ଅହମଦାବାଦ,
ସମୟ: ରାତି ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ